# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୨/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, July 12/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




## ଅପରାଜିତାଙ୍କୁ ଗୁରୁଦାୟିତ୍ୱ

ଭାରତର ଏକମାତ୍ର ମହିଳା ଭାବେ ଚେସ୍ ଅଲିମ୍ପିଆଡ୍‌ର ଫେୟାର ପ୍ଲେ ପ୍ୟାନେଲରେ ସାମିଲ ହୋଇଛନ୍ତି ଓଡ଼ିଶାର ଅପରାଜିତା ଗୋଚ୍ଛିକାର।

୧୪

୧୧

## ୧୧୯ କୋଟିର ଆପାର୍ଟମେଣ୍ଟ କିଣିଲେ ରଣବୀର

ବଲିଉଡ ଅଭିନେତା ରଣବୀର ସିଂ ମୁମ୍ବାଇର ସାଗର ରେଶମ ରେସିଡେନ୍ସିଆଲ ଟାୱାରରେ ୧୧୯ କୋଟି ଟଙ୍କାର ଏକ ବିଳାସପୂର୍ଣ୍ଣ ଘର କିଣିଛନ୍ତି।



## ଦୁଃଖୀ



ଝାରସୁଗୁଡ଼ା ଜିଲା ଲଇକେରାରେ ଥିବା ସମ୍ବଲପୁର ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଶାଖା ସମ୍ମୁଖରେ ଚାଷୀମାନେ ଫସଲବୀମା ରାଶି ଉଠାଇବା ପାଇଁ ରାତି ୩ଟାରୁ ଧାଡ଼ିରେ ନିଜ ହେଲ୍‌ମେଟ୍ ଏବଂ ବ୍ୟାଗ୍ ରଖି ଅପେକ୍ଷା କରି ରହିଛନ୍ତି।




ରନ୍ଧନ ଗ୍ୟାସ୍‌ର ଅହେତୁକ ଦରବୃଦ୍ଧି ହାଣ୍ଡିଶାଳରେ ଚଡ଼କ ପକାଇଛି। କେନ୍ଦ୍ର ସରକାରଙ୍କ ଏହି ଜନମାରଣ ନୀତି ପ୍ରତିବାଦରେ ସୋମବାର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ଭୁବନେଶ୍ୱର ଜିଲା ମହିଳା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସୁଖୀ



ନୂଆ ପାର୍ଲାମେଣ୍ଟ ଭବନର ଛାତ ଉପରେ ୬.୫ ମିଟର ଉଚ୍ଚତାବିଶିଷ୍ଟ ଜାତୀୟ ପ୍ରତୀକର ବ୍ରୋଞ୍ଜ ପ୍ରତିକୃତିକୁ ସୋମବାର ଅନାବରଣ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଦିବ୍ୟାଂଶୁ ମଲ୍ଲୁ ରାଜ୍ୟ ଟପ୍ପର

**ଜେଇଇ(ମେନ୍) ସେସନ-୧ ରେଜଲ୍ଟ**

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ସୋମବାର ଜେଇଇ(ମେନ୍) ସେସନ-୧ ରେଜଲ୍ଟ ପ୍ରକାଶ ପାଇଛି। ୧୪ଜଣ ଛାତ୍ରୀଛାତ୍ର ୧୦୦ ପର୍ସେଣ୍ଟାଇଲ ସ୍କୋର୍ ରଖିଥିବାବେଳେ ଓଡ଼ିଶାର ଦିବ୍ୟାଂଶୁ ମଲ୍ଲୁ ୯୯.୯୮୯ ପର୍ସେଣ୍ଟାଇଲ୍ ସହ ରାଜ୍ୟ ଟପ୍ପର ହୋଇଛନ୍ତି। ଏହି ପରୀକ୍ଷା ଜୁନ୍ ୨୪ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଦେଶ ବିଦେଶରୁ ☞ପୃଷ୍ଠା–୪

୨୧ ତାରିଖରୁ ଜେଇଇ ମେନ୍ ସେସନ-୨




✓ ସରୋଜ କାନ୍ତ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ତୁମେ ଗଲାବର୍ଷ ମହାପ୍ରଭୁଙ୍କର ନୀଳାଦ୍ରି ବିଜେ ଦିନ ଆମମାନଙ୍କୁ ଛାଡ଼ି ଚାଲିଗଲ। ତୁମେ ପୁଣ୍ୟାତ୍ମା ଥିଲ ବୋଲି ଠାକୁରେ ତୁମକୁ ସାଙ୍ଗରେ ନେଇ ନୀଳାଦ୍ରି ବିଜେ କଲେ। ଆମ ପାଇଁ କିନ୍ତୁ ସବୁ କିଛି ସେହିଦିନ ସରିଗଲା। ଏହି ନିଷ୍ଠୁର ସତ୍ୟକୁ ଗ୍ରହଣ କରିବା ଆମମାନଙ୍କ ପାଇଁ ଖୁବ୍ ଯନ୍ତ୍ରଣାଦାୟକ। ସଚକ୍ଷୁରେ ତୁମକୁ ଦେଖି ପାରୁନାହୁଁ କିନ୍ତୁ ତୁମର ଅସ୍ତିତ୍ୱ ଓ ଉପସ୍ଥିତି ଆମେ ସବୁବେଳେ ଅନୁଭବ କରୁଛୁ। ତୁମର ସହୃଦୟତା, ସଚ୍ଚୋଟତା, ନିର୍ଭୀକତା, ଧର୍ମପରାୟଣତା ସବୁ ବେଳେ ଆମମାନଙ୍କର କର୍ମରେ ପ୍ରତିଫଳିତ ହେଉ।

ଆଜି କରୁଣାମୟ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଅଛୁ ତାଙ୍କର ଶ୍ରୀଚରଣରେ ତୁମକୁ ବହୁତ ସୁଖ ଓ ଶାନ୍ତିରେ ରଖନ୍ତୁ।

ପତ୍ନୀ-ଜ୍ୟୋତ୍ସ୍ନା ମିଶ୍ର, କନ୍ୟା-ମିତା, ରୀତା, ଗୀତା, ରୀନା, ମିନୁ, ଝୁମା
ଜାମାତା-ସରୋଜ, ଲକ୍ଷ୍ମୀକାନ୍ତ, କିଶୋର, ଦୀପଙ୍କର, ହେମନ୍ତ
ନାତି-ଦେବଦତ୍ତ, ଅରୁଣ, ନାତୁଣୀ-ତାରା, ଲିଟୁ
ଶୈଳଶ୍ରୀ ବିହାର, ଭୁବନେଶ୍ୱର


# ୨୦୨୩ରେ ଚାଇନାକୁ ଟପିବ ଭାରତ

ୟୁଏନ୍, ୧୧।୭(ପି.ଟି.)

ବିଶ୍ୱର ଦୁଇ ପ୍ରମୁଖ ଜନବହୁଳ ଦେଶ ହେଉଛି ଚାଇନା ଏବଂ ଭାରତ। ଜନସଂଖ୍ୟା ଦୃଷ୍ଟିରୁ ବର୍ତ୍ତମାନ ଚାଇନା ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟରେ ରହିଛି ଭାରତ। ଏଭଳି ସ୍ଥିତି ଆଉ ବେଶି ଦିନ ରହିବ ନାହିଁ। ଖୁବ୍‌ଶୀଘ୍ର ଭାରତ ବିଶ୍ୱର ସବୁଠୁ ବଡ଼ ଜନବହୁଳ ଦେଶ ପାଲଟିବ। ଏନେଇ ମିଳିତ ଜାତିସଂଘ (ୟୁଏନ୍) ପକ୍ଷରୁ ସୋମବାର ଏକ ରିପୋର୍ଟ ପ୍ରକାଶ ପାଇଛି। ସେଥିରେ ଦର୍ଶାଯାଇଛି ଯେ, ୨୦୨୩ ସୁଦ୍ଧା ଭାରତ ଜନସଂଖ୍ୟା କ୍ଷେତ୍ରରେ ଚାଇନାକୁ ପଛରେ ପକାଇଦେବ।

ସୋମବାର ବିଶ୍ୱ ଜନସଂଖ୍ୟା ଦିବସ ଅବସରରେ ଜାତିସଂଘ ପକ୍ଷରୁ ଜାରି ହୋଇଥିବା ରିପୋର୍ଟ ଅନୁଯାୟୀ ବର୍ତ୍ତମାନ ଚାଇନାର ଜନସଂଖ୍ୟା ୧୪୨ କୋଟି ୬୦ ଲକ୍ଷ ଥିବାବେଳେ ଭାରତର ଜନସଂଖ୍ୟା ରହିଛି ୧୪୧ କୋଟି ୨୦ ଲକ୍ଷ। ୨୦୨୩ ସୁଦ୍ଧା ବିଶ୍ୱ ଜନସଂଖ୍ୟା ବହୁଳ ଦେଶ ତାଲିକାରେ ଭାରତ ଶୀର୍ଷରେ ରହିବା ସାଙ୍ଗକୁ ୨୦୫୦ ସୁଦ୍ଧା ଏହାର ଜନସଂଖ୍ୟା ୧୬୬ କୋଟି ୮୦ ଲକ୍ଷକୁ ପହଞ୍ଚିଥିବ। କିନ୍ତୁ ସେତେବେଳକୁ ଚାଇନାର ଜନସଂଖ୍ୟା ହ୍ରାସ



ପାଇ ୧୩୧ କୋଟି ୭୦ ଲକ୍ଷ ରହିଥିବ ବୋଲି ଜାତିସଂଘ ପକ୍ଷରୁ ଆକଳନ କରାଯାଇଛି।

ଦ୍ରୁତ ଜନସଂଖ୍ୟା ବୃଦ୍ଧି ଯୋଗୁ ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧା ଓ ପୁଷ୍ଟିହୀନତାର ମୁକାବିଲା, ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବ୍ୟବସ୍ଥା ଅଧିକ ଦୁର୍ବଳ ହୋଇଯାଇଥାଏ। ବୟସ୍କ ଲୋକଙ୍କ ଯତ୍ନ ନେବା ମଧ୍ୟ କଷ୍ଟକର ହୋଇପଡେ। ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବା, ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଲିଙ୍ଗଗତ ସମାନତା ସହିତ ଜଡ଼ିତ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ଭାରତ ଭଳି ବିକାଶଶୀଳ ଦେଶ ପାଇଁ ଏହା ନିହାତି ଚିନ୍ତାଜନକ ବୋଲି ତଥ୍ୟଭିଜ୍ଞମାନେ ମତ ଦେଉଛନ୍ତି।

ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ବ୍ୟାପାର ବିଭାଗର ଜନସଂଖ୍ୟା ଡିଭିଜନ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ରିପୋର୍ଟ ମୁତାବକ, ୨୦୨୨ ନଭେମ୍ବର ୧୫ ସୁଦ୍ଧା ବିଶ୍ୱ ଜନସଂଖ୍ୟା ୮୦୦ କୋଟି ହେବା ନେଇ ଆକଳନ କରାଯାଇଛି। ୧୯୫୦ ମସିହାରୁ ବିଶ୍ୱର ଜନସଂଖ୍ୟା ମନ୍ଥର ଗତିରେ ବଢୁଛି ଏବଂ ୨୦୨୦ରେ ଏହା ୧% ହ୍ରାସ ପାଇଛି। ମିଳିତ ଜାତିସଂଘର ସର୍ବଶେଷ ଆକଳନ ଅନୁଯାୟୀ

### ଜନସଂଖ୍ୟା

- ୨୦୮୦ ସୁଦ୍ଧା ୧୦୦୦ କୋଟି ପାର ହେବ ବିଶ୍ୱ ଲୋକସଂଖ୍ୟା
- ଭାରତ ସମେତ ୮ ଦେଶରେ ବଢୁଛି, ଚାଇନାରେ କମୁଛି

୨୦୩୦ରେ ବିଶ୍ୱ ଜନସଂଖ୍ୟା ପ୍ରାୟ ୮୫୦କୋଟି ଏବଂ ୨୦୫୦ ମସିହାରେ ୯୭୦ କୋଟିକୁ ବୃଦ୍ଧି ପାଇପାରେ। ତେବେ ୨୦୮୦ ବେଳକୁ ବିଶ୍ୱ ଜନସଂଖ୍ୟା ଶିଖରରେ ପହଞ୍ଚି ୧୦୪୦ କୋଟି ହେବ ଏବଂ ୨୧୦୦ ମସିହା ପର୍ଯ୍ୟନ୍ତ ସେହି ସ୍ତର ରହିବ ବୋଲି ଆକଳନ କରାଯାଇଛି।

ମହାଦେଶଗୁଡ଼ିକ ଦେଖିଲେ, ଏସିଆ ୪୭୦ କୋଟି ଜନସଂଖ୍ୟା ସହିତ ଶୀର୍ଷରେ ରହିଛି, ଯାହାକି ବିଶ୍ୱ ଜନସଂଖ୍ୟାର ୬୧%। ସେହିପରି ଆଫ୍ରିକାରେ ୧୩୦ କୋଟି (୧୭%), ୟୁରୋପରେ ୭୫ କୋଟି (୧୦%), ଲାଟିନ ଆମେରିକା ଏବଂ କାରିବିଆନ୍‌ରେ ୬୫ କୋଟି (୮%), ଉତ୍ତର ଆମେରିକାରେ ୩୭ କୋଟି ଏବଂ ଓସେନିଆରେ ୪.୩ କୋଟି ଲୋକ ବାସ କରନ୍ତି। ୨୦୨୨ରେ ବିଶ୍ୱର ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଭାରତ ନଂ.୧

**ଲଘୁଚାପ ସତ୍ତ୍ୱେ ୧୧ ଜିଲାରେ ନିଅଣ୍ଟିଆ ବର୍ଷା**

ପୃଷ୍ଠା-୩

## ସରିଲା ଅଧରପଣା ନୀତି

**ପୁରୀ ଅଫିସ, ୧୧।୭:** ରଥ ଉପରେ ସୋମବାର ତିନି ଦିଅଁଙ୍କ ଅଧରପଣା ନୀତି ସମ୍ପାଦିତ ହୋଇଛି। ରାଘବଦାସ ମଠ, ବଡ଼ ଓଡ଼ିଆ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୋଟିଏ ଲେଖାଏ ରଥରେ ଦିଅଁଙ୍କୁ ଅଧରପଣା ଲାଗି କରାଯାଇଛି। ଦିଅଁଙ୍କ ଅଧରକୁ ପାଇବା ପରି ଉଚ୍ଚ ମାଟିହାଣ୍ଡିରେ ପଣା ଢଳାଯାଇ ଭୋଗ ହୋଇଥିଲା। ପାଣିଆ ଆପଟ ସେବକମାନେ ଅଧର ହାଣ୍ଡିରେ ପାଣି ଭର୍ତ୍ତି କରିଥିଲେ। ସାଚି, ଛେନା, ସର, ନବାତ, କ୍ଷୀର, କଦଳୀ, ଲବଙ୍ଗ, ଗୁଜୁରାତି ଆଦି ଦ୍ରବ୍ୟରେ ପଣା ପ୍ରସ୍ତୁତ ହୋଇଥିଲା। ମହାସୁଆରମାନେ ପଞ୍ଚଉପଚାରରେ ପଣା ପୂଜା କରିଥିଲେ। ଭୋଗ ପରେ ପାର୍ଶ୍ୱ ଦେବଦେବୀ ଓ ଚଣ୍ଡୀଚାମୁଣ୍ଡାଙ୍କୁ ସନ୍ତୁଷ୍ଟି କରିବା ଉଦ୍ଦେଶ୍ୟରେ ରଥ ଉପରେ ଅଧରହାଣ୍ଡି ଭଙ୍ଗାଯାଇଥିଲା। ଏହି ନୀତି ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଅନ୍ୟପକ୍ଷରେ ଅଧରପଣା ନୀତି ବିଳମ୍ବରେ ଆରମ୍ଭ ହୋଇଥିଲେ ସୁଦ୍ଧା ଶୃଙ୍ଖଳିତ ଭାବେ ସମ୍ପାଦିତ ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ସୂଚନା ଦେଇଛନ୍ତି।

# ୪ ସହରରେ ସଂକ୍ରମଣ ବଢୁଛି

### ସମସ୍ତଙ୍କୁ ମାଗଣାରେ ଟିକା ଦେବା ପାଇଁ କେନ୍ଦ୍ରକୁ ଅନୁରୋଧ କରିବୁ: ସ୍ୱାସ୍ଥ୍ୟ ସଚିବ

ଭୁବନେଶ୍ୱର, ୧୧।୭(ବ୍ୟୁରୋ)

ରାଜ୍ୟରେ ଏବେ କରୋନା ଉପରମୁହାଁ ରହିଛି। ୪ଟି ସହରରେ ସଂକ୍ରମଣ ବଢ଼ିବାରେ ଲାଗିଛି। ଭୁବନେଶ୍ୱର, କଟକ, ପୁରୀ ଏବଂ ରାଉରକେଲାରେ କରୋନା ସଂକ୍ରମଣ ବଢୁଥିବା ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ଧଳ କହିଛନ୍ତି। ସେ କହିଛନ୍ତି, ଯଦିଓ ସଂକ୍ରମଣ ଏବେ ବଢୁଛି, କିନ୍ତୁ ସ୍ଥିତି ନିୟନ୍ତ୍ରଣରେ ଅଛି। ରାଜ୍ୟରେ ସକ୍ରିୟ ମାମଲା ପ୍ରାୟ ୩୨୦୦ ରହିଛି। ମାତ୍ର ୧ ପ୍ରତିଶତ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ମାସକ ତଳେ ୧୦ ହଜାର ଟେଷ୍ଟିଂ ହେଉଥିବାବେଳେ ଏବେ ୧୫ ହଜାର ହେଉଛି। ରବିବାର ଏବଂ ଅନ୍ୟ ଛୁଟି ଦିନରେ ଟେଷ୍ଟିଂ କମ୍ ରହିବ। ଆମେ ଦିନକୁ ୨୫ ହଜାର ପର୍ଯ୍ୟନ୍ତ ଟେଷ୍ଟିଂ କରିବାର ଯୋଜନା ରଖିଛୁ ବୋଲି ସ୍ୱାସ୍ଥ୍ୟ ସଚିବ ପ୍ରକାଶ କରିଛନ୍ତି। ରାଜ୍ୟରେ ଟିକାକରଣ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ପୂର୍ବରୁ ଦ୍ୱିତୀୟ ଓ ତୃତୀୟ ଡୋଜ ଭିତରେ ୯ ମାସର ବ୍ୟବଧାନ ରହୁଥିଲା। ଏବେ ତାହାକୁ କମାଇ ୬ ମାସ କରାଯାଇଛି। ସରକାର ସମ୍ମୁଖ ଯୋଦ୍ଧା, ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ମାଗଣାରେ ଟିକା ଦେଉଛନ୍ତି। ୧୮ରୁ ୫୯ ବର୍ଷ ବୟସର ଲୋକଙ୍କୁ ଘରୋଇ ☞ପୃଷ୍ଠା–୪

### ଦିନକରେ ୫୭୨ ଆକ୍ରାନ୍ତ ଚିହ୍ନଟ

ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୫୭୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୩୩୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ୨୩୬ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ସେହିପରି ଏମାନଙ୍କ ମଧ୍ୟରେ ୬୯ ଜଣ ୧୮ ବର୍ଷରୁ କମ୍ ବୟସର ଅଛନ୍ତି। ୨୫ଟି ଜିଲାରୁ ୫୭୨ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୫ଟି ଜିଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଅନ୍ୟପକ୍ଷରେ ☞ପୃଷ୍ଠା–୪








## ୨ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀର ପୁଲୱାମା ଜିଲାରେ ସୋମବାର ଜୈଶ-ଇ-ମହମ୍ମଦର ଦୁଇ ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଗୁଳିରେ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜୈଶର ଟପ୍ ଆତଙ୍କବାଦୀ କୈସେର କୋକା ସାମିଲ ଥିବା କୁହାଯାଉଛି। ଗୋଇନ୍ଦା ସୂଚନା ପାଇବା ପରେ କଶ୍ମୀରର ଅୱନ୍ତିପୋରାର ତ୍ରାଣ୍ଡାକପୋରାରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ଘଟଣାସ୍ଥଳରୁ ଯୁଏସ୍ଏ ତିଆରି ରାଇଫଲ, ଗୋଟିଏ ପିସ୍ତଲ ଓ ଏକାଧିକ ବିସ୍ଫୋରକ ସାମଗ୍ରୀ ହସ୍ତଗତ ହୋଇଥିବା ପୋଲିସ ସୂଚନା ଦେଇଛି।

# ଏଆଇଏଡିଏମ୍‌କେରେ ବିଦ୍ରୋହ

## ପାଲାନିସ୍ୱାମୀ ବନାମ ପନିରସେଲଭମ

## ଇପିଏସ୍ ନୂଆ ମୁଖ୍ୟ, ଓପିଏସ୍ ବହିଷ୍କୃତ

ଚେନ୍ନାଇ, ୧୧।୭

ତାମିଲନାଡୁର ମୁଖ୍ୟ ବିରୋଧୀ ଦଳ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ଼ ମୁନେତ୍ରା କାଜାଗମ୍ (ଏଆଇଏଡିଏମ୍‌କେ)ରେ ଥିବା ଅନ୍ତଃକନ୍ଦଳ ଖୋଲାଖୋଲି ସାମ୍ନାକୁ ଆସିଛି। ଦଳର ଦୁଇ ବରିଷ୍ଠ ନେତା ଇଡାପାଡି କେ ପାଲାନିସ୍ୱାମୀ (ଇପିଏସ୍) ଏବଂ ଓ. ପନିରସେଲଭମ୍(ଓପିଏସ୍) ପାର୍ଟି କମାଣ ସମ୍ଭାଳିବାକୁ ନେଇ ପରସ୍ପର ବିରୋଧରେ ବିଦ୍ରୋହ କରିଛନ୍ତି। ସୋମବାର ଅନୁଷ୍ଠିତ ଏଆଇଏଡିଏମ୍‌କେର ସାଧାରଣ ପରିଷଦ ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପାଲାନିସ୍ୱାମୀଙ୍କୁ ଦଳର ଅନ୍ତରୀଣ ସାଧାରଣ ସମ୍ପାଦକ ନିଯୁକ୍ତି ପାଇଁ ଏକ ପ୍ରସ୍ତାବ ପାରିତ ହୋଇଛି। ଏଥିସହ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏଆଇଏଡିଏମ୍‌କେ ନେତ୍ରୀ ଜେ. ଜୟଲଳିଥାଙ୍କ ମୃତ୍ୟୁପରେ ଦଳରେ ଚାଲିଥିବା ଦୋହରା ନେତୃତ୍ୱ ମଡେଲକୁ ଶେଷ କରିବା ପାଇଁ ମଧ୍ୟ ପ୍ରସ୍ତାବ ଆଗତ ହୋଇଛି। ପାର୍ଟି ଚଳାଇବା ନିମନ୍ତେ ପାଲାନିସ୍ୱାମୀଙ୍କୁ ସମସ୍ତ କ୍ଷମତା ପ୍ରଦାନ ପରେ ୨୦୧୭ ସେପ୍ଟେମ୍ବର ୧୨ରେ ହୋଇଥିବା ଦଳର କୋଅର୍ଡିନେଟର ଏବଂ ଜଏଣ୍ଟ କୋଅର୍ଡିନେଟର ପଦକୁ ହଟାଇ ଦିଆଯାଇଛି। ଏହି ଦୁଇ ପଦ ଯଥାକ୍ରମେ ଓପିଏସ୍ ଏବଂ ଇପିଏସ୍ ସମ୍ଭାଳିଥିଲେ। ଅପରପକ୍ଷେ ପାଲାନିସ୍ୱାମୀଙ୍କୁ ଦଳର ସବୁ କ୍ଷମତା ଦିଆଯିବାକୁ ଓପିଏସ୍ ବିରୋଧ କରି ପାର୍ଟିରେ ବିଦ୍ରୋହ କରିଛନ୍ତି। ଫଳରେ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଓପିଏସ୍ ଏବଂ ତାଙ୍କ ସମର୍ଥକଙ୍କୁ ଦଳରୁ ବହିଷ୍କାର କରାଯାଇଛି।


ସମର୍ଥକଙ୍କ ସହ ଇଡାପାଡି କେ ପାଲାନିସ୍ୱାମୀ (ମଝି)।

ଏଆଇଏଡିଏମ୍‌କେ ସାଧାରଣ ପରିଷଦ ବୈଠକ ଉପରେ ରହିତାଦେଶ ଜାରି କରିବାକୁ ପୂର୍ବରୁ ପନିରସେଲଭମ ମାଡ୍ରାସ୍ ହାଇକୋର୍ଟରେ ଆବେଦନ କରିଥିଲେ। ଦଳର ସଂଖ୍ୟାଗରିଷ୍ଠ ସଦସ୍ୟ ଏହି ବୈଠକ ହେଉ ବୋଲି ଚାହୁଁଥିବା କହି ଜଷ୍ଟିସ୍ କ୍ରିଷ୍ଣନ୍ ରାମାସ୍ୱାମୀଙ୍କ ଏକକ ଖଣ୍ଡପୀଠ ଏହାକୁ ମଞ୍ଜୁରୀ ଦେବା ପରେ ଓପିଏସ୍‌ଙ୍କୁ ଝଟକା ଲାଗିଥିଲା। କୋର୍ଟଙ୍କ ଅନୁମତି ପରେ ଏ. ତାମିଲ ମହନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ପନିରସେଲଭମ୍ ଏବଂ ତାଙ୍କ ନିକଟତମ ସହଯୋଗୀ ଆର୍. ବୈଥିୟାଲିଙ୍ଗମ୍, ମନୋଜ ପ୍ରଧାନ ଏବଂ ଜେ. ସି. ଡି. ପ୍ରଭାକରଙ୍କୁ ଦଳର ପ୍ରାଥମିକ ସଦସ୍ୟତା ପଦରୁ ହଟାଯିବା ପାଇଁ ଆଗତ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ପନିରସେଲଭମ ସଙ୍ଗେ ସଙ୍ଗେ ପାଲାନିସ୍ୱାମୀ ଏବଂ କେ. ପି. ମୁନିସାମୀଙ୍କୁ ପଦରୁ ବହିଷ୍କୃତ କରିଥିଲେ। କିନ୍ତୁ ପାଲାନିସ୍ୱାମୀ ଦଳର ସର୍ବୋଚ୍ଚ ନେତା ହେବା ପରେ ପନିରସେଲଭମ୍‌ଙ୍କ ଏହି ପଦକ୍ଷେପ ମୂଲ୍ୟହୀନ ହୋଇଛି। ବୈଠକରେ ସ୍ୱତନ୍ତ୍ର ପ୍ରସ୍ତାବ ଆଣିଥିବା ଏଆଇଏଡିଏମ୍‌କେର ଆର୍. ବିଶ୍ୱନାଥନ କହିଥିଲେ, ପନିରସେଲଭମ୍ ଶାସକ ଡିଏମ୍‌କେ ଇଶାରାରେ ଯାଇ ଅନୁଚିତ କାମକୁ ବିରୋଧ ପରିବର୍ତ୍ତେ ରାଜ୍ୟ ସରକାରଙ୍କୁ ସମର୍ଥନ କରୁଛନ୍ତି। ଏପରି କରି ସେ ଏଆଇଏଡିଏମ୍‌କେକୁ ଦୁର୍ବଳ କରିବାକୁ ଉଦ୍ୟମ ଚଳାଇଛନ୍ତି। ଦଳର ସାଧାରଣ ପରିଷଦ ବୈଠକ ବିରୋଧରେ ଅଭିଯୋଗ କରି ଏହାକୁ ବନ୍ଦ କରିବା ନିମନ୍ତେ ଓପିଏସ୍ କୋର୍ଟ ଯିବା ପାର୍ଟି ନିୟମ ବିରୋଧୀ। ତେଣୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଓପିଏସ୍‌ଙ୍କ ସମେତ ତାଙ୍କ ସମର୍ଥକଙ୍କୁ ଦଳରୁ ବିଦା କରାଯାଇଥିବା ସେ କହିଛନ୍ତି।

୨୦୧୬ ଡିସେମ୍ବରରେ ଜୟଲଳିଥାଙ୍କ ମୃତ୍ୟୁ ପରେ ତାଙ୍କ ବିଶ୍ୱସ୍ତ ଭି. କେ. ଶଶିକଳାଙ୍କୁ ଅନ୍ତରୀଣ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଥିଲା। ଶଶିକଳାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆସିବା ପରେ ସେ ଗିରଫ ହୋଇ ଜେଲ ଦଣ୍ଡାଦେଶ ପାଇଥିଲେ। ଏଆଇଏଡିଏମ୍‌କେ ୨୦୧୭ରେ ଶଶିକଳାଙ୍କୁ ଏହି ପଦରୁ ହଟାଇଥିଲା। ଅନ୍ୟପକ୍ଷରେ ବୈଠକରେ ପାରିତ ହୋଇଥିବା ଆଉ ଏକ ପ୍ରସ୍ତାବ ଅନୁସାରେ ସୋସିଆଲ ଜଷ୍ଟିସ୍ ଆଇକନ୍ ସ୍ୱର୍ଗତ ପେରିୟାର ଇ. ଭି. ରାମାସାମୀ, ଦ୍ରାବିଡିଆନ୍ ଆନ୍ଦୋଳନର ଜନକ ସି. ଏନ୍. ଆନାଦୁରାଇ ଏବଂ ଏଆଇଏଡିଏମ୍‌କେ ସୁପ୍ରିମୋ ସ୍ୱର୍ଗତ ଜେ. ଜୟଲଳିଥାଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନ ପ୍ରଦାନ ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯିବାକୁ ନିଷ୍ପତ୍ତି ହୋଇଛି।

## ସମର୍ଥକ ମୁହାଁମୁହିଁ


ଓପିଏସ୍‌ଙ୍କ ସମର୍ଥକମାନେ ଦଳୀୟ କାର୍ଯ୍ୟାଳୟ କବାଟ ଭାଙ୍ଗି ଦେଉଛନ୍ତି।

ଏଆଇଏଡିଏମ୍‌କେ ସାଧାରଣ ପରିଷଦ ବୈଠକରେ ଦଳର ସାଧାରଣ ସମ୍ପାଦକ ନିଯୁକ୍ତ ହେବା ପରେ ପାଲାନିସ୍ୱାମୀ ଓପିଏସ୍‌ଙ୍କୁ ଟାର୍ଗେଟ କରିଥିଲେ। ଇପିଏସ୍ କହିଥିଲେ, ପନିରସେଲଭମ୍ ସର୍ବଦା ଦଳ ପାଇଁ ତ୍ୟାଗ କରିଥିବା ପ୍ରଚାର କରୁଛନ୍ତି। କିନ୍ତୁ ସେ କ'ଣ କରିଛନ୍ତି। ପାର୍ଟି ପାଇଁ ଆମେ ହିଁ ବଳିଦାନ ଦେଇଛୁ ବୋଲି ଇପିଏସ୍ କହିଥିଲେ। ପାଲାନିସ୍ୱାମୀଙ୍କ ଏହି ମନ୍ତବ୍ୟକୁ ନେଇ ଦୁଇ ନେତାଙ୍କ ସମର୍ଥକ ମୁହାଁମୁହିଁ ହୋଇଥିଲେ। ରୋୟାପେଟ୍ଟା ସ୍ଥିତ ଦଳୀୟ କାର୍ଯ୍ୟାଳୟ ମଧ୍ୟକୁ ପଶି ସେମାନେ ଭଙ୍ଗାରୁଜା କରିବା ସହ ପରସ୍ପର ଉପରକୁ ଚେୟାର, ଢେଲାମାଡ଼ କରିଥିଲେ। ଏଥିରେ ଓପିଏସ୍‌ଙ୍କ ସମର୍ଥକ ତଥା କୋଲଥପୁର ଜିଲା ସମ୍ପାଦକ କ୍ରିଷ୍ଣାମୂର୍ତ୍ତିଙ୍କ ସମେତ ଅନେକ ଆହତ ହୋଇଛନ୍ତି। ଉଭୟଙ୍କ ସମର୍ଥକ ସେଠାରେ ପୋଷ୍ଟର, ବ୍ୟାନର ଆଦି ଚିରିବା ସହ ସେଥିରେ ନିଆଁ ଲଗାଇ ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନ ଏଆଇଏଡିଏମ୍‌କେ ମୁଖ୍ୟାଳୟକୁ ସିଲ୍ କରିଛି।

### ଦଳୀୟ ମୁଖ୍ୟାଳୟ ସିଲ୍



"ଦେଢ଼ କୋଟି ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଏଆଇଏଡିଏମ୍‌କେ କୋଅର୍ଡିନେଟର ନିର୍ବାଚିତ ହୋଇଥିଲି। ତେଣୁ ତାଙ୍କୁ ଦଳରୁ ବହିଷ୍କାର କରିବା ଅଧିକାର ପାଲାନିସ୍ୱାମୀ କିମ୍ବା ଅନ୍ୟ କେଉଁ ନେତାଙ୍କର ନାହିଁ। ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବି।
–ଓ ପନିରସେଲଭମ୍, ଏଆଇଏଡିଏମ୍‌କେରୁ ବହିଷ୍କୃତ ନେତା

## ସଂକ୍ଷେପରେ

### ହଜ୍ ପାଇଁ ୬,୫୦୦ କି.ମି. ଚାଲିଲେ



**ଲଣ୍ଡନ,୧୧।୭:** ବ୍ରିଟେନରେ ରହୁଥିବା ଇରାକୀ-କୁରଦିଶ ବଂଶୋଦ୍ଭବ ଆଦମ ମହମ୍ମଦ (୫୨) ହଜ୍ ପାଇଁ ୬,୫୦୦ କି.ମି. ଦୂର ଚାଲିକରି ମକ୍କାରେ ପହଞ୍ଚିଛନ୍ତି। ସାଉଦି ଆରବରେ ପହଞ୍ଚିବା ପାଇଁ ଆଦମ ନେଦରଲ୍ୟାଣ୍ଡ, ଜର୍ମାନୀ, ଅଷ୍ଟ୍ରେଲିଆ, ହଙ୍ଗେରି, ସର୍ବିଆ, ବୁଲଗେରିଆ, ତୁର୍କୀ, ଲେବାନନ ଏବଂ ଜୋର୍ଡାନ ଦେଶ ଅତିକ୍ରମ କରି ଆସିଛନ୍ତି। ସାଉଦି ଆରବ ମକ୍କାରେ ପହଞ୍ଚିବାକୁ ତାଙ୍କୁ ୧୦ ମାସ ୨୫ ଦିନ ସମୟ ଲାଗିଥିଲା। ଗତବର୍ଷ ଅଗଷ୍ଟ ୧ରୁ ଆଦମ ବ୍ରିଟେନରୁ ନିଜର ଏହି ଯାତ୍ରା ଆରମ୍ଭ କରିଥିଲେ। ପ୍ରତ୍ୟେକ ଦିନ ସେ ୧୭.୮ କି.ମି. ଦୂର ଅତିକ୍ରମ କରୁଥିବାବେଳେ ନିଜ ସାଥୀରେ ସେ ଏକ ଘରତିଆରି ଟ୍ରଲି ଆଣିଥିଲେ, ଯାହାର ଓଜନ ୩୦୦ କେ.ଜି.। ଉକ୍ତ ଟ୍ରଲିରେ ସ୍ପିକର ଖଞ୍ଜା ଯାଇଥିବାବେଳେ ଇସଲାମିକ୍ ପ୍ରାର୍ଥନା ଶୁଣି- ଶୁଣି ସେ ଏହି ଯାତ୍ରାକୁ ପୂରା କରିଥିବା କହିଛନ୍ତି। ଆଦମଙ୍କ ଏ ପ୍ରକାର ନିଆରା ପ୍ରୟାସର ମୂଳ କାରଣ ଦୁନିଆରେ ଶାନ୍ତି ଏବଂ ସମାନତାର ମନ୍ତ୍ର ପ୍ରଚାର କରିବା।

### ୨୧ରେ ହାଜର ପାଇଁ ସୋନିଆଙ୍କୁ ଇଡି ସମନ



ନୂଆଦିଲ୍ଲୀ, ୧୧।୭: ନ୍ୟାଶନାଲ ହେରାଲ୍ଡ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଆସନ୍ତା ୨୧ ତାରିଖରେ ହାଜର ହେବା ପାଇଁ ସମନ କରିଛି। ପୂର୍ବରୁ ଇଡି ସୋନିଆଙ୍କୁ ପଚରାଉଚରା ପାଇଁ ସମନ କରିଥିଲା। ଜୁନ୍ ୧ରେ ସେ କୋଭିଡ୍‌ରେ ସଂକ୍ରମଣ ହୋଇଥିଲେ। କରୋନାଜନିତ ସ୍ୱାସ୍ଥ୍ୟଗତ ଜଟିଳତା ପାଇଁ ଜୁନ୍ ୧୨ରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଜୁନ୍ ୧୮ରେ ସେ ଡାକ୍ତରଖାନାରୁ ଘରକୁ ଫେରିଥିଲେ। ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ସେ ଇଡିକୁ ସମୟ ମାଗିଥିଲେ। ଇଡି ତାଙ୍କ ଅନୁରୋଧ ରଖି ସୋନିଆଙ୍କୁ ୪ ସପ୍ତାହ ସମୟ ଦେଇଥିଲା। ଏହା ଜୁଲାଇ ୨୨ରେ ଶେଷ ହେବା।

# ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ନିଷ୍ପତ୍ତି ନ ନିଅନ୍ତୁ ବାଚସ୍ପତି: ସୁପ୍ରିମକୋର୍ଟ

## ମହାରାଷ୍ଟ୍ର ରାଜନୀତି

ନୂଆଦିଲ୍ଲୀ, ୧୧।୭

ମହାରାଷ୍ଟ୍ରରେ ଶିବସେନା ଓ ବିଦ୍ରୋହୀଙ୍କ ମଧ୍ୟରେ ଲାଗି ରହିଥିବା କନ୍ଦଳକୁ ନେଇ ସୋମବାର ସୁପ୍ରିମକୋର୍ଟ ଉଭୟ ଗୋଷ୍ଠୀର ଆବେଦନ ଉପରେ ରୋକ ଲଗାଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଗୋଷ୍ଠୀ ଏବଂ ବିଦ୍ରୋହୀ ନେତା ତଥା ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ପକ୍ଷରେ ଥିବା ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ହୋଇଥିବା ଆବେଦନ ଉପରେ ନବ ନିର୍ବାଚିତ ବାଚସ୍ପତି ରାହୁଲ ନରୱେକର ଏବେ କୌଣସି ନିଷ୍ପତ୍ତି ନ ନିଅନ୍ତୁ ବୋଲି ସୁପ୍ରିମକୋର୍ଟ ସୋମବାର କହିଛନ୍ତି। ଭାରତର ପ୍ରଧାନ ବିଚାରପତି(ସିଜେଆଇ) ଜଷ୍ଟିସ୍ ଏନ୍. ଭି. ରମନା, ଜଷ୍ଟିସ୍ କ୍ରିଷ୍ଣା ମୁରାରୀ ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଅଦାଲତଙ୍କ ପରବର୍ତ୍ତୀ ଫଇସଲା ନ ଆସିବା ପର୍ଯ୍ୟନ୍ତ ମାମଲା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

ମହାରାଷ୍ଟ୍ର ରାଜନୀତି ସହ ଜଡ଼ିତ ସମସ୍ତ ଆବେଦନର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଜୁଲାଇ ୧୧ ତାରିଖ ଧାର୍ଯ୍ୟ କରିଥିଲେ। କିନ୍ତୁ ସୋମବାର ସୁପ୍ରିମକୋର୍ଟରେ ଏହି ମାମଲା ଲିଷ୍ଟିଂ ହୋଇ ନ ଥିଲା। ଉଦ୍ଧବଙ୍କ ଗୋଷ୍ଠୀଙ୍କ ପକ୍ଷରୁ ବରିଷ୍ଠ ଓକିଲ କପିଲ ସିବଲ ଏହାର ଦ୍ରୁତ ଶୁଣାଣି ପାଇଁ ସିଜେଆଇଙ୍କ ନିକଟରେ ନିବେଦନ କରିଥିଲେ। କିନ୍ତୁ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ନିଷ୍ପତ୍ତି ନ ନେବା ସଂକ୍ରାନ୍ତରେ ବାଚସ୍ପତିଙ୍କୁ ଜଣାଯିବାକୁ ଖଣ୍ଡପୀଠ କହିଥିଲେ। ଏହି ମାମଲାର ବିଚାର ପାଇଁ ସମୟ ଆବଶ୍ୟକ। ସଙ୍ଗେସଙ୍ଗେ ଏଥିନିମନ୍ତେ ଖଣ୍ଡପୀଠ ଗଠନ କରାଯାଇପାରିବ ନାହିଁ। ସୁପ୍ରିମକୋର୍ଟ ପ୍ରଥମେ ସମସ୍ତ ପକ୍ଷର କଥା ଶୁଣିବେ। ଏହା ପରେ ହିଁ ବାଚସ୍ପତି କୌଣସି ନିଷ୍ପତ୍ତି ନେଇପାରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।


ଏକନାଥ ଶିନ୍ଦେ


ଉଦ୍ଧବ ଠାକ୍‌ରେ


ପ୍ରବଳ ବର୍ଷାରେ ଗୋଦାବରୀ ନଦୀ ଜଳସ୍ତର ବଢ଼ିବା ଯୋଗୁ ମହାରାଷ୍ଟ୍ରର ଗଙ୍ଗାପୁର ଡ୍ୟାମ୍‌ରୁ ପାଣି ଛଡ଼ାଯାଇଛି। ବନ୍ୟାପାଣିରେ ନାସିକ୍‌ରେ ଥିବା କେତେକ ମନ୍ଦିର ବୁଡ଼ିଯାଇଛି।

# ଦ୍ରୌପଦୀଙ୍କୁ ସମର୍ଥନ ଦେବ ଟିଡିପି

## ରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ,୧୧।୭

ରାଷ୍ଟ୍ରପତି ନିର୍ବାଚନରେ ତେଲୁଗୁ ଦେଶମ୍ ପାର୍ଟି(ଟିଡିପି) ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ ଦେବ। ସୋମବାର ଟିଡିପି ଜାତୀୟ ସଭାପତି ତଥା ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ଏ ନେଇ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ଚନ୍ଦ୍ରାବାବୁ କହିଛନ୍ତି ଯେ, ଦଳ ସର୍ବଦା ସାମାଜିକ ନ୍ୟାୟ ପ୍ରତି ପ୍ରତିବଦ୍ଧତା ଦେଖାଇଛି। ଅତୀତରେ ଦଳ କେ.ଆର୍. ନାରାୟଣନ, ଏପିଜେ ଅବ୍ଦୁଲ କଲାମଙ୍କୁ ମଧ୍ୟ ରାଷ୍ଟ୍ରପତି ନିର୍ବାଚନରେ ସମର୍ଥନ କରିଛି। ସେହିପରି ଟିଡିପି ପୂର୍ବତନ ବାଚସ୍ପତି ଜିଏମ୍‌ସି ବାଲାଯୋଗୀଙ୍କୁ ବାଚସ୍ପତି ନିର୍ବାଚନ ବେଳେ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କୁ ମଧ୍ୟ ସମର୍ଥନ ଦେଇଛି। ଏ ସବୁ ଦୃଷ୍ଟିରୁ ଟିଡିପି ଆସନ୍ତା ରାଷ୍ଟ୍ରପତି ନିର୍ବାଚନରେ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ସମର୍ଥନ କରିବ ବୋଲି ଘୋଷଣା କରିଛି। ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ମୁର୍ମୁଙ୍କୁ ଅଣ ଏନ୍‌ଡିଏ ଦଳ ମଧ୍ୟରୁ ବିଜେଡି ଓ ଟିଡିପି ନିଜର ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ଫଳରେ ଦ୍ରୌପଦୀଙ୍କ ନିର୍ବାଚନ ବିଜୟ ଏକପ୍ରକାର ନିଶ୍ଚିତ ହୋଇଯାଇଛି।

# ଦେଶରେ ଅଛନ୍ତି ଗୋଟାବାୟା

## ଶ୍ରୀଲଙ୍କା ସଙ୍କଟ

## ଆସନ୍ତା ସପ୍ତାହରେ ନୂଆ ରାଷ୍ଟ୍ରପତି ବଛାଯିବ

କଲମ୍ବୋ,୧୧।୭

ଘୋର ଆର୍ଥିକ ସଙ୍କଟ ଭିତରେ ଗତି କରୁଥିବା ଦ୍ୱୀପରାଷ୍ଟ୍ର ଶ୍ରୀଲଙ୍କାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ଏପ୍ରକାର ଘଡ଼ିସନ୍ଧି ମୁହୂର୍ତ୍ତରେ ଦେଶରେ ରାଜନୈତିକ ଅସ୍ଥିରତା ମଧ୍ୟ ଜାରି ରହିଛି। ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଦେଶ ଛାଡ଼ିବା ନେଇ ବାଚସ୍ପତି ମହିନ୍ଦା ୟାପା ଆବେୟୱାରଡେନା ଯେଉଁ ବୟାନ ଦେଇଥିଲେ ସୋମବାର ସେଥିରୁ ଓହରିଛନ୍ତି। ରାଜପାକ୍ସେଙ୍କ ଲୋକେଶନ୍ ଟ୍ରେସ୍ କରିବା ସମ୍ଭବପର ହେଉ ନ ଥିବା ପୂର୍ବରୁ ମହିନ୍ଦା ୟାପା ଆବେୟୱାରଡେନା ସୂଚନା ଦେଇଥିଲେ। ତେବେ ରାଷ୍ଟ୍ରପତି କେଉଁଆଡ଼େ ଯାଇ ନାହାନ୍ତି ବରଂ ଦେଶ ଭିତରେ ହିଁ ଅଛନ୍ତି ବୋଲି ବାଚସ୍ପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପଦରୁ ଇସ୍ତଫା ଦେବା ପାଇଁ ରାଜପାକ୍ସେ ଆସନ୍ତା ୧୩ରେ ଶ୍ରୀଲଙ୍କା ଆସିବେ। ଏଥିସହ ଆସନ୍ତା ସପ୍ତାହରେ ହିଁ ଦେଶର ନୂଆ ରାଷ୍ଟ୍ରପତି ବଛାଯିବ ବୋଲି ୟାପା ପ୍ରକାଶ କରିଛନ୍ତି। ବାଚସ୍ପତିଙ୍କ ପୂର୍ବ ବୟାନକୁ ନେଇ ରଜପାକ୍ସେଙ୍କ ବାବଦରେ ଅନେକ ଚର୍ଚ୍ଚା ମୁଣ୍ଡ ଟେକିଥିଲା। ସେ ଦୁବାଇ ଚାଲିଯାଇଥିବା ସ୍ଥାନୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କାର ମୁଖ୍ୟ ବିମାନ ବନ୍ଦର ନିକଟରେ ଥିବା ଏୟାରବେସ୍ ଜରିଆରେ ରାଜପାକ୍ସେ ସୋମବାର ବିଦେଶ ଚାଲିଯାଇଥିବା ଖବର ମଧ୍ୟ ପ୍ରଘଟ ହେବାରେ ଲାଗିଛି। ଅନ୍ୟପଟେ ଦେଶବାସୀଙ୍କୁ ରନ୍ଧନ ଗ୍ୟାସ୍ ସୁଚାରୁରୂପେ ବାଣ୍ଟିବା ଲାଗି ଅନ୍ତର୍ଦ୍ଧାନ ହୋଇଥିବା ରାଜପାକ୍ସେ ତାଙ୍କ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଖବର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ ବିଦେଶରୁ ୩,୭୪୦ ମେଟ୍ରିକ୍ ଟନ୍ ଗ୍ୟାସ୍ ସୋମବାର ଶ୍ରୀଲଙ୍କା ବନ୍ଦରରେ ପହଞ୍ଚିଥିବାବେଳେ ୧୫ ତାରିଖରେ ଆଉ ୩,୨୦୦ ମେଟ୍ରିକ ଟନ୍ ଗ୍ୟାସ୍ ଦେଶକୁ ଆସିବାର ଅଛି। ରାଜପାକ୍ସେଙ୍କ ସରକାରୀ ବାସଭବନରେ ଦେଶବାସୀଙ୍କ ବିକ୍ଷୋଭ ଜାରି ରହିଛି। ରାଷ୍ଟ୍ରପତି ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଏହି ଭବନ ଛାଡ଼ି ସେମାନେ କୁଆଡେ ଯିବେ ନାହିଁ ବୋଲି ଜିଦ୍‌ରେ ଅଡ଼ି ବସିଛନ୍ତି। ବିକ୍ଷୋଭକାରୀଙ୍କ ଉପରେ ସେନା ପକ୍ଷରୁ ଗୁଳିମାଡ଼ ହୋଇଥିବା ଅଭିଯୋଗକୁ ଖଣ୍ଡନ କରାଯାଇଛି।


ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଜଣେ ବିକ୍ଷୋଭକାରୀ ଚେୟାରରେ ବସି ଖାଉଛନ୍ତି।


ଗୋଟାବାୟା ରାଜପାକ୍ସେ

## ପ୍ରଧାନମନ୍ତ୍ରୀଙ୍କ ଘରେ ନିଆଁ: ୩ ଗିରଫ

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ରାନିଲ ୱିକ୍ରମସିଂଘେଙ୍କ ବାସଭବନରେ ନିଆଁ ଲଗାଇବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଏଥିସହ ଅଭିଯୁକ୍ତମାନଙ୍କୁ ୧୦ ଦିନିଆ କଷ୍ଟଡିକୁ ପଠାଇ ଦିଆଯାଇଛି। କ୍ରିମିନାଲ ଇନ୍‌ଭେଷ୍ଟିଗେଟିଂ ଡିପାର୍ଟମେଣ୍ଟ (ସିଆଇଡି) ରବିବାର ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ବାସଭବନରେ ନିଆଁ ଲଗାଯିବା ନେଇ ତଦନ୍ତ ଆରମ୍ଭ କରିଥିଲା। ବାସଭବନରେ ଥିବା ଆସବାବପତ୍ରକୁ ନଷ୍ଟ କରିବା ଅଭିଯୋଗରେ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା କୁହାଯାଉଛି। ଗିରଫମାନଙ୍କ ମଧ୍ୟରେ ମାଉଣ୍ଟ ଲାଭିନିଆର ୧୯ ବର୍ଷୀୟ ଯୁବକଙ୍କ ସହ ଗାଲେର ୨୪ ଏବଂ ୨୮ ବର୍ଷୀୟ ଦୁଇଜଣ ଯୁବକ ସାମିଲ ଅଛନ୍ତି।

## ବିକ୍ଷୋଭ ନ କରିବାକୁ ନିଜ ନାଗରିକଙ୍କୁ କହିଲା ଚାଇନା

ଶ୍ରୀଲଙ୍କାର ବନ୍ଧୁ ବୋଲାଉଥିବା ଚାଇନା ବିକ୍ଷୋଭ ନ କରିବା ପାଇଁ ଉତ୍ୟକ୍ତ ଦେଶବାସୀଙ୍କୁ ତାଗିଦ୍ କରିଛି। ଶ୍ରୀଲଙ୍କାରେ ଥିବା ଚାଇନା ରାଷ୍ଟ୍ରଦୂତ ବିକ୍ଷୋଭ ବନ୍ଦ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏ ନେଇ ଚଇନା ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ ଏକ ନୋଟିସ ମଧ୍ୟ ଜାରି କରାଯାଇଛି। ଶ୍ରୀଲଙ୍କାରେ ଥିବା ଚାଇନା ନାଗରିକ କୌଣସି ଆନ୍ଦୋଳନରେ ଯୋଗ ଦେଉ ନ ଥିବା ଉକ୍ତ ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୬,୦୮,୬୨,୦୧୧ | ୬୩,୭୩,୩୮୦ | ୫୩,୩୮,୬୯,୮୦୯ |
| ଭାରତ | ୪,୩୬,୩୯,୩୨୯ | ୫,୨୫,୪୫୪ | ୪,୨୯,୮୩,୧୬୨ |
| ଓଡ଼ିଶା | ୧୨,୯୪,୦୭୬ | ୯୧୨୬(+୫୩) | ୧୨,୮୧,୮୬୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଲଘୁଚାପ ସତ୍ତ୍ୱେ ୧୧ ଜିଲାରେ ନିଅଣ୍ଟିଆ ବର୍ଷା

- ୧୬ରୁ ଦୁର୍ବଳ ହୋଇପାରେ ମୌସୁମୀ
- ବଢ଼ିଲା ଚାଷୀଙ୍କ ଚିନ୍ତା

ଭୁବନେଶ୍ୱର,୧୧।୭(ବ୍ୟୁରୋ)

ମୌସୁମୀ ସକ୍ରିୟ ହେବାପରେ ଓଡ଼ିଶା ଓ ଏହାର ଆଖପାଖ ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଲଘୁଚାପ ଦାନା ବାନ୍ଧୁଛି। ହେଲେ ସେହି ପରିମାଣର ବର୍ଷା ହେଉନି। ପାଣିପାଗ ବିଭାଗ ହିସାବ କହୁଛି, ଜୁଲାଇ ମାସରେ ଲଗାତର ୨ଟି ଲଘୁଚାପ ହୋଇଥିବା ବେଳେ ଆଉ ଗୋଟିଏ ଲଘୁଚାପ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୪ ଓ ୧୫ ତାରିଖରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହା ଓଡ଼ିଶା ନିକଟ ସମୁଦ୍ର ଉପକୂଳରେ ରହୁଥିବାରୁ ରାଜ୍ୟକୁ ଭଲ ବର୍ଷା ମିଳିବା ସମ୍ଭାବନା କମ୍। ଅନ୍ୟପକ୍ଷରେ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରବେଶକୁ ମାସେ ହୋଇଗଲାଣି। ଏପର୍ଯ୍ୟନ୍ତ ରାଜ୍ୟକୁ ଭଲ ବର୍ଷା ଦି'ଟୋପା ମିଳିଲା ନାହିଁ।

ଜୁନ୍ ପହିଲାରୁ ଜୁଲାଇ ୧୧ ତାରିଖ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଠାରୁ ମାତ୍ର ୧୫% କମ୍ ବର୍ଷା ହୋଇଥିବା ସୂଚାଉଛି। ବାସ୍ତବ କ୍ଷେତ୍ରରେ ଯଦି ଦେଖାଯିବ ତେବେ ରାଜ୍ୟର ଅଧାରୁ ଅଧିକ ଜିଲା ଶୁଖିଲା ପଡ଼ିଛି। କେଉଁଠି ବିଲ ଘାସପଡ଼ିଆ ହୋଇ ରହିଛି ତ ଆଉ କେଉଁଠି ପାଣି ଅଭାବରୁ ଧାନତଳି ପଡ଼ିପାରୁନି। ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଜୁନ୍ ପହିଲାରୁ ଜୁଲାଇ ୧୧ ମଧ୍ୟରେ ପୁରୀ ଜିଲାରେ ସ୍ୱାଭାବିକଠାରୁ ୫୧% କମ୍ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ ୪୩, ଖୋର୍ଦ୍ଧା ୪୦, କେନ୍ଦ୍ରାପଡ଼ା ୩୪, ସମ୍ବଲପୁର ୩୧, ବଲାଙ୍ଗୀର ୩୦, ନବରଙ୍ଗପୁର ୨୧, କଟକ ୨୨, ଭଦ୍ରକ ୨୨, କଳାହାଣ୍ଡି ୨୦, ମୟୂରଭଞ୍ଜ ଜିଲାରେ ୨୨ ପ୍ରତିଶତ କମ୍ ବର୍ଷା ହୋଇଛି। ବିଲରେ ପାଣି ନ ଥିବାରୁ ଚାଷୀମାନେ ମୌସୁମୀ ବର୍ଷାକୁ ଅପେକ୍ଷା କରି ରହିଛନ୍ତି। ଲଘୁଚାପଜନିତ ବର୍ଷା ହେଉ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ସୋମବାର ବଙ୍ଗୋପସାଗରରେ ଯେଉଁ ଲଘୁଚାପ ଦାନା ବାନ୍ଧିଛି ତାହା ଓଡ଼ିଶା ପାଇଁ ସେତେଟା ବର୍ଷା ଦେବନାହିଁ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କଲେଣି। ଓଡ଼ିଶା ନିକଟ ସମୁଦ୍ରରେ ଲଘୁଚାପ ଦାନା ବାନ୍ଧୁଥିବାରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ ନାହିଁ। ଏହାର ଫାଇଦା ମଧ୍ୟପ୍ରଦେଶ, ଛତିଶଗଡ଼ ଓ ଆଭ୍ୟନ୍ତରୀଣ ରାଜ୍ୟକୁ ମିଳିବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି।

ଅନ୍ୟପକ୍ଷରେ ଆସନ୍ତା ୧୬ ତାରିଖରୁ ରାଜ୍ୟରେ ମୌସୁମୀ ଦୁର୍ବଳ ହେବା ନେଇ ସୂଚନା ମିଳିଲାଣି। ଏହା ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇବା ଆଶଙ୍କା ସୃଷ୍ଟି କଲାଣି। ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବାରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ନୂଆପଡ଼ା, କଳାହାଣ୍ଡି, ସୋନପୁର, ବରଗଡ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ଅନୁଗୋଳ ଓ ବଲାଙ୍ଗୀରର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଏହି ସମୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୪ ତାରିଖରେ ଭଦ୍ରକ, ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼ ଓ ବରଗଡ଼ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇପାରେ। କଚ୍ଚାରାସ୍ତା ବର୍ଷା ଯୋଗୁ ଧୋଇଯିବାର ଆଶଙ୍କା ଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ଚାପରେ ନିର୍ଦ୍ଦେଶ ବଦଳିଲା

## ବିଦ୍ୟାଳୟ ପରିସରକୁ ଗଣମାଧ୍ୟମର ପ୍ରବେଶ ଉପରେ କଟକଣା ପ୍ରସଙ୍ଗ

ଢେଙ୍କାନାଳ ଅଫିସ୍, ୧୧।୭

ବିଦ୍ୟାଳୟ ପରିସରକୁ ଗଣମାଧ୍ୟମ ପ୍ରତିନିଧିମାନେ କ୍ୟାମେରା ନେଇ ଯାଇପାରିବେ ନାହିଁ। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଏଭଳି ଏକ ବିବାଦୀୟ ନିର୍ଦ୍ଦେଶନାମାକୁ ନେଇ ସାରା ରାଜ୍ୟରେ ତୁମ୍ପିତୋଫାନ ଉଠିବା ପରେ ନିଷ୍ପତ୍ତି ବଦଳିଛି। କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ପୂର୍ବ ନିଷ୍ପତ୍ତିକୁ ପ୍ରତ୍ୟାହାର କରି ନିଆଯାଇଛି। ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଏକ ଚିଠି (ନଂ. ୧୦୯୬/ ୧୧.୭.୨୦୨୨) ପ୍ରକାଶିତ ହୋଇଛି। ବିନା ଅନୁମତିରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବ୍ଲକର କୌଣସି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ଗତ ଜୁନ୍ ୮ରେ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଚିଠି (ନଂ. ୧୦୬୬)ରେ ଯେଉଁ ନିର୍ଦ୍ଦେଶ ଦିଆଯାଇଥିଲା, ତାହାକୁ ପ୍ରତ୍ୟାହାର କରି ନିଆଯାଇଥିବା ଏଥିରେ ଦର୍ଶାଯାଇଛି।

ରାଜ୍ୟର କେତେକ ଜିଲାର ବ୍ଲକ ଶିକ୍ଷାଧିକାରୀମାନେ ଅନୁରୂପ ନିର୍ଦ୍ଦେଶନାମା ଜାରି କରିବା ପରେ ସ୍କୁଲ ଓ ଗଣଶିକ୍ଷା ବିଭାଗକୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଏହାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଥିବାବେଳେ ଅଭିଭାବକ ସଂଘ ସ୍କୁଲରେ ତାଲା ପକାଇବ ବୋଲି ଚେତାବନୀ ଦେଇଥିଲା। ଏପରି କି ଗଣମାଧ୍ୟମ ସମ୍ମୁଖକୁ ଆସି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡ଼ିଥିଲା। ଏଭଳି ବିବାଦୀୟ ନିର୍ଦ୍ଦେଶକୁ ନେଇ ସମାଲୋଚନାର ଶିକାର ହେବା ପରେ ଚାପରେ ପଡ଼ି ବ୍ଲକ ଶିକ୍ଷା ବିଭାଗ ନିଷ୍ପତ୍ତି ବଦଳାଇଥିବା ଆଲୋଚନା ହେଉଛି। ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ନେବା ପାଇଁ ବିଇଓ ହରିହର ଦେହୁରୀଙ୍କ ମୋବାଇଲ (ନଂ. ୯୪୩୮୬୨୯୯୫୫, ୯୬୬୮୩୪୪୮୪୯) ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍ ସୁଇଚ୍ ଅଫ୍ ଥିଲା।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଦୁଇଦିନ ତଳେ ଏକ ଚିଠି କରାଯାଇଥିଲା। ଏଥିରେ ଉଲ୍ଲେଖ କରାଯାଇଥିଲା, କିଛି ଲୋକ କ୍ୟାମେରା ଧରି ସ୍କୁଲ ଭିତରେ ପଶି ପିଲା ଓ ଶିକ୍ଷକଙ୍କୁ ପ୍ରଶ୍ନ ପଚାରୁଛନ୍ତି। ଏହାକୁ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରଣ କରୁଛନ୍ତି, ଯାହା ଗ୍ରହଣଯୋଗ୍ୟ ନୁହେଁ। ଏଣିକି ସ୍କୁଲରେ ପ୍ରବେଶ ପୂର୍ବରୁ ସମ୍ପୃକ୍ତ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଅନୁମତି ନେବାକୁ ପଡ଼ିବ। ଏହାକୁ ଅବମାନନା କଲେ ସେହି ସ୍କୁଲର ପ୍ରଧାନ ଶିକ୍ଷକ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ନାମରେ ଥାନାରେ ଏତଲା ଦେବେ। ଏହି ନିର୍ଦ୍ଦେଶ ପାଳନ ନ ହେଲେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କେବଳ ଏତିକି ନୁହେଁ, ଢେଙ୍କାନାଳ ଜିଲା ସମଗ୍ର ଶିକ୍ଷା ଅଭିଯାନ ପ୍ରକଳ୍ପ କାର୍ଯ୍ୟାଳୟରୁ ମଧ୍ୟ ଅନୁରୂପ ଚିଠି କରାଯାଇ ନିର୍ଦ୍ଦେଶ କଡ଼ାକଡ଼ି ପାଳନ କରାଯିବାକୁ କୁହାଯାଇଥିଲା। ତେବେ ଏହା ପ୍ରଘଟ ହେବା ପରେ ଏହାକୁ ନେଇ ଗଣମାଧ୍ୟମ, ବୁଦ୍ଧିଜୀବୀ, ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏପରି କି ବିରୋଧୀ ଦଳ ମଧ୍ୟ ଏଭଳି ଅବାନ୍ତର ନିଷ୍ପତ୍ତି ବିରୋଧରେ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ।


**ବିକ୍ରୟ ନୋଟିସ କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା**

ସୁବର୍ଣ୍ଣ ସୁଯୋଗ!!!

ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ
**କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍-** ପରିସମାପନାଧୀନର
ବିକ୍ରୟ ନୋଟିସରେ ନିଲାମ ବିଡ୍ ଆମନ୍ତ୍ରଣ କରାଯାଉଛି
**ଇ-ନିଲାମର ତାରିଖ ଓ ସମୟ: ୨୬ ଅଗଷ୍ଟ, ୨୦୨୨ ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ ଘଟିକା**

କର୍ପୋରେଟ୍ ଋଣୀ ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍- ପରିସମାପନାଧୀନର ବ୍ୟବସାୟକୁ ଚାଲୁ ବ୍ୟବସାୟ ଭିତ୍ତିରେ ତଥା "ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ", ଏବଂ "ବିନା ଅବଲମ୍ବନ ଭିତ୍ତିରେ" ଇ-ନିଲାମ ବିକ୍ରୟ।

| ଇ-ନିଲାମର ତାରିଖ | ବ୍ୟବସାୟ / ପରିସମ୍ପତ୍ତିର ପ୍ରକୃତି | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଅମାନତ ଜମା ରାଶି (ଆଇଏନ୍‌ଆର୍) | ବୃଦ୍ଧିଶୀଳ ବିଡ୍ ପରିମାଣ (ଆଇଏନ୍‌ଆର୍) |
|---|---|---|---|---|
| ୨୬ ଅଗଷ୍ଟ ୨୦୨୨ | ମାର୍ଜିନ୍ ରାଶି ଏବଂ ନଗଦ ଓ ବ୍ୟାଙ୍କ ବାଲାନ୍ସକୁ ଛାଡ଼ି ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ | ୭୬,୦୦,୦୦,୦୦୦ (ଛଅସ୍ତରି କୋଟି ଟଙ୍କା ମାତ୍ର) | ୨,୦୦,୦୦,୦୦୦ (ଦୁଇ କୋଟି ଟଙ୍କା ମାତ୍ର) | ୫୦,୦୦,୦୦୦ (ପଚାଶ ଲକ୍ଷ ଟଙ୍କା ମାତ୍ର) |

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ:
୧. ପରିସମ୍ପତ୍ତି, ସମ୍ପତ୍ତି ଇତ୍ୟାଦିର ବର୍ଣ୍ଣନା ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜରେ ପ୍ରଦାନ କରାଯାଇଛି।
୨. ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ସମ୍ପୂର୍ଣ୍ଣ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ନିମ୍ନଲିଖିତ ୱେବ୍‌ସାଇଟ୍‌ରେ ଉପଲବ୍ଧ: www.kgsip.com, www.kvknilachalpower.com, https://right2vote.in ଇ-ମେଲ୍: kvknilachalkgs2019@gmail.com
୩. ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ବ୍ୟବସାୟର ବିକ୍ରୟ ନିମନ୍ତେ ଇ-ନିଲାମ ୨୬ ଅଗଷ୍ଟ, ୨୦୨୨ ଦିନ ସଞ୍ଚାଳନ ହେବ।
୪. କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଅଫର(ଗୁଡ଼ିକୁ) ଗ୍ରହଣ କରିବା, ଖାରଜ କରିବା କିମ୍ବା ଇ-ନିଲାମକୁ ମୁଲତବୀ/ସ୍ଥଗିତ ରଖିବା/ବାତିଲ କରିବା ଅଥବା ଯେକୌଣସି ପର୍ଯ୍ୟାୟରେ ନିଲାମ ପ୍ରକ୍ରିୟାରୁ ଯେକୌଣସି ସମ୍ପତ୍ତି କିମ୍ବା ତାହାର ଅଂଶକୁ ପ୍ରତ୍ୟାହାର କରିବାର ନିରଙ୍କୁଶ ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ।

ସ୍ୱା./- ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ୩/୧୫, ୪ର୍ଥ ମହଲା, ଆସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨
ଇମେଲ୍ ଆଇଡି kvknilachalkgs2019@gmail.com,
ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨



Kubota Worldclass Japanese Technology
For Earth, For Life
Kubota

MU
MU5502
REMARKABLE ENGINE
REMARKABLE PERFORMANCE

କୁବୋଟା ତରଫରୁ କୃଷକ ମାନଙ୍କ ପାଇଁ
ଖରିଫ ଋତୁର ବିଶେଷ ଆକର୍ଷଣୀୟ ଅଫର




45/50 HP
4 & 2 Wheel Drive

- କମ୍ ଇନ୍ଧନ ଖର୍ଚ୍ଚ
- ଇକୋ ସେଣ୍ଟ୍ରାଲ ଡାଇରେକ୍ଟ ଇଞ୍ଜେକ୍ସନ ସିଷ୍ଟମ
- ବାଲାନ୍ସର ସାଫ୍ଟ
- ୪-ଭଲ୍ଭ ସିଷ୍ଟମ
- ସିଙ୍କ୍ରୋନାଇଜ୍ ଗିଅର ସିଷ୍ଟମ୍
- କମ୍ ଭାଇବ୍ରେସନ୍, ଅଧିକ ଆରାମ
- ତୁରନ୍ତ ଫାଇନାନ୍ସର ସୁବିଧା ଉପଲବ୍ଧ

ଅଫର ୩୧ ଜୁଲାଇ ପର୍ଯ୍ୟନ୍ତ ଉପଲବ୍ଧ

*Conditions apply

SAMSON AGRI POWER EQUIPMENTS PVT. LTD.
CONTACT : Panikoili : 8249603797
Jagatsinghpur : 8328959334, Kendrapara : 9938788620



ଓଡ଼ିଶା ସରକାର

DSPL-102

# ସାବଧାନ !

ରାଜ୍ୟରେ କୋଭିଡ୍ ସଂକ୍ରମଣ ପୁଣି ଦ୍ରୁତ ଗତିରେ ବଢ଼ୁଛି।
କୋଭିଡ୍ ନିୟମ ପାଳନରେ ସାମାନ୍ୟ ଅବହେଳା
ବଡ ବିପଦକୁ ଡାକି ଆଣିବ।

ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ




ସର୍ବଦା ସଠିକ୍ ଭାବରେ ମାସ୍କ ପିନ୍ଧନ୍ତୁ | ହାତକୁ ବାରମ୍ବାର ସାବୁନ୍‌ରେ ଭଲଭାବରେ ଧୁଅନ୍ତୁ | ଜନଗହଳି ଠାରୁ ଯଥାସମ୍ଭବ ଦୂରରେ ରୁହନ୍ତୁ | ସମସ୍ତ ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟୀକାର ଆବଶ୍ୟକ ମାତ୍ରା ନିଶ୍ଚୟ ନିଅନ୍ତୁ

ଜ୍ୱର, ସର୍ଦ୍ଦି, ଥଣ୍ଡା କାଶ କିମ୍ବା ଫ୍ଲୁ ଭଳି ଲକ୍ଷଣ ଦେଖାଦେଲେ
ତୁରନ୍ତ କୋଭିଡ୍ ପରୀକ୍ଷା କରାଇ ଗୃହ ପୃଥକ୍‌ବାସରେ ରୁହନ୍ତୁ।

ବୟସ୍କ ବ୍ୟକ୍ତି, ଛୋଟ ପିଲା ଓ ଅଣ ସଂକ୍ରାମକ ରୋଗରେ
ପୀଡ଼ିତ ବ୍ୟକ୍ତି ବିଶେଷ ସତର୍କତା ଅବଲମ୍ବନ କରନ୍ତୁ।

ଅଧିକ ଜାଣିବା ପାଇଁ ସ୍ୱାସ୍ଥ୍ୟ ସହାୟତା ନଂ.୧୦୪କୁ କଲ୍ କରନ୍ତୁ।

OIPR-10003/13/0030/2223

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha






ବ୍ୟାଙ୍କ ସହ ସଂପର୍କ କରନ୍ତୁ,
ଆକାଉଣ୍ଟକୁ ସକ୍ରିୟ କରନ୍ତୁ
ଏବଂ ରାଶି ଦାବି କରନ୍ତୁ

- ନିଷ୍କ୍ରିୟ ବ୍ୟାଙ୍କ ଆକାଉଣ୍ଟରେ ଦାବି କରାଯାଇ ନଥିବା ବଳକା ରାଶିର ପ୍ରଯୁଜ୍ୟ ସୁଧ ସାଥିରେ ଦାବି କରାଯାଇ ପାରିବ*
- ବ୍ୟାଙ୍କ ଆକାଉଣ୍ଟରେ ଦୁଇ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ କୌଣସି ଦେଣନେଣ ନ ହେବା କ୍ଷେତ୍ରରେ ବ୍ୟାଙ୍କ ଆକାଉଣ୍ଟ ନିଷ୍କ୍ରିୟ ହୋଇଯାଏ
- ନିଜର ବ୍ୟାଙ୍କ ଆକାଉଣ୍ଟକୁ ନିୟମିତ ଭାବରେ ଚାଲୁ ରଖନ୍ତୁ ଯାହାଦ୍ୱାରା ତାହା ନିଷ୍କ୍ରିୟ ହେବ ନାହିଁ। ଯଦି ଆକାଉଣ୍ଟ ବ୍ୟବହାର ହେଉନାହିଁ ତେବେ ତାକୁ ବନ୍ଦ କରି ଦିଅନ୍ତୁ




ଆରବିଆଇ କହେ... ସଚେତନ ହୁଅନ୍ତୁ, ସତର୍କ ରୁହନ୍ତୁ !

ଅଧିକ ସୂଚନା ପାଇଁ, 14440 ରେ ମିସ୍‌ଡ କଲ ଦିଅନ୍ତୁ
କିମ୍ବା https://rbikehtahai.rbi.org.in/ud କୁ ଯାଆନ୍ତୁ
ଫିଡ୍‌ବ୍ୟାକ ଦେବା ପାଇଁ, rbikehtahai@rbi.org.in କୁ ଲେଖନ୍ତୁ

*ନିୟମ ଓ ସର୍ତ୍ତାବଳୀ ପ୍ରଯୁଜ୍ୟ

ଜନହିତରେ ଜାରି
ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ମୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖରା ସହେ ମେରୁ,
ଖରା ସହେ ଗୋରୁ,
ଖରା ସହେ ମୂଲିଆ ବାପୁଡ଼ା,
ଖରା ସହେ ତରୁ।**

ପ୍ରକୃତି ସହ ଜଡ଼ିତ ଥିବା ପାହାଡ, ପର୍ବତ, ଗଛ ଲତା ମାନ ଖରାକୁ ଭ୍ରୂକ୍ଷେପ ନ କରି ଦଣ୍ଡାୟମାନ ହୋଇ ଜଗତକୁ ଶୀତଳତା ପ୍ରଦାନ କରିଥାନ୍ତି। ସେହିପରି ଗୋରୁ ବା ବଳଦ ଖରାରେ ଚାଷ କାର୍ଯ୍ୟରେ ନିୟୋଜିତ ହେଉଥିବାବେଳେ ଚାଷି ମୂଲିଆ ପେଟ ପାଟଣା ପାଇଁ ଖରାରେ କାମ କରିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଖାଇ ନ ଜାଣି ଭାତର ଦୋଷ,
ଦେଇ ନ ଜାଣି ପତର ଦୋଷ।**

ଖାଇ ନ ଜାଣି ଭାତ ଭଲରେ ରନ୍ଧା ଯାଇ ନ ଥିବା କହିବା ଭଳି ଠିକ୍‌ରେ ପରଷି ନ ଜାଣି ପତରର ଦୋଷ ଥିବା କଥା କହିବା ନିହାତି ହାସ୍ୟାସ୍ପଦ କଥା ହୋଇଥାଏ। ନିଜର ଅସାମର୍ଥ୍ୟ ପ୍ରତି ଦୃଷ୍ଟି ନ ଦେଇ ଅନ୍ୟକୁ ଦୋଷାରୋପ କରିବା ମୂର୍ଖାମୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବୀମା ଟଙ୍କା ପାଇଁ ରାତି ୩ଟାରୁ ଧାଡ଼ି

**ଝାରସୁଗୁଡ଼ା ଅଫିସ୍, ୧୧।୭**

**ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକରେ ଫସଲ ବୀମା ଟଙ୍କା ପାଇଁ ଏସ୍‌ଡିସିସି ବ୍ୟାଙ୍କ ସମ୍ମୁଖରେ ରାତି ୩ଟାରୁ ଚାଷୀମାନେ ଲମ୍ବାଧାଡ଼ି ଲଗାଉଥିବାର ଦୃଶ୍ୟ ସରକାରୀ ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି।**

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକରେ ଥିବା ସମ୍ବଲପୁର ଜିଲା କେନ୍ଦ୍ରୀୟ ସମବାୟ (ଏସ୍‌ଡିସିସି) ବ୍ୟାଙ୍କରୁ ଫସଲ ବୀମା ଟଙ୍କା ପାଇବା ପାଇଁ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କରେ ଗୋଟିଏ ମାତ୍ର କାଉଣ୍ଟର ଥିବାରୁ ଲୋକଙ୍କୁ ଟଙ୍କା ପ୍ରଦାନ କରିବାରେ ବିଳମ୍ବ ହେଉଛି। ଘଣ୍ଟା ଘଣ୍ଟା ଧରି ଚାଷୀ ମାନେ ବ୍ୟାଙ୍କ ସମ୍ମୁଖରେ ଲମ୍ବା ଧାଡ଼ି ଲଗାଉଛନ୍ତି। ସୋମବାର ରାତି ୩ଟାରୁ ବ୍ୟାଙ୍କ ସମ୍ମୁଖରେ ଶତାଧିକ ଚାଷୀ ଲମ୍ବାଧାଡ଼ି ଲାଗାଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଚାଷୀମାନେ ଲମ୍ବାଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇଥିବାବେଳେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରି କି କେତେଜଣ ଦୀର୍ଘ ସମୟ ଧରି ଛିଡ଼ାହେବା ପରେ ନିଜର ହେଲ୍‌ମେଟ ଏବଂ ବ୍ୟାଗ୍ ଧାଡ଼ିରେ ରଖି ଛାଇର ଆଶ୍ରୟ ନେଉଥିବା ଦେଖିବାକୁ ମିଳିଥିଲା। ଏଭଳି ସମସ୍ୟା ଗତ ସପ୍ତାହ ହେବ ଲାଗି ରହିଥିଲେ କୌଣସି ସମାଧାନ ନ ହେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ବର୍ଷା ଋତୁରେ ଚାଷୀମାନେ ନିଜର ଚାଷକାମ ଛାଡ଼ି ଫସଲବୀମା ରାଶି ଉଠାଇବା ପାଇଁ ବ୍ୟାଙ୍କକୁ ଆସୁଛନ୍ତି। ଫଳରେ ଚାଷୀଙ୍କ ଚାଷକାମ ବାଧାପ୍ରାପ୍ତ ହେବାରେ ଲାଗିଛି। ଲଇକେରା ବ୍ଲକରେ ଏକମାତ୍ର ଏସ୍‌ଡିସିସି ବ୍ୟାଙ୍କ ରହିଥିବାବେଳେ ଏହା ଉପରେ ଲଇକେରା, କିର୍ମିରା ଓ କୋଲାବିରା ବ୍ଲକର ୭ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିର୍ଭର କରନ୍ତି। ବୀମାରାଶି ଜମା, ଉଠାଣ ସାଙ୍ଗକୁ ଚାଷୀମାନେ ଋଣ ନେବା ଓ ପରିଶୋଧ କରିବା ଆଦି କାର୍ଯ୍ୟ କରିଥାନ୍ତି। ତେଣୁ ବ୍ୟାଙ୍କରେ ଭିଡ଼ ହେଉଥିବାରୁ ଟଙ୍କା ଉଠାଣ ପାଇଁ ଚାଷୀମାନଙ୍କୁ କ୍ରମିକ ନଂ. ଥିବା ଟୋକନ ଦିଆଯାଉଛି। ଚାଷୀମାନେ ନମ୍ବର ପାଇବା ଲାଗି ବାଧ ହୋଇ ରାତିରୁ ଆସି ଲମ୍ବା ଧାଡ଼ିରେ ଛିଡ଼ା ହେଉଛନ୍ତି। ଏନେଇ ବ୍ୟାଙ୍କର ଶାଖା ପରିଚାଳକ ସେବାରାମ ପଣ୍ଡା କହିଛନ୍ତି, ବ୍ୟାଙ୍କ ଆଗରେ ଲମ୍ବା ଧାଡ଼ି ରହୁଥିବା ଦେଖୁଛୁ। ୩ଟି ବ୍ଲକର ଚାଷୀଙ୍କ ପାଇଁ ଗୋଟିଏ ବ୍ୟାଙ୍କ ହୋଇଥିବାରୁ ଆଗୁଆ ଟଙ୍କା ଉଠାଣ ପାଇଁ ଚାଷୀମାନେ ଧାଡ଼ି ଲଗାଉଛନ୍ତି। ଏ ସମ୍ପର୍କରେ କୋଲାବିରା ବ୍ଲକ ଗୁଡ଼ିଗାଁର ଚାଷୀ ଝସକେତନ ପଟେଲ କହିଛନ୍ତି, ୩ଟି ବ୍ଲକ ପାଇଁ ୩ଟି ଶାଖା ବ୍ୟାଙ୍କ ରହିଲେ ଏଭଳି ଭିଡ଼ ହୁଅନ୍ତା ନାହିଁ। ଆଗୁଆ ଟଙ୍କା ଉଠାଇବା ପାଇଁ ଚାଷୀମାନେ ବ୍ୟାକୁଳ ହେଉଥିବାରୁ ଧାଡ଼ିରେ ଆସି ଛିଡ଼ା ହେଉଛନ୍ତି ବୋଲି ଝସକେତନ କହିଛନ୍ତି।

# ଆମାଜନ ଜଙ୍ଗଲ: ୨୦୨୨ରେ ରେକର୍ଡ ଧ୍ୱଂସ



**ମାନାଉସ୍ (ବ୍ରାଜିଲ), ୧୧।୭**

## କ୍ଷତି ପରିମାଣ ନ୍ୟୁୟର୍କ ସହରର ୫ଗୁଣ

ଚଳିତବର୍ଷ ପ୍ରଥମ ୬ ମାସରେ ବ୍ରାଜିଲର ଆମାଜନ ଜଙ୍ଗଲର ରେକର୍ଡ ଧ୍ୱଂସ ଘଟିଛି। ନ୍ୟୁୟର୍କ ସହରର ୫ ଗୁଣ ଏବଂ ଦିଲ୍ଲୀର ଅଢ଼େଇ ଗୁଣ ଆକାରର ଜଙ୍ଗଲ ଅଞ୍ଚଳ ନଷ୍ଟ ହୋଇଥିବା ସରକାରୀ ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି। ବ୍ରାଜିଲର ନ୍ୟାଶନାଲ ସ୍ପେସ୍ ରିସର୍ଚ୍ଚ ଏଜେନ୍ସି 'ଇନ୍‌ପେ' ଦ୍ୱାରା ଉତ୍ତୋଳିତ ସାଟେଲାଇଟ୍ ଚିତ୍ରରୁ ଜଣାପଡୁଛି ଯେ, ଗତ ଜାନୁୟାରୀରୁ ଜୁନ୍ ମଧ୍ୟରେ ୩,୯୮୮ ବର୍ଗ କିଲୋମିଟର ଆମାଜନ ଜଙ୍ଗଲ ପଦା ହୋଇଛି, ଯାହାକି ଗତ ବର୍ଷ ସମାନ ସମୟ ମଧ୍ୟରେ ୧୦.୬% ଅଧିକ ଏବଂ ୨୦୧୫ଠାରୁ ସର୍ବାଧିକ। ଏଭଳି ତଥ୍ୟ ପରିବେଶବିତ୍‌ଙ୍କ ମଧ୍ୟରେ ଗଭୀର ଚିନ୍ତା ବଢ଼ାଇଛି। କାରଣ ପୃଥିବୀର ଅମ୍ଳଜାନ ଏବଂ ଅଙ୍ଗାରକାମ୍ଳ ଚକ୍ରକୁ ବଜାୟ ରଖିବାରେ ଏହି ଗ୍ରୀଷ୍ମମଣ୍ଡଳୀୟ ବୃଷ୍ଟିବନାଞ୍ଚଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ତେଣୁ ଆମାଜନ ଜଙ୍ଗଲରେ ହେଉଥିବା କ୍ଷତି ମାନବଜାତିକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରୁଛନ୍ତି।

ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୧ ଜାନୁୟାରୀରୁ ଜୁନ୍ ମଧ୍ୟରେ ୩,୦୮୮ ବର୍ଗ କିଲୋମିଟର ଆମାଜନ ଜଙ୍ଗଲ ଧ୍ୱଂସ ହୋଇଥିଲା। ଚଳିତବର୍ଷ କେବଳ ଜୁନ୍‌ରେ ୧୧୨୦ ବର୍ଗ କିଲୋମିଟର ଜଙ୍ଗଲ ପଦା ହୋଇଛି, ଯାହାକି ଗତବର୍ଷ ଜୁନ୍‌ଠାରୁ ୫.୫% ଅଧିକ। ବିଶ୍ୱର ଏହି ସର୍ବବୃହତ୍ ଜଙ୍ଗଲ ଏକ ବଡ଼ ଅଙ୍ଗାରକ କୁଣ୍ଡ ଭାବେ ମଣିଷର କଲ୍ୟାଣ କରୁଛି। କାରଣ ବିପୁଳ ପରିମାଣର ଅଙ୍ଗାରକାମ୍ଳକୁ ଶୋଷି ନେଉଛି ଏହି ଘଞ୍ଚ ଜଙ୍ଗଲ। ଏହା ଦ୍ରୁତ ଧ୍ୱଂସାଭିମୁଖୀ ହୋଇଥିବାରୁ ବାୟୁମଣ୍ଡଳକୁ ଉତ୍ତପ୍ତ ହେବା ସହ ଜଳବାୟୁ ପରିବର୍ତ୍ତନ ପାଇଁ ବାଟ ଫିଟାଉଛି।

## ପ୍ରଥମ ପୃଷ୍ଠାରୁ...

### ୨୦୨୩ରେ ଚାଇନାକୁ...

୨ ଜନବହୁଳ ଅଞ୍ଚଳ ହେଉଛି ପୂର୍ବ ଏବଂ ଦକ୍ଷିଣ-ପୂର୍ବ ଏସିଆ, ଯେଉଁଠି ୨୩୦ କୋଟି ଲୋକ ରହୁଛନ୍ତି। ତାହା ବିଶ୍ୱ ଲୋକସଂଖ୍ୟାର ୨୯%। ସେହିପରି ମଧ୍ୟ ଏବଂ ଦକ୍ଷିଣ ଏସିଆରେ ୨୧୦ କୋଟି ଲୋକ ରହୁଛନ୍ତି, ଯାହାକି ବିଶ୍ୱ ଜନସଂଖ୍ୟାର ୨୬%। କେବଳ ଚାଇନା ଏବଂ ଭାରତରେ ୨୮୩ କୋଟିରୁ ଉର୍ଦ୍ଧ୍ୱ ଲୋକ ରହୁଛନ୍ତି।

୨୦୫୦ ପର୍ଯ୍ୟନ୍ତ ବିଶ୍ୱ ଜନସଂଖ୍ୟାରେ ଯେଉଁ ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି ତାହାର ଅଧାରୁ ଅଧିକ ୮ଟି ଦେଶକୁ ନେଇ ଆଧାରିତ। ସେଗୁଡ଼ିକ ହେଲା ଭାରତ, ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ, ଇଜିପ୍ଟ, ଇଥିଓପିଆ, ନାଇଜେରିଆ, ପାକିସ୍ତାନ, ଫିଲିପାଇନ୍ସ ଏବଂ ତାଞ୍ଜାନିଆ। ଏହି ୮ ଦେଶରେ ଲୋକସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଗତ ଦଶନ୍ଧି ମଧ୍ୟରେ କେତେକ ଦେଶରେ ପ୍ରଜନନ କ୍ଷମତା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ପ୍ରଜନନ କ୍ଷମତା ନିରନ୍ତର ଭାବେ ନିମ୍ନ ସ୍ତରରେ ରହିବା ଯୋଗୁ ୬୧ ଦେଶର ଜନସଂଖ୍ୟା ୨୦୨୨ରୁ ୨୦୫୦ ମଧ୍ୟରେ ପ୍ରାୟ ୧% ହ୍ରାସ ପାଇପାରେ। ଅନ୍ୟପକ୍ଷରେ ହାରାହାରି ବୟସ ବୃଦ୍ଧି ପାଇବ, କିନ୍ତୁ ମହାମାରୀ କୋଭିଡ୍ ଆୟୁଷ ହ୍ରାସ କରିଦେଇଛି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବିଶ୍ୱରେ ହାରାହାରି ଆୟୁଷ ୨୦୧୯ରେ ୭୨.୮ ବର୍ଷ ରହିଛି। ୨୦୫୦ ବେଳକୁ ମୃତ୍ୟୁହାର ହ୍ରାସ ପାଇବା ସହ ହାରାହାରି ଆୟୁଷ ବୃଦ୍ଧି ପାଇ ୭୭.୨ ବର୍ଷ ରହିବ ବୋଲି ଅନୁମାନ କରାଯାଇଛି। ୧୯୯୦ ପରଠୁ ୯ ବର୍ଷ ଉନ୍ନତି ଘଟିଥିବାବେଳେ ମହାମାରୀ କୋଭିଡ୍ ଯୋଗୁ ୨୦୨୧ରେ ବୈଶ୍ୱିକ ହାରାହାରି ଆୟୁଷ ୭୧ ବର୍ଷକୁ ହ୍ରାସ ପାଇଥିଲା। ବିଶେଷକରି ବିକଶିତ ଦେଶଗୁଡ଼ିକରେ ଆୟୁଷ ବୈଶ୍ୱିକ ହାରାହାରି ଆୟୁଷଠାରୁ ୭ବର୍ଷ କମ୍ ରହିଛି।

### ୪ ସହରରେ...

ହସ୍ପିଟାଲରେ ଟିକା ନେବାକୁ ପଡ଼ିବ। ୧୫ରୁ ୫୯ ବର୍ଷ ବୟସର ଲୋକଙ୍କୁ ମାଗଣାରେ ତୃତୀୟ ଡୋଜ ଦିଆଯିବ କି ନାହିଁ ସେ ସମ୍ପର୍କରେ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ। ଚଳିତ ସପ୍ତାହରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚସ୍ତରୀୟ ବୈଠକ ଅଛି। ସେଠାରେ ଏ ନେଇ ଆଲୋଚନା କରାଯିବ। ଆବଶ୍ୟକ ପଡ଼ିଲେ ତୃତୀୟ ଡୋଜ ମାଗଣା ଦେବା ନେଇ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବୁ ବୋଲି ସ୍ୱାସ୍ଥ୍ୟ ସଚିବ ଧଳ କହିଛନ୍ତି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି, ସମଗ୍ର ଦେଶରେ ସଂକ୍ରମଣ ବଢ଼ିଥିବାବେଳେ ଆମ ରାଜ୍ୟରେ ବି ଏବେ ୫ଶହ ଉପରେ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ହେଲେ ଏବେ ଆକ୍ରାନ୍ତ ପୂର୍ବପରି ଗୁରୁତର ହେଉନାହାନ୍ତି। ପ୍ରଥମ ଓ ଦ୍ୱିତୀୟ ଲହରରେ ୧୫% ଲୋକ ମେଡିକାଲ ଯାଉଥିଲେ। ଏବେ ପ୍ରାୟ ୧% ଆକ୍ରାନ୍ତ ହସ୍ପିଟାଲରେ ରହିଛନ୍ତି। ଅଧିକାଂଶ ଲୋକ ବିନା ଲକ୍ଷଣଯୁକ୍ତ ରହୁଥିବାବେଳେ ଗୁରୁତର ହେଉନାହାନ୍ତି। ଓଡ଼ିଶାରେ ସେହି ଓମିକ୍ରନ ଭାରିଆଣ୍ଟ ରହିଛି। ଗତ ୪ ମାସ ହେବ ରାଜ୍ୟରେ ଆଉ ଡେଲଟା ଭାରିଆଣ୍ଟର ଉପସ୍ଥିତି ନାହିଁ। ମାତ୍ର ଲକ୍ଷଣ ଥିଲେ ପରୀକ୍ଷା କରି ଆଇସୋଲେଟ ହୋଇ ରୁହନ୍ତୁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଆମ ରାଜ୍ୟରେ ଉପରମୁହାଁ ହେଉଥିବା ଟ୍ରେଣ୍ଡ କିଛି ପରିମାଣରେ ବଢ଼ିବ, ମାତ୍ର ସେପରି ଭୟଙ୍କର ହେବ ନାହିଁ। ଯାହା ଅନୁମାନ କରାଯାଉଛି, ଏହା ବେଶି ଦିନ ରହିବ ନାହିଁ ଏବଂ ଖୁବ୍ ଶୀଘ୍ର ତଳମୁହାଁ ହେବ ବୋଲି ମିଶ୍ର ପ୍ରକାଶ କରିଛନ୍ତି।

### ଦିନକରେ ୫୭୨...

ସୁନ୍ଦରଗଡ଼ ଏବଂ ସମ୍ବଲପୁରରେ ହଠାତ୍ ସଂକ୍ରମଣ ବଢ଼ିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୨୧୯, ସୁନ୍ଦରଗଡ଼ରୁ ୬୩ ଓ ସମ୍ବଲପୁରରୁ ୪୧ ଜଣ ରହିଛନ୍ତି। ସେହିପରି କଟକରୁ ୬୮, ମୟୂରଭଞ୍ଜ ୧୬, ଯାଜପୁର ୧୫, ଅନୁଗୋଳ ୧୪, ବାଲେଶ୍ୱର ୧୨, ପୁରୀ ୧୨, ବରଗଡ଼ ୧, ଭଦ୍ରକ ୩, ବଲାଙ୍ଗୀର ୨, ବୌଦ୍ଧ ୧, ଦେବଗଡ଼ ୨, ଗଜପତି ୮, ଜଗତ୍‌ସିଂହପୁର ୮, ଝାରସୁଗୁଡ଼ା ୬, କଳାହାଣ୍ଡି ୫, କେନ୍ଦ୍ରାପଡ଼ା ୧, କେନ୍ଦୁଝର ୩, କୋରାପୁଟ ୪, ନୟାଗଡ଼ ୫, ନୂଆପଡ଼ା ୮, ରାୟଗଡ଼ା ୨, ସୁବର୍ଣ୍ଣପୁର ୩ ଏବଂ ଷ୍ଟେଟପୁଲରୁ ୫୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨,୯୪,୦୭୬ରେ ପହଞ୍ଚିଛି।

### ଦିବ୍ୟାଂଶୁ ମଲ୍ଲ...

୭,୬୯,୫୮୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଦେଶ ବାହାରର ୧୭ ସହର ସମେତ ଓଡ଼ିଶା ତଥା ଦେଶର ମୋଟ ୪୦୭ ସହରରେ ୫୮୮ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଓଡ଼ିଆ ସମେତ ୧୩ଟି ଭାଷାରେ ପରୀକ୍ଷା ହୋଇଥିଲା। ଛାତ୍ରୀଛାତ୍ର ସେମାନଙ୍କ ସ୍କୋର୍‌କାର୍ଡ jeemain.nta.nic.inରୁ ଡାଉନଲୋଡ୍ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟ (ସେସନ-୨) ଜେଇଇ ମେନ୍ ଆସନ୍ତା ୨୧ରୁ ୩୦ ତାରିଖ ମଧ୍ୟରେ ହେବ। ଛାତ୍ରୀଛାତ୍ର ଉଭୟ ପରୀକ୍ଷା ଦେଇପାରିବେ। ଫାଇନାଲ୍ ମେରିଟ୍ ଲିଷ୍ଟ ପାଇଁ ସର୍ବାଧିକ ମାର୍କକୁ ବିଚାରକୁ ନିଆଯିବ ବୋଲି ଏନ୍‌ଟିଏ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟ ଟପ୍ପର ଦିବ୍ୟାଂଶୁଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟୁଛି। ସେ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲରେ ପଢ଼ିବା ସହିତ ଜେଇଇ ପାଇଁ ଆଲେନ୍ କ୍ୟାରିୟରରେ କୋଚିଂ ନେଉଥିଲେ। ବର୍ତ୍ତମାନ ସେ ମୁମ୍ବାଇରେ ରହି ଜେଇଇ(ଆଡ୍‌ଭାନ୍ସଡ) ପାଇଁ ପ୍ରସ୍ତୁତ ହେଉଛନ୍ତି। ଦିବ୍ୟାଂଶୁଙ୍କ ଏହି ସଫଳତାରେ ଖୁସିବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେ କହିଛନ୍ତି, ଦିବ୍ୟାଂଶୁ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ସହ ସମଗ୍ର ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏଥିସହ ସ୍କୁଲ୍‌ର ଆଉ ୧୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଜେଇଇ ମେନ୍‌ରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ସ୍କୁଲ ପ୍ରତିଷ୍ଠାଠାରୁ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେଇଆସିଛି। ଫଳରେ ଏହାର ଛାତ୍ରୀଛାତ୍ର କେବଳ ଶିକ୍ଷା ନୁହେଁ, ଅନ୍ୟ ସମସ୍ତ କ୍ଷେତ୍ରରେ ସଫଳତା ହାସଲ କରିଆସୁଛନ୍ତି। ଏ ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଥିବା ସ୍କୁଲର ଚେୟାରପର୍ସନ ଡ. ମୋନାଲିସା ବଳ ଓ ଅଧକ୍ଷ ଡ. ସଞ୍ଜୟ ସୁଆରଙ୍କୁ ସାମନ୍ତ ଧନ୍ୟବାଦ ଜଣାଛନ୍ତି। ଅପରପକ୍ଷରେ ଦିବ୍ୟାଂଶୁ ଓ ତାଙ୍କ ଅଭିଭାବକ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଯାତ୍ରା, ବାଣିଜ୍ୟ, ସଭାସମିତି, ବନ୍ଧୁ ମିଳନ, ନୂତନ କର୍ମାରମ୍ଭ ସନ୍ତୋଷଜନକ ରହିବ। ମାତ୍ର ଅଶ୍ୱିନୀ ନକ୍ଷତ୍ର ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବା ସୂଚନା ରହିଛି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବୃଷ** ଯେତେ ବାଧାବିଘ୍ନ ଆସୁନା କାହିଁକି, କୌଣସି କାମ ଅଟକିବ ନାହିଁ। ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ରୋହିଣୀ ନକ୍ଷତ୍ର ନିର୍ମାଣରେ ସମୟ ଅତିବାହିତ କରିପାରନ୍ତି। ମନର କଥା ମନରେ ରଖି ବନ୍ଧୁଙ୍କୁ ନିଜ କାମରେ ଲଗାଇ ଇଚ୍ଛିତ କାର୍ଯ୍ୟ ହାସଲ କରିବେ।

**ମିଥୁନ** ସବୁ ସୁବିଧା ଥାଇ ମଧ୍ୟ କେତେକ କାମ ନ ହେବା କାରଣରୁ ମନ ଭଲ ରହିବ ନାହିଁ। ପୁନର୍ବସୁର ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ। କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ହୋଟେଲ, ଛୋଟ ଦୋକାନୀ, ଲାଭବାନ୍ ହେବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ସମସ୍ୟା ଆସିବ।

**କର୍କଟ** ଆଶା ମଉଳିବାକୁ ଯାଉଥିବା ଅନୁଭବକରି କୌଣସି କାମରେ ଉତ୍ସାହ ଲାଗିବ ନାହିଁ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପୁଷ୍ୟାର ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିଯିବ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ଉପସ୍ଥିତି ବୁଦ୍ଧି ପ୍ରୟୋଗକରି ବିପଦ ମୁକ୍ତ ହେବେ।

**ସିଂହ** ବିଭିନ୍ନ କ୍ଷେତ୍ରରୁ ମିଥ୍ୟା ଅଭିଯୋଗ ଆସିପାରେ, କିନ୍ତୁ ଆପଣଙ୍କ ସକାଶେ କୌଣସି ଅସୁବିଧା ହେବନାହିଁ। ଅକୁହା କଥାକୁ ବନ୍ଧୁଙ୍କ ଆଗରେ ବଖାଣି ଘର ଲୋକଙ୍କ ବିରାଗ ଭାଜନ ହୋଇପାରନ୍ତି। କେତେକ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। କର୍ମକ୍ଷେତ୍ରରେ ଦୃଢ଼ତା ହେତୁ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**କନ୍ୟା** ବିଭିନ୍ନ ପ୍ରକାର ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅଚାନକ ଭାବରେ ଅଶୌଚ ଖବର ଶୁଣି ବିସ୍ମିତ ହୋଇପାରନ୍ତି। ବିଭିନ୍ନ ପ୍ରକାର ସମସ୍ୟା ହେତୁ କର୍ମକ୍ଷେତ୍ରରେ ଅନିଶ୍ଚିତତା ମଧ୍ୟରେ ଗତି କରିବେ। କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ।

**ତୁଳା** କାର୍ଯ୍ୟଦକ୍ଷତା ଓ ନିର୍ଭୀକତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ମାତ୍ର ଖଳ ଲୋକମାନଙ୍କ କଥାକୁ ବିଶ୍ୱାସକଲେ ଅସୁବିଧାରେ ପଡ଼ିପାରନ୍ତି। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ସାମାନ୍ୟ ବିଶ୍ରାମ କିମ୍ବା ଲଘୁଭୋଜନର ଅବସର ପାଇବେ ନାହିଁ।

**ବିଛା** ଆଜି ଆପଣ ଆଲୋଚନା କ୍ଷେତ୍ରରେ, ପ୍ରଶାସନିକ କାମରେ, ଯାତ୍ରା ଓ ସଭା ସମିତିରେ ଆଶାଜନକ ଫଳ ପାଇବେ। ଭ୍ରମଣ ଅବକାଶରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଅର୍ଥ ସମ୍ପର୍କିତ ଚିନ୍ତା କରୁଥିବା କାମରେ ସଫଳତା ବିଳମ୍ବରେ ମିଳିବ। ସାହାଯ୍ୟର ପ୍ରତିଶ୍ରୁତି ବନ୍ଧୁଙ୍କଠାରୁ ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ଧନୁ** ପରିବାରର ସଦସ୍ୟମାନେ ଆପଣଙ୍କୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଅତି ନିଜର ପ୍ରିୟ ବ୍ୟକ୍ତି ଜଣକ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ବିରୋଧରେ କଥା କହିବେ। କର୍ମକ୍ଷେତ୍ରରେ କାମଗୁଡ଼ିକ ଠିକ୍ ଭାବେ ସମ୍ପନ୍ନହେବାରେ କେତେକ ପ୍ରତିବନ୍ଧକ ସୃଷ୍ଟି ହେବ। ପୂର୍ବାଷାଢ଼ା ନକ୍ଷତ୍ରର ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧିପାଇବ।

**ମକର** ଆଜିର ଯାତ୍ରାରେ ଅର୍ଥ ପ୍ରାପ୍ତିର ଆଶା ପୂରାମାତ୍ରାରେ ରହିଛି। ଉତ୍ତରାଷାଢ଼ା ନକ୍ଷତ୍ରର ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ସହ ବୁଝାମଣା ଠିକ୍ ରହି ନ ପାରେ। ଚେଷ୍ଟା କରୁଥିବା କାମରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ। ଚୁପ୍‌ଚାପ୍ ବସି ରହିଲେ ବହୁ କ୍ଷତି ସହିବାକୁ ପଡ଼ିବ।

**କୁମ୍ଭ** ନିଜ ସମ୍ପର୍କୀୟମାନେ ବିନା କାରଣରେ କଳହ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ୍ୟ କାମଟିକୁ ଛାଡ଼ିପାରିବେ ନାହିଁ। ଗୋପନରେ ଶତ୍ରୁତା କରୁଥିବା କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରନ୍ତି। ହଠାତ୍ ଯାତ୍ରା କରିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡ଼ିପାରେ।

**ମୀନ** ଆଶା କରୁଥିବା ସବୁ ସୁବିଧା ସୁଯୋଗ ପାଇ ଖୁସି ହେବେ। ପଡ଼ୋଶୀ କିମ୍ବା ଆତ୍ମୀୟଙ୍କଠାରୁ ଅଯାଚିତ ଭାବେ ସହାୟତା ପାଇବେ। ପରିସ୍ଥିତିବଶତଃ ଅଧସ୍ତନ କର୍ମଚାରୀ କିମ୍ବା ସହକର୍ମୀଙ୍କୁ କଟୁକଥା ପ୍ରୟୋଗକରି ସୁସମ୍ପର୍କ ହରାଇବେ। ଈର୍ଷା କରୁଥିବା ଲୋକମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ।


# classifieds

**Everyday 0674-2580101, 2549302**

real estate

## SALE

ଭୁବନେଶ୍ୱରରେ Rs.350/- sqft.ରେ installment ସୁବିଧାରେ ସ୍ଥିତିବାନ୍ plot ବିକ୍ରିହେବ। 9937816565, 8249017091. D-966

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ **700mtr** ଦୂରତାରେ **Adyanta** କଲେଜ **backside**ରେ **yellowzone** ପ୍ଲଟ୍ ମିଳୁଛି। **9556368377.** D-73270

ସ୍ଥିତିବାନ୍ ପ୍ଲଟ୍ ୧୫୦୦ sqft. ଭୁବନେଶ୍ୱର ଜୟଦୁର୍ଗାନଗରରେ ତୁରନ୍ତ ବିକ୍ରୟ ହେବ। 9853376326. D-962

ଭୁବନେଶ୍ୱର **IIT** ଅରଗୁଳ ରେଲୱେ ଷ୍ଟେସନ୍ ନିକଟରେ **Road,** ଇଲେକ୍ଟ୍ରିପୋଲ୍, **Plantation** ଥାଇ **well developed** ପ୍ଲଟ୍ **sqft.-270/-**ରେ କିଣନ୍ତୁ। **8018603523, 9348767829.** D-73273

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73936

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ସମ୍ମୁଖରୁ 1K.M. ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ ଓ ଗୃହ ନିର୍ମାଣ କରନ୍ତୁ। 6371200121. D-73279

Commercial shop for sale, 192sqft. super built-up, Forest Park, Unit-6, Bhubaneswar. Contact: 9853511278, 9937928349. D-70281

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost , balance 5years installment, no interest. 7809525452.** D-73928

**Duplex sale at Bhubaneswar @ 45 lakhs and apartment @ 42lakhs. 9439206202.** D-73275

ଭୁବନେଶ୍ୱର Ravi Talkies 1.5k.m. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73841

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି **Sudhananda School**କୁ ଲାଗି **30' road, electricity** ସୁବିଧା ଥାଇ **gated society** ଘରବାରି **plot @9,00,000/-** ଘର କରନ୍ତୁ। **(Bank loan available). 9437691481.** D-73260

## PURCHASE

Wanted land in Bhubaneswar based on sharing & marketing. 9937816565, 8249017091. D-967

construction

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73278

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Ayurvedic full body massage ladies, gents with best therapy. 9040900385. D-73933

Newly open Spa @899/- full body massage expert Therapist - 8093577103. D-73838

Refreshing your mind and body with the best therapy, 7873794731. D-872

Trupti Spa, 9861550765. Our genuinety is our strength. Stay safe. D-925

**One hour any therapy by expert therapist @999 only. 9078484455.** D-73621

Newly open full body massage ladies & gents available. 8093726714. D-73620

## AFFIDAVIT

By virtue of an affidavit before Notary Public, Bhubaneswar, I have changed my name from Jyotsna Mahapatra (as per Board Certificate) to Jyotsna Rani Swain which is reflected in Aadhaar and PAN Card. So I declare that Jyotsna Mahapatra & Jyotsna Rani Swain is one & same person & henceforth I shall be known as Jyotsna Rani Swain for all purpose. D-974

I, Ulu Behera, changed the name of my daughter to Santoshi Behera and Date of Birth to 01.01.1985 with disability of 75% due to suffering from seizophernia vide affidavit dt 20.06.2022 sworn before the Court of Executive Magistrate, Angul. D-936

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ଜୁଲାଇ, ୨୦୨୨



# ପ୍ରତାପ ନାୟକ ଚାରିନଙ୍ଗଳ ପାକ୍ସ ସଭାପତି


ସମର୍ଥକଙ୍କ ଗହଣରେ ପାକ୍ସ ସଭାପତି ପ୍ରତାପ ନାୟକ।

**ବାଲିଚନ୍ଦ୍ରପୁର,୧୧।୭(ସ୍ୱ.ପ୍ର.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପାକ୍ସର ସଭାପତି ଭାବେ ପ୍ରତାପ ଚନ୍ଦ୍ର ନାୟକ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି। ଏହି ସମବାୟ ସମିତିର ସେକ୍ ଏମାମୁଦ୍ଦିନ୍, ମନ୍ମଥ କୁମାର ନାୟକ, ନାରାୟଣ ଦଳାଇ, ମାନସ ରଞ୍ଜନ ସାମଲ, ହିମାଂଶୁ ଶେଖର ବଳ, ନିରୋଦ ଚନ୍ଦ୍ର ସେନାପତି, ସେଖ୍ ଜିଆଉଲା, କୋତବୁଦ୍ଦିନ୍ ଖାଁ, ଅନନ୍ତ ସିଂହ, ଭୀମସେନ ରାଉତ, କଳ୍ପନା ପଣ୍ଡା, ଜାନକୀ ନାୟକ, ହିମାଂଶୁ ଶେଖର ଦାସ, ଚନ୍ଦ୍ର ଶେଖର ଦଳେଇ ପ୍ରମୁଖ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ପ୍ରଶାନ୍ତ କୁମାର ଜେନା, ସମ୍ପାଦକ ଜୟଶ୍ରୀ ଦାସ, ଡି.ଇ.ଓ ମନୋଜ ମହାରଣା, କର୍ମଚାରୀ ସହଦେବ ଜେନା ନିର୍ବାଚନ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।

# ରାଜପଥ କର୍ତ୍ତୃପକ୍ଷଙ୍କ ଜବରଦଖଲରେ ଘରବାଡ଼ି ଜମି

## ପ୍ରତିବାଦରେ ଗଣଧାରଣା

**ରସୁଲପୁର,୧୧।୭(ଡି.ଏନ.ଏ.):** ରସୁଲପୁର ବ୍ଲକ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱ ସୁଆଁସାହି ଗାଁର ଏକ ଦଳିତ ପରିବାରଙ୍କ ଜମିକୁ ରାଜପଥ କର୍ତ୍ତୃପକ୍ଷ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। କ୍ଷତିପୂରଣ ଦେବେ ବୋଲି ମିଥ୍ୟା ପ୍ରତିଶ୍ରୁତି ଦେଇ ଏଭଳି ପଦକ୍ଷେପ ନିଆଯାଇଛି। ଯାହାକୁ ଗ୍ରାମର ଦଳିତ ପରିବାର ପକ୍ଷରୁ ଦୃଢ଼ ପ୍ରତିବାଦ କରାଯିବା ସହ ରାଜପଥ ଉପରେ ଗଣଧାରଣାରେ ଦେଇଛନ୍ତି । ଦଳିତ ପରିବାରକୁ ଠକିବାରେ ଜିଲା ପ୍ରଶାସନର ହାତ ରହିଛି । ଯାଜପୁର ଉପ-ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ତହସିଲଦାର, କୁଆଖିଆ ଥାନା ପୋଲିସକୁ ହାତବାରିସ କରି ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଦଳିତ ଲୋକଙ୍କ ଘରବାଡି ଜମିରେ ଥିବା ମୂଲ୍ୟବାନ ଗଛ ଓ ଘରକୁ ଭାଙ୍ଗିଦେଇ ଥିଲେ । ଜମିକୁ ଅକ୍ତିଆର କରିବା ପାଇଁ ରାତିଅଧିଆ ମାଟି, ବାଲି, ମୋରମ ପକାଇ ରାସ୍ତା ନିର୍ମାଣ କରିଦେଇଥିଲେ । ଯାହାକୁ ଦଳିତ ପରିବାର ସହଜରେ ଗ୍ରହଣ କରିପାରୁ ନାହାଁନ୍ତି । ଜମି ହରାଇଥିବା ଦଳିତ ପରିବାରକୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି କରିବା ସହ ଏଭଳି ଅନିୟମିତତା ପଛରେ ହାତ ରହିଥିବା ଉପ-ଜିଲାପାଳଙ୍କୁ ନିଲମ୍ବନ ଦାବି କରିଛନ୍ତି ଦଳିତ ଆଦିବାସୀ ଓ ସଂଖ୍ୟାଲଘୁ ସେଲର ଜିଲା ସଭାପତି ଗୟାଧର ମଲିକ ଓ ଜମି ହରାଇଥିବା ପରିବାର ଲୋକେ ।

# କମାରଡିହ, କଟିକଟା ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

## ପାଲଟପୁରରେ ହେବ ନିର୍ବାଚନ

**ଝୁମ୍ପୁରୀ,୧୧।୭(ଡି.ଏନ୍.ଏ.):** ଦଶରଥପୁର ବ୍ଲକ୍‌ରେ ସୋମବାର ୩ ପ୍ରାଥମିକ କୃଷି ସମବାୟ ସମିତି ସଭାପତି ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ ହୋଇଥିଲା । ସେଥିମଧ୍ୟରେ ୨ ସମବାୟ ସମିତିରେ ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ ହୋଇଥିବାବେଳେ ପାଲଟପୁରରେ ନିର୍ବାଚନ ହେବ ବୋଲି ସ୍ପଷ୍ଟ ହୋଇଛି । କମାରଡିହ ସମବାୟ ସମିତିରେ ସଭାପତି ଭାବେ ବରିଷ୍ଠ ବିଜେଡି ନେତା ଭାଗିରଥି ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ ନ କରିବାକୁ ନିର୍ବାଚନ ଅଧିକାରୀ ଅବିନାଶ ପାତ୍ର, ସାହୁଙ୍କୁ ସଭାପତି ଭାବେ ଘୋଷଣା କରିଛନ୍ତି । ସେହିପରି କଟିକଟା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ଅବସରପ୍ରାପ୍ତ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସାହୁ ଶିକ୍ଷକତା ଚାକିରୀରୁ ଅବସର ନେବା ପରେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ଅନ୍ୟକେହି ନାମାଙ୍କନପତ୍ର ଦାଖଲ କରି ନ ଥିବାରୁ ନିର୍ବାଚନ ଅଧିକାରୀ ବିରେନ୍ଦ୍ର କୁମାର ମଲ୍ଲିକ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ସଭାପତି ବୋଲି ଘୋଷଣା କରିଛନ୍ତି । ପାଲଟପୁର ସମବାୟ ସମିତିର ସଭାପତି ପଦ ପାଇଁ ସୋମବାର ନାମାଙ୍କନପତ୍ର ଦାଖଲ ହୋଇଛି । ଶାସକ ଦଳ ପକ୍ଷରୁ ପ୍ରଫୁଲ୍ଲ କୁମାର କର ନାମାଙ୍କନପତ୍ର ଦାଖଲ କରିଥିବାବେଳେ ବିରୋଧୀ ମେଣ୍ଟରୁ ସରୋଜ କୁମାର ବିଶ୍ୱାଳ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆସନ୍ତା ୧୪ରେ ଏହି ସମବାୟ ସମିତିରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ କହିଛନ୍ତି ।

# ଦିଲ୍ଲୀପ ଶତପଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ବିଞ୍ଝାରପୁର,୧୧।୭(ଡି.ଏନ.ଏ.):** ବିଞ୍ଝାରପୁର କେନ୍ଦ୍ରୀୟ କୃଷି ସମବାୟ ବ୍ୟାଙ୍କ ଲି଼ଃ ଅଧିନ ରଣପୁର ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ଭାବେ ଦିଲ୍ଲୀପ ଶତପଥୀ ସୋମବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେହିପରି ଚିକଣା ପ୍ରାଥମିକ କୃଷି ସେବା ସମବାୟର ଚାଷୀ ପର୍ଶୁରାମ କବି ସଭାପତି ପଦବୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୋମବାର ନରହରିପୁର ସେବା ସମବାୟ ସମିତିର ସଭାପତି ଭାବେ ମନୋଜ ଦାଶ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହା ପ୍ରକାଶ ପାଇବାପରେ ସମିତି ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ଶେଖ ଇର୍ସାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ,ସାମାଜିକ କର୍ମୀ ରବୀନ୍ଦ୍ର ପରିଡାଙ୍କ ସମେତ ସେବା ସମବାୟ ସମିତିର ସମସ୍ତ ସଭ୍ୟସଭ୍ୟା ଓ ଚାଷୀ ନୂତନ ସଭାପତିମାନଙ୍କୁ ସ୍ୱାଗତ କରିଛନ୍ତି ।

# ଖବରଦାତାଙ୍କୁ ସ୍କୁଲ ମନା ପ୍ରତିବାଦରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କଳିଙ୍ଗନଗର,୧୧।୭(ଡି.ଏନ.ଏ.):** ଖବରଦାତାଙ୍କୁ ସ୍କୁଲ ମନା ପ୍ରତିବାଦରେ ସୋମବାର ଯାଜପୁର ଜିଲା ସାମ୍ବାଦିକ ସଂଘର ସଦସ୍ୟମାନେ ଏକତ୍ରିତ ହୋଇ ଦାନଗଦୀ ବ୍ଲକ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ଲକ ପରିସରରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନ ଶୁଣାଣୀ ଚାଲିଥିବା ବେଳେ ଖବରଦାତାମାନେ ଭାରପ୍ରାପ୍ତ ଜିଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

ବିନା ଅନୁମତିରେ ସ୍କୁଲ ସମୟରେ କ୍ୟାମ୍ପସ ଭିତରେ ଗଣମାଧ୍ୟମର ପ୍ରତିନିଧି ପ୍ରବେଶ କରି ପାରିବେ ନାହିଁ ବୋଲ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଚିତ୍ର ନିଷ୍ପତ୍ତିକୁ ଯାଜପୁର ଜିଲା ସାମ୍ବାଦିକ ସଂଘ ଦୃଢ଼ ପ୍ରତିବାଦ କରିଛି । ଏସୟୁଜେ ସହ ସହବନ୍ଧିତ ଜିଲା ସାମ୍ବାଦିକ ସଂଘର ସଭାପତି ସୁବାସ ଧଳଙ୍କ ନେତୃତ୍ୱରେ ସୋମବାର ଗଣମାଧ୍ୟମର ପ୍ରତିନିଧିମାନେ ଦାନଗଦୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ । ଏଭଳି ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି କହିବା ସହ ତୁରନ୍ତ ଏହାକୁ ପ୍ରତ୍ୟାହାର କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ଏହି ପ୍ରତିବାଦ ସଭାରେ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ଜିଲା ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ନୀଳମାଧବ ନାୟକ, ଚିନ୍ତାମଣି ପାଢ଼ୀ, ଉମାକାନ୍ତ ରାଉତ, ପ୍ରକାଶ ରାଉତ, ରଙ୍ଗ ବଲ୍ଲଭ ସାହୁ, ବିପ୍ଳବ ବିଜୟ ପଣ୍ଡା, ପରମାନନ୍ଦ ଦାସ, ଦୁଷ୍ମନ୍ତ ଘଡାଇ, ଶୁଭାଶିଷ ରାଉତ, ପ୍ରଦୀପ କୁମାର ଜେନା, ବସନ୍ତ କୁମାର ନାୟକ, ଅକ୍ଷୟ କୁମାର ଧଳ, ଉମାକାନ୍ତ ମହାପାତ୍ର, ଅଭୟ ନାୟକ ଶଙ୍କର ପ୍ରତାପ ଦାସ, ସୁନୀଲ ଶତପଥୀ ଓ ସୁଶାନ୍ତ ଗୋଚ୍ଛାୟତ ପ୍ରମୁଖ ସାମିଲ ହୋଇଥିଲେ ।

# ଦାନଗଦୀ ବ୍ଲକରେ ଅଭିଯୋଗ ଶୁଣାଣି

## ୧୧୯ ଅଭିଯୋଗ ପତ୍ର ଦାଖଲ

**କଳିଙ୍ଗନଗର,୧୧।୭(ଡି.ଏନ୍.ଏ.)**

ସୋମବାର ଦାନଗଦୀ ବ୍ଲକରେ ଜନ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରରେ ଯାଜପୁରର ଭାରପ୍ରାପ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ । ପ୍ରଶାସନ ଲୋକମାନଙ୍କ ପାଇଁ, ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ କାର୍ଯ୍ୟକ୍ରମ ପ୍ରଶାସନର ଅଂଶ ବିଶେଷ ବୋଲି ସେ କହିଛନ୍ତି । ଶିବିରରେ ଆବାସ ଯୋଜନା, ରୋଗ ଚିକିତ୍ସା ସହାୟତା, ଭତ୍ତା ପ୍ରଦାନ ଓ ଜମିଜମା ସମ୍ବନ୍ଧୀୟ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ମୋଟ ୧୧୯ ଅଭିଯୋଗ ମଧ୍ୟରୁ ୧୧୦ ବ୍ୟକ୍ତିଗତ ଅଭିଯୋଗ ଥିଲା। ୪ ରେଡକ୍ରସ ପାଣ୍ଠିରୁ ସହାୟତା ଓ ୭ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ପଞ୍ଜିକୃତ ହୋଇଥିଲା। ୯ ଆବେଦନପତ୍ର ସାମୂହିକ ସମସ୍ୟା ସମାଧାନ ପାଇଁ ଉଦ୍ଦିଷ୍ଟ ଥିଲା। ସମସ୍ତ ଆବେଦନ ମଧ୍ୟରୁ ତତ୍କାଳ ୩୨ ଆବେଦନରେ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅଭିଯୋଗ ଶୁଣାଣୀ ଶିବିରରେ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପି. ଆର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ, ଜିଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ତିଳୋତ୍ତମା ପୃଷ୍ଟି, ଦାନଗଦୀ ବିଡିଓ ମଣି ପ୍ରସାଦ ମିଶ୍ର ଏବଂ ତହସିଲଦାର ନମ୍ରତା ମୋଦୀ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବିନ୍ଦ୍ର ନାଥ ବେହେରା, ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା, ଜିଲା ସମାଜ କଲ୍ୟାଣ ଅଧିକାରୀ ସୁବାସ ଚନ୍ଦ୍ର ସାମଲ, ବ୍ଲକସ୍ତରୀୟ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।


ଜନଶୁଣାଣି ଶିବିରରେ ପ୍ରଶାସନିକ ଅଧିକାରୀ ଓ ଅଭିଯୋଗକାରୀ।

ଧରିତ୍ରୀ
DHARITRI
ବରିଷ୍ଠ ଖବରଦାତା ଆବଶ୍ୟକ
କଟକ ସହର ଲାଗି ବରିଷ୍ଠ ଖବରଦାତା ଆବଶ୍ୟକ। ପ୍ରାର୍ଥୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୩ ସହ ଖବରଦାତା ଭାବେ ସର୍ବନିମ୍ନ ୫ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
**ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।**
ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।
Email: recruitment@dharitri.com



> ଯେ ସେହି ସତ୍ୟ ଶିବ ସୁନ୍ଦର ଭଗବାନଙ୍କୁ କୁତ୍ସିତ ଓ ସୟତାନ ଭିତରେ ବି ଦେଖିପାରେ ଏବଂ ସେମାନଙ୍କ ପ୍ରତି ପ୍ରେମାନୁଭୂତିରେ ସେମାନଙ୍କୁ କୁତ୍ସିତତା ଓ ସୟତାନୀ କବଳରୁ ମୁକ୍ତ କରିବାକୁ ସଂକଳ୍ପ କରେ– ତେବେ ତାକୁଇ ଆମେ ଯଥାର୍ଥ ସୁଗୁଣବନ୍ତ ଓ ନୀତିବାନ ବ୍ୟକ୍ତି ବୋଲି କହିବା। –ଶ୍ରୀଅରବିନ୍ଦ



# ଭାରତ ନଂ.୧

ଆସନ୍ତା ୨୦୨୩ କେବଳ ଆଉ ଏକ ନୂଆବର୍ଷ ହେବ ନାହିଁ, ଏହା ଭାରତୀୟଙ୍କ ପାଇଁ ଏକ ଉଲ୍ଲାସର ବାର୍ତ୍ତା ନେଇ ଆସିବ। ଯାହା କିଛି ବର୍ଷ ପୂର୍ବରୁ ଜାଣିଥିଲୁ ତାହାକୁ ଜାତିସଂଘ ତରଫରୁ ଏବେ ବିଧିବଦ୍ଧ ସ୍ୱୀକୃତି ମିଳିଛି। ଜୁଲାଇ ୧୧ ବିଶ୍ୱ ଜନସଂଖ୍ୟା ଦିବସ ଉପଲକ୍ଷେ ଜାତିସଂଘର ଅର୍ଥନୈତିକ ଓ ସାମାଜିକ ବ୍ୟାପାର (ଜନସଂଖ୍ୟା ଶାଖା) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି, ୨୦୨୩ ବେଳକୁ ଭାରତର ଜନସଂଖ୍ୟା ଚାଇନାକୁ ଅତିକ୍ରମ କରିଯିବ। ଏଥିରେ ଆହୁରି କୁହାଯାଇଛି, ଚଳିତବର୍ଷ ନଭେମ୍ବରକୁ ବିଶ୍ୱ ଜନସଂଖ୍ୟା ୮୦୦ କୋଟି ଏବଂ ୨୦୮୦ ବେଳକୁ ଏହା ଏକ ହଜାର କୋଟି ଅତିକ୍ରମ କରିଯାଇଥିବ। ଜନସଂଖ୍ୟା ଅଭିବୃଦ୍ଧି ହାର ହ୍ରାସ ନ ପାଇଲେ ଏଭଳି ପ୍ରଦର୍ଶିତ ପରିସଂଖ୍ୟାନ ବାସ୍ତବରେ ପରିଣତ ହୋଇପାରେ।

ସରକାରୀ ଭାବେ କୁହାଯାଉଛି ଭାରତର ଜନସଂଖ୍ୟା ୧୪୧ କୋଟି ଅତିକ୍ରମ କରିଥିବା ବେଳେ ଚାଇନାର ୧୪୨ କୋଟି ଉପରେ ରହିଛି। କିନ୍ତୁ ଭାରତୀୟମାନେ ଏହି ଗୋଟିଏ କୋଟିର ତଫାତ୍‌କୁ ହସିକରି ଉଡ଼ାଇ ଦେଇପାରିବେ। ଭାରତୀୟଙ୍କ ପାଇଁ ୧ କୋଟି ନୂତନ ସନ୍ତାନ ବଡ଼ କଥା ନୁହେଁ। ତେବେ ଚାଇନାର ଜନସଂଖ୍ୟା ବିସ୍ଫୋରଣ ଆକାର ଧାରଣ କରିବାରୁ ଏହା ୧୯୮୦ରେ ଗୋଟିଏ ମାତ୍ର ସନ୍ତାନ ନୀତି ଆପଣାଇଥିଲା। ହେଲେ ୨୦୧୫ ବେଳକୁ ଦେଖାଗଲା ସେଠାରେ ବୟସ୍କଙ୍କ ସଂଖ୍ୟା ବଢ଼ିଯାଉଛି। ସେଥିପାଇଁ ବେଜିଂ ଅକ୍ଟୋବର ୨୦୧୫ରେ ଦୁଇ ସନ୍ତାନ ନୀତି ଆପଣାଇଲା। ହେଲେ ଜନସାଧାରଣଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ଆର୍ଥିକ ଦିଗକୁ ଦେଖି ଦୁଇ ସନ୍ତାନ ଜନ୍ମ କଲେ ନାହିଁ। ଜନ୍ମହାର କମିଯାଉଥିବା ଦେଖି ପୁନଶ୍ଚ ୨୦୨୧ରେ ଚାଇନା ତିନି ସନ୍ତାନ ନୀତି ପ୍ରଣୟନ କରିବା ସହ ଏଥିଲାଗି ଦମ୍ପତିଙ୍କୁ ପ୍ରୋତ୍ସାହନ ଦିଆଯିବା ବିଷୟ ଘୋଷଣା କରିଥିଲା। ତଥାପି ଚାଇନାର ଜନ୍ମହାର କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ସମ୍ଭବତଃ ଏସବୁ ପାଇଁ ଚାଇନା ଓ ଭାରତ ମଧ୍ୟରେ ଜନସଂଖ୍ୟାକୁ ନେଇ ଯେଉଁ ବୃହତ୍ ଫାଙ୍କ ଥିଲା, ତାହା ଧୀରେ ଧୀରେ କମିଆସିଲା। ଏବେ ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ହେବାକୁ ଯାଉଛି। ମନେରଖିବାକୁ ହେବ ଯେ, ଭାରତ ତୁଳନାରେ ଚାଇନାର ଭୌଗୋଳିକ କ୍ଷେତ୍ର ପ୍ରାୟ ୩ ଗୁଣା ଅଧିକ। ଏହାବ୍ୟତୀତ ଭାରତର ସୀମାନ୍ତ ଅଞ୍ଚଳରୁ ଅନେକ ଅଂଶ ଚାଇନା ମାଡ଼ିବସିଥିବା ହେତୁ ଏହି ବ୍ୟବଧାନ ଅଣାନୁଷ୍ଠାନିକ ଭାବେ ଅଧିକ।

> ମାଗଣା ସୁବିଧା ସୁଯୋଗଗୁଡ଼ିକୁ ଭେଣ୍ଡିଆମାନେ ହାତେଇ ନେଇ ମାଦଳ ହୋଇ ପଡ଼ି ରହିବାକୁ ପସନ୍ଦ କରୁଛନ୍ତି। ଦୋଷ ଭୋଟବ୍ୟାଙ୍କ ସୃଷ୍ଟି କରିବାର ଉଦ୍ୟମର ନୁହେଁ, ଦୁର୍ବଳତା ଆମ ସମସ୍ତଙ୍କର ଅଳସୁଆମି।

ଗୋଟିଏ ଦେଶର ଜନସଂଖ୍ୟା ତା'ର ସମ୍ବଳ ଭାବେ ଗଣାଯିବା କଥା। କିନ୍ତୁ ଯେଉଁ ସମ୍ବଳ ମୂଲ୍ୟଯୁକ୍ତ ହୋଇ ଦେଶର ପ୍ରଗତିରେ ସହାୟକ ହେବ ନାହିଁ, ତାହା ରାଷ୍ଟ୍ର ପାଇଁ ସମ୍ବଳ ପରିବର୍ତ୍ତେ ବୋଝ ହେବା ସୁନିଶ୍ଚିତ। ଅର୍ଥଶାସ୍ତ୍ରରେ କୁହାଯାଇଥାଏ ଦମ୍ପତିଙ୍କର ଏକାଧିକ ସନ୍ତାନ ଥିଲେ ସେମାନେ ପରିବାର ପାଇଁ ଅଧିକ ଅର୍ଥ ଉପାର୍ଜନ କରିଥାଆନ୍ତି ଓ ସୁରୁଖୁରୁରେ ଚଳିଥାଆନ୍ତି। ବାସ୍ତବରେ ଯଦି ପିଲାମାନେ ଉଦ୍ୟମୀ ଓ ଉପାର୍ଜନକ୍ଷମ ହୋଇ ନ ଥିବେ, ତାହା ହେଲେ ସେମାନଙ୍କ ସଂଖ୍ୟା ପରିବାରକୁ ଆର୍ଥିକ କ୍ଷତିରେ ପହଞ୍ଚାଇବ। ପୁଣି ବୈଷୟିକ ଦିଗରୁ ଦେଖିଲେ ନୂଆଦିଲ୍ଲୀଠାରୁ ବେଜିଂ ଯଥେଷ୍ଟ ଆଗରେ। ତେଣୁ ମାନବ ସମ୍ବଳକୁ ପରିଚାଳନା କରିବାରେ ଭାରତ ବାରମ୍ବାର ବିଫଳ ହୋଇଆସୁଛି। ଗତ କିଛିବର୍ଷ ହେବ ବେକାର ଯୁବତୀଯୁବକଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଏହି ଚିନ୍ତା ଆହୁରି ତୀବ୍ର ରୂପ ଧାରଣ କରିଛି। ଏହାବ୍ୟତୀତ ଭାରତର କେତେକ ଶାସକ ବାରମ୍ବାର କହୁଛନ୍ତି ଯେ, ଅଧିକ ସନ୍ତାନ ଜନ୍ମକରିବା ଆବଶ୍ୟକ। ନଚେତ୍ ମୁସଲମାନ ସମ୍ପ୍ରଦାୟ ହିନ୍ଦୁଙ୍କଠାରୁ ଅଧିକ ହୋଇଯିବେ। ଏଭଳି ମିଛ ଉପରେ ଆଧାରିତ ପ୍ରତିଯୋଗିତା ସୃଷ୍ଟି କରାଇବା ପଛରେ ଦେଶର ଅଧିକ କ୍ଷତି ଘଟୁଛି।

ଅର୍ଥନୀତିଜ୍ଞ ମାଲ୍‌ଥୁସ୍‌ଙ୍କ କହିବା ଅନୁଯାୟୀ ଅଧିକ ଜନସଂଖ୍ୟାର ଅର୍ଥ ହେଉଛି କାର୍ଯ୍ୟ କରିବା ପାଇଁ ଅଧିକ ହାତ ମିଳିବେ। କିନ୍ତୁ ବିଚରା ମାଲ୍‌ଥୁସ୍ ଭାରତୀୟଙ୍କ ସଂସ୍ପର୍ଶରେ କେବେ ହେଲେ ଆସି ନ ଥିଲେ। ବୃଦ୍ଧ ହେବା ପର୍ଯ୍ୟନ୍ତ ଯଦି ସମ୍ଭବପର ହେଉଛି ତେବେ ଅନେକ ଭାରତୀୟ ମାତାପିତାଙ୍କ ଉପରେ ବୋଝ ହୋଇ ଜୀବନଯାପନ କରିବାକୁ ଚାହାନ୍ତି। ଏହିଭଳି ମାନସିକତା ପୋଷଣ କରୁଥିବା ଜାତିକୁ ବୁଝି ରାଜନେତାମାନେ ସବୁ ପ୍ରକାର ମାଗଣା ସୁବିଧା ଓ ସୁଯୋଗ ଦେବାର ବ୍ୟବସ୍ଥା କରିଚାଲିଛନ୍ତି। ଏହା ସ୍ୱୀକାରଯୋଗ୍ୟ ଯେ, ଏକ ଜନମଙ୍ଗଳ ରାଷ୍ଟ୍ରରେ କେହି ଭୋକ ଉପାସରେ ରହି ମୃତ୍ୟୁମୁଖରେ ପଡ଼ିବା କଥା ନୁହେଁ। ସେଥିପାଇଁ ଅତି ଗରିବଙ୍କୁ ସାମାଜିକ ଓ ଆର୍ଥିକ ନିରାପତ୍ତା ମିଳିବା ଅତ୍ୟନ୍ତ ଆବଶ୍ୟକ। ତାହା ଯୋଗାଉଥିବା ସରକାର ନିଶ୍ଚିତ ଭାବେ ଉଚ୍ଚକୋଟୀର କାର୍ଯ୍ୟ କରୁଛନ୍ତି। କିନ୍ତୁ ସେହି ସୁବିଧା ସୁଯୋଗଗୁଡ଼ିକୁ ଭେଣ୍ଡିଆମାନେ ହାତେଇ ନେଇ ମାଦଳ ହୋଇ ପଡ଼ି ରହିବାକୁ ପସନ୍ଦ କରୁଛନ୍ତି। ଦୋଷ ଭୋଟବ୍ୟାଙ୍କ ସୃଷ୍ଟି କରିବାର ଉଦ୍ୟମର ନୁହେଁ, ଦୁର୍ବଳତା ଆମ ସମସ୍ତଙ୍କର ଅଳସୁଆମି।

# ଶ୍ରୀଲଙ୍କା ଜନବିଦ୍ରୋହ ଅନ୍ତରାଳେ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ଶନିବାର ଶ୍ରୀଲଙ୍କାରେ ଏକ ଅଭୂତପୂର୍ବ ଗଣବିଦ୍ରୋହ ଦେଖିବାକୁ ମିଳିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାରେ ଲୋକ ଆସି ରାଜଧାନୀ କଲମ୍ବୋରେ ରାଷ୍ଟ୍ରପତି ଭବନ ଓ ସଂସଦକୁ ଏକରକମ ଦଖଲ କରି ନେଇଛନ୍ତି। ପ୍ରଧାନମନ୍ତ୍ରୀ ରନିଲ ୱିକ୍ରମସିଂଘେଙ୍କ ବାସଭବନରେ ନିଆଁ ଲଗାଇ ଦେଇଛନ୍ତି। ପରିସ୍ଥିତି ଏତେ ଭୟାନକ ହୋଇଛି ଯେ ସେଠାକାର ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେ ଦେଶ ଛାଡ଼ି ବାହାରକୁ ଚାଲିଯିବାକୁ ବାଧ ହୋଇଛନ୍ତି। ଜନବିଦ୍ରୋହରେ ଭୟଭୀତ ହୋଇ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଇସ୍ତଫା ଦେବାକୁ ଘୋଷଣା କରିଥିବା ବେଳେ ଦେଶକୁ ରାଜନୈତିକ ସଙ୍କଟରୁ ଉଦ୍ଧାର କରିବା ପାଇଁ ଏକ ସର୍ବଦଳୀୟ ସରକାର ଗଠନର ଉଦ୍ୟମ ଆରମ୍ଭ ହୋଇଛି।

ଶ୍ରୀଲଙ୍କାର ବୈଦେଶିକ ମୁଦ୍ରାଭଣ୍ଡାରରେ ବିଦେଶୀ ମୁଦ୍ରାର ଅଭାବ ଯୋଗୁ ବିଦେଶରୁ ପେଟ୍ରୋଲଜାତ ଦ୍ରବ୍ୟ, ଖାଦ୍ୟଶସ୍ୟ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷର ଆମଦାନୀ ପ୍ରାୟତଃ ବନ୍ଦ ହୋଇଯାଇଛି। ଫଳରେ ସେଠାରେ ଖାଦ୍ୟଶସ୍ୟ, ଜାଳେଣି ଓ ଔଷଧପତ୍ରର ଘୋର ଅଭାବ ଦେଖାଦେଇଛି। ବଜାରରେ ଯାହା ବି ଜିନିଷ ମିଳୁଛି ତାକୁ ପାଇବା ପାଇଁ ଲୋକଙ୍କୁ ଘଣ୍ଟା ଘଣ୍ଟା ଧରି ଲମ୍ବା ଲାଇନରେ ଠିଆ ହେବାକୁ ପଡୁଛି। ସଙ୍କଟ ଏତେ ଖରାପ ସ୍ଥିତିରେ ପହଞ୍ଚିଛି ଯେ ପେଟ୍ରୋଲ ଟାଙ୍କି ଠାରୁ ଆରମ୍ଭକରି ଔଷଧ ଦୋକାନ ପର୍ଯ୍ୟନ୍ତ ସବୁଠି ସେନା ମୁତୟନ କରିବାକୁ ପଡୁଛି। ଶକ୍ତି ସଙ୍କଟ ଏତେ ଉତ୍କଟ ହୋଇଛି ଯେ ଦୈନିକ ହାରାହାରି ୩-୪ ଘଣ୍ଟା ହିଁ ବିଦ୍ୟୁତ୍ ଉପଲବ୍ଧ ହେଉଛି ଏବଂ ବିଦ୍ୟୁତ୍ ଅଭାବରୁ ସେଠାକାର କଳକାରଖାନା ସବୁ ନିଜର ଉତ୍ପାଦନ ପ୍ରାୟତଃ ବନ୍ଦ କରିବାକୁ ବାଧ ହୋଇଛନ୍ତି। ଦେଶରେ ଔଷଧପତ୍ର ଅଭାବରେ ଲୋକେ ଅକାଳରେ ପ୍ରାଣ ହରାଉଛନ୍ତି।

୨୦୦୯-୧୨ ମଧ୍ୟରେ ୮-୯ % ବିକାଶ ଦର ସହିତ ଶ୍ରୀଲଙ୍କାର ଅର୍ଥନୀତି ଭଲ ଅବସ୍ଥାରେ ରହିଥିଲା। ଚା, ରବର ଓ କପଡ଼ା ରପ୍ତାନିରେ ଏହା ବିଶ୍ୱର ଏକ ଅଗ୍ରଣୀ ଦେଶ ଥିଲା। ତେବେ ଆର୍ଥିକ ଭାବେ ସମୃଦ୍ଧ ହେଲେ ବି ଏହାର ଅର୍ଥନୀତି ସ୍ୱୟଂସମ୍ପୂର୍ଣ୍ଣ ନ ଥିଲା। ଦେଶର ଖାଦ୍ୟ ଆବଶ୍ୟକତାର ସିଂହଭାଗଟି ଦେଶ ଭିତରୁ ପୂରଣ ହେଉଥିବା ବେଳେ ବଳକା ବିଦେଶରୁ ଆମଦାନୀ ଉପରେ ନିର୍ଭର କରୁଥିଲା। ପର୍ଯ୍ୟଟନ ସାଙ୍ଗକୁ ଚା', କଫି ତଥା କପଡ଼ାର ରପ୍ତାନି ଦେଶର ଆୟର ମୁଖ୍ୟସ୍ରୋତ ହୋଇଥିବା ବେଳେ ପଶ୍ଚିମ ଏସିଆରେ କାର୍ଯ୍ୟରତ ଦେଶର ଶ୍ରମିକମାନେ ବି ବୈଦେଶିକ ମୁଦ୍ରା ଆୟର ଏକ ବଡ଼ ସ୍ରୋତ ହୋଇ ଆସିଛନ୍ତି। ତେବେ କୋଭିଡ୍ ମହାମାରୀ ପର୍ଯ୍ୟଟନ ସମେତ ତା'ର ରପ୍ତାନିଭିତ୍ତିକ ଅର୍ଥନୀତିକୁ ଏକଦମ ଧ୍ୱଂସ କରିଦେଲା। ଏଭଳି ପରିସ୍ଥିତିରେ ଦେଶର ବୈଦେଶିକ ମୁଦ୍ରାଭଣ୍ଡାର ହ୍ରାସ ପାଇବା ସହ ଡଲାର ଅଭାବରେ ସେମାନେ ନିଜର ଆବଶ୍ୟକୀୟ ଜାଳେଣି, ଖାଦ୍ୟଶସ୍ୟ ଓ ଔଷଧ ପରି ଜରୁରୀ ଜିନିଷକୁ ଆମଦାନୀ କରିବା ଅସମ୍ଭବ ହୋଇପଡ଼ିଲା।



ଶ୍ରୀଲଙ୍କାର ସଙ୍କଟ ପାଇଁ ଦେଶର ବିପୁଳ ବିଦେଶୀ ଋଣଭାର ଦାୟୀ, ଯାହାକି ଲଗାତର ବୃଦ୍ଧି ପାଇ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ମୋଟ ଋଣଭାର ଭାରତୀୟ ଟଙ୍କାରେ ୩.୭୫ ଲକ୍ଷ କୋଟିରେ ପହଞ୍ଚିଛି ଯାହାକି ଦେଶର ଜିଡିପି ତୁଳନାରେ ଅନୁପାତ୧୧୯ % ରହିଛି। ତେବେ ଦେଶର ମୋଟ ବୈଦେଶିକ ଋଣର ୪୭% ଖୋଲାବଜାରରୁ ଉଠାଯାଇଥିବା ବେଳେ ୧୩ % ଏସୀୟ ବିକାଶ ବ୍ୟାଙ୍କରୁ ଏବଂ ବଳକା ଜାପାନ (୧୦%), ଚାଇନା (୧୦%), ବିଶ୍ୱବ୍ୟାଙ୍କ (୧୦%) ଓ ଭାରତ (୨%) ଆଦି ଦେଶର ରହିଛି। ଆର୍ଥିକ ସଙ୍କଟ ଯୋଗୁ ସେଠାକାର ମୁଦ୍ରାର ବ୍ୟାପକ ଅବମୂଲ୍ୟାୟନ ହୋଇଛି। ଗତ ମାର୍ଚ୍ଚରେ ଡଲାର ତୁଳନାରେ ତାହା ୨୦୦ ଟଙ୍କା ଥିଲା ବେଳେ ଗତ କିଛି ମାସ ମଧ୍ୟରେ ତାହା ୮୨% ହ୍ରାସ ପାଇ ଏବେ ୩୬୩ ଟଙ୍କାରେ ପହଞ୍ଚିଛି। ଦରବୃଦ୍ଧି ହାର ଗତ ବର୍ଷ ତୁଳନାରେ ୧୩ % ବୃଦ୍ଧି ପାଇ ୧୮%ରେ ପହଞ୍ଚିଛି। ଗତ ମାସ ସୁଦ୍ଧା ସେଠାକାର ମୁଦ୍ରାଭଣ୍ଡାରରେ ମାତ୍ର ୧୬,୦୦୦ କୋଟି ଟଙ୍କା ରହିଥିବା ବେଳେ ଚଳିତ ବର୍ଷ ଋଣ ବାବଦରେ ମୋଟ ୫୬,୦୦୦ କୋଟି ଟଙ୍କାର ବୈଦେଶିକ ଋଣ ପରିଶୋଧ ପାଇଁ ରହିଛି। ସେଥିମଧ୍ୟରୁ ପ୍ରାୟ ୮ ହଜାର କୋଟି ଟଙ୍କାର ଋଣ ବଣ୍ଡ୍‌କୁ ଚଳିତ ଜୁଲାଇରେ ଶୁଝାଯିବାର ରହିଛି। ଦେଶର ମୋଟ ଆୟ ୧୨ ନିୟୁତ ଡଲାର ହୋଇଥିବା ବେଳେ ଖର୍ଚ୍ଚ ୨୨ ନିୟୁତ ଡଲାରରେ ପହଞ୍ଚିଛି।

ଶ୍ରୀଲଙ୍କାର ରାଜନୀତି ଓ ଶାସନରେ ରାଜପାକ୍ସେ ପରିବାରର ଏକାଧିପତ୍ୟ ମୂଳରେ ରହିଛି ସିଂହଳୀ ଜାତୀୟତାବାଦର ରାଜନୀତି। ସର୍ବପ୍ରଥମେ ସଂଖ୍ୟାଲଘୁ ତାମିଲଙ୍କ ନିଧନ ଅଭିଯାନରୁ ଆରମ୍ଭ ହୋଇଥିବା ଏହି ସାମ୍ପ୍ରଦାୟିକ ଜାତୀୟତାବାଦ ପରେ ମୁସଲମାନ ଓ ଖ୍ରୀଷ୍ଟିଆନଙ୍କ ପରି ଅନ୍ୟ ସଂଖ୍ୟାଲଘୁଙ୍କୁ ନିଜର ଲକ୍ଷ୍ୟବସ୍ତୁ କରିଛି। ଆମ ଦେଶ ପରି ସେଠାରେ ମଧ୍ୟ ଗତ କିଛି ବର୍ଷ ଧରି ସରକାରୀ ପୃଷ୍ଠପୋଷକତାରେ ସଂଖ୍ୟାଲଘୁ ବିରୋଧୀ ଉଗ୍ର ସିଂହଳୀ ଜାତୀୟତାବାଦୀ ରାଜନୀତିକୁ ଶକ୍ତିଶାଳୀ କରାଯାଇଛି। ବୌଦ୍ଧ ମୌଳବାଦୀଙ୍କ ଚାପରେ ସରକାର ଦେଶରେ ହଲାଲ ଓ ହିଜାବ୍‌କୁ ବେଆଇନ କରିଛନ୍ତି। ସରକାରଙ୍କ ପ୍ରୋତ୍ସାହନରେ ସଂଖ୍ୟାଲଘୁମାନଙ୍କ ମସ୍‌ଜିଦ୍ ଓ ଚର୍ଚ୍ଚ ଉପରେ ଲଗାତର ଆକ୍ରମଣ ହୋଇଛି। ତେବେ ଲୋକେ ଏଭଳି ସାମ୍ପ୍ରଦାୟିକ ବିଦ୍ୱେଷ ଓ ହିଂସାରେ ମାତିଥିବା ବେଳେ ରାଜପାକ୍ସେଙ୍କ ଜନବିରୋଧୀ ନୀତି ଦେଶର ଅର୍ଥନୀତି ସହ ଦେଶବାସୀଙ୍କୁ କାଙ୍ଗାଳ କରି ଦେଇଛି।

ଶ୍ରୀଲଙ୍କାର ଅର୍ଥନୈତିକ ସଙ୍କଟ ପାଇଁ ବେଶି ଦାୟୀ ହେଉଛି ସେଠାକାର ସରକାରଙ୍କ ନବଉଦାର ଅର୍ଥନୀତି ଏବଂ ଏକଚ୍ଛତ୍ରବାଦୀ ଶାସନ ନୀତି। ରାଜପାକ୍ସେଙ୍କ ସରକାର ଫାସିବାଦୀ ନୀତିରେ ଦେଶର ଶ୍ରମିକ ଓ କୃଷକଙ୍କ ଆନ୍ଦୋଳନ ସହ ସମସ୍ତ ପ୍ରକାର ଭିନ୍ନମତକୁ ଦମନ କରି ଆସିଛନ୍ତି। ତରବରିଆ ଭାବେ ବିନା କୌଣସି ପୂର୍ବ ପ୍ରସ୍ତୁତିରେ କୃଷକଙ୍କ ମତାମତ ନ ନେଇ ସରକାର ଦେଶକୁ ସମ୍ପୂର୍ଣ୍ଣ ଜୈବିକ କରିବା ନାଁରେ ରାସାୟନିକ ସାର ଓ କୀଟନାଶକର ବ୍ୟବହାରକୁ ନିଷିଦ୍ଧ ଘୋଷଣା କରିଛନ୍ତି। ଏହା କୃଷିକୁ ଭୟଙ୍କର ସଙ୍କଟ ଭିତରକୁ ଠେଲିଦେଇଛି ଓ କୃଷି ଉତ୍ପାଦନରେ ୨୦ % ହ୍ରାସ ପାଇଛି। ଏହାବ୍ୟତୀତ ରାଜପାକ୍ସେଙ୍କ ଶାସନ କାଳରେ ସରକାରୀ ସମ୍ପତ୍ତିର ଘରୋଇକରଣ ସହ ଦେଶର ସ୍ୱଚ୍ଛଳ ବର୍ଗଙ୍କୁ ବିପୁଳ ଆର୍ଥିକ ଅନୁକମ୍ପା ପ୍ରଦର୍ଶନ କରାଯାଇଛି। ଲୋକଙ୍କ ଉପରେ ଟିକସ ବୋଝ ବଢ଼ାଯାଇଛି। ୨୦୧୯ରେ ପୁଣିଥରେ କ୍ଷମତାକୁ ଆସିବା ପରେ ରାଜପାକ୍ସେ ଦେଶର ଧନୀମାନଙ୍କ ଉପରେ ପୂର୍ବରୁ ରହିଥିବା ୨% ଜାତୀୟ ନିର୍ମାଣ ଟିକସକୁ ଉଚ୍ଛେଦ କରିବା ସହ ସେମାନଙ୍କ ସମ୍ପତ୍ତି କରକୁ ହ୍ରାସ କରିଛନ୍ତି। ବ୍ୟବସାୟୀମାନଙ୍କୁ ଖୁସି କରିବାକୁ ଭାଟ୍‌ର ହାରକୁ ୧୫% ରୁ ୮%କୁ ହ୍ରାସ କରିଥିବା ବେଳେ ଦେଶର ଧର୍ମାନୁଷ୍ଠାନଗୁଡ଼ିକୁ ସମ୍ପୂର୍ଣ୍ଣ କରମୁକ୍ତ କରିଛନ୍ତି। ସରକାରଙ୍କ ଏଭଳି ଧନୀ ଓ କର୍ପୋରେଟ୍ ସପକ୍ଷବାଦୀ ନୀତି ଲାଗି ଦେଶର ମୋଟ ଟିକସର ହାର ଜିଡିପିର ୯%କୁ ହ୍ରାସ ପାଇଥିବା ବେଳେ ଲୋକଙ୍କ ପାଇଁ ଖର୍ଚ୍ଚ କରିବାକୁ ଅର୍ଥର ଅଭାବ ଦେଖାଯାଇଛି।

ଶ୍ରୀଲଙ୍କାର ସଂଖ୍ୟାଗରିଷ୍ଠ ସିଂହଳୀ ଜନତା ଧାର୍ମିକ ଘୃଣା ଉପରେ ଆଧାରିତ ଜାତୀୟତାବାଦରୁ ଊର୍ଦ୍ଧ୍ୱକୁ ଯାଇ ବର୍ତ୍ତମାନ ନିଜର ତଥା ଦେଶର ଅର୍ଥନୀତିକୁ ବଞ୍ଚାଇବା ପାଇଁ ଆଗେଇ ଆସିଛନ୍ତି। ସେମାନେ ସେଠାକାର ଏକଚ୍ଛତ୍ରବାଦୀ ତଥା ଲୁଟେରା ରାଜପାକ୍ସେ ପରିବାର ସହିତ ସେମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଜନବିରୋଧୀ ଏବଂ ଦେଶ ବିରୋଧୀ ନୀତିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି। ବିଶ୍ୱବାସୀ ବି ଶ୍ରୀଲଙ୍କାର ଏହି ସଙ୍କଟ ସମୟରେ ସହଯୋଗର ହାତ ବଢ଼ାଇବା ସହିତ ସେଠାକାର ସ୍ଥିତିରୁ ଶିକ୍ଷା ନେବା ଜରୁରୀ ହୋଇପଡ଼ିଛି।

ମୋ : ୯୪୩୭୧୬୬୩୯୧

# ମାଗି ଓଲଗି



ରଞ୍ଜନ କୁମାର ଦାସ

ଅନ୍ନମୟ ପ୍ରାଣ। ବିନା ଖାଦ୍ୟରେ ଦେହ ଧାରଣ କରି ରହିବା ଅସମ୍ଭବ। ତେଣୁ ମଣିଷ ହେଉ ବା ପ୍ରାଣୀ ତାକୁ ବଞ୍ଚିବାକୁ ହେଲେ ଖାଦ୍ୟ ଗ୍ରହଣ କରିବାକୁ ପଡ଼େ। ମାତ୍ର ଯିଏ ଯେତେ ସମ୍ଭ୍ରମ ଭାବରେ ଖାଦ୍ୟ ଗ୍ରହଣ କରେ ସେ ସେତେ ସଭ୍ୟ ଓ ଶିକ୍ଷିତ ରୂପେ ପରିଗଣିତ ହୁଏ। ଆଦିମ ମଣିଷ କଞ୍ଚାମାଂସ ଖାଉଥିଲା। ବାଘ,ସିଂହଠାରୁ ଆରମ୍ଭକରି ଶୃଗାଳ, କୁକୁର, କଟାଶ ଯାଏ ସମସ୍ତେ ଅନ୍ୟକୁ ମାରି ମାଂସ ଖାଇଯାଆନ୍ତି। ତେଣୁ ସେମାନଙ୍କ ପଶୁତୁଲ୍ୟ ବ୍ୟବହାର ପାଇଁ ସେମାନେ ଘୃଣ୍ୟ ବିବେଚିତ ହୁଅନ୍ତି। ଯେଉଁ ମଣିଷ ଏମାନଙ୍କ ଭଳି ଆଚରଣ କରେ ସେ ବି ଘୃଣ୍ୟ ବିବେଚିତ ହୁଅନ୍ତି। ଋଷିଙ୍କର ଖାଦ୍ୟ ଦରକାର, ପଶୁର ବି ଖାଦ୍ୟ ଦରକାର। ମାତ୍ର ଋଷି ଗଛକୁ ମାରି ଫଳ ଖାଆନ୍ତିନାହିଁ। ଅତି ଯତ୍ନରେ ଫଳ ତୋଳି ଖାଆନ୍ତି। ଗଛକୁ ବଞ୍ଚେଇ ରଖିବାକୁ ସେଥିରେ ଖତ, ସାର, ମାଟି, ପାଣି ସବୁ ଦିଅନ୍ତି। ତେଣୁ ଗଛ ତାଙ୍କ ପାଇଁ ଶ୍ରଦ୍ଧାରେ ଆହୁରି ଆହୁରି ଫଳ ଫଳାଏ। ମାତ୍ର ହିଂସ୍ର ପଶୁଟିଏ ଅନ୍ୟ ଏକ ପଶୁକୁ ମାରି ଖାଇଯାଏ। ଖାଦ୍ୟ ଗ୍ରହଣ ପ୍ରକ୍ରିୟାରେ ତା'ର ଶ୍ରଦ୍ଧା, ସମବେଦନା ବା ସମ୍ଭ୍ରତା ନ ଥାଏ। ତେଣୁ ସେ କେବେ ଆଦରଣୀୟ ହୁଏନା। ଘରେ ସେମିତି ଯିଏ ହାତ ପୂରେଇ ହାଣ୍ଡିରୁ ଖାଏ ସେ ଚୋର ଭଳି ବିଚାର୍ଯ୍ୟ ହୁଏ। ତାକୁ ସମସ୍ତେ ଛେଇଛେଇ କରନ୍ତି। ମାତ୍ର ଯେଉଁ ଅତିଥି ନାହିଁ ନାହିଁ କରୁଥାଏ ଆମେ ତାକୁ ବଳେଇ ବଳେଇ ଖୁଆଉ। ଜଣେ ନାହିଁ ନାହିଁ କରୁଥିବ, ତାକୁ ବଳେଇ ବଳେଇ ଖୁଆଉଥିବ ସେଥିରେ ଯେଉଁ ମଜା, ମାଗି ଖାଇବାରେ, ଛଡ଼େଇ ଖାଇବାରେ ସେ ମଜା ନ ଥାଏ। ଆଗେ ଗାଁଗହଳରେ ଭୋଜିରେ ସମସ୍ତେ ଧାଡ଼ିକରି ପଙ୍ଗତରେ ବସୁଥିଲେ। ଖାଦ୍ୟ ସମ୍ମାନର ସହ ବାଢ଼ି ଦିଆହେଉଥିଲା। ଅନେକ ଲୋକଙ୍କୁ ଭୋଜିରେ ନିଜ ପାଇଁ ମାଗିବାକୁ ଲାଜ ଲାଗିଥାଏ ବା ଭଲ ଲାଗି ନ ଥାଏ। ତାଙ୍କ ପାଇଁ ପାଖଲୋକ କେହି ମାଗି ଦେଉଥିଲା। ମାତ୍ର ଭୋଜି ଭାତରେ ବଫେ ସିଷ୍ଟମ ଆରମ୍ଭ ହେଲା ଦିନଠୁ ସେ ମୁଖଲଜ୍ଜା ଆମେ ଛାଡ଼ି ସାରିଛେ। ଖାଇବା ପାଇଁ ଥାଳି ପତେଇ ଲାଇନ କରି ଠିଆହେବାକୁ ପଡୁଛି। ଏବେ ବି ଗାଁ ଗହଳରେ ଅନେକ ସ୍ୱାଭିମାନୀ ବୟସ୍କ ଲୋକ ଅଛନ୍ତି ଯେଉଁମାନେ ଏ ବଫେ ଭୋଜିରେ ଖାଇବାକୁ ସମ୍ମାନହାନି କାରକ ବୋଲି ଭାବନ୍ତି। ମାଗିଖିଆ ଭଳି କିଏ ଯାଇ ଥାଳି ଧରି ଠିଆ ହୋଇ ଖାଇବାକୁ ମାଗିବ ବୋଲି ସେମାନେ ଆଧୁନିକ ଭୋଜିକୁ ଯାଆନ୍ତି ନାହିଁ।

ଦେହ ପାଇଁ ଯେମିତି ଖାଦ୍ୟ ଦରକାର ମନ ପାଇଁ ମଧ୍ୟ ସେମିତି ଖାଦ୍ୟ ଦରକାର। ମନ ପାଇଁ ଖାଦ୍ୟ ହେଲା ଶାନ୍ତି, ସମ୍ମାନ, ସୌଜନ୍ୟତା, ସୌହାର୍ଦ୍ଦ୍ୟ ଓ ଶିଷ୍ଟାଚାର। ଏସବୁ ମିଳିଲେ ମଣିଷର ମନ ଭଲ ରହେ, ମାନସିକ ତୃପ୍ତି ମିଳେ। କେହି ଜଣେ ଆପଣଙ୍କୁ ସ୍ନେହ ଦେଲେ ଆଦର ଓ ପ୍ରଶଂସା କଲେ ଖୁସି ଲାଗେ। କଳାକାରଟିଏ ଅର୍ଥ ପାଉ ନ ପାଉ କରତାଳି ଟିକେ, ପୁରସ୍କାରଟିଏ, ଉପଢୌକନଟିଏ, ସମ୍ମାନ ଟିକେ ପାଇଲେ ତା'ର ରସନା ତୃପ୍ତ ହୁଏ। ମାତ୍ର ମାଗିଖିଆ ଏ ସମୟରେ ପୁରସ୍କାର ମାଗିବା, ସମ୍ମାନ ଭିକ୍ଷା କରିବା, ପ୍ରଶଂସା ଦାବି କରିବା ଏକ ନିର୍ଲଜ ପରମ୍ପରାରେ ପରିଣତ ହୋଇଗଲାଣି। ଲୋକେ ନିଜ ପାଇଁ ନିଜେ ଦାବି କରୁଛନ୍ତି, ମୁଁ ହିଁ ଶ୍ରେଷ୍ଠ, ମୋଠୁ ଆଉ କେହି ଭଲ ନାହାନ୍ତି। ମତେ ଦିଅ ସବୁ ପୁରସ୍କାର, ଉପଢୌକନ ଓ ମାନପତ୍ର। ମୁଁ ନେଇ ସଜେଇଦେବି ମୋ ଡ୍ରଇଁରୁମ୍ ଓ ଲାଇବ୍ରେରି। ଯିଏ ଘରକୁ ଆସିବ ତାକୁ ଛାତି ଫୁଲେଇ ଦେଖେଇବି ମୋ କୃତି ସମୂହଙ୍କୁ। କେଡ଼େ ବେହିଆ ଓ ନିଲଠା ହୋଇଗଲେଣି ଆମେ। କେହି ଜଣେ ସିନା ଆମକୁ ଆସି କହନ୍ତା, ହେ ଶ୍ରେଷ୍ଠ ସାଧକ ଆମେ ଆପଣଙ୍କ ପ୍ରତିଭା ଓ ସାଧନାରେ ମୁଗ୍ଧହୋଇ ଏ ପୁରସ୍କାର ପାଇଁ ଆପଣଙ୍କୁ ଚୟନ କରୁଛୁ। ଆପଣ ତାକୁ ଗ୍ରହଣ କରି ଆମକୁ ଧନ୍ୟ କରନ୍ତୁ। ଏଥିରେ ପୁରସ୍କାର ମହତ୍ତ୍ୱ ରହନ୍ତା। ପ୍ରାପକର ସମ୍ମାନ ବି ରହନ୍ତା। ମାତ୍ର ମାଗିଖିଆ ଧାରାରେ ସେ ମଜା କ'ଣ ମିଳେ?



ଈଶ୍ୱର ଆମକୁ କେବେ ପୂଜା ମାଗି ନ ଥାନ୍ତି। ଆମେ ତାଙ୍କୁ ପୂଜାକରୁ। ଶ୍ରଦ୍ଧା ଓ ସମ୍ମାନର ସହ ଭୋଗ ନୈବେଦ୍ୟ ଅର୍ପଣକରୁ। ମାତ୍ର ସଇତାନ ଓ ଅପଦେବତା ଆମକୁ ବଳି ମାଗେ, ରକ୍ତ ମାଗେ। ନ ଦେଇପାରିଲେ ଆମକୁ ଦୁର୍ଭାଗ୍ୟ ଭୋଗିବାକୁ ପଡ଼େ। ତେଣୁ ଆମେ ତାକୁ ସନ୍ତୁଷ୍ଟ କରିବାକୁ ବଳି ଦେଉ, ଭୋଗରାଗ ଦେଉ। ମାତ୍ର ସେସବୁ ଭୟଜନିତ କାରଣରୁ ଦେଉ। ମନ ଭିତରେ ଶ୍ରଦ୍ଧା ବା ସମ୍ମାନ ଥାଏ। ରାସ୍ତାରେ ଗଲାବେଳେ ଆମକୁ ଭିକାରୀ ବି ଭିକ ମାଗେ, କିନ୍ନରଟେ ତାଳି ବଜେଇ ବଟି ମାଗେ। କାପାଳିକ, ତାନ୍ତ୍ରିକଟିଏ ଅଦୃଷ୍ଟର ଭୟ ଦେଖେଇ ପ୍ରାପ୍ୟ ମାଗେ। ଆମେ ଦେଉ ମାତ୍ର ମନରେ ଶ୍ରଦ୍ଧା ନ ଥାଇ। କେବେକେବେ ଦେଲାବେଳେ ମନ ଭିତରେ ଘୃଣା ବି ଥାଏ। ସେ ଦେବାରେ ଦାତବ୍ୟପଣ ନ ଥାଏ। ଦେବାଲୋକ ସେ ଫିଙ୍ଗାଫୋପଡ଼ା ଦାନ ବା ଦକ୍ଷିଣାକୁ ନେଇ କେତେ ସୁଖ ପାଏ, ସେକଥା ସେ ହିଁ କହିପାରିବ। ହୁଏତ ତାହା କେବଳ ତା'ର ଆସୁରିକ ଆବଶ୍ୟକତାର ପୂରଣ ପାଇଁ ଯଥେଷ୍ଟ ହେଉଥିବ। ମାତ୍ର ସେଥିରେ କିଛି ଆଧ୍ୟାତ୍ମିକ, ପୂର୍ଣ୍ଣ ପ୍ରାପ୍ତି ହେଉଥିବ କି ନାହିଁ ଜଣାନାହିଁ। ଯେଉଁ ଦାନରେ ଦାତା ଓ ଗ୍ରହୀତା ଉଭୟେ ଉପକୃତ ନ ହୁଅନ୍ତି ସେ ଦାନ ଦାନ ନୁହେଁ ଆଉ କିଛି। ଯେଉଁ ପ୍ରେମରେ ପ୍ରେମିକ ଓ ପ୍ରେମିକା ଉଭୟ ତୃପ୍ତ ହୁଅନ୍ତି ନାହିଁ, ସେ ପ୍ରେମ ପ୍ରେମ ନୁହେଁ ବରଂ ଧୋକା କହିଲେ ଅତ୍ୟୁକ୍ତି ହେବ ନାହିଁ। ଯେଉଁ ଖାଦ୍ୟରେ ଖାଦ୍ୟ ଓ ଖାଦକ ଉଭୟ ଧନ୍ୟ ହୁଅନ୍ତି ନାହିଁ ତାହା ଖାଦ୍ୟ ନୁହେଁ ଅଖାଦ୍ୟ। ସେହିଭଳି ଯେଉଁ ସମ୍ମାନ ଦାବିକରି ନିଆଯାଏ ତାକୁ ଆମ ଲୋକକଥାରେ ମାଗି ଓଲଗି ବୋଲି କୁହାଯାଏ। ଯାଚି କଲ୍ୟାଣ କରୁଥିବା ଲୋକ ଓ ମାଗି ଓଲଗି ସାଉଁଟୁଥିବା ଉଭୟ ଉପହସିତ ହୁଅନ୍ତି। ଏକଥା କାଳେ କାଳେ କୁହାହୋଇ ଆସିଛି।

**ନିର୍ଦ୍ଦେଶକ, ସଂସ୍କୃତି ବିଭାଗ**
**ମୋ-୯୪୩୭୨୮୬୫୧୨**

## ଏଇ ଭାରତରେ

ଫଳ ବଗିଚାଟିଏ ଥିଲେ ତା'ଉପରେ ସମସ୍ତଙ୍କର ଆଖି ଥାଏ। ଫଳ ଲୋଭରେ ଅନେକେ ସୁଯୋଗ ଦେଖି ବଗିଚାରୁ ଚୋରି କରିବାକୁ ଭୁଲନ୍ତି ନାହିଁ, ଯେଉଁଥିପାଇଁ ଏକ ଆମ୍ବବଗିଚାକୁ ମଣିଷଙ୍କ ସହ କୁକୁରମାନଙ୍କୁ ଜଗୁଆଳି ଭାବେ ରଖାଯାଇଛି। ଏଭଳି ଏକ ବଗିଚା ଦେଖିବାକୁ ମିଳେ ମଧ୍ୟପ୍ରଦେଶର ଜବଲପୁରରେ। ଏହାର ମାଲିକ ହେଉଛନ୍ତି ସଙ୍କଳ୍ପ ସିଂ ପରିହାର। ବଗିଚାରେ ଦେଶ ବିଦେଶର ବହୁ ମୂଲ୍ୟବାନ୍ ଓ ସୁସ୍ୱାଦୁ ଆମ୍ବ ଫଳୁଥିବାରୁ ସେ ଚୋରି ରୋକିବା ଲାଗି ଏଭଳି ସୁରକ୍ଷା ବ୍ୟବସ୍ଥା କରିଛନ୍ତି। କଥା ହେଉଛି, ୪୭ ବର୍ଷୀୟ ପରିହାରଙ୍କ ୪ ଏକର ବିଶିଷ୍ଟ ବଗିଚାରେ ୨୪ଟି ଦୁର୍ଲଭ କିସମର ୧ ହଜାରରୁ ଊର୍ଦ୍ଧ୍ୱ ଆମ୍ବଗଛ ଲଗାଯାଇଛି। ୮ଟି କିସମର ଚାରା ସେ ବିଦେଶରୁ ଯୋଗାଡ଼ କରିଥିଲେ। ଏଥିରେ ମଲ୍ଲିକା ଓ ମିୟାଜାକୀର ଚାହିଦା ଢେର ବେଶି। ମିୟାଜାକୀ କିସମର ଆମ୍ବ କେଜି ପ୍ରତି ୧ ହଜାର ଟଙ୍କାରେ ବିକ୍ରି କରୁଛନ୍ତି ପରିହାର। ବଗିଚାରେ ଉନ୍ନତ କିସମର ଆମ୍ବ ଫଳୁଥିବାରୁ ବାହାରୁ ଲୋକେ ଏହାକୁ ଦେଖିବାକୁ ଆସୁଛନ୍ତି। ଏଥିପାଇଁ ବଗିଚା ଭିତରେ ଲୋକେ କିଭଳି ଭଲରେ ଭୋଜିକରି ସମୟ କଟାଇବେ ତାହାର ମଧ୍ୟ ବ୍ୟବସ୍ଥା କରାଯାଇଛି। ଲୋକମାନଙ୍କୁ ବିଭିନ୍ନ ଆମ୍ବ ଗଛ ଦେଖାଇବା ପାଇଁ ଗାଇଡ୍ ଭାବେ ସେ ଲୋକଙ୍କୁ ନିଯୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଜୁଲାଇ ୧୯୯୭

- ଥାଇଲାଣ୍ଡର ପଟ୍ଟାୟା ନଗରୀର ବେଳାଭୂମିରେ ଥିବା ୧୭ ମହଲା ବିଶିଷ୍ଟ ହୋଟେଲରେ ଅଗ୍ନିକାଣ୍ଡ ଘଟି ୭୪ ମୃତ।
- ବିହାରର ଆଲାଉଲି ଥାନା ଅନ୍ତର୍ଗତ ଗରିୟାଘାଟ ନିକଟରେ ଥିବା ବାଗମତୀ ନଦୀରେ ଏକ ଦେଶୀ ଡଙ୍ଗା ବୁଡ଼ିଯିବା ଫଳରେ ୫୪ ଜଣଙ୍କ ମୃତ୍ୟୁ।
- ଉତ୍ତର-ପୂର୍ବ ମୁମ୍ବାଇର ରମାବାଈ ଆମ୍ବେଦକର ନଗରଠାରେ ଉତ୍ତ୍ୟକ୍ତ ଜନତାଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଗୁଳି ଚଳାଇବାରୁ ୧୦ ନିହତ।

## ଚିରନ୍ତନୀ

ରୂପସୀ ଖେଳ କିଏ ରୂପର ଖେଳନା
ନୟନେ ଭରି ଦେଇ ରସର ଝରଣା
ଅଧରେ ଗୋଲାପର ମରିଛି କଳିକା
ଦଶନେ ଫୁଟିଉଠେ ପ୍ରଦୋଷ ମଲ୍ଲିକା
ଶୁଭ୍ର ବାସେ ତବ ଜଡ଼ିଛି ବାସନା
ରୂପସୀ ଖେଳ କିଏ ରୂପର ଖେଳନା।
-(ସୁଦୂର ଗାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | 7 | | | | 2 |
| | | 9 | | | | | | 6 |
| 7 | | | | | | | 9 | |
| 3 | | | | | 7 | | 5 | |
| 2 | | | | 6 | | 1 | | |
| | | 4 | | | 5 | 3 | | 8 |
| 8 | 2 | | | 5 | | | 1 | |
| | | | | | | 4 | | 7 |
| | | | 1 | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 5 | 2 | 7 | 1 | 9 | 4 | 8 |
| 1 | 8 | 2 | 6 | 4 | 9 | 3 | 7 | 5 |
| 7 | 4 | 9 | 8 | 3 | 5 | 6 | 1 | 2 |
| 9 | 5 | 6 | 7 | 1 | 4 | 2 | 8 | 3 |
| 4 | 7 | 8 | 3 | 6 | 2 | 1 | 5 | 9 |
| 3 | 2 | 1 | 9 | 5 | 8 | 4 | 6 | 7 |
| 5 | 1 | 3 | 4 | 9 | 7 | 8 | 2 | 6 |
| 2 | 9 | 7 | 1 | 8 | 6 | 5 | 3 | 4 |
| 8 | 6 | 4 | 5 | 2 | 3 | 7 | 9 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଓଡ଼ିଶାକୁ ସହାୟତା ମିଳୁ

ମହାଶୟ,

ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ଅତିକ୍ରାନ୍ତ ହୋଇଥିଲେ ହେଁ ଅଦ୍ୟାବଧି ଓଡ଼ିଶା ଏକ ବିକଶିତ ରାଜ୍ୟ ହୋଇପାରିଲା ନାହିଁ। ଓଡ଼ିଶାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିକୁ କେନ୍ଦ୍ର ସରକାର ମାନ୍ୟତା ପ୍ରଦାନ କଲେ ନାହିଁ। ବର୍ତ୍ତମାନ ଏମ୍‌ଜିଏନ୍‌ଆରଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଏବଂ ସ୍ୱଚ୍ଛ ଭାରତ ପରି ପ୍ରଚଳିତ ପ୍ରାୟ ୧୦୦ ପ୍ରକାରର କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାରେ ଓଡ଼ିଶାକୁ ୬୦:୪୦ ଅନୁପାତରେ କେନ୍ଦ୍ରୀୟ ସହାୟତା ମିଳୁଛି ; ଅଥଚ ୮ ଗୋଟି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଓ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଜମ୍ମୁ-କଶ୍ମୀର ପରି ହିମାଳୟ ପାଦଦେଶରେ ଅବସ୍ଥିତ ରାଜ୍ୟଗୁଡିକୁ ଅଦ୍ୟାବଧି ୯୦:୧୦ ଅନୁପାତରେ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି। କେନ୍ଦ୍ରର ଏତାଦୃଶ ବୈମାତୃକ ମନୋଭାବ ହେତୁ ଓଡ଼ିଶାର ବିକାଶ ହୋଇ ପାରୁନାହିଁ। କେନ୍ଦ୍ର ଓଡ଼ିଶାରୁ ଯେତିକି ରାଜସ୍ୱ ନେଉଛି, ସେହି ଅନୁପାତରେ ଓଡ଼ିଶାକୁ ଆର୍ଥିକ ସହାୟତା ପ୍ରଦାନ କରୁନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କ ଋଣଭାର ପ୍ରାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କା ହେଲାଣି। ସୁତରାଂ, କେନ୍ଦ୍ର ସରକାର ଓଡ଼ିଶା ଭିତ୍ତିଭୂମିର ବିକାଶ, ଗରିବ ଜନସାଧାରଣଙ୍କ ଆର୍ଥିକ ଓ ସାମାଜିକ ବିକାଶ ନିମନ୍ତେ ସ୍ୱତନ୍ତ୍ର ଆର୍ଥିକ ସହାୟତାର ତୁରନ୍ତ ବ୍ୟବସ୍ଥା କରନ୍ତୁ। ଅନ୍ତତଃ ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାକୁ କେନ୍ଦ୍ରୀୟ ପ୍ରବର୍ତ୍ତିତ ସମସ୍ତ ପ୍ରକାର ଯୋଜନା ଲାଗୁ ସହାୟତା ବାବଦକୁ ୯୦% ସାହାଯ୍ୟ ଓ ଅବଶିଷ୍ଟ ୧୦% ଅର୍ଥକୁ ସୁଧମୁକ୍ତ ଋଣ ଆକାରରେ ପ୍ରଦାନ କରନ୍ତୁ।

**-ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୨ ମାସ ପରେ ବି ଆରଟିଓଙ୍କ କାର୍ଯ୍ୟାନୁଷ୍ଠାନ ଶୂନ

**ଯାଜପୁର ଅଫିସ,୧୧।୭**

ଯାଜପୁର ଜିଲା ବଡ଼ଚଣା ନିକଟସ୍ଥ ୧୬ନଂ. ଜାତୀୟ ରାଜପଥର ନବନୀତ ହୋଟେଲ ସମ୍ମୁଖରେ ୩୦।୪।୨୦୨୨ ରାତିରେ ଏକ ଟ୍ରକ ପଛରେ ପିଟି ହୋଇ ୧୦୮ ଆମ୍ବୁଲାନ୍ସରେ ଥିବା ୩ ଜଣଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାକୁ ଚାପି ଦିଆଯାଉଛି। ଓଭରଲୋଡିଂରେ ରାମ୍‌କୋ ସିମେଣ୍ଟ ପରିବହନ ହେଉଥିବା ଉକ୍ତ ଟ୍ରକର ଚକା ଫାଟିଯିବାରୁ ରାସ୍ତାର ବେଆଇନ ପାର୍ଶ୍ୱରେ ବିନା ଇଣ୍ଡିକେଟରରେ ଠିଆ ହୋଇଥିଲା । ଏଥିପାଇଁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା ବଡ଼ଚଣା ଥାନା ପୋଲିସ ରିପୋର୍ଟରେ ସ୍ପଷ୍ଟ ହୋଇ ସାରିଛି। ବଡ଼ଚଣା ଥାନା ଆଇଆଇସି ଏ ସଂକ୍ରାନ୍ତରେ ୧।୫।୨୦୨୨ରୁ ରିପୋର୍ଟ ପ୍ରଦାନ କରିଥିଲେ ହେଁ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ(ଆର୍‌ଟିଓ) ଚାପରେ ଚାପି ହୋଇଛନ୍ତି ବୋଲି ଚର୍ଚ୍ଚା ହେଉଛି । ଏହି କ୍ରମରେ ଉକ୍ତ ମାମଲାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ସତ୍ୟ ଲୋକଲୋଚନକୁ ଆସିବ ଓ ମୃତକଙ୍କ ପରିବାର ନ୍ୟାୟ ପାଇବେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଆଇଆଇସିଙ୍କ ରିପୋର୍ଟ ଅନୁଯାୟୀ, ଘଟଣା ଦିନ ରାତିରେ ଏକ ୧୦୮ ଆମ୍ବୁଲାନ୍ସ(ନଂ.ଓଡି ୦୨ ବିଏନ ୫୩୨୫) ବାଲେଶ୍ୱରରୁ କଟକ ବଡ଼ ମେଡିକାଲକୁ ଜଣେ ରୋଗୀଙ୍କୁ ନେଇ ଯାଉଥିଲା। ଏହି



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ ।



DR No- /PS Date- 01.05.2022

To

The RTO, Chandikhole

Ref:- Badachana PS case No-No- 146 Dt-01.05.2022 U/s-279/304(A)/337/338 IPC

Sub:- Requisition for verify the weight and documents of the loaded cement truck

Sir

With reference to the subject cited above I am to report that on 30.04.2022 night one 108 Ambulance bearing regd No- OD02 BN 5325 being driven by the driver Bhaskar Chandra Sahoo of village Khasagadia Balesore was proceeding to SCB Medical Cuttack on NH-16 with having a patient namely Gitanjali Pradhan(40) W/o- Shiba Sankar Pradhan of vill- Narayan Mahanty Field PS- Bhograi Dist- Balesore. On the way near Navneet Hotel Badachana a cement loaded truck bearing regd No- OR-14T 1328 was parked in a wrong side without any indication. Due to passing other vehicle light and busy road the driver of the Ambulance could not able to mark the parking truck and as result the said ambulance dashed on the back side of the Truck. Due to this accident the driver of ambulance Bhaskar Chandra Sahoo ,EMT staff Hemanta Kumar Badi and the patient Gitanjali Pradhan received severe bleeding injury on their portion and shifted to CHC Badachana but the MO declared dead there and other two injured portion namely Shiba Sankar Pradhan and Pradip Kumar Nayak referred to SCB Medical Cuttack. During course of investigation it is also ascertained that the cement loaded Truck which was parked illegally was over loaded for his benefit.

Hence it is requesting for consider the matter and take the appropriate legal action against the over loaded cement truck and also verify the other documents for taking the follow up action in this case

Yours faith fully

IIC Badachana PS

DD No - 899/PS
Dt 02-05-22

ଆର୍‌ଟିଓଙ୍କୁ ପ୍ରଦାନ କରାଯାଇଥିବା ଆଇଆଇସିଙ୍କ ପତ୍ର।

ସମୟରେ ରାମ୍‌କୋ କମ୍ପାନୀର ସିମେଣ୍ଟ ବୋଝେଇ ଟ୍ରକ(ନଂ.ଓଆର-୧୪ଟି-୧୩୨୮)ର ଆଗ ଚକା ଫାଟି ଯାଇଥିବାରୁ ସେ ବେଆଇନ ଭାବେ ରାସ୍ତାର ଭୁଲ ପାର୍ଶ୍ୱରେ ବିନା ଇଣ୍ଡିକେଟରରେ ପାର୍କିଂ କରିଥିଲା। ସମ୍ମୁଖ ପଟୁ ଆସୁଥିବା ଅନ୍ୟ ଗାଡ଼ିର ଲାଇଟରେ ଆମ୍ବୁଲାନ୍ସ ଡ୍ରାଇଭର ପାର୍କିଂ ହୋଇଥିବା ଟ୍ରକକୁ ଦେଖି ପାରି ନ ଥିଲେ। ଫଳରେ ଟ୍ରକ ପଛରେ ଆମ୍ବୁଲାନ୍ସଟି ପିଟି ହୋଇଯାଇଥିଲା । ଫଳରେ ଆମ୍ବୁଲାନ୍ସରେ ଥିବା ଭୋଗରାଇ ଅଞ୍ଚଳର ରୋଗୀ ଗୀତାଞ୍ଜଳି ପ୍ରଧାନ(୪୦),

## ଆମ୍ବୁଲାନ୍ସ ଦୁର୍ଘଟଣାରେ ୩ ମୃତ ମାମଲା

- ରାମ୍‌କୋ ସିମେଣ୍ଟ ସହ ମୂଳଚାଲ ସନ୍ଦେହ
- ନ୍ୟାୟ ଅପେକ୍ଷାରେ ମୃତକଙ୍କ ପରିବାର
- ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା ନିର୍ଦ୍ଦେଶକୁ ଫୁ

ଡ୍ରାଇଭର ଭାସ୍କର ଚନ୍ଦ୍ର ସାହୁ ଓ ଇଏମ୍‌ଟି ଷ୍ଟାଫ୍ ହେମନ୍ତ କୁମାର ବାଦିଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଚଣ୍ଡିଖୋଲ ଆରଟିଓଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇଆଇସି ଅନୁରୋଧ କରିଥିଲେ। ଏହି ଘଟଣାକୁ ୨ ମାସରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଚଣ୍ଡିଖୋଲ ଆରଟିଓ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ପ୍ରଭାବଶାଳୀ ସିମେଣ୍ଟ କମ୍ପାନୀ ସହ ଆରଟିଓ ହାତ ମିଳାଇ ଏହି ମାମଲାକୁ ରଫାଦଫା କରିଥିବା ଚର୍ଚ୍ଚା ହେଉଛି। ପୋଲିସ ରିପୋର୍ଟରେ ଆହୁରି ଦର୍ଶାଯାଇଥିଲା, ଉକ୍ତ ଟ୍ରକରେ ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନକୁ ମାଲ ପରିବହନ ହେଉଥିବା ବେଳେ ଆଇନକୁ ଫାଙ୍କିବା ପାଇଁ ରାମ୍‌କୋ କମ୍ପାନୀ ପକ୍ଷରୁ ଚଞ୍ଚକତା କରାଯାଇ ସେହି ଟ୍ରକରେ ବୋଝେଇ ହୋଇଥିବା ମୋଟ ୬୨୦ ବସ୍ତା ସିମେଣ୍ଟ ବାବଦରେ ୨ଟି ଇନ୍‌ଭଏସ୍ ପ୍ରସ୍ତୁତ କରାଯାଇଥିଲା ।

ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବାକୁ ସୁପ୍ରିମକୋର୍ଟ ପକ୍ଷରୁ ସଡ଼କ ସୁରକ୍ଷା କମିଟି ଗଠିତ ହୋଇଛି। ଏଥିପାଇଁ ଆରଟିଓ ଏବଂ ପୋଲିସ ବିଭାଗକୁ ସ୍ପେଶିଆଲ ଏନ୍‌ଫୋର୍ସମେଣ୍ଟ ଟିମ୍ ଚଢାଉ କରି ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାବାଦ୍ ପ୍ରତିବର୍ଷ ମଟରଯାନ(ଏମ୍‌ଭି) ମାମଲାରେ ଆଦାୟ ହେଉଥିବା ଜରିମାନାରୁ ୨୦% ଅର୍ଥ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ବିନିଯୋଗ କରାଯାଉଛି। ଏହି କ୍ରମରେ ୨୦୨୧ ସେପ୍ଟେମ୍ବର ୧ ରୁ ୨୦୨୨ ମେ ୩୧ ପର୍ଯ୍ୟନ୍ତ ୧୧ କୋଟି ୪ ଲକ୍ଷ ୬୬ ହଜାର ୧୩୯ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ପରିବହନ ବିଭାଗର କେତେକ ଅସାଧୁ କର୍ମଚାରୀ ଓ ଅଧିକାରୀ ନିଜ ସ୍ୱାର୍ଥ ସାଧନ ପାଇଁ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଥିବା ଆମ୍ବୁଲାନ୍ସ ଦୁର୍ଘଟଣାରୁ ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ଚଣ୍ଡିଖୋଲ ଆରଟିଓ ସନ୍ଦୀପ କୁମାରଙ୍କୁ ପଚାରିବାରୁ ସେ କହିଛନ୍ତି, ଆମ୍ବୁଲାନ୍ସ ଦୁର୍ଘଟଣାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରଥମେ ଏହା ଥାନାର ମାମଲା ବୋଲି ସେ କହିଥିଲେ। ପରେ ପୋଲିସ ରିପୋର୍ଟ ପ୍ରଦାନ କରି ସାରିଛନ୍ତି ବୋଲି ଉତ୍ତର ରଖିବାରୁ କାଗଜପତ୍ର ଦେଖିଲେ କିଛି କହିହେବ ବୋଲି କହି ସେ ପ୍ରଶ୍ନକୁ ଏଡାଇ ଯାଇଥିଲେ।

## ସଂକ୍ଷେପରେ

### ବସ୍ ଧକ୍କାରେ ବିଦ୍ୟୁତ୍ କର୍ମଚାରୀ ମୃତ

**କଳିଙ୍ଗନଗର,୧୧।୭(ଡି.ଏନ୍.ଏ.):** ସୋମବାର ଯାଜପୁର ରୋଡ ଥାନା ଅଧୀନ ଚୋର୍ଦା ଛକ ମହାତ୍ମା ଗାନ୍ଧୀ ମାର୍ଗ ଲୋକାଲ କିଚେନ ରେଷ୍ଟୁରାଣ୍ଟ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବିଦ୍ୟୁତ୍ ବିଭାଗ କର୍ମୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଧବଳଗିରି ଟିଟିଏସ୍ କଲୋନୀରେ ରହୁଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ଅମ୍ଳାପଡାର ପାୟେଜ ଖାନ(୫୬)। ସେ କୋରେଇ ସେକ୍ସନରେ ଲାଇନ୍‌ମ୍ୟାନ ଭାବେ କାର୍ଯ୍ୟରତ ଥିଲେ। କୌଣସି କାମରେ ସେ ପୁଅ ସୟେଦ ଖାନଙ୍କ ବାଇକ୍‌ରେ ଆସୁଥିବା ବେଳେ ଏକ ବସ୍(ନଂ.ଓଡି୦୪ଏଲ ୦୮୬୬) ଦ୍ରୁତଗତିରେ ଆସି ତାଙ୍କୁ ଗାଡ଼ିକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ପାୟେଜଙ୍କୁ ମୃତ ଘୋଷଣା କରିଥିଲେ। ଯାଜପୁର ରୋଡ ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍ ଏବଂ ବାଇକକୁ ଜବତ କରିଛି।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**କାଳିଆପାଣି,୧୧।୭ (ଡି.ଏନ.ଏ.):** ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ କାଳରଙ୍ଗୀ ଢ଼ାବା ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ ରଁସୋଇ ପଞ୍ଚାୟତ କୁସୁମୁଣ୍ଡିଆ ଗ୍ରାମର ବିନତ ଅଲଦା( ୩୦)। ଆହତ ବାବୁ ଅଲଦା(୩୫) । ସୋମବାର ବିନତ ଓ ବାବୁ ଏକ ବାଇକ୍(ନଂ.ଓଡ଼ି ୬ସି ୧୧୫୨)ରେ ମଙ୍ଗଳପୁର-ଟମକା ରାସ୍ତାରେ ଟାଟା ମାଇନିଂ ଆଡକୁ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଉଭୟ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ସ୍ଥଳରେ ବିନତଙ୍କ ମୃତ୍ୟୁ ଘଟିଥିଲା । କାଳିଆପାଣି ପୋଲିସ ବିନତଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । ବାବୁଙ୍କୁ ସୁକିନ୍ଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

### ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

**ସିଂହପୁର,୧୧।୭(ଡି.ଏନ.ଏ.):** ବିଂଝାରପୁର ବ୍ଲକ ସିଂହପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ପ୍ରାଚୀ ପ୍ରଜ୍ଞା ଗୋସ୍ୱାମୀ ୫୮୪ ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧି କରାଯାଇଛି। ପ୍ରାଚୀପ୍ରଜ୍ଞାଙ୍କ ବାପା ବିଶୁବାଞ୍ଛନନ୍ଦ ଗୋସ୍ୱାମୀ ଶିଶୁ ବିଦ୍ୟାମନ୍ଦିରର ସହ ପ୍ରଧାନ ଆଚାର୍ଯ୍ୟ ଓ ମା'ବରୁଣେଇ ଉଚ୍ଚ ବାଳିକା ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି।

### ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ବାଲିଚନ୍ଦ୍ରପୁର,୧୧।୭(ସ୍ୱ.ପ୍ର.):** ବାଲିଚନ୍ଦ୍ରପୁର ନିକଟସ୍ଥ କୁସୁନପୁରଠାରେ ବାହୁଡ଼ା ଯାତ୍ରା ଅବସରରେ ପଚିଶମାଣିଆ ପାଟଣା ଗ୍ରାମର ରାଜୀବ ଲୋଚନ ସାହୁଙ୍କୁ ଯୁବ ପ୍ରତିଭା ଭାବେ ସମ୍ମାନିତ କରାଯାଇଛି। ଶିକ୍ଷକ ରାଖାଲ ଚନ୍ଦ୍ର ରାଉତରାୟଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଗବେଷକ ଡ.ହରିଶ ଚନ୍ଦ୍ର ପୃଷ୍ଟି ଯୋଗଦେଇ ତାଙ୍କର କୃତି ପାଇଁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ଅବସରରେ ତାଙ୍କର ବହୁ ଶୁଭେଚ୍ଛୁ ଓ ବନ୍ଧୁ ମାନେ ଅଭିନନ୍ଦନ ଜଣାଇଛନ୍ତି।

### ରଘୁନାଥ ଗୋବର୍ଦ୍ଧନପୁର ସେବା ସମବାୟ ସମିତି ସଭାପତି

**କଳିଙ୍ଗନଗର,୧୧।୭(ଡି.ଏନ୍.ଏ.):** ଦାନଗଦି ବ୍ଲକ ଗୋବର୍ଦ୍ଧନପୁର ସେବା ସମବାୟ ସମିତି ସଭାପତି ଭାବେ ରଘୁନାଥ ମହାରଣା ସୋମବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ପଦବୀ ପାଇଁ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ ନ କରିବାରୁ ରଘୁନାଥ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେ ବୋଲି ନିର୍ବାଚନ ଅଧିକାରୀ ଘୋଷଣା କରିଛନ୍ତି। ସେ ବିଜୁ ଜନତା ଦଳ ସମର୍ଥିତ ପ୍ରାର୍ଥୀ ଥିଲେ। ସଭାପତି ଭାବେ ତାଙ୍କ ନାମ ଘୋଷଣା କରାଯିବା ପରେ ଅପରାହ୍ନରେ ଦଳ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି।

# ରାଜ୍ୟର ୭୦୦ ଶିକ୍ଷକ ପେନ୍‌ସନ ବ୍ୟବସ୍ଥାରୁ ବଞ୍ଚିତ

**ଯାଜପୁର ଅଫିସ,୧୧।୭**

ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ବିକାଶ, ଶିକ୍ଷାନୁଷ୍ଠାନର ଉନ୍ନତି ଏବଂ ସର୍ବୋପରି ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହାସହ ପ୍ରତ୍ୟେକ ସ୍କୁଲରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ଦେବାକୁ ଉଦ୍ୟମ ଜାରି ରଖିଛନ୍ତି। କେତେକ ସ୍କୁଲରେ ନକଲି ଆଦିବାସୀ ଓ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ରରେ ବହୁ ଶିକ୍ଷୟିତ୍ରୀ,ଶିକ୍ଷକ ନିଯୁକ୍ତି ପାଇଛନ୍ତି। ସେମାନେ ବି ବହୁ ବର୍ଷ ଧରି ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି । ହେଲେ ବହୁ ଶିକ୍ଷକ ଅବସର ନେବା ପରେ ସମ୍ପୂର୍ଣ୍ଣ ପେନସନ ଯୋଜନାରୁ ବାଦ୍ ପଡିଛନ୍ତି। ଏହିକ୍ରମରେ ୨୦୧୫ ରୁ ୨୦୨୦ ପର୍ଯ୍ୟନ୍ତ ରାଜ୍ୟର ୩୦ ଜିଲା ଏବଂ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡିଇଇ)ରେ ୭୦୦ ଶିକ୍ଷକ ସମ୍ପୂର୍ଣ୍ଣ ପେନସନ ପାଇ ନାହାନ୍ତି। ଏଥିରେ ସୁନ୍ଦରଗଡ଼ ଏବଂ କଟକ ଜିଲାରେ ସର୍ବାଧିକ ୯୮ ଜଣ ଲେଖାଏ ଶିକ୍ଷକ ରହିଛନ୍ତି। ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଏକ ବିଧାନସଭା ପ୍ରଶ୍ନ ସଂକ୍ରାନ୍ତରେ ସ୍କୁଲ ଓ ଗଣ ଶିକ୍ଷା ବିଭାଗର ଅତିରିକ୍ତ ସଚିବଙ୍କୁ ଦେଇଥିବା ଡିଇଇର ଡେପୁଟି ଡାଇରେକ୍ଟରଙ୍କ ପତ୍ରରୁ ଏହି ସୂଚନା ମିଳିଛି।

ରିପୋର୍ଟ ଅନୁସାରେ ୨୦୧୫ରେ ଅବସର ଗ୍ରହଣ କରିଥିବା ୧୫ ଶିକ୍ଷକ, ୨୦୧୬ରେ ୩୭ ଜଣ, ୨୦୧୭ରେ ୭୫ ଜଣ, ୨୦୧୮ରେ ୧୧୫ ଜଣ, ୨୦୧୯ରେ ୧୭୪ ଜଣ ଓ ୨୦୨୦ରେ ୨୮୪ ଜଣ ଶିକ୍ଷକଙ୍କ ସମ୍ପୂର୍ଣ୍ଣ ପେନସନ ମଞ୍ଜୁର ହୋଇ ପାରିନାହିଁ। ଏହି ୬ ବର୍ଷରେ ଅନୁଗୋଳ ଜିଲାର ୭, ବାଲେଶ୍ୱର ଜିଲାର ୮, ବରଗଡ ଜିଲାର ୨୮, ଭଦ୍ରକ ଜିଲାର ୪, ବଲାଙ୍ଗୀର ୧୧, ବୌଦ୍ଧ ୫, କଟକ ୯, ଦେବଗଡ ୬, ଢେଙ୍କାନାଳ ୫, ଗଜପତି ୨୨, ଗଞ୍ଜାମ ୬୯, ଜଗତସିଂହପୁର ୪, ଯାଜପୁର ୪୧, ଝାରସୁଗୁଡା ୩୮, କଳାହାଣ୍ଡି ୩୪, କନ୍ଧମାଳ ୧୩, କେନ୍ଦ୍ରାପଡ଼ା ୨୨ ଶିକ୍ଷକ ସମ୍ପୂର୍ଣ୍ଣ ପେନସନ ବ୍ୟବସ୍ଥାରୁ ବଞ୍ଚିତ ହୋଇଛନ୍ତି । ସେହିପରି କେନ୍ଦୁଝର ଜିଲାରେ ୩୭, ଖୋର୍ଦ୍ଧାରେ ୧୯, କୋରାପୁଟ ୧, ମାଲକାନଗିରି ୪, ମୟୂରଭଞ୍ଜ ୨୧, ନବରଙ୍ଗପୁର ୩୪, ନୟାଗଡ ୧୭, ନୂଆପଡ଼ା ୨୨, ପୁରୀ ୧୨, ରାୟଗଡ଼ା ୯, ସମ୍ବଲପୁର ୮, ସୋନପୁର ୨, ସୁନ୍ଦରଗଡ ୯୮ ଏବଂ ଡିଇଇ ଓଡିଶା ଜଣେ ଶିକ୍ଷକ ସମ୍ପୂର୍ଣ୍ଣ ପେନସନ ମଞ୍ଜୁର ହୋଇ ପାରିନାହିଁ। ବିଭାଗୀୟ ଅବହେଳା କିମ୍ବା ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ବିଭିନ୍ନ ମାମଲା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅବସର ଗ୍ରହଣ କରିଥିବା ଶିକ୍ଷକମାନଙ୍କ ପୂର୍ଣ୍ଣାଙ୍ଗ ପେନସନ ମଞ୍ଜୁର କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀମାନଙ୍କୁ ଅଭାସି ଆଲୋଚନା ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡିଇଇ ପକ୍ଷରୁ ଦର୍ଶାଯାଇଛି।

# ୩ ସମବାୟ ସମିତି ସଭାପତି ପାଇଁ ନାମାଙ୍କନ ଦାଖଲ



ସମର୍ଥକଙ୍କ ଗହଣରେ ଚୋରମୁହାଁ ସମବାୟ ସମିତିର ସଭାପତି ମଧୁସୂଦନ ସାହୁ।

**ଧର୍ମଶାଳା,୧୧।୭(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଧୀନରେ ଥିବା ୧୩ ପ୍ରାଥମିକ କୃଷି ସେବା ସମବାୟ ସମିତି ମଧ୍ୟରୁ ୧୦ ସମିତିର ସଭାପତି ପଦ ପାଇଁ ନିର୍ବାଚନ ଶେଷ ହୋଇଛି। ସୋମବାର ଅବଶିଷ୍ଟ ୩ ଅର୍ଥାତ୍ ଚୋରମୁହାଁ, କୋତପୁର ଓ ମଧୁସୁଦନପୁର ସମବାୟ ସମିତିର ସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ ହୋଇଛି। ଚୋରମୁହାଁ ସମିତିରେ ମଧୁସୁଦନ ସାହୁ ଏକାକୀ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏଥିପାଇଁ ତାଙ୍କୁ ନିର୍ବାଚନ ଅଧିକାରୀ ବିଜୟୀ ଘୋଷଣା କରିଛନ୍ତି। ସେହିପରି ମଧୁସୁଦନପୁର ସମିତିରୁ ରମେଶ ଚନ୍ଦ୍ର ଜେନା ଓ ସବିତା ଧୀର ଓ କୋତପୁର ସମବାୟ ସମିତିରେ ଅରୁଣ ରାୟ ଓ ଅଜୟ କୁମାର ଜେନା ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହି ୨ ସମବାୟ ସମିତିରେ ଏକରୁ ଉର୍ଦ୍ଧ୍ୱ ନାମାଙ୍କନପତ୍ର ଦାଖଲ କରିଥିବାରୁ ସେଠାରେ ସଭାପତି ପଦ ପାଇଁ ଆସନ୍ତା ୧୪ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ଭାଇଙ୍କୁ ଆକ୍ରମଣ

**ବରୀ,୧୧।୭ (ଡି.ଏନ.ଏ.)**

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ରାତିରେ ଏକ ବିବାହ ଭୋଜିରେ ବଚସା ହୋଇଥିଲା। ସୋମବାର ସକାଳେ ସେହି ଘଟଣା ଉଗ୍ରରୂପ ଧାରଣ କରିଛି । ସକାଳ ପ୍ରାୟ ସାଢ଼େ ୬ଟା ସମୟରେ ଗ୍ରାମର ସ୍ମୃତି ରଞ୍ଜନ ମଲ୍ଲିକ ଓ ତାଙ୍କ ଭାଇ କିର୍ତ୍ତୀ ରଞ୍ଜନ ମଲ୍ଲିକ ବରୀ ବ୍ଲକ ବଜାରରେ ଚା ପିଉଥିବା ବେଳେ ସେହି ଗ୍ରାମର ଯଶୋବନ୍ତ ବେଉରିଆ, ପୁଅ ରାକେଶ କୁମାର ବେଉରିଆ ଓ ଶ୍ରୀକାନ୍ତ ବେଉରିଆ ମିଳିତ ଭାବେ ମାରଣାସ୍ତ୍ର ଧରି ସ୍ମୃତିରଞ୍ଜନ, କିର୍ତ୍ତୀରଞ୍ଜନଙ୍କୁ ଆକ୍ରମଣ କରିଥିଲେ । ଏହାପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ । ଆହତ ୨ ଭାଇଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଏ ସଂକ୍ରାନ୍ତରେ ଆହତ ୨ ଭାଇଙ୍କ ସାନ ବାପା ହଳଧର ମଲ୍ଲିକଙ୍କ ଲିଖିତ ଅଭଯୋଗ କ୍ରମେ ବରୀ ପୋଲିସ ଏକ ମାମଲା(ନଂ.୨୨୫/୨୨) ରୁଜୁ କରି ଅଭିଯୁକ୍ତ ଯଶୋବନ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି । ବରୀ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ୩ ଜଣଙ୍କ ମଧ୍ୟରୁ ଜଣଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ କରାଯାଉଛି । ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ ।

## ବ୍ରାହ୍ମଣ ସମାଜ ସହଯୋଗରେ ହାତଗଣ୍ଠି ପଡ଼ିଲା

**ସିଂହପୁର,୧୧।୭(ଡି.ଏନ.ଏ.)**

ବିଂଝାରପୁର ବ୍ଲକ ଅନ୍ତର୍ଗତ ମା'ବରୁଣେଇ ପୀଠରେ ବ୍ରାହ୍ମଣ ସମାଜ ସହଯୋଗରେ ଏକ ବୈବାହିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଟିଣା ପଞ୍ଚାୟତ ଶିଅଳପଡା ଗ୍ରାମର ସରସ୍ୱତୀ ଜେନାଙ୍କ ସହିତ ଦଶରଥପୁର ବ୍ଲକ ଝୁମ୍ପୁରୀ ପଞ୍ଚାୟତ ନୂଆଗାଁର ଶିବପ୍ରସାଦ ଜେନାଙ୍କ ବିବାହ ଶେଷ ହୋଇଛି । ଏହି କାର୍ଯ୍ୟ ବ୍ରାହ୍ମଣ ସମାଜର ସମ୍ପୂର୍ଣ୍ଣ ସହଯୋଗ ଓ ଉପସ୍ଥିତିରେ ଶେଷ ହୋଇଛି ।

# ୧୪ରେ ଜରି ସମବାୟ ସମିତି ନିର୍ବାଚନ



ସଭାପତି ପଦ ପାଇଁ ଜଣେ ପ୍ରାର୍ଥୀ ନିଜର ନାମାଙ୍କନପତ୍ର ଦାଖଲ କରୁଛନ୍ତି।

**ସିଂହପୁର,୧୧।୭(ଡି.ଏନ.ଏ.)**

### ସଭାପତି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ବିଂଝାରପୁର ବ୍ଲକ ଅଧୀନ ଜରୀ କୃଷି ସେବା ସମବାୟ ସମିତିର ସଭାପତି ପାଇଁ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବିଜେଡି ସମର୍ଥୀତ ପ୍ରାର୍ଥୀ ଦିଲ୍ଲୀପ କୁମାର ରାଉତ ସମର୍ଥକଙ୍କ ସହିତ ସମିତି କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଜିଲା ପରିଷଦ ସଭ୍ୟ ନନ୍ଦ କିଶୋର ସାମଲ, ସରପଞ୍ଚ ନନ୍ଦକିଶୋର ମଲିକ, ଉମେଶ ଦାସ, ଅକ୍ଷୟ ନାୟକ, ମନୋଜ ସାମଲ, ପ୍ରଦ୍ୟୁମ୍ନ ପାତ୍ର, ସୁବ୍ରତ ସାମଲ, ମନୋଜ ପଣ୍ଡା, ଅମର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ସମର୍ଥୀତ ଲତା ମଲ୍ଲିକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତାଙ୍କ ସହିତ ରାଜେନ୍ଦ୍ର ନାୟକ, ଆନନ୍ଦ ସାହୁ, ଉପସ୍ଥିତ ଥିଲେ। ନିର୍ବାଚନ ଅଧିକାରୀ ଦେବାନନ୍ଦ ପାଢୀ ଉକ୍ତ ପ୍ରାର୍ଥୀପତ୍ର ଗ୍ରହଣ କରିଥିଲେ। ସମିତିର ସମ୍ପାଦକ ଗୋପାଳ କୃଷ୍ଣ ସ୍ୱାଇଁ ସହଯୋଗ କରିଥିଲେ। ଆସନ୍ତା ୧୪ ରେ ସମିତିର ସଭାପତି ନିର୍ବାଚନ ଅନୁଷ୍ଠିତ ହେବ ।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଯୁବକ ଗିରଫ

**କାଳିଆପାଣି,୧୧।୭ (ଡି.ଏନ.ଏ.)**

ଯାଜପୁର ଜିଲା କାଳିଆପାଣି ଖଣି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ କାଳିଆପାଣି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ସେ ହେଲେ ସାରୁଆବିଲ ନୂଆସାହିର ପଞ୍ଚାନନ ପ୍ରଧାନ। ପୋଲିସ ଏ ସଂକ୍ରାନ୍ତରେ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କାଳିଆପାଣି ଥାନା ଅଞ୍ଚଳରେ ରହୁଥିବା ଜଣେ ନାବାଳିକା(୯) ନିଜ ବୁଢ଼ୀ ମା'ଙ୍କ ସହିତ ରବିବାର ରାତି ପ୍ରାୟ ୮ଟା ସମୟରେ ଗାଁରେ ହେଉଥିବା ଏକ ବିବାହ ଉତ୍ସବରେ ଯୋଗଦେବାକୁ ଯାଇଥିଲେ । ବୁଢ଼ୀମା' ବିବାହ ଉତ୍ସବରେ ବ୍ୟସ୍ତ ଥିବା ବେଳେ ନାବାଳିକା ନିଜ ସାଙ୍ଗମାନଙ୍କ ସହ ବାହାରେ ଖେଳୁଥିଲେ। ଏହି ସମୟରେ ପଞ୍ଚାନନ ସେଠାରେ ପହଞ୍ଚି ତୁମକୁ ଘରେ ଛାଡି ଦେବି ବୋଲି କହିଥିଲେ । ହେଲେ ନାବାଳିକା ରାଜି ନ ହେବାରୁ ପଞ୍ଚୁ ତାକୁ ନିକଟସ୍ଥ ଏକ ଅନ୍ଧାରୁଆ ସ୍ଥାନକୁ ଟେକି ନେଇ ବଳାତ୍କାର କରିଥିଲେ । ଝିଅଟି ପାଟି କରିବାରୁ ସେ ତାଙ୍କ ମୁହଁକୁ ଚାପି ଧରିଥିଲେ । ଏହାର କିଛି ସମୟ ପରେ ନାବାଳିକା ଜଣକ ଚେତାଶୂନ୍ୟ ହୋଇପଡିଥିଲେ। ଏହା ଦେଖି ପଞ୍ଚୁ ସେଠାରୁ ପଳାଇ ଯାଇଥିଲେ। ଚେତା ଫେରିବା ପରେ ଝିଅଟି ଘରକୁ ଫେରି ସମସ୍ତ କଥା ପରିବାର ଲୋକଙ୍କୁ କହିବା ପରେ ରବିବାର ରାତିରେ ଏ ସଂକ୍ରାନ୍ତରେ କାଳିଆପାଣି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଥାନା ଅଧିକାରୀ ସୁଶାନ୍ତ ଦାସ ଘଟଣାର ତଦନ୍ତ କରି ସୋମବାର ଭୋରୁ ପଞ୍ଚୁଙ୍କୁ ତାଙ୍କ ଘରୁ ଗିରଫ କରିଥିଲେ । ଉଭୟଙ୍କୁ ଡାକ୍ତର ମାଇନା କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୭୦/୨୦୨୨) ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ପୋଲିସ କହିଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବିଂଝାରପୁର ବ୍ଲକ ୨ୟ ସ୍ଥାନରେ

**ପ୍ରୀତିପୁର,୧୧।୭(ଡି.ଏନ୍.ଏ)**

ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଯାଜପୁର ଜିଲା ବିଂଝାରପୁର ବ୍ଲକ ୨ୟ ସ୍ଥାନରେ ରହିଛି। ବରୀ ବ୍ଲକ ଏହି ଯୋଜନାରେ ସର୍ବାଧିକ ଅର୍ଥ ଖର୍ଚ୍ଚ କରିପ୍ରଥମ ସ୍ଥାନ ଅଧିକାର କରିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଜୁଲାଇ ୮ ତାରିଖ ସୁଦ୍ଧା ବିଂଝାରପୁର ବ୍ଲକ ୪ କୋଟି ୮ ଲକ୍ଷ ୫ହଜାର ଟଙ୍କା ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି । ସେଥିମଧ୍ୟରୁ ୨କୋଟି ୮ ଲକ୍ଷ ୯୩ ହଜାର ଟଙ୍କା ପଞ୍ଚାୟତ ଖର୍ଚ୍ଚ କରିଥିବାବେଳେ ୧ କୋଟି ୯୯ ଲକ୍ଷ ୧୧ ହଜାର ଟଙ୍କା ପଞ୍ଚାୟତ ସମିତି ଖର୍ଚ୍ଚ କରିଛି। ଏହା ବ୍ୟତୀତ ଏହି ଯୋଜନା ଅନ୍ତର୍ଗତ ପ୍ରଶାସନିକ ଖର୍ଚ୍ଚ ବାବଦରେ ୩ ଲକ୍ଷ ୬୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହି ଅର୍ଥରେ ୬୭୩୬ ପରିବାରର ୧୧୭୧୯ ଜଣ ସଦସ୍ୟଙ୍କୁ କାମ ଯୋଗାଇ ଦିଆଯାଇଥିବାବେଳେ ମୋଟ ୧ ଲକ୍ଷ ୮୪ ହଜାର ୫୫୭ କର୍ମ ଦିବସ ସୃଷ୍ଟି କରାଯାଇଛି। ଏଥିରେ ୧୧୨୬ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ୩୧୪୯ଟି କାମ ଚାଲିଛି। ସେହିପରି ବିଂଝାରପୁର ବ୍ଲକ ଅଧୀନସ୍ଥ ୨୯ ପଞ୍ଚାୟତ ମଧ୍ୟରୁ ଟିଣା ପଞ୍ଚାୟତ ସର୍ବାଧିକ ୪୩ ଲକ୍ଷ ୭୭ ହଜାର ଟଙ୍କା ଖର୍ଚ୍ଚ କରିଥିବାବେଳେ ଉତ୍ତ୍ରଙ୍ଗ ପଞ୍ଚାୟତ ସର୍ବନିମ୍ନ ୧ ଲକ୍ଷ ୭୩ ହଜାର ଟଙ୍କା ଖର୍ଚ୍ଚ କରିଛି।

# ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଯାଜପୁର ଟାଉନ,୧୧।୭(ଡି.ଏନ.ଏ.)**

### ସରପଞ୍ଚଙ୍କ ପାଇଁ ପ୍ରଶିକ୍ଷଣ ଶିବିର

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ସହାୟତାରେ ଜିଲା ପ୍ରଶାସନ ପକ୍ଷରୁ ଜିଲାର ନବନିର୍ବାଚିତ ସରପଞ୍ଚଙ୍କ ନିମନ୍ତେ ୫ ଦିନିଆ ପ୍ରାରମ୍ଭିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । ସୋମବାର ପୂର୍ବାହ୍ନରେ ଯାଜପୁର ବ୍ଲକ ପଞ୍ଚାୟତ ସାଧନ କେନ୍ଦ୍ର ସଭାଗୃହରେ ଭାରପ୍ରାପ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେଉରିଆ, ଜିଲାପରିଷଦ ଅଧକ୍ଷ ନଳିନୀପ୍ରଭା ଜେନା,ଉପାଧକ୍ଷ ଗଣେଶ୍ୱର ବରାଳ, ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡା, ବିଡିଓ ସୌରଭ ଚକ୍ରବର୍ତ୍ତୀ, ଏପିଡି ରଶ୍ମିରେଖା ଜେନା ଓ ମଧୁମିତା ପୃଷ୍ଟିଙ୍କ ଉପସ୍ଥିତିରେ ପ୍ରଥମ ପର୍ଯ୍ୟାୟ ଶିବିର ଜିଲାର ଯାଜପୁର ଏବଂ ରସୁଲପୁର ବ୍ଲକର ସରପଞ୍ଚଙ୍କୁ ନେଇ ଶୁଭାରମ୍ଭ କରା



ସରପଞ୍ଚଙ୍କ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବିଭାଗୀୟ ଅଧିକାରୀ।

ଯାଇଛି । ୫ ଦିନ ଧରି ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିବ । ଶୁଭାରମ୍ଭ ଦିବସରେ ଭାରପ୍ରାପ୍ତ ଜିଲାପାଳ ମଲ୍ଲିକ ନବନିର୍ବାଚିତ ସରପଞ୍ଚମାନଙ୍କୁ ସ୍ୱାଗତ କରିବା ସହ ଏକ ସ୍ୱଚ୍ଛ ଓ ଦକ୍ଷ ପଞ୍ଚାୟତିରାଜ ବ୍ୟବସ୍ଥାରେ ସରପଞ୍ଚମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ତାଲିମଦାତାମାନେ ସରପଞ୍ଚମାନଙ୍କୁ ତାଲିମ ଦେଇଥିଲେ । ପର୍ଯ୍ୟାୟକ୍ରମେ ଜିଲାର ସମସ୍ତ ବ୍ଲକର ସରପଞ୍ଚମାନଙ୍କୁ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ ବୋଲି ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବେଉରିଆ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଯାଞ୍ଚ କଲେ ଜିଲାପାଳ

ରଘୁନାଥପୁର,୧୧।୭(ଡି.ଏନ୍.ଏ.): ଜିଲାପାଳ ପାରୁଲ ପଟୱାରୀ ରଘୁନାଥପୁର ବ୍ଲକରେ ଜନଶୁଣାଣି ସାରିବା ପରେ ତଅଁରା ପଞ୍ଚାୟତ ଗସ୍ତ କରି ଏମ୍‌ଜିଏନ୍‌ଆର୍‌ଇଜିଏସ ଫାଇଲ ଓ କ୍ୟାସବୁକ ଆଦି ଯାଞ୍ଚ କରିଥିଲେ। ଏହାଛଡା ସରପଞ୍ଚ ବଟକୃଷ୍ଣ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀଙ୍କ ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ପଞ୍ଚାୟତର ଆୟ ବୃଦ୍ଧି ପାଇଁ ମାର୍କେଟ କମ୍ପ୍ଲେକ୍ସ ଓ କଲ୍ୟାଣମଣ୍ଡପ କାର୍ଯ୍ୟ ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡା ସ୍କୁଲ କୋଠା, ପାଚେରି, ଗ୍ରାମାଞ୍ଚଳରେ ପାର୍କ ଏବଂ ଖେଳପଡ଼ିଆର ଉନ୍ନତୀକରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଠାରୁ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ୫-ଟି ଅନୁଦାନରେ ନିର୍ମାଣ ହୋଇଥିବା ଇ- ଲାଇବ୍ରେରି ଓ ସ୍ମାର୍ଟ ଶ୍ରେଣୀଗୃହ ବୁଲି ଦେଖିଥିଲେ। ଜିଲାପାଳଙ୍କ ଗସ୍ତବେଳେ ସହକାରୀ ଯନ୍ତ୍ରୀ ଅମିୟଚାନ୍ଦ ମଲ୍ଲିକ, ପିଇଓ କେଶବଚନ୍ଦ୍ର ମୁଖୀ ଓ ଜିଆର୍‌ଏସ୍ ଉପସ୍ଥିତ ଥିଲେ।

### ଗୋପୀନାଥପୁରରେ ବିକ୍ରମ, ଉତ୍ତରଶାସନରେ ଅକ୍ଷୟ ସଭାପତି

#### ସମବାୟ ସମିତି ନିର୍ବାଚନ

ବାଲିଆ,୧୧।୭:ବିରିଡି ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଭାବେ ବିକ୍ରମ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ସମସ୍ତ ୧୫ ଜୋନର ପରିଚାଳନା ପରିଷଦ ସଭ୍ୟ ସମର୍ଥନ ଦେଇଥିଲେ। ସେହିପରି ଉତ୍ତର ଶାସନ ସମବାୟ ସମିତିର ସଭାପତିଭାବେ ଅକ୍ଷୟ କୁମାର ବ୍ରହ୍ମା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ ନାରାୟଣ ବାରିକ ତାଙ୍କୁ ସଭାପତି ଘୋଷଣା କରିଥିଲେ। ଏହି ସମୟରେ ସରପଞ୍ଚ ସୁରେନ୍ଦ୍ର ଶତପଥୀ, ସମିତି ସଭ୍ୟ ସବ୍ୟସାଚୀ ଶତପଥୀ, ରାଜକିଶୋର ସାହୁ, ବିପିନ ବେହେରା, ଭରତ ବେହେରା, ଦେବାଶିଷ ଓଝା, ଖଗେଶ୍ୱର ମହାରଣା, ଶୈଳେନ୍ଦ୍ର ମହାନ୍ତି ଓ ବାବୁ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ମାଟ୍ରିକ୍ ପରୀକ୍ଷାରେ ଶତପ୍ରତିଶତ ସଫଳତା

#### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

କୁଜଙ୍ଗ,୧୧।୭(ଡି.ଏନ୍.ଏ) :ଚଳିତ ମାଟ୍ରିକ୍ ପରୀକ୍ଷାରେ କୁଜଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶତପ୍ରତିଶତ ସଫଳତା ଲାଭ କରିଛି। ଏଠାରେ ପରୀକ୍ଷା ଦେଇଥିବା ମୋଟ ୭୪ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-୧ରେ ୩ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏ-୨ରେ ୩୬, ବି-୧ରେ ୨୪, ବି-୨ରେ ୮ ଓ ସି ଗ୍ରେଡ୍‌ରେ ୩ଜଣ ଛାତ୍ରୀଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟର ଛାତ୍ର ସୋମେଶ ଜେନା ୫୫୫ ନମ୍ବର ଅର୍ଥାତ୍ ଶତକଡା ୯୨.୫ ନମ୍ବର ରଖିଥିବା ବେଳେ ମୈଥିଲୀ ମନୋସ୍ୱିନୀ ମହାନ୍ତି ୫୪୬ ନମ୍ବର ଅର୍ଥାତ୍ ୯୧ ପ୍ରତିଶତ ନମ୍ବର ରଖିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି କୃତିତ୍ୱକୁ ନେଇ ପରିଚାଳନା କମିଟିର ସଭାପତି ରଜନୀକାନ୍ତ ଦାସ ଓ ସମ୍ପାଦକ କରୁଣାକର ସାହୁ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ବସ୍ ଧକ୍କାରେ ବିଦ୍ୟୁତ୍ କର୍ମଚାରୀ ମୃତ

କଳିଙ୍ଗନଗର,୧୧।୭(ଡି.ଏନ୍.ଏ.): ସୋମବାର ଯାଜପୁର ରୋଡ ଥାନା ଅଧୀନ ଚୋର୍ଦା ଛକ ମହାତ୍ମା ଗାନ୍ଧୀ ମାର୍ଗ ଲୋକାଲ କିଚେନ ରେଷ୍ଟୁରାଣ୍ଟ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବିଦ୍ୟୁତ୍ ବିଭାଗ କର୍ମୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ଧବଳଗିରି ଟିଟିଏସ୍ କଲୋନୀରେ ରହୁଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ଅମ୍ଳାପଡାର ପାୟେଜ ଖାନ(୫୬)। ସେ କୋରେଇ ସେକ୍ସନରେ ଲାଇନ୍‌ମ୍ୟାନ ଭାବେ କାର୍ଯ୍ୟରତ ଥିଲେ। କୌଣସି କାମରେ ସେ ପୁଅ ସୟେଦ ଖାନଙ୍କ ବାଇକ୍‌ରେ ଆସୁଥିବା ବେଳେ ଏକ ବସ୍(ନଂ.ଓଡି୦୪ଏଲ ୦୮୬୬) ଦ୍ରୁତଗତିରେ ଆସି ତାଙ୍କୁ ଗାଡ଼ିକୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ପାୟେଜଙ୍କୁ ମୃତ ଘୋଷଣା କରିଥିଲେ। ଯାଜପୁର ରୋଡ ପୋଲିସ ଦୁର୍ଘଟଣା ଘଟାଇଥିବା ବସ୍ ଏବଂ ବାଇକକୁ ଜବତ କରିଛି

# ଶାରଳା ସମବାୟ ସୂତାକଳ ସିଲ୍ କଲା ବ୍ୟାଙ୍କ

ତିର୍ତ୍ତୋଲ,୧୧।୭(ଡି.ଏନ.ଏ.)


ସୂତାକଳ ମୁଖ୍ୟ ଫାଟକରେ ତାଲା ପଡ଼ିଛି।

- କୋରକ ଘୋଷଣା କରଗଲା
- ୨୨ଜୁନ୍‌ରେ ନୋଟିସ ଲଗାଯାଇଥିଲା
- ୧୨କୋଟି ଟଙ୍କା ବ୍ୟୟ ହୋଇଥିଲା
- ଉନ୍ନତମାନର ସୂତା ତିଆରି କରି ପୁରସ୍କୃତ ହୋଇଥିଲା

ତିର୍ତ୍ତୋଲ ବ୍ଲକ ନାଉସିରାଠାରେ ଥିବା ଶାରଳା ସମବାୟ ସୂତାକଳକୁ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଶାଖା ପକ୍ଷରୁ ସୋମବାର ସିଲ୍ କରିଦିଆଯାଇଛି। ବ୍ୟାଙ୍କ ପକ୍ଷରୁ ଏହାର ମୁଖ୍ୟ ପାଟକରେ ତାଲା ପକାଇ ଦିଆଯାଇଛି। ବ୍ୟାଙ୍କର ୪ କୋଟି ୭୪ ଲକ୍ଷ ୩୭ ହଜାର ୮୬୫ ଟଙ୍କା ଋଣ ଅନାଦାୟ ଯୋଗୁ ଏହି ସୂତାକଳକୁ କୋରକ ଘୋଷଣା କରାଯାଇଛି। ୨୨ଜୁନରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଉକ୍ତ ସୂତାକଳ ଫାଟକରେ ନୋଟିସ ଲଗାଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷ ପୋଲିସ ସହାୟତାରେ ସୂତାକଳ ପରିସରରେ ପଶି ସୂତାକଳରେ ଥିବା ତିର୍ତ୍ତୋଲ ତହସିଲ ନାଉସୀରା ମୌଜାର ଖାତା ନମ୍ବର,୨୧୪–ପ୍ଲଟ ନମ୍ବର ୯୦୯, ୯୧୦, ୯୧୧, ୯୧୨, ୯୧୩, ୯୧୪, ୯୧୫, ୯୧୬, ୯୧୭, ୯୧୮, ୯୧୯ ଓ ୯୨୦/୧୫୩୫ ରେ ଥିବା ସମସ୍ତ ଜମି ଓ ଏହା ଉପରେ ଥିବା ସମସ୍ତ କୋଠାବାଡି ଯନ୍ତ୍ରପାତିକୁ ନିଜ କବ୍‌ଜାକୁ ନେଇଯାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଡାକବାଜି ଯନ୍ତ୍ର ମାଧ୍ୟମରେ ଏବିଷୟରେ ସର୍ବସାଧାରଣଙ୍କୁ ଅବଗତ କରିଛନ୍ତି। ସିଲ୍ କରାଯାଇଥିବା ସୂତାକଳ ପରିସରକୁ ଜଗିବା ପାଇଁ ସ୍ୱତନ୍ତ୍ର ସିକ୍ୟୁରିଟି ସଂସ୍ଥାକୁ ନିୟୋଜିତ କରାଯାଇଛି। ଏଥିସହ ପୁନର୍ବାର ସୂତାକଳର ପୁନରୁଦ୍ଧାର ହେବା ଆଶା ମଉଳିଯାଇଛି।

ତିର୍ତ୍ତୋଲର ପୂର୍ବତନ ବିଧାୟକ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ସମୟରେ ୧୯୮୨ରେ ଏହାର ଶିଳାନ୍ୟାସ ହୋଇଥିଲା। ୨୬ ଏକର ଜମିରେ ହୋଇଥିବା ଏହି ସୂତାକଳ ୧୯୮୪ରେ କାର୍ଯ୍ୟକ୍ଷମ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସେତେବେଳେ ୧୨କୋଟି ଟଙ୍କା ବ୍ୟୟ ଅଟକଳରେ ଏହାକୁ ନିର୍ମାଣ କରାଯାଇଥିଲା। ପ୍ରତ୍ୟକ୍ଷ ଭାବେ ୧୫ ଶହ କର୍ମଚାରୀ ଓ ପରୋକ୍ଷରେ ୩ ହଜାର ଲୋକ ଏଥିରୁ ଗୁଜୁରାଣ ମେଣ୍ଟାଇ ପାରୁଥିଲେ। ଏହି ସୂତାକଳରୁ ଉତ୍ପାଦିତ ସୂତାର ମାନ ଉନ୍ନତ ମାନର ଥିଲା। ଏଠାକାର ସୂତା ଦେଶ ବିଦେଶକୁ ରପ୍ତାନି ହେଉଥିଲା। ଉକ୍ତ ସୂତାକଳଟି ଦେଶରେ ଦ୍ୱିତୀୟ ସ୍ଥାନରେ ଥାଇ ପୁରସ୍କୃତ ହୋଇଥିଲା। ଶ୍ରମିକ ଅଶାନ୍ତି ସାଙ୍ଗକୁ ରାଜନୈତିକ ପକ୍ଷପାତିତା ଓ ଅନ୍ୟାନ୍ୟ କାରଣ ଯୋଗୁ ଏହାର ଅବସ୍ଥା ଖରାପ ହୋଇଯାଇଥିଲା। ୧୯୯୯ ମହାବାତ୍ୟାରେ ଏହି ସୂତାକଳର ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହାର ପୁନରୁଦ୍ଧାର ଲାଗି ସ୍ଥାନୀୟ ଲୋକେ ସରକାରଙ୍କ ପାଖରେ ବାରମ୍ବାର ଦାବି କରି ବିଫଳ ହୋଇଥିଲେ। ପରେ ଏହା ଅଚଳ ହୋଇଯାଇ ସରକାରଙ୍କ ଦେବାଳିଆ ବିଭାଗ ଅଧୀନକୁ ଚାଲି ଯାଇଥିଲା। ଦୀର୍ଘ ୨୨ ବର୍ଷ ଧରି ଦେବାଳିଆ ବିଭାଗ ଅଧୀନରେ ଥାଇ ସ୍ୱତନ୍ତ୍ର ସିକ୍ୟୁରିଟି ସଂସ୍ଥା ହାତରେ ଏହାର ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା। ମାତ୍ର କେତେଜଣ ପ୍ରଭାବଶାଳୀ ଓ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଏହି ଅଚଳ ସୂତାକଳ ପରିସରକୁ ବିଭିନ୍ନ ଠିକା ସଂସ୍ଥାକୁ ଭଡ଼ା ଦେବାଆଳରେ ବଡ଼ ବଡ଼ ଟ୍ରକ ଓ ଟ୍ରେଲର ଲଗାଇ ରାତିଅଧିଆ ସୂତାକଳରୁ ବହୁ ମୂଲ୍ୟବାନ ଯନ୍ତ୍ରପାତି ବାହାରକୁ ଚାଲାଣ କରିଦେଇଥିବା ଅଭିଯୋଗ ହୋଇଥିଲା। ପରେ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଋଣ ଅର୍ଥ ପରିଶୋଧ ହୋଇ ନଥିବା ଦର୍ଶାଇ ନୋଟିସ ଲଗାଯାଇଥିଲା। ଏହା ପରଠାରୁ ଏହି ସୂତାକଳର ପୁନରୁଦ୍ଧାର ପାଇଁ କଂଗ୍ରେସ ଦଳ ପକ୍ଷରୁ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଥିବା ବେଳେ ଏନେଇ ସମୂହ ଦସ୍ତଖତ ଅଭିଯାନ ଚାଲିଛି। ମାତ୍ର ଏସବୁ ଆଶା କେବଳ ଆଶାରେ ରହିଯିବା ପରି ମନେହେଉଛି। କୋଟି କୋଟି ଟଙ୍କା ମୂଲ୍ୟର ଏହି ସମ୍ପତ୍ତି ବ୍ୟାଙ୍କ ହାତକୁ ଚାଲିଯାଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଜିଲାପାଳଙ୍କ ଜନଶୁଣାଣିରେ ୪୫ ଅଭିଯୋଗ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ରଘୁନାଥପୁର,୧୧।୭(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟ୍ ୪୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ପାରୁଲ ପଟୱାରୀ, ଉପଜିଲାପାଳ ମହେନ୍ଦ୍ର ମଲ୍ଲିକ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରୁଦ୍ରନାରାୟଣ ଦାସଙ୍କ ସହ ତହସିଲଦାର ରୂପାଲିକା ଦାଶ, ଏବିଡିଓ ଅଶୋକ କୁମାର ମହାନ୍ତି ଏବଂ ଏସ୍‌ଡିପିଓ ଡି.ଆର.ଜେନା ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ଭତ୍ତା, ପକ୍କା ଗୃହ, ରାଶନ କାର୍ଡ, ଜମିଜମା ଓ ଆଇନ ଶୃଙ୍ଖଳା ସମ୍ପର୍କିତ ସମସ୍ୟା ଅଧିକ ରହିଥିଲା। ଗୁଆଳିପୁର ଗ୍ରାମର ଶଙ୍କର ପଟ୍ଟନାୟକ ଓ ତାଙ୍କ ପୁଅ ଉପରେ ହୋଇଥିବା ଆକ୍ରମଣକୁ ନେଇ ସେ ରଘୁନାଥପୁର ଥାନାରେ ପ୍ରଥମେ ଅଭିଯୋଗ କରିଥିଲେ। ତେବେ ଏହାକୁ ପୋଲିସ କାଉଣ୍ଟର ଏଫଆଇଆର ରୂପେ ଗ୍ରହଣ କରି ଅଭିଯୁକ୍ତମାନଙ୍କ ଏଫଆଇଆରକୁ ପ୍ରାଥମିକତା ଦିଆଯାଇଥିବା ନେଇ ପଟ୍ଟନାୟକ ଅଭିଯୋଗ କରିଥିଲେ। ସେହିପରି ରଘୁନାଥପୁର ଶୁଦ୍ଧଭୂମିର ମାନସ୍ମିତା ସ୍ୱାଇଁଙ୍କ ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେଉ ନ ଥିବା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିରିଡି ବ୍ଲକ ମଙ୍ଗୁଳି ପଞ୍ଚାୟତରେ ଏମବିକେ ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବାର ନେଇ ସୁଜାତା ମିଶ୍ର ଅଭିଯୋଗ କରିଥିଲେ। ବର୍ଷା ଯୋଗୁ ଅଭିଯୋଗକାରୀଙ୍କ ସଂଖ୍ୟା ସୀମିତ ରହିଥିବାର ଆଲୋଚନା ହେଉଥିବା ବେଳେ, ପ୍ରଚାର ପ୍ରସାରର ଅଭାବ ଯୋଗୁ ଲୋକେ ଜନଶୁଣାଣି ସମ୍ପର୍କରେ ଖବର ପାଇ ପାରୁ ନ ଥିବା ଅଭିଯୋଗ ହୋଇଛି।

# ପଟ୍ଟାମୁଣ୍ଡାଇରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି


ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ପଟ୍ଟାମୁଣ୍ଡାଇ,୧୧।୭(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ ଋତୁରାଜ ଓ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୮୯ ଜଣଙ୍କର ଅଭିଯୋଗପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୩ଗୋଟି ସାମୂହିକ ହୋଇଥିବା ବେଳେ ବଳକା ୮୬ ଟି ବ୍ୟକ୍ତିଗତ ଆପତ୍ତି ଅଭିଯୋଗ ଥିଲା। ସେଥିମଧ୍ୟରୁ ଜମିଜମା, ବାର୍ଦ୍ଧକ୍ୟ ଭତ୍ତା, ସ୍ୱାସ୍ଥ୍ୟ, ପାନୀୟ ଜଳ, କୃଷି, ରାସ୍ତାଘାଟ, ରାଶନ କାର୍ଡ ଓ ଚାଷ ପାଇଁ ଆବଶ୍ୟକ ସାର ଯୋଗାଣ, ଜଳକର ଛାଡ଼ ଏବଂ ଉଚ୍ଚ ଶିକ୍ଷା ପାଇଁ ସରକାରୀ ଆର୍ଥିକ ସହାୟତା ପ୍ରଦାନ ଇତ୍ୟାଦି ସଂକ୍ରାନ୍ତୀୟ ଅଭିଯୋଗର ଶୁଣାଣି ହୋଇଥିଲା। ନୀଳକଣ୍ଠପୁର ସରପଞ୍ଚ ଜ୍ଞାନ ରଞ୍ଜନ ଖଣ୍ଡାଇ ନୀଳକଣ୍ଠେଶ୍ୱର ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ଓ ଶିକ୍ଷକ ଅଭାବ, ଗୋବିନ୍ଦପୁର ସ୍କୁଲ ଶିକ୍ଷକ ଅଭାବ ଏବଂ କଦଳୀବଣ ପାନୀୟଜଳ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସିଂହଗାଁ ସମିତି ସଭ୍ୟ ଅଭୟ ସ୍ୱାଇଁ କୃଷ୍ଣଦାସପୁର ହନୁମାନ ମନ୍ଦିରଠାରୁ ନୂଆପାଟଣା ବାତ୍ୟା ଆଶ୍ରୟସ୍ଥଳ ରାସ୍ତା ନିର୍ମାଣ, କୃଷ୍ଣଦାସପୁର ଘାଟ ଓ କଣ୍ଡିଆନାଳ ନିଲାମ, ସାନରାଉଳିଆଠାରୁ ପାଳିମି ରାସ୍ତା ଢ଼ଳେଇ କରିବା, ବଞ୍ଚିତ ଲୋକଙ୍କୁ ଭତ୍ତା ଓ ରାଶନକାର୍ଡ ଯୋଗାଇବା ଆଦି ବିଭିନ୍ନ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଡାମରପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ନୃସିଂହ ସାହୁ ଜେନାପାଟଣା ଗ୍ରାମକୁ ଏକ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରିବାକୁ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମନ୍ଦରଧର ମହାଳିକ, ବିଡିଓ ଭରତ ଚନ୍ଦ୍ର ପରିଡା, ତହସିଲଦାର ଦିଲୀପ ସେଠୀ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ବ୍ଲକ ସହନିର୍ବାହୀ ଯନ୍ତ୍ରୀ ରୋଜାଲିନ ମୁଦୁଲି, ସୁରେଶ ବେହେରା, ପୂର୍ତ୍ତ ବିଭାଗ ସହନିର୍ବାହୀଯନ୍ତ୍ରୀ ରାମଚନ୍ଦ୍ର ନାୟକ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହନିର୍ବାହୀଯନ୍ତ୍ରୀ ରଞ୍ଜନ ଲେଙ୍କା, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସ୍ମୃତି ରଞ୍ଜନ ରଥ, ଥାନା ଆଇଆଇସି ତପନ କୁମାର ରାଉତ, ମହିଳା ଓ ଶିଶୁବିକାଶ ଅଧିକାରିଣୀ ମୁକ୍ତରୀ ବେଗମ, ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି, ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ ପ୍ରମୁଖ ବିଭିନ୍ନ ବିଭାଗର ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟକିରାଣୀ ମାନସ ନନ୍ଦ ଓ କ୍ୟାସିୟର ପ୍ରିୟରଞ୍ଜନ ସାମଲ ପରିଚାଳନା କରିଥିଲେ।

### ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ ଭାଇଙ୍କୁ ଆକ୍ରମଣ

ବରୀ,୧୧।୭ (ଡି.ଏନ.ଏ.)

ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ରବିବାର ରାତିରେ ଏକ ବିବାହ ଭୋଜିରେ ବଚସା ହୋଇଥିଲା। ସୋମବାର ସକାଳେ ସେହି ଘଟଣା ଉଗ୍ରରୂପ ଧାରଣ କରିଛି। ସକାଳ ପ୍ରାୟ ସାଢ଼େ ୬ଟା ସମୟରେ ଗ୍ରାମର ସ୍ମୃତି ରଞ୍ଜନ ମଲ୍ଲିକ ଓ ତାଙ୍କ ଭାଇ କିର୍ତ୍ତୀ ରଞ୍ଜନ ମଲ୍ଲିକ ବରୀ ବ୍ଲକ ବଜାରରେ ଚା ପିଉଥିବା ବେଳେ ସେହି ଗ୍ରାମର ଯଶୋବନ୍ତ ବେଉରିଆ, ପୁଅ ରାକେଶ କୁମାର ବେଉରିଆ ଓ ଶ୍ରୀକାନ୍ତ ବେଉରିଆ ମିଳିତ ଭାବେ ମାରଣାସ୍ତ୍ର ଧରି ସ୍ମୃତିରଞ୍ଜନ, କିର୍ତ୍ତୀରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଆହତ ୨ ଭାଇଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଉଭୟଙ୍କୁ କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଆହତ ୨ ଭାଇଙ୍କ ସାନ ବାପା ହଳଧର ମଲ୍ଲିକଙ୍କ ଲିଖିତ ଅଭଯୋଗ କ୍ରମେ ବରୀ ପୋଲିସ ଏକ ମାମଲା(ନଂ.୨୨୫/୨୨) ରୁଜୁ କରି ଅଭିଯୁକ୍ତ ଯଶୋବନ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ବରୀ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ୩ ଜଣଙ୍କ ମଧ୍ୟରୁ ଜଣଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ କରାଯାଉଛି। ଖୁବ୍‌ଶୀଘ୍ର ଅନ୍ୟମାନଙ୍କୁ ଗିରଫ କରାଯିବ।

# ଟ୍ରକ୍ ଧକ୍କାରେ ମହିଳା ମୃତ

ରଘୁନାଥପୁର, ୧୧।୭(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଜଇପୁର ଜଗତସିଂହପୁର ରୋଡର ଗନାଇଲୋଠାରେ ସୋମବାର ଟ୍ରକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦେଢସର ଦେଉଳି ଗ୍ରାମର ବାବୁନା ମଲ୍ଲିକଙ୍କ ସ୍ତ୍ରୀ ବନୀ (୨୮)। ସେ ସ୍ୱାମୀ ଓ ପୁଅଙ୍କ ସହ ଏକ ବାଇକରେ ଜଇପୁରସ୍ଥିତ ବାପାଙ୍କ ଘରକୁ ଆସୁଥିବାବେଳେ ଏକ ଟ୍ରକ ତାଙ୍କ ବାଇକକୁ ଧକ୍କା ଦେଇଥିଲା। ଫଳରେ ବନୀ ତଳେ ପଡ଼ି ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ଜଗତସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ବନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତିର୍ତ୍ତୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରକକୁ ଜବତ କରି ତଦନ୍ତ ଜାରି ରଖିଛି।



ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିଛି।

# ଚାରା ବଣ୍ଟନ କାର୍ଯ୍ୟକ୍ରମ

ପାରାଦୀପ,୧୧।୭(ସ୍ୱ.ପ୍ର.): ପାରାଦୀପର ସ୍ୱେଚ୍ଛାସେବୀ ସଙ୍ଗଠନ ଆଦର୍ଶ ପ୍ରୟାସ ପକ୍ଷରୁ ରଥାରୂଢ଼ ଜଗନ୍ନାଥଙ୍କ ଦର୍ଶନ ଅବସରରେ ଭକ୍ତଙ୍କୁ ବିଭିନ୍ନ ଫଳ ଚାରା ବଣ୍ଟନ କରାଯାଇଛି। ବନମହୋତ୍ସବ ଅବସରରେ ସଙ୍ଗଠନ ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ଦେବକଲ୍ୟାଣ ମହାପାତ୍ର, ଅମିୟ ପ୍ରସାଦ ଦାସ,ବିଷ୍ଣୁ ଚରଣ ମୁଦୁଲି, ଦେବ ମଣ୍ଡଳ ପ୍ରମୁଖ ଏହି କାର୍ଯ୍ୟ କରିଥିଲେ। ଏତଦ୍‌ବ୍ୟତୀତ ବଡ଼ଦାଣ୍ଡରେ ଓ ବିଜୁ ମେମୋରିଆଲ ହସ୍ପିଟାଲ ପାଖରେ କେତେଜଣ ଅସହାୟ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ଯୋଗାଇ ଦିଆଯାଇଛି।

# ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ବିଦ୍ୟାଳୟ ଉନ୍ନତୀକରଣ

ପାରାଦୀପ/କୁଜଙ୍ଗ, ୧୧।୭(ସ୍ୱ.ପ୍ର./ଡି.ଏନ୍.ଏ.)

ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ପାରାଦୀପ ସହରାଞ୍ଚଳର ବିଭିନ୍ନ ବିଦ୍ୟାଳୟର ଉନ୍ନତୀକରଣ କରାଯାଉଛି। ଏହି ଅବସରରେ ୩ଟି ସରକାରୀ ସ୍କୁଲ ପାଇଁ ସହାୟତା ଯୋଗାଇ ଦିଆଯାଇଛି। ଭିତରଗଡରେ ଥିବା ଘନଗଳିଆ ସରକାରୀ ବିଦ୍ୟାଳୟ, ବଙ୍ଗାଳିପଡା ବିଦ୍ୟାଳୟ, ଷଣ୍ଢକୁଦ ନୋଳିଆସାହି ସରକାରୀ ବିଦ୍ୟାଳୟରେ ଡେସ୍କ ବେଞ୍ଚ, ରୋଷେଇଘର ମରାମତି ଓ ଶୌଚାଳୟ ଆଦି ନବୀକରଣ କରାଯାଇଛି। ଏଥିପାଇଁ କମ୍ପାନୀ ପକ୍ଷରୁ ୬ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ କରାଯାଇଛି। ଏହାଦ୍ୱାରା ୬୬୪ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କୁହାଯାଇଛି। ଏହାପୂର୍ବରୁ କମ୍ପାନୀ ପକ୍ଷରୁ ୧୫ ଅଙ୍ଗନୱାଡି କେନ୍ଦ୍ରର ସୌନ୍ଦର୍ଯ୍ୟକରଣ ଓ ଉନ୍ନତୀକରଣ କାର୍ଯ୍ୟ କରାଯାଇଥିଲା। ଏଥିସହ ଆଲୋକୀକରଣ, ସ୍ୱାସ୍ଥ୍ୟ ଓ ପରିମଳ ଆଦି ବାବଦରେ କାମ କରିଥିବା ସୂଚନା ମିଳିଛି।


ନୂଆ ଡେସ୍କ ଓ ବେଞ୍ଚରେ ଛାତ୍ରୀଛାତ୍ରମାନେ ପାଠ ପଢ଼ୁଛନ୍ତି।

# ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ସରୁନି

ନାଉଗାଁ,୧୧।୭(ସ୍ୱ.ପ୍ର)


ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଚାଲିଛି।

- ମେ'୨୦୨୦ରୁ ଅବଧି ସରିଛି
- ୯ କୋଟି ୯୯ ଲକ୍ଷ ବ୍ୟୟ ବରାଦ ସ୍ଥିର ହୋଇଛି
- ଅନ୍ୟ ବିଦ୍ୟାଳୟରେ କ୍ଲାସ କରୁଛନ୍ତି ୮୧ ପିଲା



ସ୍ଥାପନ ହୋଇଥିବା ଭିତ୍ତିପ୍ରସ୍ତର।

ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଦହିପାଳଠାରେ ସରକାରଙ୍କ ତରଫରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଛି। ୮ ଫେବୃୟାରୀ ୨୦୨୧ରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଏହି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଏବେ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଚାଲିଛି। ଠିକାଦାର ଭାବେ ପବିତ୍ର ମୋହନ ନାୟକ କାର୍ଯ୍ୟାଦେଶ ପାଇଛନ୍ତି। ୨୮ ଜୁନ ୨୦୧୯ରୁ ୨୭ ମେ'୨୦୨୦ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ସାରିବାକୁ ଚୁକ୍ତିପତ୍ର ହୋଇଥିଲା। ଏହାର ଅଟକଳ ମୂଲ୍ୟ ୨ କୋଟି ୯୮ ଲକ୍ଷ ୮୨ ହଜାର ଟଙ୍କା ରହିଛି। କିନ୍ତୁ ୨୭ ଅକ୍ଟୋବର ୨୦୨୧ରେ ବିଭାଗ ପକ୍ଷରୁ ଉକ୍ତ ଅର୍ଥକୁ ପୁନର୍ବାର ରିଭାଇଜ କରାଯାଇ ୯ କୋଟି ୯୯ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟବରାଦ କରିବାକୁ ସ୍ଥିର ହୋଇଛି। ମାତ୍ର ଏପର୍ଯ୍ୟନ୍ତ ବିଦ୍ୟାଳୟ ଗୃହ କାର୍ଯ୍ୟ ଶେଷ ହୋଇପାରି ନାହିଁ। ଏ ବିଷୟରେ ଠିକାଦାର ପବିତ୍ର ମୋହନ କୁହନ୍ତି, ରାସ୍ତା ସୁବିଧା ନ ଥିବରୁ ସାମାଗ୍ରୀ ଆଣିବାରେ ବିଳମ୍ବ ହେଉଛି।

ଅପରପକ୍ଷେ ଚଳିତ ଶିକ୍ଷାବର୍ଷରେ ଏହି ବିଦ୍ୟାଳୟରେ ନାମ ଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ପରୀକ୍ଷା କରାଯାଇ ଅଦ୍ୟାବଧି ୮୧ ଜଣ ପିଲାଙ୍କ ନାମ ଲେଖାଯାଇଛି। ତେବେ ବିଦ୍ୟାଳୟ ଗୃହ ନିର୍ମାଣ ହୋଇ ନ ଥିବାରୁ ପିଲାମାନେ ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲାସ କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ପିଲାଙ୍କ ପାଠପଢ଼ାରେ ଅସୁବିଧା ହେଉଥିବାବେଳେ ଅଧିକାଂଶ ଅଭିଭାବକ ଅଯଥା ଗାଡି ଭଡା କରି ଖର୍ଚ୍ଚାନ୍ତ ହେଉଛନ୍ତି। ତୁରନ୍ତ ଉକ୍ତ ଆଦର୍ଶ ବିଦ୍ୟାଳୟର ଶ୍ରେଣୀ ଗୃହ ଓ ହଷ୍ଟେଲ କାର୍ଯ୍ୟ ଶେଷ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀ ରମାକାନ୍ତ ମିଶ୍ର କୁହନ୍ତି, ଠିକାଦାରଙ୍କ ସହ କଥା ହୋଇ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ ଚେଷ୍ଟା କରାଯିବ।

**ସଂକ୍ଷେପରେ**

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



ଆଳି,୧୧ା୭(ଡି.ଏନ.ଏ.): ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଆଳି ସତ୍ୟସାଇ ବିଦ୍ୟାବିହାର ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାମେଶ୍ୱରୀ ହାଇସ୍କୁଲର ବର୍ଷା ପ୍ରିୟଦର୍ଶନୀ ମିଶ୍ର ଓ ଅନନ୍ୟା ମଲିକ, ଆଳି ହାଇସ୍କୁଲର ସୁଶ୍ରୀ ସାଇଶ୍ୱରୀ ପାତ୍ର, ଶିକ୍ସାରାଣୀ ଧଳ ଓ ଦାମୋଦର ହାଉସ୍କୁଲର ଅବିନାଶ ସାହୁଙ୍କୁ ବେଦପାଠ କରିବା ସହ ଗୁରୁମାମାନେ ସିନ୍ଦୁର, ଚନ୍ଦନ ଦେଇ ବନ୍ଧାପନା କରିବା ପରେ ପୁଷ୍ପଗୁଛ, ଟ୍ରଫି, ସତ୍ୟସାଇଙ୍କ ଫଟୋଚିତ୍ର ଓ ବିଭୁତି ପ୍ରଦାନ କାରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଛାତ୍ରୀଛାତ୍ରମାନେ ସତ୍ୟସାଇ ବିଦ୍ୟାବିହାରରୁ ଶିକ୍ଷା ଆରମ୍ଭ କରିଥିଲେ। ସେମାନେ ଉପରୋକ୍ତ ହାଇସ୍କୁଲରେ ଦଶମ ଶ୍ରେଣୀ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଛନ୍ତି। ଏହି ଉପଲକ୍ଷେ ଛାତ୍ରୀଛାତ୍ର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବରାହ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କର୍ତ୍ତା ପ୍ରଶାନ୍ତ ମଲିକ, ଆବାହକ ବାମନ ଚରଣ ବେହେରା, ପୂର୍ବତନ ଆବାହକ ଗଙ୍ଗାଧର ଦାସ, ଦୋଲଗୋବିନ୍ଦ ମଲିକ ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗଜାମରୁଡ଼ି ଆଶଙ୍କାରେ ଚାଷୀ

- କେନାଲରେ ପାଣି ନାହିଁ, ବର୍ଷାକୁ ଚାହୁଁଛନ୍ତି ଚାଷୀ
- ୩ ମାସରେ ଗତବର୍ଷଠାରୁ ୬୦୦ ମିମି କମ୍ ବର୍ଷା
- କେନାଲରେ ପାଣି ଛାଡ଼ିବାକୁ ଦାବି

କେନ୍ଦ୍ରାପଡ଼ା ଅଫିସ, ୧୧ା୭

ଆକାଶରେ ବାଦଲ ଅଛି, ବର୍ଷା ନାହିଁ। ମୌସୁମୀ ବର୍ଷା ଓଡ଼ିଶାକୁ ଛୁଇଁଥିବା ପାଣିପାଗ ବିଶେଷଜ୍ଞ ସୂଚନା ଦେଇଥିଲେ। ହେଲେ କେନ୍ଦ୍ରାପଡ଼ା ଜିଲାରେ ବର୍ଷା ପରିମାଣ ଖୁବ୍ କମ୍ ରହିଛି। ଗତ ୩ ମାସର ବର୍ଷା ପରିମାଣ ୨୦୨୧ ବର୍ଷଠାରୁ ୫୯୮.୪୪ ମିଲିମିଟର କମ୍ ରହିଛି। କ୍ଷେତ ଶୁଖିଲା ପଡ଼ିଥିବା ବେଳେ କେନାଲରେ ପାଣି ନାହିଁ। ଲଘୁଚାପ ବା ମୌସୁମୀ ବର୍ଷା ପାଇଁ ଚାଷୀ ଆକାଶକୁ ଚାହୁଁଛନ୍ତି। ଚାଷ ପାଇଁ ବିଭିନ୍ନ ସ୍ଥାନରୁ ଋଣ ଆଣି ଧାନ ବୁଣିଥିଲେ। ଏବେ ଏହା ଗଜାମରୁଡ଼ି ହେବ ବୋଲି ଚାଷୀ ଆଶଙ୍କା କରୁଛନ୍ତି। ଜଳସେଚନ ବିଭାଗର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କେନାଲକୁ ପାଣି ଛଡାଯାଉନାହିଁ। ତୁରନ୍ତ କେନାଲରେ ପାଣି ଛାଡିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀ ଦାବି କରିଛନ୍ତି।

କୃଷି ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ସମୁଦାୟ ଜଳସେଚିତ ୬୫,୦୩୨ ହେକ୍ଟର ଜମି ମଧ୍ୟରୁ ୪୫,୯୧୪ ହେକ୍ଟର ଜମି କେନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ। ମହାନଦୀ ନର୍ଥ ଡିଭିଜନ ଅନ୍ତର୍ଗତ ଡେରାବିଶ ବ୍ଲକର ୨୯୬୧ ହେକ୍ଟର, ମାର୍ଶାଘାଇର ୧୦୫୫ ହେକ୍ଟର ଓ ଗରଦପୁର ବ୍ଲକର ୧୦୪୯ ହେକ୍ଟର ଜମି କେନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ। ସେହିପରି କେନ୍ଦ୍ରାପଡ଼ା ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡାର ୧୬,୩୫୭ ହେକ୍ଟର, ଡେରାବିଶର ୭୮୪୦ ହେକ୍ଟର, ମାର୍ଶାଘାଇର ୩୪୦୯ ହେକ୍ଟର, ମହାକାଳପଡ଼ାର ୩୦୦୭ ହେକ୍ଟର ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୧୧,୦୪୯ ହେକ୍ଟର କ୍ଷେତ ଜମିକୁ କେନାଲ ମାଧ୍ୟମରେ ପାଣି ଯୋଗାଇ ଦିଆଯାଏ। ଅପରପକ୍ଷରେ ଆଳି, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳ ସହ ଅନ୍ୟ ବ୍ଲକର ଚାଷୀ ଉଠାଜଳସେଚନ ଓ ବର୍ଷା ଉପରେ ନିର୍ଭର କରିଥାନ୍ତି। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ଗତ ୨୦୨୧ ମେ'ରେ ହାରାହାରି ୪୩୬.୨୨ ମି.ମି., ଜୁନରେ ୨୪୯.୧୧ ମି.ମି. ଓ ଜୁଲାଇରେ ୧୮୪ ମି.ମି ପରିମାଣର ବର୍ଷା ହୋଇଥିଲା। ଏହି ତୁଳନାରେ ଚଳିତବର୍ଷ ମେ'ରେ ହାରାହାରି ମାତ୍ର ୭୨.୧୧ ମି.ମି., ଜୁନ୍‌ରେ ୬୭ ମି.ମି ଓ ଜୁଲାଇ ୧୧ ତାରିଖ ସୁଦ୍ଧା ୧୩୨.୧୧ ମି.ମି ବର୍ଷା ହୋଇଛି। ଏହା ଚାଷ ପାଇଁ ଉପଯୁକ୍ତ ପରିମାଣର ବର୍ଷା ନୁହେଁ। କେନ୍ଦ୍ରାପଡ଼ା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କହିଛନ୍ତି, ରୁଆ ଧାନ ଥୁଆ କୁହାଯାଏ। କେନାଲ ପାଖାପାଖି ଜମିରେ ତଳି ପକାଯାଇ ଧାନ ତଳି ରୁଆଯାଏ। ସହଳ କିସମ ଧାନ ଗଛ ପାଇଁ ସମୟସୀମା ଅଛି। ଜୁଲାଇ ଆରମ୍ଭରୁ ଧାନତଳି ପକାଇଲେ ଶତ ପ୍ରତିଶତ ଗଛ ହେଉଥିବା ବେଳେ ମାସର ଶେଷକୁ ତଳି ପକାଇଲେ ପ୍ରାୟ ୬୦% ଗଛ ମିଳିବ। ତେବେ ଜିଲା ଜଳସମ୍ପଦ ବିଭାଗ ଏ ନେଇ ସଚେତନ ନୁହନ୍ତି। ଉପଯୁକ୍ତ ସମୟରେ କେନାଲରେ ପାଣି ଛାଡିବାକୁ ସେମାନେ ତତ୍ପରତା ଦେଖାଉନାହାନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ। ଡେରାବିଶ ବ୍ଲକ କୋଶିଦା ଗାଁର ଚାଷୀ କେଶବ ଚନ୍ଦ୍ର ସାମଲ ପ୍ରଶାସନର ଏପରି ଖାମଖିଆଲ ନୀତିକୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଅକ୍ଷୟତୃତୀୟାଠାରୁ ଚାଷୀ ଜିଲାରେ ଖରିଫ ଧାନଚାଷ ପାଇଁ କ୍ଷେତରେ ହଳକାର୍ଯ୍ୟ ଆରମ୍ଭ କରିଥାନ୍ତି। ବର୍ଷାକୁ ଦେଖି ଧାନ ବୁଣାବୁଣି କରାଯାଏ। ଚଳିତବର୍ଷ ଆବଶ୍ୟକ ବର୍ଷା ନ ହେବାରୁ ବୁଣାଧାନ ଗଜାମରୁଡି ଅବସ୍ଥାକୁ ଆସିଯାଇଛି। ଚାଷୀ ଋଣ କରି ଚାଷ କରିଥିବା ବେଳେ ଧାନ ନ ହେଲେ ଋଣ ଶୁଝିବା କଷ୍ଟକର ହେବ। କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ରାଜ୍ୟର ଦ୍ୱିତୀୟ ଜଳପଥ ଏହି ଜିଲାରେ ଅଛି। ୭ ନଦୀ, ୨୭ ଶାଖା ନଦୀ ସହ ବୃହତ୍ କେନାଲ ଅଛି। ଏହାସତ୍ତ୍ୱେ ଜଳ ପରିଚାଳନା କୃଷି ପାଇଁ ବାଧକ ହୋଇଛି। ଜଳସେଚନ ପାଇଁ ଚାଷକୁ ଜଳ ମିଳୁ ନ ଥିବା ବଳେ ବନ୍ୟା ଓ ଅତ୍ୟଧିକ ବର୍ଷା ସମୟରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ସମସ୍ୟା ଅଛି। କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜିଲାରେ ୭ ନଦୀର ସଂଯୋଗୀକରଣ ସହ ବିଭିନ୍ନ ସ୍ଥାନରେ କ୍ରିକ୍ ବନ୍ଧ ନିର୍ମାଣର ଆବଶ୍ୟକତା ଅଛି। କେନାଲର ପୁନରୁଦ୍ଧାର ନାମରେ ଘାସ ଚାଂଛି ଅର୍ଥ ହଡପ କରାଯାଉଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାଉତଙ୍କୁ ପଚାରିବାରେ ଆସନ୍ତା ୧୫ ତାରିଖ ସୁଦ୍ଧା କେନାଲରେ ପାଣି ଛଡାଯିବାକୁ ପ୍ରକ୍ରିୟା ଜାରି ରହିଛି। ଧାନଚାଷ ପାଇଁ କେନାଲ ପାଣି ବାଧକକୁ ସେ ଅସ୍ୱୀକାର କରିଛନ୍ତି।



ଧାନ ରୁଆ ହୋଇଥିବା ଚାଷ ଜମି ପାଣି ଅଭାବରୁ ଫାଟି ଯାଇଛି।

## ଗ୍ରାମବାସୀଙ୍କ ପୋଖରୀକୁ ହାତେଇବାକୁ ମସୁଧା

ରାଜନଗର,୧୧ା୭(ଡି.ଏନ୍.ଏ.)

ରାଜନଗର ତହସିଲ ଅନ୍ତର୍ଗତ କୃଷ୍ଣନଗର ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମବାସୀ ୩୦ ବର୍ଷ ହେଲା ଏକ ପୋଖରୀ ଖୋଳି ଗ୍ରାମର ସାମୂହିକ କାମରେ ବ୍ୟବହାର କରି ଆସୁଛନ୍ତି। ମାତ୍ର ଏହି ପୋଖରୀକୁ ଗାଁର ଦୁଇଜଣ ବ୍ୟକ୍ତିଙ୍କ ନାଁରେ ଚଳିତବର୍ଷ ରାଜନଗର ତହସିଲ ପକ୍ଷରୁ ଅବରୋଧ କେସ୍ ମାଧ୍ୟମରେ ପାଉତି କଟାଯାଇଛି, ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ସୋମବାର ଗ୍ରାମବାସୀ ଏ ନେଇ ରାଜନଗର ତହସିଲରେ ପହଞ୍ଚି ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଦୀର୍ଘ ୩୦ ବର୍ଷ ହେଲା ସୁବର୍ଣ୍ଣପୁର ମୌଜାର ପ୍ଲଟ ନଂ. ୭୫, ୬୪ ଡେସିମିଲ ଜାଗାରେ ଗ୍ରାମବାସୀ ଏକ ପୋଖରୀ ଖୋଳିବା ସହ ସେଥିରେ ମାଛଚାଷ କରି ଗାଁର ସମୂହ କାମରେ ଲଗାଇଥାନ୍ତି। ମାତ୍ର ଚଳିତବର୍ଷ ଏହି ପୋଖରୀକୁ ବେଆଇନ ଭାବେ ଦୁଇଜଣଙ୍କ ନାଁରେ ଅବରୋଧ କେସ କରି ପାଉତି କଟାଯାଇଛି। କୌଣସି ତଦନ୍ତ ନ କରି ରାଜସ୍ୱ ନିରୀକ୍ଷକ ଏହି ପାଉତି କାଟିଛନ୍ତି ବୋଲି ଗ୍ରାମବାସୀ ତହସିଲରେ ଅଭିଯୋଗ କରିଛନ୍ତି। ଗ୍ରାମର ଗୋବିନ୍ଦ ମାନା, ବିଷ୍ଣୁପଦ ଜାନା, ସୁବିମଳ ବେରା ପ୍ରମୁଖ ତହସିଲରେ ଏହି ଅଭିଯୋଗ କରିଛନ୍ତି।

## ଅସହାୟା ମହିଳାଙ୍କୁ ସହାୟତା

ରାଜନଗର, ୧୧ା୭(ଡି.ଏନ୍.ଏ.): କରୋନା ମହାମାରୀ ଜୀବନର ଖୁସି ଛଡାଇ ନେଲା। ଛୋଟ ଛୋଟ ୪ଜଣ ଶିଶୁ ଓ ସ୍ତ୍ରୀଙ୍କୁ ଛାଡି ସ୍ୱାମୀ ଆଖି ବୁଜିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟା ସ୍ତ୍ରୀଙ୍କ ପକ୍ଷେ ପରିବାର ଚଳାଇବା କଷ୍ଟସାଧ ହୋଇପଡିଛି। କେନ୍ଦ୍ରାପଡା ଜିଲା ଇଚ୍ଛାପୁର ଗାଁର ସମ୍ପୃକ୍ତା ମହିଳା ପ୍ରତୀମା ସେଠୀ। ସ୍ୱାମୀଙ୍କ ମୃତ୍ୟୁ ପରେ ୪ ପୁଅ ଝିଅଙ୍କ ପେଟରେ ଦି'ଓଳି ଦି'ମୁଠା ଦାନା ଦେବା ତାଙ୍କ ପାଇଁ କଷ୍ଟସାଧ ହୋଇପଡିଛି। ଏହି ଅସହାୟା ମହିଳାଙ୍କୁ ରୋଜଗାର ଯୋଗାଇ ଦେବାକୁ ସୋମବାର ତୁଳସୀକ୍ଷେତ୍ର ହେଲ୍ପ ଫାଉଣ୍ଡେଶନ ପକ୍ଷରୁ ଏକ ଟେଲରିଂ



ମେଶିନ ସହ ପିଲାମାନଙ୍କ ପଢିବା ପାଇଁ ବହି ଖାତା ଯୋଗାଇ ଦିଆଯାଇଛି। ସଙ୍ଗଠନର ଉପଦେଷ୍ଟା ହିମାଂଶୁ ସାହୁ, କୈଳାସ ମହାନ୍ତି, ମାନସ ରଞ୍ଜନ ନାୟକ, ସନ୍ତୋଷ ରାଉତ, ଗୌରାଙ୍ଗ ସୂତାର ପ୍ରମୁଖ ସମ୍ପୃକ୍ତା ମହିଳାଙ୍କ ନିକଟରେ ପହଞ୍ଚି ଏହି ସହାୟତା ଯୋଗାଇ ଦେଇଛନ୍ତି।

# ରାସ୍ତାନିର୍ମାଣ ଅଭିଯୋଗକୁ ନେଇ ପେଲାଠେଲା



ପଲେଇ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଲୋକମାନେ ବିଡିଓଙ୍କୁ ଅଭିଯୋଗ କରୁଛନ୍ତି।

**ପଲ୍ଲୀରେ ପ୍ରଶାସନ**

- ପଲେଇ ପଞ୍ଚାୟତରେ ୩୩୫ ଜଣ ଅଭିଯୋଗକାରୀ

ଡେରାବିଶ, ୧୧ା୭(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାରେ ଡେରାବିଶ ବ୍ଲକ ଅଧୀନ ପଲେଇ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୩୩୫ଟି ଅଭିଯୋଗ ଆସିଥିଲା। ଏହାକୁ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ସରପଞ୍ଚ ଅକ୍ଷୟ କୁମାର ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା ଉପସ୍ଥିତ ରହିଥିଲେ। ବିଡିଓ ନମିତା ବାରିକ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହି ସାଧାରଣ ଲୋକଙ୍କର ଅଭିଯୋଗ ଗ୍ରହଣ କରିବା ସହ ତ୍ୱରିତ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇଛନ୍ତି। ଏକ ଅବହେଳିତ ରାସ୍ତା ନିର୍ମାଣକୁ ନେଇ ଅଭିଯୋଗ କରିବାକୁ ଆସିଥିବା ଗାଁ ଲୋକଙ୍କୁ ପଞ୍ଚାୟତ କେତେଜଣ ଲୋକ ବିରୋଧ କରିବାରୁ ଠେଲାପେଲା ହୋଇଥିଲା।

ଏଥିରେ ଏବିଡିଓ ଭଞ୍ଜକିଶୋର ନାୟକ, ସହକାରୀ ପ୍ରକଳ୍ପ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ବ୍ଲକ ପ୍ରାଣୀଧନ ଚିକିତ୍ସକ ଡା. ଜୀବନାନନ୍ଦ ମହାନ୍ତି, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରେୟସୀ ସାମଲ, ମିଶନ ଶକ୍ତିର ସଂଯୋଜକ କୈଳାସ ବାରିକ, ଜୀବିକା ମିଶନର ସଂଯୋଜକ ସରିତା ସାହୁ, ଉଦ୍ୟାନ କୃଷି ବିଭାଗର ଅଧିକାରୀ କେଦାର ବାରିକ, ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ବିଭୁଦତ୍ତ ଦାସ ଓ ଦେବାଶିଷ ଧଳ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗମାନ ଶୁଣିଥିଲେ। କାର୍ଯ୍ୟକ୍ରମକୁ ରମାକାନ୍ତ ପରିଡା, ଶାରଦା ନାଥଶର୍ମା, ବିଜୟ କୁମାର ସ୍ୱାଇଁ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଚିତ୍ତରଞ୍ଜନ ରାଉତ ପ୍ରମୁଖ ପରିଚାଳନା କରିଥିଲେ। ତେବେ ପ୍ରାଣୀଧନ ବିଭାଗର ଗୃହପାଳିତ ପଶୁମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଆସିଥିବା ୧୦୦ଟି ଅଭିଯୋଗର ଡାକ୍ତର ମହାନ୍ତି ସମାଧାନ କରିଥିଲେ। ସେହିପରି ମିଶନ ଶକ୍ତି ଓ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଖୋଲା ଯାଇଥିବା ଷ୍ଟଲରେ ପଞ୍ଚାୟତ ଅଧୀନରେ ଥିବା ୧୨୪ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ପଞ୍ଚାୟତର ଏମ୍‌ବିକେ ଓ ସିଆରପିମାନଙ୍କୁ ମହିଳାଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ସେହିପରି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଡା. ସୁଚରିତା ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ପଲେଇ ପଞ୍ଚାୟତର କାଜିପୁର ଗ୍ରାମକୁ ଆସିଥିବା ରାସ୍ତାର ପ୍ରବେଶ ପଥରେ ଗୋଟିଏ ପଟେ ପାଣି କାଦୁଅ ହୋଇ ଦୀର୍ଘବର୍ଷ ହେବ ପଡ଼ିରହିଛି। ଅନ୍ୟପକ୍ଷରେ ଗ୍ରାମକୁ ଆସିଥିବା ମୁଖ୍ୟ ରାସ୍ତାରେ ଖାଲଖମା ଭର୍ତ୍ତି ହୋଇଥିବାରୁ ଏ ନେଇ ଗ୍ରାମବାସୀ ଏକ ଲିଖିତ ଅଭିଯୋଗପତ୍ର ବିଡିଓଙ୍କୁ ଦେବାକୁ ଆସିଥିଲେ। ମାତ୍ର ପଞ୍ଚାୟତର ଏକ ଗୋଷ୍ଠୀ ଅଭିଯୋଗକାରୀଙ୍କୁ ବିଡିଓଙ୍କ ନିକଟକୁ ଛାଡ଼ି ନ ଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ଓ ପେଲାଠେଲା ହୋଇଥିଲା। ବିଡିଓ ବାରିକ ଅଭିଯୋଗକୁ ଗ୍ରହଣ କରିବା ସହ ଉଭୟ ଗୋଷ୍ଠୀଙ୍କୁ ବୁଝାଶୁଝା କରିବା ପରେ ଘଟଣାଟି ପ୍ରଶମିତ ହୋଇଥିଲା। କାର୍ଯ୍ୟକ୍ରମ ସରିବା ପର୍ଯ୍ୟନ୍ତ ଗାଁର ଅଭିଯୋଗକାରୀମାନେ ବିଡିଓ ସମ୍ପୃକ୍ତ ରାସ୍ତାକୁ ନ ଦେଖିବା ପର୍ଯ୍ୟନ୍ତ ସେମାନେ ଏଠାରୁ ଯିବେ ନାହିଁ ବୋଲି ଅଡ଼ି ବସିଥିଲେ। ପରେ ବିଡିଓ ସେମାନଙ୍କ ସହ ଗାଁକୁ ଯାଇ ରାସ୍ତା ଉଭୟପଟର ଦୁରାବସ୍ଥା ଦେଖିଥିଲେ। କିପରି ଏହାର ତୁରନ୍ତ ସମାଧାନ ହେବ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ।

## ଯମପଡ଼ା ପଞ୍ଚାୟତରେ ୩୧୬ ଅଭିଯୋଗ




ଯମପଡ଼ା ପଞ୍ଚାୟତରେ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ମାର୍ଶାଘାଇ,୧୧ା୭ (ଡି.ଏନ୍.ଏ.):

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଯମପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଉମାଶଙ୍କର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ମୋଟ ୩୧୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଅଭିଯୋଗଗୁଡିକ ମଧ୍ୟରେ ସାଧାରଣ ବର୍ଣ୍ଟନ ବ୍ୟବସ୍ଥା, ଭତ୍ତା, ଆବାସ ଯୋଜନାରେ ପକ୍କା ଘର ଆଦି ରହିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଖୋଲାଯାଇଥିବା ବିଭିନ୍ନ ଷ୍ଟଲରେ ଶିଶୁମାନଙ୍କ ଆଧାର ପଞ୍ଜୀକରଣ, ସୁକନ୍ୟା ସମୃଦ୍ଧି ଯୋଜନାରେ ଜମାଖାତା ଖୋଲାଯିବା, ଅଣସଙ୍ଗଠିତ ଶ୍ରମିକମାନଙ୍କ ପଞ୍ଜୀକରଣ, ମାଗଣା ମୃତ୍ତିକା ଓ ପାଣି ପରୀକ୍ଷା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବର୍ଣ୍ଟନ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ପାଇଁ କାଗଜପତ୍ର ପ୍ରସ୍ତୁତି ଓ ନୂଆ ରାଶନ କାର୍ଡ ପାଇଁ ଆବେଦନ ଗ୍ରହଣ କରାଯାଇଥିଲା। ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ଉପାଧକ୍ଷା ଉର୍ମିଳା ମହାନ୍ତି, ଜିଲା ପରିଷଦ ସଭ୍ୟ ପ୍ରମୋଦ ରଥ, ସରପଞ୍ଚ ମନୋଜକାନ୍ତ ପରିଡା, ସମିତିସଭ୍ୟା ସୁପ୍ରଭା ଜେନା, ଅତିରିକ୍ତ ତହସିଲଦାର ଅଶୋକ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଜିପିଓ ନିରଞ୍ଜନ ଦାସ, ବ୍ଲକ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ଉଦ୍ୟାନ ବିଭାଗ ଅଧିକାରୀ ଶରତ ଚନ୍ଦ୍ର ବେହେରା, ବ୍ଲକ ଜୀବିକା ମିଶନର ବିପିଏମ୍ ସଂଜ୍ଞା ସାଗରିକା ପଣ୍ଡା, ସିଡିପିଓ ପ୍ରୀତିଲତା ପ୍ରହରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପଲ୍ଲୀରେ ପ୍ରଶାସନ: ୫୦୦ ଅଭିଯୋଗ



ବଉଣକଣି ପଞ୍ଚାୟତରେ ଲୋକମାନେ ପ୍ରଶାସନିକ ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

ମହାକାଳପଡ଼ା,୧୧। ୭(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବଉଳକଣି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୦ ରୁ ଅଧିକ ବିଭିନ୍ନ ଅଭିଯୋଗ ପତ୍ର ଦାଖଲ ହୋଇଥିଲା। ବ୍ଲକ ଅତିରିକ୍ତ ବିଡିଓ କିରନ ଚନ୍ଦ୍ର ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମିଶନ ଶକ୍ତି, ଜୀବିକା ମିଶନ, ରାଶନ କାର୍ଡ, ଭତ୍ତା, ପାନୀୟଜଳ, ସ୍ୱାସ୍ଥ୍ୟ, ପ୍ରାଣୀ ଚିକିତ୍ସା, ଆଧାର କାର୍ଡ ଆଦି ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେହିପରି ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ୭ ଜଣ ହିତାଧିକାରୀଙ୍କୁ ଜମି ପଟ୍ଟା ବର୍ଣ୍ଟନ କରିଥିଲେ। ଏଥିରେ ସରପଞ୍ଚ ସାଲବେଗ ମାହାଲି, ସିଡିପିଓ କବିତା ମଲିକ, ସମିତି ସଭ୍ୟ ପ୍ରିୟଙ୍କା ମଲିକ, ନାଏବ ସରପଞ୍ଚ ଭାରତୀ ମଣ୍ଡଳ, ବ୍ଲକ ଏସିଓ ସଂଗ୍ରାମ କେଶରୀ ବେଉରାଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ହଳଧର ସ୍ୱାଇଁ, ପ୍ରଭାସ କୁମାର ମଣ୍ଡଳ, ପ୍ରଭାଂଶୁ ଶେଖର ପରିଡା ପ୍ରମୁଖ ପରିଚାଳନା କରିଥିଲେ।

## ଖବରଦାତାଙ୍କ ବିଦ୍ୟାଳୟ ପ୍ରବେଶ କଟକଣାକୁ ନିନ୍ଦା

ଝୁମ୍ପୁରୀ,୧୧ା୭(ଡି.ଏନ୍.ଏ.)

ବିଦ୍ୟାଳୟରେ ଖବରଦାତାମାନଙ୍କ ପ୍ରବେଶ ଉପରେ ଲଗାଯାଇଥିବା କଟକଣା ପ୍ରେସ୍ କ୍ଲବ୍ ଦଶରଥପୁର ପକ୍ଷରୁ ନିନ୍ଦା କରାଯାଇଛି । ସ୍କୁଲ ରୁପାନ୍ତରିକରଣ କାର୍ଯ୍ୟରେ ଚାଲିଥିବା ଦୁର୍ନୀତିକୁ ଖବରଦାତାମାନେ ଲୋକଲୋଚନକୁ ଆଣୁଥିବାରୁ ସରକାର ଏପରି ଅଗଣତାନ୍ତ୍ରିକ ନିର୍ଦ୍ଦେଶ ଜାରି କରିଛନ୍ତି ବୋଲି ପ୍ରେସ୍ କ୍ଲବ୍ ସଭାପତି ଶଙ୍କର୍ଷଣ କୁଣ୍ଡୁ କହିଛନ୍ତି । ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ପ୍ରେସ୍ କ୍ଲବ୍ ପକ୍ଷରୁ ଖବରଦାତା ଉମାକାନ୍ତ ଧଳ, ମହେଶ୍ୱର ଜେନା, ଦେବେନ୍ଦ୍ର କୁମାର ସାମଲ, ପ୍ରଦୀପ କୁମାର ମହାନ୍ତି, ପ୍ରତ୍ୟୁଷ ନାୟକ, ମନୋଜ ପୃଷ୍ଟି, ଯତୀନ୍ଦ୍ରନାଥ କର, ମନୋଜ ପରିଡ଼ା, ସତ୍ୟଜିତ ସାମଲ, ଜୟପ୍ରକାଶ ନାୟକ, ପ୍ରତାପ ମଲ୍ଲିକ, ସରୋଜ କୁମାର ନାୟକ, ଧୀରେନ୍ଦ୍ର ମଲ୍ଲିକ, ସୁରେଶ କୁମାର ସେଠୀ ପ୍ରମୁଖ ଦାବି କରିଛନ୍ତି ।

# ସେବିକା ସାଗରିକାଙ୍କ ଘରେ ରାଜ୍ୟପାଳ

- ପଇଡ଼ ପାଣି ପିଇଲେ
- ଗାଁ ଲୋକଙ୍କୁ ଆତ୍ମୀୟତା ବାଣ୍ଟିଲେ

ରସୁଲପୁର,୧୧ା୭(ଡି.ଏନ୍.ଏ.)

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ଖଇରାବାଦ ଗ୍ରାମରେ ସୋମବାର ସକାଳେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲା ଓ ତାଙ୍କ ପୁଅ ମନି ସିଙ୍ଗଲ ପହଞ୍ଚି ଥିଲେ । ଖଇରାବାଦ ଗ୍ରାମବାସୀ ରାଜ୍ୟପାଳଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ତାଙ୍କ ସେବିତା ସାଗରିକାଙ୍କ ଘରେ ରାଜ୍ୟପାଳ ପଇଡ ପାଣି ପିଇବା ସହ ଜଳଖିଆ ଖାଇଥିଲେ । ଗାଁ ଲୋକଙ୍କ ଉତ୍ସାହକୁ ଦେଖି ରାଜ୍ୟପାଳ ସେମାନଙ୍କ ସହ ଆତ୍ମୀୟତା ବାଣ୍ଟିଥିଲେ ।

ଆରତୀ ଓଝା ଓ ଗୋପୀନାଥ ବେହେରାଙ୍କ ମଝିଆ ଝିଅ ସାଗରିକା ରାଜ୍ୟପାଳଙ୍କ ମୁଖ୍ୟ ସେବିକା ଭାବେ କାର୍ଯ୍ୟରତ ଅଛନ୍ତି । ରାଜ୍ୟପାଳଙ୍କ ପରିବାର ଲୋକେ ସାଗରିକାଙ୍କୁ ଖୁବ୍ ଭଲ ପାଆନ୍ତି । ରାଜ୍ୟପାଳ ତାଙ୍କ ପରିବାର ଲୋକଙ୍କୁ ଭେଟିବାକୁ ଇଚ୍ଛା ପ୍ରକାଶ କରିଥିଲେ । ଏହି କ୍ରମରେ ସୋମବାର ରାଜ୍ୟପାଳ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭଦ୍ରକ ଯାଉଥିଲେ । ଏହି ଅବସରରେ ସେ ସାଗରିକାଙ୍କ ଘରକୁ ଆସି ତାଙ୍କ ପରିବାର ସଦସ୍ୟଙ୍କ ସହ ଭେଟି ଥିଲେ । ପ୍ରାୟ ୩୦ ମିନିଟ୍ ରହଣି ଅବସରରେ ରାଜ୍ୟପାଳ ପରିବାର ଲୋକଙ୍କ ସହ କଥାବାର୍ତ୍ତା କରିବା ସହ ଫଟୋ ଉଠାଇଥିଲେ । ରାଜ୍ୟପାଳ ସାଗରିକାଙ୍କ ଘରକୁ ଆସୁଥିବା ଜଣାପଡିବା ପରେ ଯାଜପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଏନ.ସି. ବାରିକ, ଉପ-ଜିଲାପାଳ ଶରତ ମହାପାତ୍ର, ଏସ୍‌ଡିପିଓ ଚିନ୍ମୟ କୁମାର ନାୟକ, ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, କୁଆଖିଆ ଥାନା ଅଧିକାରୀ ଶିବ ଚରଣ ବେହେରା, ଏସ.ଆଇ. ଦୁଷ୍ମନ୍ତ ଦାସ, ଅନିତା ପ୍ରଧାନ, ସରପଞ୍ଚ ପ୍ରଜ୍ଞା ପରମିତା ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।



ସାଗରିକାଙ୍କ ପରିବାର ଗହଣରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ।

## ସଂକ୍ଷେପରେ

### ୬ ଫୁଟର ଢମଣା ଉଦ୍ଧାର



ଜି.ଉଦୟଗିରି, ୧୧।୭ (ଡି.ଏନ.ଏ.): ଜି.ଉଦୟଗିରି ପଦାସାହିରୁ ସୋମବାର ୬ ଫୁଟିଆ ଢମଣା ସାପକୁ ଉଦ୍ଧାର କରାଯାଇଛି। ସ୍ନେକ ହେଲ୍ପ ଲାଇନ ଟିମର ରାଜିବ ଦଳବେହେରା ଏବଂ ଚିଣ୍ଟୁ ଯୁକ୍ତି ପ୍ରମୁଖ ପଦାସାହିରୁ ଉପାଧ୍ୟକ୍ଷଙ୍କ ଘରୁ ସାପ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛନ୍ତି। ସ୍ନେକ ହେଲପ୍ ଲାଇନ୍‌ର ଏହି ତୁରନ୍ତ ଏବଂ ନିଶୁଳ୍କ ସେବା ପାଇଁ ସାଧୁବାଦ ଜଣାଇଛନ୍ତି ସାହି ବାସିନ୍ଦା।

### ଅଭିଭାବକ, ଶିକ୍ଷକ ସମ୍ମିଳନୀ ବୈଠକ

**ବଲସକୁମ୍ପା,୧୧।୭:** ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ରଣପାଟୁଲି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ନୂଆଗାଁ ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣଲତା କହଁର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଏଲ୍ଏସ୍‌ପି ଗୋପାଳ କୃଷ୍ଣ ବେହେରା ଯୋଗଦେଇ ନିଜ ଅଭିଭାଷଣରେ ପିଲାଙ୍କୁ ଉତ୍ତମ ସଂସ୍କାର ଦେବା ଅଭିଭାବକ ଏବଂ ମାତାପିତାଙ୍କ କର୍ତ୍ତବ୍ୟ ବୋଲି ସ୍ଲୋଗାନ ମାଧ୍ୟମରେ ଶପଥ ପାଠ କରାଇଥିଲେ। ପରେ ପ୍ରଧାନଶିକ୍ଷକ ସାହୁ ସ୍କୁଲରେ ଥିବା ପାନୀୟ ଜଳ ସମସ୍ୟା ଏବଂ ଛାତ୍ରୀ ନିବାସ ହଷ୍ଟେଲରେ ନଳକୂପରେ ସୋଲାର୍ ପମ୍ପ ଲଗାଇବା ନିମନ୍ତେ ସ୍ଥାନୀୟ ସରପଞ୍ଚ କହଁରଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ସଭାପତି ଧର୍ମେନ୍ଦ୍ର କହଁର ସଭାପତିତ୍ୱ କରିଥିବା ବେଳେ ସ୍କୁଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ପରେ ପୁରାତନ ସ୍କୁଲ ପରିଚାଳନା କମିଟି ଭାଙ୍ଗି ୬ ଜଣ ପୁରୁଷ ଓ ୬ ଜଣ ମହିଳା ସଦସ୍ୟାଙ୍କୁ ନେଇ କମିଟି ଗଠନ କରାଯାଇଥିଲା। ସେଥିରେ ରବୀନ୍ଦ୍ର କହଁର ସଭାପତି, ଗଣେଶ ମଲ୍ଲିକ ଉପସଭାପତି ମନୋନୀତ ହୋଇଥିଲେ।

### ବାହୁଡ଼ାକୁ ଆସି ବାଟ ଭୁଲିଲେ ବ୍ରଜବନ୍ଧୁ

#### ଉଦ୍ଧାର କଲା ସାବରଙ୍ଗ ପୋଲିସ

**ପଦ୍ମପୁର, ୧୧।୭ (ଡି.ଏନ.ଏ.):** ପୁରୀରେ ବାହୁଡ଼ାଯାତ୍ରା ଦେଖିବାକୁ ଆସି ବାଟ ଭୁଲି ଯାଇଥିଲେ। ଟ୍ରେନ୍‌ରେ ବସି ଭଦ୍ରକ ଚାଲିଆସିଥିବା ଗଞ୍ଜାମ ଜିଲାର ଜଣେ ବୃଦ୍ଧଙ୍କୁ ଭଦ୍ରକ ସାବରଙ୍ଗ ପୋଲିସ ଉଦ୍ଧାର କରିଛି। ସୂଚନା ଅନୁଯାୟୀ, ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଧୀନ ଆଲିଆବାଗର ବ୍ରଜବନ୍ଧୁ ନାୟକ ବାହୁଡ଼ା ଯାତ୍ରା ଦେଖି ସାରି ଟ୍ରେନ୍‌ରେ ବସିଥିଲେ। ଭୁଲ୍‌ବଶତଃ ଗଞ୍ଜାମ ଯିବା ଟ୍ରେନ୍‌ରେ ନ ବସି ଭଦ୍ରକ-ଖଡ଼ଗପୁର ଟ୍ରେନ୍‌ରେ ଆସି ଚରମ୍ପା ଷ୍ଟେଶନରେ ଓହ୍ଲାଇଥିଲେ। ନିଜ ଠିକଣା ଠିକ୍‌ରେ କହି ନ ପାରି ବଣିଆ ସରଗଡ଼ିଆ ଅଞ୍ଚଳକୁ ଚାଲି ଚାଲି ପଳାଇ ଆସିଥିଲେ। ଅନ୍ୟ ଅଞ୍ଚଳର ବ୍ୟକ୍ତି ହୋଇଥିବାରୁ ଏବଂ ଠିକ୍ ଭାବେ କଥା କହି ନ ପାରିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ସାବରଙ୍ଗ ଥାନାକୁ ଖବର ଦେଇଥିଲେ। ଥାନାଧିକାରୀ ଶୋଭେନ କୁମାର ସ୍ୱାଇଁ ପହଞ୍ଚି ରବିବାର ସନ୍ଧ୍ୟାରେ ବ୍ରଜବନ୍ଧୁଙ୍କୁ ଥାନାକୁ ଆଣି ଠିକଣା ବୁଝି ସୋମବାର ତାଙ୍କ ଘରକୁ ଖବର ଦେଇଥିଲେ। ସେ ସୁରକ୍ଷିତ ଭାବେ ଥାନାରେ ଥିବାବେଳେ ରିପୋର୍ଟ ଲେଖା ହେବା ସୁଦ୍ଧା ତାଙ୍କ ପୁଅ ନେବାକୁ ଆସୁଥିବା ପୋଲିସ ପକ୍ଷରୁ କୁହାଯାଇଥିଲା।

# ଭଲ ଫସଲ ଅମଳ ଆଶା ବାନ୍ଧିଛନ୍ତି ଚାଷୀ

ଗିରିଧାରୀ ପରିଚ୍ଛା
ପାରଳାଖେମୁଣ୍ଡି,୧୧।୭(ଡି.ଏନ.ଏ.)



ଗଜପତି ଜିଲାର ୭ ବ୍ଲକର ଲୋକ ସଂଖ୍ୟାର ପ୍ରାୟ ୮୦ ପ୍ରତିଶତରୁ ଅଧିକ ଚାଷ ଉପରେ ନିର୍ଭର କରିଥାନ୍ତି। କିଏ ଅର୍ଥକାରୀ ଫସଲ ତ ଆଉ କେହି ଫଳ ପରିବା ଚାଷ ଉପରେ ନିର୍ଭର କରନ୍ତି, ମୋଟ ୮୪୮୦୩ ହେକ୍ଟର ଚାଷଜମି ମଧ୍ୟରୁ ୮୨.୧୨୫ ହେକ୍ଟର ଖରିଫ ଫସଲ ଉପଯୋଗୀ ରହିଛି, ସେଥି ମଧ୍ୟରୁ ୩୫୧୨୧ ହେକ୍ଟର ଚାଷ ଜମିରେ ଜଳ ସେଚନର ସୁବିଧା ରହିଛି। ଜିଲାର ଭାତ ହାଣ୍ଡି କୁହାଯାଉଥିବା ଗୋଷାଣୀ ବ୍ଲକରେ ସର୍ବାଧିକ ଲୋକ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି, ଏବଂ ସେହି ବ୍ଲକରେ ହିଁ ଅଧିକ ଜଳସେଚିତ ଜମି ରହିଛି। ଅନ୍ୟ ସବୁ ବ୍ଲକରେ ମୁଖ୍ୟତଃ ସମତଳ ଅଞ୍ଚଳକୁ ଛାଡି ଦେଲେ ଧାନଚାଷ ଉପଯୋଗୀ ନ ଥିବାରୁ କେବଳ ଗୋଷାଣୀ ଓ କାଶୀନଗର ବ୍ଲକ ଅଞ୍ଚଳରେ ୨୧୪୭୧ ହେକ୍ଟର ଜମିରେ ଧାନ ଚାଷ କରାଯାଏ, ଯାହାକି ଜିଲାରେ ଧାନ ଫସଲ ଉପଯୋଗୀ ପାଇଁ ରହିଥିବା ମୋଟ ଜଳସେଚିତ ଜମିର ୫୦ ପ୍ରତିଶତରୁ ଅଧିକ।

ଚଳିତ ବର୍ଷ ଖରିଫ ଋତୁ ପୂର୍ବରୁ ଚାଷ ପାଇଁ ପାଗ ଅନୁକୂଳ ସାଙ୍ଗକୁ ବର୍ଷା ପରିମାଣ ଆପତତଃ ଠିକ୍ ଥିବାରୁ ଧାନ ଫସଲ ଭଲ ହେବ ବୋଲି ଆଶା ରଖିଛନ୍ତି ଚାଷୀ। ସରକାରୀ ତଥ୍ୟ ଅନୁସାରେ, ଜିଲାରେ ମୋଟାମୋଟି ଭାବେ ଜୁନ୍‌ରେ ୧୯୯.୭ ମିଲିମିଟର ବର୍ଷା ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୩୮.୧୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନୁକୂଳ ପାଣିପାଗ ସାଙ୍ଗକୁ ମୌସୁମୀ ଓ ଲଘୁଚାପ ଜନିତ ବର୍ଷା ମଧ୍ୟ ଜାରି ରହିଛି। ତେଣୁ ଜଳାଭାବ ରହିବ ନାହିଁ ବୋଲି ଆଶା କରାଯାଉଛି। କେବଳ ନୂଆଗଡ ବ୍ଲକ ଅଞ୍ଚଳରେ ହିଁ ସର୍ବନିମ୍ନ ୮୧. ୮୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହା ସାଧାରଣ ବର୍ଷା

**ଗଜପତି ଜିଲା**
- ଚାଷ ପାଇଁ ପାଗ ଅନୁକୂଳ
- ଗୋଷାଣୀ ବ୍ଲକରେ ସର୍ବାଧିକ ଧାନ ଚାଷ ଉପରେ ନିର୍ଭର

ପରିମାଣ ବା ଆବଶ୍ୟକ ପରିମାଣର ବହୁତ୍ କମ୍। ବାକି ଅନ୍ୟ ସବୁ ବ୍ଲକ ଅଞ୍ଚଳରେ ବର୍ଷା ପରିମାଣର ପାଖାପାଖି ରହିଛି।

ଅନ୍ୟ ପକ୍ଷରେ ଜିଲାର ସମସ୍ତ ୭ ବ୍ଲକରେ ୪୭ ଲ୍ୟାମ୍ପ୍ସ ଓ ୩୨ ଘରୋଇ ଡିଲର ଜରିଆରେ ୬୯୨୯.୨ କୁଇଣ୍ଟାଲ ବିହନ ବିକ୍ରି ସରିଲାଣି। ଏବେବି ବିହନ ଉପଲବ୍ଧ ରହିଛି। ତେଣୁ ଚାଷ କାର୍ଯ୍ୟରେ କୌଣସି ସମସ୍ୟା ଉପୁଜିବ ନାହିଁ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାସ ବେହେରା କହିଛନ୍ତି। ସମୟ ଅନୁସାରେ ମୌସୁମୀ ଆସିଥିଲେ ମଧ୍ୟ ବର୍ଷା ପରିମାଣ କମ୍ ରହିଥିଲା। ଏବେ ଏକରୁ ଦୁଇ ସପ୍ତାହ ହେଲା ବର୍ଷା ପରିମାଣ ସାମାନ୍ୟ ବୃଦ୍ଧି ପାଇବା ଯୋଗୁ ଚାଷୀ ସାହାସ ଜୁଟାଇ ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି। ବର୍ତ୍ତମାନ ଅଧିକାଂଶ ବିହନ ବୁଣା ସରିଛି, ବର୍ତ୍ତମାନ ତଳି ଠିକ୍ ରହିଛି। ଆଗକୁ ଆବଶ୍ୟକ ପରିମାଣର ବର୍ଷା ହେଲେ ଚଳିତ ବର୍ଷ ଭଲ ଫସଲ ହେବ ବୋଲି ଚାଷୀ ଆଶା ରଖି ଚାଷରେ ଲାଗି ପଡିଛନ୍ତି।

ଏ ସମ୍ପର୍କରେ ଚାଷୀ ନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକଙ୍କ କହିବା କଥା ହେଲା ପୂର୍ବ ଭଳି ଆଉ ଚାଷରେ ଚାଷୀ ମନ ଦେଉ ନାହାନ୍ତି। ଅନ୍ୟ କୌଣସି କାର୍ଯ୍ୟ ନ ପାଇ ପେଟ ପୋଷିବା ସହ ବେଉଷା ବଞ୍ଚାଇବାକୁ ବାଧ୍ୟ ହୋଇ ଚାଷ କାର୍ଯ୍ୟ କରୁଛନ୍ତି। ଚାଷ ଜମି ମଧ୍ୟ କମି କମି ଆସିଲାଣି। ଧାନ ଫସଲ ଉପଯୋଗୀ ସହର ତଳି ସମତଳ ଜମିରେ କୋଠା ହେଲାଣି, ପ୍ରଶାସନ କହିବାନୁସାରେ, ଆବଶ୍ୟକ ପରିମାଣର ବିହନ ଉପଲବ୍ଧ ରହିଛି, କିନ୍ତୁ ମାନ ଭଲ ନାହିଁ। ଆବଶ୍ୟକ କିସମର ବିହନ ମିଳୁନି ତେଣୁ ଅଧିକାଂଶ ଚାଷୀ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରୁ ଚଢ଼ା ଦରରେ କିଣୁଛନ୍ତି। ବର୍ଷା ଆବଶ୍ୟକତାଠାରୁ କମ୍ ହେଉଛି। ଆଗକୁ ନିଅଣ୍ଟିଆ ବର୍ଷା ହେଲେ ପୂର୍ବଭଳି ମରୁଡି ପରିସ୍ଥିତି ଉପୁଜିବା ଆଶଙ୍କା ରହିଛି। କାରଣ ନଦୀ ଜଳ ଉପରେ ଆଉ ଭରସା କରି ହେଉନି। ପୂର୍ବ ଭଳି ନଦୀରେ ମଧ୍ୟ ଜଳ ରହୁନି। ମହେନ୍ଦ୍ରତନୟା ଓ ବଂଶଧାରା ପାଣି ଆନ୍ଧ୍ର ଶୋଷି ନେଉଛି। ଆମ ଜିଲା ମଧ୍ୟରେ ନଦୀ ଜଳ ସଂରକ୍ଷଣ କରି ରଖିବାକୁ ଆନିକଟର ବ୍ୟବସ୍ଥା ଏବେ ପର୍ଯ୍ୟନ୍ତ ହୋଇ ପାରିଲା ନାହିଁ ବୋଲି କହିଛନ୍ତି।

## ଭକ୍ତି ନୈବେଦ୍ୟ ଲୋକାର୍ପିତ



ବୁଗୁଡ଼ା,୧୧।୭(ଡି.ଏନ.ଏ.)

ପବିତ୍ର ବାହୁଡ଼ା ଯାତ୍ରା ଓ ସୁନାବେଶ ଅବସରରେ ପିକେ ଓଡ଼ିଆ ମ୍ୟୁଜିକ୍ ଆନୁକୁଲ୍ୟରେ ଏକ ଭାବଭକ୍ତିଭରା ଭଜନ କ୍ୟାସେଟ୍ 'ଭକ୍ତି ନୈବେଦ୍ୟ'ର ଲୋକାର୍ପଣ ବୁଗୁଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମ, ନିଯୁକ୍ତି ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭକ୍ତି ନୈବେଦ୍ୟ ଭଜନ ମାଳାକୁ ୟୁଟ୍ୟୁବ୍ ମାଧ୍ୟମରେ ଲୋକାର୍ପିତ କରିଥିଲେ। ଏନ୍ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧ୍ୟକ୍ଷା ଗୀତାଞ୍ଜଳି ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁନନ୍ଦା ଦାଶଙ୍କ ଦ୍ୱାରା ପ୍ରାୟୋଜିତ ଏହି କ୍ୟାସେଟରେ ଛଅଟି ଭଜନ ରହିଛି। ଏହାର ଗୀତିକାର ପ୍ରସନ୍ନ କୁମାର ଦାଶ, ସଙ୍ଗୀତକାର ଋତୁରାଜ ବସନ୍ତ, ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଆଚାରୀ, ସଙ୍ଗୀତ ପରିଚାଳକ ବିଭୁ ପ୍ରସାଦ ରହିଛନ୍ତି। ରବୀନ୍ଦ୍ର ମହାପାତ୍ର, ଶ୍ରୀଚରଣ ମହାନ୍ତି, ମନ୍ମଥ ମିଶ୍ର, ଶ୍ରୀକର ପାଢ଼ୀ, ସୌରଭ ନାୟକ ଓ ସୁଶ୍ରୀ ଝରଣା ପ୍ରମୁଖ କଣ୍ଠଦାନ କରିଛନ୍ତି।

## ଏମ୍‌ପିଙ୍କ ଦ୍ୱାରା ଛାତ୍ରାବାସ କୋଠା ନିର୍ମାଣ ପାଇଁ ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ବ୍ରହ୍ମପୁର ଏମ୍‌ପି।

ଦିଗପହଣ୍ଡି,୧୧।୭(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ହାଇସ୍କୁଲ ପରିସରରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଛାତ୍ରାବାସ କୋଠା ନିର୍ମାଣ ପାଇଁ ସୋମବାର ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଶିଳାନ୍ୟାସ କରିଛନ୍ତି। ୯୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅତ୍ୟାଧୁନିକ ସ୍ୱତନ୍ତ୍ର କୋଠା ନିର୍ମାଣ କରାଯିବ। ବିଦ୍ୟାଳୟ ସଭାପତି ତଥା ସରପଞ୍ଚ ପ୍ରତିନିଧି ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏମ୍‌ପି ନବୀନ ବାବୁଙ୍କ ସମୟରେ ବାଳିକା ଶିକ୍ଷାର ପ୍ରସାର ଏବଂ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଦିଗରେ ଯଥେଷ୍ଟ ପଦକ୍ଷେପ ନିଆଯାଉଥିବା ପ୍ରକାଶ କରିଥିଲେ। ଛାତ୍ରୀମାନେ ଭଲ ପାଠ ପଢ଼ି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଜୀବନବିନ୍ଦୁ ସଂଯୋଜକ ସୁବାସ ମହାରଣା, ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନିତା ସେଠୀ, ବିଡିଓ ହଳଧର ଶବର, ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ନକୁଳ ପ୍ରଧାନ, ସରପଞ୍ଚ ବି. ସନ୍ଧ୍ୟାରାଣି ସୁବୁଦ୍ଧି, ଜିଲା ପରିଷଦ ସଭ୍ୟା ସଂଯୁକ୍ତା କବି, ରାଧାକାନ୍ତ ମହାକୁଡ଼, ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ମହାପାତ୍ର, ଆଇନଜୀବୀ ରବିଚନ୍ଦ୍ର ଗୌଡ଼, ଜିଲା ଯୁବ ବିଜେଡି ଉପସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ସରପଞ୍ଚ ଫନୀନ୍ଦ୍ର ଗୋସ୍ୱାମୀ, ବିଜୟ କୁମାର ପ୍ରଧାନ, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ଭି. ରବିନାରାୟଣ ରାଜୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ କୃଷ୍ଣଚନ୍ଦ୍ର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥିବୃନ୍ଦ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ବଳିତ ଏକ ଦାବିପତ୍ର ଏମ୍‌ପିଙ୍କୁ ପ୍ରଦାନ କରାଯାଇଥିଲା।

## ଖବରଦାତା ପ୍ରିୟଦର୍ଶୀଙ୍କ ସ୍ମୃତିରେ ରକ୍ତଦାନ ଶିବିର

ହିଞ୍ଜିଳିକାଟୁ,୧୧।୭(ଡି.ଏନ.ଏ.)

ପ୍ରେସ୍ କ୍ଲବ ହିଞ୍ଜିଳିକାଟୁ ପକ୍ଷରୁ କରୋନାରେ ମୃତ୍ୟୁ ଘଟିଥିବା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ପ୍ରିୟଦର୍ଶୀ ପଟ୍ଟନାୟକଙ୍କ ୨ୟ ବାର୍ଷିକୀ ତିରୋଧାନ ଦିବସରେ ସୋମବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ନେତାଜୀ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜନ ହୋଇଯାଇଛି। ବ୍ରହ୍ମପୁର ରକ୍ତ ଭଣ୍ଡାର ସହଯୋଗରେ ୫୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଭଗବତ କଥା ବିତରଣ ପରିଷଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିରକୁ ସହଯୋଗ କରାଯାଇଥିଲା। ପ୍ରେସ୍ କ୍ଲବ ବରିଷ୍ଠ ସଦସ୍ୟ ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନାରେ ଶିବିରକୁ ହିଞ୍ଜିଳିକାଟୁ ମ୍ୟୁନିସିପାଲଟି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇ ମୁଖ୍ୟଅତିଥି, ଅନ୍ୟ ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, ବିଡ଼ିଓ ସୁବ୍ରତ କୁମାର ଜେନା, ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ.ମନୋରଞ୍ଜନ ସାହୁ, ବିଜେଡି ନଗର ସଭାପତି ଭୀମସେନ ବେହେରା, ଭଗବତ କଥା ପରିଷଦର ସଭାପତି ଦେବାନନ୍ଦ ମହାପାତ୍ର, ୱାର୍ଡ ସଭ୍ୟା ସୁପ୍ରଭା ମହାରଣା, ୱାର୍ଡ ସଭ୍ୟ ବସନ୍ତ ବେହେରା, ପ୍ରଦୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ପୂର୍ବତନ ଉପାଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ସଞ୍ଜୟ କୁମାର ପଣ୍ଡା,ଅଜୟ କୁମାର ମହାରଣା, ନୃସିଂହ ପଟ୍ଟନାୟକ, ପ୍ୟାରୀମୋହନ ପାଢ଼ି, ପ୍ରଫେସର ରମେଶ ଚନ୍ଦ୍ର ଚୈଧୁରୀ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ବିଦ୍ୟୁତ୍ ଆଘାତରେ ବଳଦ ମୃତ



ନୂଆଗଡ଼,୧୧।୭

**ବର୍ତ୍ତିଲେ ଦୁଇ ପରିବାର**

ଗଜପତି ଜିଲା ନୂଆଗଡ଼ ବ୍ଲକ ତିଡିସିଂ ଗ୍ରାମରେ ବିଦ୍ୟୁତ୍ ଆଘାତରେ ସୋମବାର ଗୋଟିଏ ବଳଦର ମୃତ୍ୟୁ ଘଟିଥିବା ବେଳେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଦୁଇ ପରିବାର। ବିଦ୍ୟୁତ୍ ବିଭାଗର ଅବହେଳା ନା ଖାମଖିଆଲ ମନୋଭାବ ଯୋଗୁ ଏମିତି ଘଟଣା ହୋଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଜଗନ୍ନାଥଙ୍କ ବାହୁଡ଼ାଯାତ୍ରାରେ ମାଉସୀମାଙ୍କ ଘରୁ ତଥା ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ବାହୁଡ଼ିଯାଇଛନ୍ତି ପ୍ରଭୁ। ଏହି ଅବସରରେ ତିଡିସିଂରେ ମଧ୍ୟ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ବଡ଼ଦାଣ୍ଡରେ ରଥର ଉଚ୍ଚତାକୁ ଲକ୍ଷ୍ୟ କରି ଅପରପକ୍ଷରେ ରହିଥିବା ୨୪୦ ଭୋଲ୍ଟ ଯୁକ୍ତ ବିଦ୍ୟୁତ୍ ଖୁଣ୍ଟରୁ ଗ୍ରାମର ପ୍ରତି ଘରକୁ ସଂଯୋଗ ହୋଇଥିବା ବିଦ୍ୟୁତ୍‌କୁ ବିଚ୍ଛିନ୍ନ କରାଯାଇଥିଲା। ରଥ ଶ୍ରୀମନ୍ଦିରରେ ପହଞ୍ଚିବା ପରେ ସମସ୍ତ ଘରୋଇ ବିଦ୍ୟୁତ୍‌କୁ ସଂଯୋଗ କରାଯାଇଥିଲା। ତେବେ କୌଣସି କାରଣରୁ ସକାଳ ପ୍ରାୟ ୬ଟାରେ ଖୁଣ୍ଟକୁ ବିଦ୍ୟୁତ୍ ଚାର୍ଜ ହେବା ସହ ଆଖପାଖ ପ୍ରାୟ ୨୦ ମିଟର ପର୍ଯ୍ୟନ୍ତ ବ୍ୟାପିଥିଲା। ସକାଳ ସମୟରେ ସେହି ଗାଁର ଚନ୍ଦ୍ରଶେଖର ପାଟମଣ୍ଡଳ ନିଜ ଗୁହାଳରେ ବାନ୍ଧିଥିବା ଦୁଇଟି ବଳଦକୁ ଫିଟାଇ ଅନ୍ୟତ୍ର ବାନ୍ଧିବା ପାଇଁ ନେଉଥିବା ସମୟରେ ଦୁଇଟି ବଳଦ ମଧ୍ୟରୁ ଗୋଟିଏ ବଳଦ ବିଦ୍ୟୁତ୍ ଖୁଣ୍ଟ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିଲା। ଖୁଣ୍ଟ ନିକଟବର୍ତ୍ତୀ ୨ ପରିବାରରୁ ୧୪ ଜଣ ସଦସ୍ୟ ବିଦ୍ୟୁତ୍ ଆଘାତରୁ ଅଳ୍ପକେ ବର୍ତ୍ତିଯାଇଥିବା କହିଛନ୍ତି ପରିବାରବର୍ଗ ଏବଂ ଗ୍ରାମବାସୀ। ଗ୍ରାମର କେତେଜଣ ବ୍ୟକ୍ତି ସଙ୍ଗେ ସଙ୍ଗେ ବିଦ୍ୟୁତ୍ ବିଭାଗକୁ ଜଣାଇବାରୁ ପରିବାରର ଜୀବନ ବଞ୍ଚାଇଥିବା କଥା କହିଛନ୍ତି ସ୍ଥାନୀୟ ଲୋକେ। ବିଦ୍ୟୁତ୍ ବିଚ୍ଛିନ୍ନ ହେବାର ଦୀର୍ଘ ସମୟ ଧରି ବିଭାଗୀୟ ଯନ୍ତ୍ରୀ ଏବଂ କର୍ମଚାରୀମାନେ ନ ଆସିବାରୁ ଗାଁରେ କିଛି ସମୟ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। କନିଷ୍ଠ ଯନ୍ତ୍ରୀ ଆସିବା ପରେ ଗାଁ ଲୋକେ ଘେରିଯାଇଥିଲେ। ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା ପରେ ସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଲୋକଙ୍କ କୌଣସି କ୍ଷତି ହୋଇଥାନ୍ତା ତେବେ ଏହାକୁ ବରଦାସ୍ତ କରାଯାଇ ନ ଥାନ୍ତା ବୋଲି ପ୍ରଫୁଲ୍ଲ ପାଟମଣ୍ଡଳଙ୍କ ସମେତ ସ୍ଥାନୀୟ ଲୋକେ କହିଛନ୍ତି। ରବିବାର ବିଦ୍ୟୁତ୍ ସଂଯୋଗ ପରେ ସବୁ ଠିକ୍ ଥିଲା। ସକାଳୁ ବଳଦ ଖୁଣ୍ଟରେ ଘଷିହୋଇଥିବାରୁ ଭୁଲ୍‌ବଶତଃ କୌଣସି ତାର ଖୁଣ୍ଟକୁ ସ୍ପର୍ଶକରି ଏଭଳି ସ୍ଥିତି ଉପୁଜିଥିବା ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି ।

## ନନ୍ଦିଗୋର ମୁଖ୍ୟ ରାସ୍ତାରେ ଜମୁଛି ପାଣି: ସଂକ୍ରାମକ ରୋଗ ଆଶଙ୍କା

ଧରାକୋଟ,୧୧।୭(ଡି.ଏନ୍.ଏ.)

ଧରାକୋଟ ବ୍ଲକର ଜଗମୋହନ ପଞ୍ଚାୟତର ନାନ୍ଦିଗୋର ଗ୍ରାମର ମୁଖ୍ୟ ରାସ୍ତା ଖରୁଡା ସାହି ମଝିରେ ନାଳ ପାଣି ଜମି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ନନ୍ଦିଗୋର ଗ୍ରାମରେ ୪୫୦ ଗୋଟି ପରିବାରର ପ୍ରାୟ ୨୨୦୦ ବ୍ୟକ୍ତି ବସବାସ କରନ୍ତି। ଗ୍ରାମର ଓଡ଼ିଆ ସାହିର ବ୍ୟବହୃତ ଘର ଓ ନାଳର ଦୂଷିତ ଜଳ ଖରୁଡ଼ା ସାହି ମଝିରେ ଜମାରହିବା ଫଳରେ ପୂତିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଏହି ରାସ୍ତା ଦେଇ ପ୍ରତ୍ୟହ ସଂଖ୍ୟାଧିକ ଗାଡି ମଟର ଯାତାୟାତ କରିଥାଏ। ଏଥିସହ ରାସ୍ତା ନିକଟରେ ଗ୍ରାମର ମାଧ୍ୟମିକ ବିଦ୍ୟାଳୟ ରହିଛି । ଏଣୁ ପ୍ରତିଦିନ ଛାତ୍ରୀଛାତ୍ର ଯିବା ଆସିବା କରନ୍ତି। ଦୂଷିତ ପାଣି ଜମି ରହିଥିବାରୁ ସଂକ୍ରାମକ ରୋଗ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ପୂର୍ତ୍ତ ବିଭାଗ ତୁରନ୍ତ ପାଣି ଜମି ରହୁଥିବା ସ୍ଥାନରୁ ଋଷିକୂଲ୍ୟା ନଦୀ ପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ କଲେ ଜମି ରହୁଥିବା ଦୂଷିତ ପାଣି ନିଷ୍କାସନ ହୋଇ ପାରିବ। ନଚେତ ସମ୍ପ୍ରତି ବର୍ଷାଦିନ ଆସି ଯାଇଥିବାରୁ ଅଧିକ ପାଣି ଜମା ହୋଇ ଦୂଷିତ ପରିବେଶ ସାଙ୍ଗକୁ ସଂକ୍ରାମକ ରୋଗ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି।

## ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି

ପୋଲସରା,୧୧।୭(ଡି.ଏନ.ଏ.)

ପୋଲସରା ବ୍ଲକର ଅଧୀନରେ ଥିବା ବିଭିନ୍ନ ଜନସମସ୍ୟା ଓ ଏହାର ଅଭିଯୋଗ ଶୁଣାଣିକୁ ନେଇ ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଗଞ୍ଜାମ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ପୋଲସରା ଅତିରିକ୍ତ ବିଡିଓ ଧର୍ମରାଜ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ ରାୟ, ଛତ୍ରପୁର ଉପ ଜିଲାପାଳ ପ୍ରସନ୍ନ କୁମାର ପାତ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭି .କୀର୍ତିଭାସନ ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ। ପୋଲସରା ବ୍ଲକର ୨୬ ପଞ୍ଚାୟତରୁ ପ୍ରାୟତଃ ୧୯୦ ହିତାଧିକାରୀ ନିଜର ସମସ୍ୟାର ସମାନ ନିମନ୍ତେ ଅଭିଯୋଗ ପୂର୍ବକ ସିଧାସଳଖ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପାଖରେ ଦରଖାସ୍ତ ପ୍ରଦାନ କରିଥିଲେ। ଏପରିକି ବହୁପଞ୍ଚାୟତର ଅଭିଯୋଗ ଶୁଣାଣୀକୁ ନେଇ ହିତାଧିକାରୀ ମାନେ ସକାଳ ୮ ଘଣ୍ଟ ସମୟରୁ ପୋଲସରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନିଜର ଉପସ୍ଥିତି ଜାହିର କରିଥିଲେ। ସମସ୍ୟାର ସମାଧାନ ପାଇଁ ଶୃଙ୍ଖଳିତ ଭାବେ ପ୍ରତ୍ୟେକ ଟି ହିତାଧିକାରୀ ଧାଡ଼ି ବାନ୍ଧି ନିଜର ନାମ ପଞ୍ଜିକୃତ କରିଥିଲେ। ଦୀର୍ଘ ଦିନ ଧରି ଶାରୀରିକ ଅକ୍ଷମ ଭାବେ ପୀଡ଼ିତ ଥିବା ବହୁ ପଞ୍ଚାୟତର ଦିବ୍ୟାଙ୍ଗ ବୟସ୍କ ଝିଅ, ମହିଳା, ଶିଶୁ ଓ ଅସହାୟ ପୁରୁଷମାନେ ଜିଲାପାଳଙ୍କ ଅଭିଯୋଗ ଶୁଣାଣୀରେ ପହଞ୍ଚି ସରକାରଙ୍କ ପ୍ରତ୍ୟେକଟି ଯୋଜନାରୁ ବଞ୍ଚିତ ରହିଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଜନଶୁଣାଣୀ ଅବସରରେ ୧୯୦ ହିତାଧିକାରୀ ସମସ୍ୟା ଜନିତ ଦରଖାସ୍ତ ପ୍ରଦାନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୬ ଜଣ ହିତାଧିକାରୀଙ୍କୁ ୫୫ ହଜାର ଟଙ୍କାର ବ୍ୟାଙ୍କ ଚେକ୍ ପ୍ରଦାନ କରାଯାଇଥିଲା। ପରେ କିଛି ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଆଶାବାଡି ଓ ହୁଇଲ୍ ଚେୟାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଅଭିଯୋଗ ଶୁଣାଣି ଚାଲିଛି।

## ବିଭିନ୍ନ ସ୍କୁଲ ସମସ୍ୟା ବୁଝିଲେ ସରପଞ୍ଚ

ଜି.ଉଦୟଗିରି,୧୧।୭(ଡି.ଏନ୍.ଏ.)

ଜି.ଉଦୟଗିରି ନିକଟସ୍ଥ ମାଲିକପଡ଼ି ପଞ୍ଚାୟତର ବିଭିନ୍ନ ସ୍କୁଲ ବୁଲି ସରପଞ୍ଚ ଝରଣା ପ୍ରଧାନ ସମସ୍ୟା ବୁଝିଛନ୍ତି । ଚାରିଆଡ଼େ ସ୍କୁଲ ପରିବେଶ ବଦଳିବାକୁ ଲାଗିଥିବା ବେଳେ କେମିତି ରହିଛି ସ୍କୁଲଗୁଡିକର ଭିତ୍ତିଭୂମି, କ'ଣ ରହିଛି ସମସ୍ୟା ଜାଣିବାକୁ ସୋମବାର ପଞ୍ଚାୟତର ବଟିଗିଂଆ, କୁମ୍ଭାରକୁପା, ଗାମୁଲି ଆଦି ବିଭିନ୍ନ ସ୍କୁଲ ବୁଲି ସମସ୍ୟା ଦେଖିଛନ୍ତି। ପଞ୍ଚାୟତରେ ୬୩ ବର୍ଷର ବହୁ ପୁରାତନ ସ୍କୁଲ ରହିଥିବା ବେଳେ ପାନୀୟ ଜଳ, ଟଏଲେଟ, କ୍ଲାସ୍ ରୁମ୍‌ର ସମସ୍ୟା ରହିଥିବା କହିଛନ୍ତି ସରପଞ୍ଚ। କ୍ଲାସ୍ ରୁମ୍‌ରେ ପାଣି ଗଳୁଥିବାରୁ ଗୋଟିଏ ଶ୍ରେଣୀଗୃହରେ ୩ କ୍ଲାସ୍ ପିଲା ବସି ପାଠ ପଢୁଥିବା ଦେଖିବାକୁ ମିଳିଛି। ପଞ୍ଚାୟତରେ ଥିବା ସମସ୍ତ ସ୍କୁଲର ସମସ୍ୟା ବୁଝିବା ପରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିବା ସହିତ ଆବଶ୍ୟକ ସ୍ଥଳେ ପଞ୍ଚାୟତ ତରଫରୁ ସମସ୍ତ ପ୍ରକାର ସାହାଯ୍ୟ କରାଯିବ ବୋଲି ସରପଞ୍ଚ କହିଛନ୍ତି। ପରିଦର୍ଶନ ସମୟରେ ସମସ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିବା ସହିତ ବିଦ୍ୟାଳୟଗୁଡିକର ସମସ୍ୟା ସମ୍ପର୍କରେ କହିଥିଲେ।



ସରପଞ୍ଚଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ଟଙ୍କା ଜରିଆରେ ଅନ୍ତର୍ଜାତୀୟ ବାଣିଜ୍ୟକୁ ଅନୁମତି

**ନୂଆଦିଲ୍ଲୀ,୧୧।୭:** ଡଲାର ତୁଳନାରେ ଟଙ୍କା ମୂଲ୍ୟ କ୍ରମାଗତ ହ୍ରାସ ପାଉଥିବାରୁ ସୋମବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଟଙ୍କା ଜରିଆରେ ଅନ୍ତର୍ଜାତୀୟ ବାଣିଜ୍ୟକୁ ଅନୁମତି ଦେଇଛନ୍ତି। ଫଳରେ ଆରବିଆଇର ଏହି ନୂଆ ବ୍ୟବସ୍ଥା ଅନୁସାରେ କାରବାର ପାଇଁ କ୍ଷମତାପ୍ରାପ୍ତ ବ୍ୟାଙ୍କମାନେ ମଧ ଆବଶ୍ୟକ ପରିମାଣର ଟଙ୍କା ଯୋଗାଇବାର ସମସ୍ତ ବ୍ୟବସ୍ଥା ସହ ଆକାଉଣ୍ଟ ମଧ ଖୋଲିପାରିବେ। ତେବେ ଏହି ବ୍ୟବସ୍ଥା ସ୍ଥାପନ କରିବା ପୂର୍ବରୁ ବ୍ୟାଙ୍କଗୁଡ଼ିକୁ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ବିଭାଗର ଅନୁମତି ନେବାକୁ ହେବ। ଅପରପକ୍ଷରେ ଆରବିଆଇର ଏଭଳି ପଦକ୍ଷେପକୁ ବିଶେଷଜ୍ଞମାନେ ରୁଷିଆ-ୟୁକ୍ରେନ ଯୁଦ୍ଧ ଏବଂ ଶ୍ରୀଲଙ୍କା ସହ ଯୋଡ଼ି ଦେଖୁଛନ୍ତି। ରୁଷିଆ ଉପରେ ଆମେରିକା ଓ ପାଶ୍ଚାତ୍ୟ ଦେଶ କଟକଣା ଲଗାଇବା ପରେ ଭାରତ ରୁଷିଆଠାରୁ ପ୍ରବଳ ପରିମାଣରେ ତେଲ ଆମଦାନୀ କରୁଛି।

### ଏୟାରଟେଲ ନେଟ୍‌ୱର୍କ ମାପ ପରୀକ୍ଷଣର ବିଜେତା

**ନୂଆଦିଲ୍ଲୀ,୧୧।୭:** ଭାରତର ପ୍ରମୁଖ ଯୋଗାଯୋଗ ସମାଧାନ ପ୍ରଦାନକାରୀ ଏୟାରଟେଲ ଓଡ଼ିଶାରେ ଭିଡିଓ, ଗେମ ଓ ଭଏସ ଆପ୍ ଏବଂ ଡାଉନଲୋଡ଼ ସ୍ପିଡ ଅନୁଭୂତି ପାଇଁ ଓପନସିଗନାଲ ଦ୍ୱାରା ନେଟୱର୍କ ଉତ୍କର୍ଷ ପାଇଁ ପୁନର୍ବାର ସ୍ୱୀକୃତି ହାସଲ କରିଛି। ଓଡ଼ିଶାରେ ସ୍ମାର୍ଟଫୋନ ବ୍ୟବହାରକାରୀମାନେ ଏୟାରଟେଲ ନେଟୱର୍କରେ ଭିଡିଓ ଷ୍ଟ୍ରିମିଙ୍ଗ, ମଲଟିପ୍ଲେୟର ମୋବାଇଲ ଗେମ ଖେଳିବା କିମ୍ବା ଓଭର-ଦ-ଟପ (ଓଟିଟି) ଭଏସ ସର୍ଭିସଗୁଡ଼ିକର ବ୍ୟବହାର ଏବଂ ଡାଉନଲୋଡ଼ ସମୟରେ ସ୍ପିଡ କ୍ଷେତ୍ରରେ ସର୍ବୋତ୍ତମ ଗୁଣବତ୍ତାର ଅନୁଭୂତିର ଉପଭୋଗ କରିଛନ୍ତି । ଫଳାଫଳ ସ୍ୱରୂପ ଏୟାରଟେଲ ଓଡ଼ିଶାରେ ଓପନ ସିଗନାଲର ନେଟୱର୍କ ମାପ ପରୀକ୍ଷଣର ବିଜେତା ହୋଇଛି ବୋଲି ଭାରତୀ ଏୟାରଟେଲର ସିଓଓ (ଓଡିଶା) ସୌମେନ୍ଦ୍ର ସାହୁ ସୂଚନା ଦେଇଛନ୍ତି।

# କ୍ଷତି ସହୁଛନ୍ତି ତୈଳ ବିପଣନ କମ୍ପାନୀ

- ୧ମ ତ୍ରୈମାସରେ ୧୦,୭୦୦ କୋଟି ଟଙ୍କା
- ଆଇଓସିଏଲ୍,ବିପିସିଏଲ୍ ଓ ଏଚ୍‌ପିସିଏଲ୍‌ର ମିଳିତ ହ୍ରାସ ପରିମାଣ

**ନୂଆଦିଲ୍ଲୀ,୧୧।୭**

ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମ ଲିମିଟେଡ (ଆଇଓସିଏଲ୍), ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ୍) ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ଏଚ୍‌ପିସିଏଲ୍) ଚଳିତ ବର୍ଷ ୧ମ ତ୍ରୈମାସ(ଏପ୍ରିଲରୁ ଜୁନ୍)ରେ ବ୍ୟାପକ ପରିମାଣର କ୍ଷତି ସହିଛନ୍ତି। ଏପରିକି ଉପରୋକ୍ତ କମ୍ପାନୀଗୁଡ଼ିକ ଉଭୟ ପେଟ୍ରୋଲ ଏବଂ ଡିଜେଲକୁ ମୂଲ୍ୟଠାରୁ କମ୍ ମୂଲ୍ୟରେ ବିକ୍ରି କରି ପ୍ରାୟ ୧୦,୭୦୦ କୋଟି ଟଙ୍କାର କ୍ଷତି ସହିଛନ୍ତି ବୋଲି ସୋମବାର ଆଇସିଆଇସିଆଇ ସିକ୍ୟୁରିଟି ପକ୍ଷରୁ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିଭଳି ଏପ୍ରିଲରୁ ଜୁନ୍ ମଧ୍ୟରେ କଞ୍ଚାମାଲ(ଅଶୋଧିତ ତୈଳ)ର ମୂଲ୍ୟ ବୃଦ୍ଧି ପାଇଥିବା ବେଳେ ପେଟ୍ରୋଲ ଏବଂ ଡିଜେଲ ଦରରେ କୌଣସି ପରିବର୍ତ୍ତନ ବା ସଂଶୋଧନ କରାଯାଇ ନ ଥିଲା। ଫଳରେ ଏହାର ବଜାର ଚାହିଦା ଅଧିକ ଥିଲେ ମଧ କମ୍ପାନୀଗୁଡିକ ମିଳିତ ଭାବେ ମାର୍କେଟିଂ କ୍ଷତି ସହିଛନ୍ତି। ସେହିପରି ଦେଶର ୩ ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ଆଇଓସିଏଲ,ବିପିସିଏଲ ଏବଂ ଏଚ୍‌ପିସିଏଲ ଭଳି ପ୍ରମୁଖ ଖୁଚୁରା ପେଟ୍ରୋଲ ଏବଂ ଡିଜେଲ ବିକ୍ରେତାମାନେ ମଧ ୯୦% ତୈଳ ନିୟନ୍ତ୍ରଣ କରୁଛନ୍ତି। ଏପରିକି ସେମାନଙ୍କର ରିଫାଇନାରୀ ମଧ ଅଛି, ଯାହା ଅଶୋଧିତ ତୈଳକୁ ଶୁଦ୍ଧ କରି ପେଟ୍ରୋଲ ଏବଂ ଡିଜେଲ ଭଳି ଇନ୍ଧନରେ ପରିଣତ କରିଥାଏ। ଅଶୋଧିତ ତୈଳକୁ ଇନ୍ଧନରେ ପରିଣତ କରିବାର ମାର୍ଜିନ ଅଧିକ ଥିବା ବେଳେ ମାର୍କେଟିଂ ୱିଙ୍ଗ ଅପରିବର୍ତ୍ତିତ ଯୋଗୁ ପେଟ୍ରୋଲ ଏବଂ ଡିଜେଲ ହାରରେ ବ୍ୟାପକ କ୍ଷତି ଘଟିଛି। ଏ ସମ୍ପର୍କରେ ଆଇସିଆଇସିଆଇ ସିକ୍ୟୁରିଟିଜ୍ କହିଛି, କମ୍ପାନୀଗୁଡିକ ପ୍ରତି ଲିଟର ପେଟ୍ରୋଲ ଏବଂ ଡିଜେଲ ପିଛା ୧୨ରୁ ୧୪ ଟଙ୍କା ହରାଉଛନ୍ତି। ଫଳରେ ଏହା ତ୍ରୈମାସରେ ଶକ୍ତିଶାଳୀ ବିଶୋଧନ କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛି। ଏପରିକି ବ୍ୟାରେଲ ସ୍ତରରେ ୧୭ରୁ ୧୮ ଡଲାରରେ ମାର୍କେଟିଂ ଭଲ୍ୟୁମ ଅଭିବୃଦ୍ଧି ୧୭ରୁ ୨୦%କୁ ବୃଦ୍ଧି ପାଇଥିବା ଯୋଗୁ ମୋଟ ରିଫାଇନିଂ ମାର୍ଜିନ ମଧ ଆକଳନ କରୁଛୁ। ତଥାପି ପେଟ୍ରୋଲ ଏବଂ ଡିଜେଲରେ ଅଧିକ ଖୁଚୁରା କ୍ଷତି ଏବିଟା କ୍ଷତି ୬,୬୦୦ କୋଟି ଟଙ୍କା ରହିଛି। ଚଳିତ ଆର୍ଥିକ ବର୍ଷର ୧ମ ତ୍ରୈମାସରେ ଓଏମ୍‌ସି ପାଇଁ ୧୦,୭୦୦ କୋଟି ଟଙ୍କା କ୍ଷତି ଘଟାଇବାର ସମ୍ଭାବନା ରହିଛି ବୋଲି ରିପୋର୍ଟରେ କୁହାଯାଇଛି।

## ଜେଇଇ ମେନ୍‌ରେ ଓଡିଏମ୍‌ର ବାଜିମାତ


ସାର୍ଥକ ପଣ୍ଡା


କୋଣ୍ଡାପଲ୍ଲୀ ମୋହନ ବାଲ୍‌ସୁବ୍ରମଣ୍ୟମ୍


ମନୀଷା ସାହୁ

**ଭୁବନେଶ୍ୱର,୧୧।୭**

ଚଳିତ ବର୍ଷର ଜେଇଇ ମେନ୍ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ବାଜିମାତ କରିଛନ୍ତି। ଏପରିକି ନ୍ୟାଶନାଲ ଟେଷ୍ଟିଙ୍ଗ ଏଜେନ୍‌ସି (ଏନଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ମେନ୍‌ର ପର୍ଯ୍ୟାୟ-୧ ପରୀକ୍ଷାରେ ପରିଆସ୍ଥିତ ଓଡିଏମ୍ ସ୍କୁଲ୍‌ର ଛାତ୍ରୀଛାତ୍ରମାନେ ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ ବ୍ୟାପକ ସଫଳତା ହାସଲ କରି ବିଦ୍ୟାଳୟକୁ ଗୌରବ ମଣ୍ଡିତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର କୃତୀ ଛାତ୍ର କୋଣ୍ଡାପଲ୍ଲୀ ମୋହନ ବାଲ୍‌ସୁବ୍ରମଣ୍ୟମ୍ ୯୯.୯୬%, ମନୀଷା ସାହୁ ୯୯.୮୨% ଏବଂ ସାର୍ଥକ ପଣ୍ଡା ୯୯.୭୭%ର ସ୍କୋର ସହ ବିଦ୍ୟାଳୟସ୍ତରରେ ଯଥାକ୍ରମେ ୧ମ,୨ୟ,୩ୟ ର୍‍ୟାଙ୍କରେ ରହିଛନ୍ତି। ଏପରିକି ଅନୁଷ୍ଠାନର ୭ ଜଣ ବିଦ୍ୟାର୍ଥୀ ୯୯% ଉପରେ ରଖିଥିବା ବେଳେ ୧୨ଜଣ ବିଦ୍ୟାର୍ଥୀ ୯୮% ରଖିଛନ୍ତି। ସେହିପରି ଉକ୍ତ ପରୀକ୍ଷାରେ ୩୦ଜଣ ଛାତ୍ରୀଛାତ୍ର ୯୫% ଉପରେ ରଖିଛନ୍ତି। ଏ ସମ୍ପର୍କରେ ଓଡିଏମ୍ ଶିକ୍ଷା-ସମୂହର ପ୍ରତିଷ୍ଠାତା ଡ.ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଓଓ) ସ୍ୱୟନ ସତ୍ୟେନ୍ଦୁ, ଅନ୍ୟ ଅଧିକାରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଏହି ସଫଳତା ପାଇଁ ଛାତ୍ରୀଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ଜୁଲାଇ ପ୍ରଥମ ସପ୍ତାହରେ ୧୩ତମ କଟନ ଫ୍ୟାବ ପ୍ରଦର୍ଶନୀର ଶୁଭାରମ୍ଭ ସହ ପ୍ରତି ରବିବାର ସନ୍ଧ୍ୟା ୭ ଘଟିକା ସମୟରେ ଏକ ଲକି ଡ୍ର’ର ଆୟୋଜନ କରାଯାଇ ୩ ଜଣ ବିଜେତାଙ୍କ ନାମ ଘୋଷଣା କରାଯାଉଛି। ଗତ ରବିବାର ଲକି ଡ୍ର’ର ପ୍ରଥମ ବିଜେତା ଆଶିଷ ଦାଶ ହୋଇଥିବା ବେଳେ ୨ୟ ବିଜେତା ସାନଭି ସୂର୍ଯ୍ୟାଶ୍ରୀ ଦାସ ଏବଂ ୩ୟ ବିଜେତା ନମିତା ସେଠୀ ମେଳାର ସମ୍ପାଦକ ଜାଭେଦ ଆଲାମଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ୧୯ ପଇସା ଖସିଲା ଟଙ୍କାର ମୂଲ୍ୟ

**ନୂଆଦିଲ୍ଲୀ,୧୧।୭**

ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇଚାଲିଛି। ଫଳରେ ସୋମବାର ବଜାର କାରବାର ସମୟରେ ଟଙ୍କାର ମୂଲ୍ୟ ୧୯ ପଇସା ହ୍ରାସ ଘଟି ୭୯.୪୫ ଟଙ୍କାରେ ରହିଛି। ବିଶେଷ କରି ଆନ୍ତଃ ବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ସୋମବାରର କାରବାର ୭୯.୩୦ ଟଙ୍କାରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର କାରବାର ଉପର ତଳ ହୋଇଥିଲା। ଦିନରେ ଟଙ୍କାର ବିନିମୟ ମୂଲ୍ୟ ସର୍ବାଧିକ ୭୯.୨୪ ଟଙ୍କାକୁ ବୃଦ୍ଧି ପାଇବା ସହ ୭୯.୫୦ ଟଙ୍କାକୁ ହ୍ରାସ ପାଇଥିଲା। ତେବେ ଏହାର କାରବାର ୭୯. ୪୫ ଟଙ୍କାରେ ବନ୍ଦ ହୋଇଥିଲା।

## ୟୁବିଓଆଇର ସମୂହ କାର୍ଯ୍ୟ ଉଦ୍‌ଘାଟିତ




**ଭୁବନେଶ୍ୱର,୧୧।୭**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଓଆଇ)ର ଲୁଇସ୍ ରୋଡ୍ ଶାଖା ପରିସର ନବୀକରଣ କାର୍ଯ୍ୟ ସାଙ୍ଗକୁ ୟୁନିୟନ୍ ଗୋଲ୍ଡ ଲୋନ୍ ପଏଣ୍ଟ ଏବଂ ଏଟିଏମ୍ ଲବି ଭଳି ସମୂହ କାର୍ଯ୍ୟର ସମାପନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ ରମାକାନ୍ତ ପ୍ରଧାନଙ୍କ ଦ୍ୱାରା ସେ ସବୁ କାର୍ଯ୍ୟର ଉଦ୍‌ଘାଟନୀ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଶୋଭନ ସେନ୍‌ଗୁପ୍ତା, ଶାଖା ପ୍ରବନ୍ଧକ ମନୋଜ କୁମାର ପାତ୍ରଙ୍କ ସମେତ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ବହୁ କର୍ମଚାରୀ ଓ ଭୁବନେଶ୍ୱର ସହରାଞ୍ଚଳ ଶାଖାଗୁଡ଼ିକର ଶାଖା ପ୍ରବନ୍ଧକ ଓ ଶାଖା କର୍ମଚାରୀ ଏବଂ ମୂଲ୍ୟବାନ ଗ୍ରାହକମାନେ ଯୋଗ ଦେଇଥିଲେ।

## ଫୁରସତ୍

# ଧନୀଙ୍କ ସ୍ୱପ୍ନର ମୂଲ୍ୟ ଦେଉଛି ଜଳବାୟୁ

**ବିଲିୟନେୟାରମାନଙ୍କ ମହାକାଶ ଯାତ୍ରା ସଉକ ଦିନକୁ ଦିନ ବଢ଼ିବାରେ ଲାଗିଛି। କିନ୍ତୁ ଧନଶାଳୀ ବ୍ୟକ୍ତିଙ୍କ ଏ ପ୍ରକାର ଆକାଂକ୍ଷା ପାଇଁ ବାୟୁମଣ୍ଡଳ ପ୍ରଦୂଷଣ ବୃଦ୍ଧି ପାଉଛି, ଯାହାର ପ୍ରଭାବ ଜୀବଜଗତ ଉପରେ ପଡ଼ିବା ଆରମ୍ଭ ହୋଇସାରିଛି। ଯଦି ଏ ପ୍ରକାର ବିପଦର ମୁକାବିଲା ନ କରାଯାଏ, ତେବେ ଏହାର ମୂଲ୍ୟ ଖାଲି ଜଳବାୟୁ ନୁହେଁ ବରଂ ସମଗ୍ର ଜୀବଗଜତକୁ ଦେବାକୁ ପଡ଼ିବ ।**

### ମହାକାଶ ଦୌଡ଼



**ୱାଶିଂଟନ:** ବର୍ତ୍ତମାନ ସମୟରେ ମହାକାଶ ଯାତ୍ରା କେବଳ ମହାକାଶଚାରୀଙ୍କ ନିକଟରେ ସୀମିତ ହୋଇ ରହିନାହିଁ। ବହୁ ଧନଶାଳୀ ବ୍ୟକ୍ତି ସ୍ପେସ୍ ଟ୍ରାଭେଲ ଦ୍ୱାରା ନିଜ ସଉକ ପୂରଣ କରୁଥିବା ଦେଖିବାକୁ ମିଳୁଛି। ଏ ନେଇ ବ୍ୟକ୍ତିବିଶେଷଙ୍କ ପାଖରେ ବହୁତ ବିକଳ୍ପ ସୁବିଧା ରହିଛି। କେତେ ଲୋକ ଏଲନ୍ ମସ୍କଙ୍କ ଫାଲକନ୯ରେ ସ୍ପେସ୍ ଯାତ୍ରା କରୁଛନ୍ତି ତ ଆଉ କେତେଜଣ ରିଚାର୍ଡ ବ୍ରାନ୍‌ସନ୍‌ସଙ୍କ ଭିଏସ୍‌ଏସ୍ ୟୁନିଟି ଏବଂ ଜେଫ୍ ବୋଜେସ୍‌ଙ୍କ ନ୍ୟୁ ଶେପାର୍ଡ ରକେଟ ବ୍ୟବହାର କରୁଛନ୍ତି। ତେବେ ମହାକାଶ ଯାତ୍ରାରେ ବ୍ୟବହୃତ ରକେଟରୁ ନିର୍ଗତ ବିଷାକ୍ତ ଗ୍ୟାସ୍ ଦ୍ୱାରା ବାୟୁମଣ୍ଡଳ ସ୍ତରରେ ବିଘଟନ ଦେଖିବାକୁ ମିଳୁଛି। ସିଧାସଳଖ କହିବାକୁ ଗଲେ ବିଲିୟନେୟାରମାନଙ୍କ ମହାକାଶ ଯାତ୍ରାର ସଉକ ଯୋଗୁ ଜଳବାୟୁ ଉପରେ ନକାରାତ୍ମକ ପ୍ରଭାବ ପଡୁଥିବା ବିଶେଷଜ୍ଞ କହିଛନ୍ତି। ଆର୍ଥସ୍ ଫ୍ୟୁଚର ଜର୍ନାଲରେ ପ୍ରକାଶିତ ମହାକାଶ ସମ୍ବନ୍ଧୀୟ ରିପୋର୍ଟ ଅନୁସାରେ, ସ୍ପେସ୍ ଟ୍ରାଭେଲରେ ବ୍ୟବହୃତ ରକେଟରୁ ନିର୍ଗତ କଳାଧୂଆଁରେ ବିଷାକ୍ତ ଗ୍ୟାସ୍ ରହିଛି। ବାୟୁମଣ୍ଡଳୀୟ ସ୍ତରରେ ନାଇଟ୍ରୋଜେନ୍ ଅକ୍ସାଇଡ୍, ଆଲୁମିନିୟମ ଅକ୍ସାଇଡ୍, ହାଇଡ୍ରୋକ୍ଲୋରିକ୍ ଏସିଡ୍, କ୍ଲୋରିନ୍ ଏବଂ ଜଳୀୟ ବାଷ୍ପର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ଓଜୋନ ସ୍ତର ହ୍ରାସ ସାଙ୍ଗକୁ ଗ୍ଲୋବାଲ ୱାର୍ମିଂର ଏହା ଏକ ପ୍ରମୁଖ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସୃଷ୍ଟ ବିପଜ୍ଜନକ ସ୍ଥିତିକୁ ରୋକିବା ଦିଗରେ ସ୍ପେସ୍ ଇଣ୍ଡଷ୍ଟ୍ରିଗୁଡ଼ିକ ବର୍ତ୍ତମାନ ସମୟରୁ ବହୁମୁଖୀ କାର୍ଯ୍ୟ ଆରମ୍ଭ କରିଦେବା ଜରୁରୀ ବୋଲି ୟୁନିଭର୍ସିଟି କଲେଜ ଅଫ୍ ଲଣ୍ଡନର ଭୌଗୋଳିକ ଗବେଷକ ରବର୍ଟ ରୟାନ କହିଛନ୍ତି।

୨୦୧୯ରେ ବିଶ୍ୱବ୍ୟାପୀ ୧୦୩ ସ୍ପେସ୍ ପ୍ରୋଗ୍ରାମ୍ ଲଞ୍ଚ କରାଯାଇଥିବାବେଳେ ଏଥିରୁ ଅଧିକାଂଶ ପ୍ରୋଗାମ୍ ସରକାରଙ୍କ ଦ୍ୱାରା କରାଯାଇଥିଲା। ୨୦୨୦ରେ ଭରଜିନ୍ ପକ୍ଷରୁ ମାତ୍ର ଗୋଟିଏ କ୍ରିଉ ମେମ୍ବର ମହାକାଶ ଯାତ୍ରାରେ ସାମିଲ ହୋଇଥିବାବେଳେ ସ୍ପେସ୍‌ଏକ୍ସ ପକ୍ଷରୁ ୨ଜଣ, ବ୍ଲୁ ଅରିଜିନ ପକ୍ଷରୁ ୫ କ୍ରିଉ ମେମ୍ବର ସ୍ପେସ୍ ଟୁରିଜମ୍‌ରେ ସାମିଲ ହୋଇଥିଲେ। ପୃଥିବୀ ପୃଷ୍ଠରୁ ମହାକାଶ ଯାତ୍ରା ପାଇଁ ସ୍ପେସ୍‌ଏକ୍ସ ୫୦ ନିୟୁତ ଡଲାର ନେଉଥିବାବେଳେ ଭରଜିନ୍ ୧୨ ମିନିଟ ଯାତ୍ରା ପାଇଁ ଟିକେଟ ପିଛା ୪,୫୦,୦୦୦ ଡଲାର ନେଉଛି। ତେବେ ବିମାନରୁ ବାହାରୁଥିବା ତାପ ଏବଂ ଧୂଆଁ ବାୟୁମଣ୍ଡଳକୁ ଯେତିକି ପରିମାଣରେ ପ୍ରଦୂଷିତ କରେ ତା’ଠାରୁ ଅଧିକମାତ୍ରାରେ ମହାକାଶ ଯାତ୍ରାରେ ବ୍ୟବହୃତ ରକେଟ୍‌ରୁ ବାହାରୁଥିବା ହାନିକାରକ ଗ୍ୟାସ୍ ଜଳବାୟୁ ସହିତ ବାୟୁମଣ୍ଡଳକୁ ପ୍ରଭାବିତ କରିବାରେ ଲାଗିଛି। ବିମାନ ତୁଳନାରେ ରକେଟ ଧୂଆଁ ବାୟୁମଣ୍ଡଳରେ ୫୦ କି.ମି. ପର୍ଯ୍ୟନ୍ତ ବ୍ୟାପିଥାଏ। ୨୦୧୯ରେ ମହାକାଶ ପର୍ଯ୍ୟଟନ ଆରମ୍ଭ ହେବା ପୂର୍ବରୁ ଓଜନ ସ୍ତର ୮.୫ରୁ ୧୦ ପ୍ରତିଶତ କମିବା ନେଇ ବିଶେଷଜ୍ଞମାନେ ଚେତାବନୀ ଦେଇଥିବାବେଳେ ବିଲିୟନେୟାରମାନଙ୍କ ମହାକାଶ ଯାତ୍ରା କାରଣରୁ ଓଜୋନ ସ୍ତର ୧୩ ପ୍ରତିଶତ କମିଥିବା ଜଣାପଡ଼ିଛି। ଅନ୍ୟପଟେ ମହାକାଶରେ ଜମିଥିବା ବର୍ଜ୍ୟବସ୍ତୁର ଅର୍ଦ୍ଧାଧିକ ସ୍ପେସ୍ ଟ୍ରାଭେଲରେ ବ୍ୟବହୃତ ରକେଟରୁ ବାହାରିଛି । ବାୟୁମଣ୍ଡଳରେ ଓଜୋନ ସ୍ତର କମିବା କାରଣରୁ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି ସିଧାସଳଖ ଭାବେ ପୃଥିବୀ ପୃଷ୍ଠରେ ପଡ଼ିବା ଆରମ୍ଭ ହୋଇଛି। ଏହାଦ୍ୱାରା ଜୀବଜଗତ ପ୍ରଭାବିତ ହେବାରେ ଲାଗିଛି।

## ୧୧୯ କୋଟିର ଆପାର୍ଟମେଣ୍ଟ କିଣିଲେ ରଣବୀର



**ମୁମ୍ବାଇ:** ବଲିଉଡର ଲୋକପ୍ରିୟ ଯୋଡ଼ି କୁହାଯାଉଥିବା ରଣବୀର ସିଂ ଓ ଦୀପିକା ପାଦୁକୋନ ଖୁବ୍‌ଶୀଘ୍ର ଶାହାରୁଖ ଖାନ ଏବଂ ସଲମାନ ଖାନଙ୍କ ପଡ଼ୋଶୀ ହେବାକୁ ଯାଉଛନ୍ତି। ରଣବୀର ସିଂ ସାଗର ରେଶମ ରେସିଡେନ୍ସିଆଲ ଟାୱାରରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ କିଣିଛନ୍ତି। ଏହି ଆପାର୍ଟମେଣ୍ଟର ମୂଲ୍ୟ ୧୧୯ କୋଟି ଟଙ୍କା। ଏବେ ଏହାର କାର୍ଯ୍ୟ ଚାଲିଛି। ଶାହାରୁଖଙ୍କ ମନ୍ନତ ଏବଂ ସଲମାନଙ୍କ ଗାଲାକ୍ସି ମଝିରେ ଏହି ଆପାର୍ଟମେଣ୍ଟ ପଡେ। ରଣବୀର କିଣିଥିବା ଆପାର୍ଟମେଣ୍ଟ ୧୬, ୧୭, ୧୮ ଏବଂ ୧୯ ମହଲା ଉପରେ ବ୍ୟାପିଛି। ଏଠାରେ ପ୍ରତି ବର୍ଗଫୁଟ ସ୍ଥାନର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା। ରଣବୀରଙ୍କ ଆପାର୍ଟମେଣ୍ଟ ୧୧,୨୬୬ ବର୍ଗଫୁଟର। ଏଥିରେ ୧୩ ଶହ ବର୍ଗଫୁଟର ଏକ ସ୍ୱତନ୍ତ୍ର ଟେରେସ୍ ରହିଛି। ଆପାର୍ଟମେଣ୍ଟରେ ୧୯ ପାର୍କିଂ ସ୍ଲଟ୍ ରହିଛି। ରଣବୀର ଓ ତାଙ୍କ ବାପା ଟ୍ରାଞ୍ଜାକଶନ ବାବଦ ୭.୧୩ କୋଟିର ଷ୍ଟାମ୍ପ ଡ୍ୟୁଟି ପଇଠ କରିଛନ୍ତି। ରଣବୀର ଏବେ ‘ସର୍କସ’ ଏବଂ ‘ରକି ଔର ରାନୀ କି ପ୍ରେମ କାହାନୀ’ ଫିଲ୍ମ ପାଇଁ ବ୍ୟସ୍ତ ଅଛନ୍ତି। ରକି ଔର ରାନୀ କି ପ୍ରେମ କାହାନୀରେ ତାଙ୍କ ବିପକ୍ଷରେ ଆଲିଆ ଭଟ୍ଟଙ୍କୁ ଦେଖିବାକୁ ମିଳିବ। ଏଥିସହ ଧର୍ମେନ୍ଦ୍ର, ଶବାନା ଆଜ୍‌ମୀ, ଜୟା ବଚ୍ଚନ ମଧ ଫିଲ୍ମରେ ଅଭିନୟ କରିଛନ୍ତି। ରୋହିତ ସେଟ୍ଟୀଙ୍କ ‘ସର୍କସ’ରେ ପୂଜା ହେଗ୍‌ଡେଙ୍କ ସହ ରଣବୀର ନଜର ଆସିବେ।

# ପ୍ରାକୃତିକ ସାମଗ୍ରୀର ବ୍ୟବହାର ସର୍ବୋପରି

### ବିଶ୍ୱ କାଗଜ ବ୍ୟାଗ୍ ଦିବସ

ସମ୍ପ୍ରତି ପ୍ଲାଷ୍ଟିକ୍ ବ୍ୟବହାର ଯୋଗୁ ପ୍ରଦୂଷଣ ବଢ଼ିଚାଲିଛି। ଏହାର ବ୍ୟବହାର ଦ୍ୱାରା ପ୍ରାକୃତିକ ପରିବେଶ ପ୍ରତି ଗୁରୁତର ବିପଦ ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରତିବର୍ଷ ୧୨ ଜୁଲାଇରେ ବିଶ୍ୱ କାଗଜ ବ୍ୟାଗ୍ ଦିବସ ପାଳନ କରାଯାଇଥାଏ। ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ କ୍ଷୟ ହେବାକୁ ହଜାରେ ବର୍ଷ ଲାଗେ। ତେଣୁ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ ବ୍ୟାଗ୍‌ର ଖରାପ ପ୍ରଭାବ ସମ୍ପର୍କରେ ଲୋକଙ୍କୁ ବୁଝାଇବା ଲାଗି ଏହି ଦିବସ ପାଳନର ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ପ୍ରାକୃତିକ ସାମଗ୍ରୀର ବ୍ୟବହାର ସର୍ବୋପରି ବୋଲି ସଭିଙ୍କୁ ସଚେତନ କରାଯାଇଥାଏ ।କାଗଜ ବ୍ୟାଗ୍‌ଗୁଡ଼ିକ ଅକ୍ଷୟ କଞ୍ଚାମାଲରେ ନିର୍ମିତ। ଏହାର ପ୍ରକ୍ରିୟାକରଣ ଦ୍ୱାରା ସୁରକ୍ଷିତ ଭାବେ ପୁଣି ଏହାକୁ ବ୍ୟବହାର କରାଯାଇପାରିଥାଏ। ଏହା ସହଜରେ ବିଘଟନ ହୋଇପାରିଥାଏ। କାଗଜରେ ତିଆରି ବ୍ୟାଗ୍ ବ୍ୟବହାର କଲେ ପରିବେଶ ପ୍ରଦୂଷଣକୁ ରୋକି ହୋଇଥାଏ। ଜଗତୀକରଣ, ଜଳବାୟୁ ପରିବର୍ତ୍ତନ ଏବଂ କଞ୍ଚାମାଲର ଅଭାବ ହେତୁ ଲୋକମାନେ ସ୍ଥାୟୀ ଜୀବନୟ ଶୈଳୀକୁ ଅଧିକ ପସନ୍ଦ କରୁଛନ୍ତି ଏବଂ କାଗଜ ବ୍ୟାଗ୍ ବ୍ୟବହାର ସେଥି ମଧ୍ୟରୁ ଗୋଟିଏ ପଦକ୍ଷେପ। ଏହା ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାରକୁ ହ୍ରାସ କରିଥାଏ, ଯାହା ପ୍ରଦୂଷଣର ମୁଖ୍ୟ କାରଣ। ଏହା ଅଣ-ଜୈବ ଡିଗ୍ରେଡେବଲ। ଭବିଷ୍ୟତ ପିଢ଼ିଙ୍କ ପାଇଁ ଆମ ଗ୍ରହକୁ ସଂରକ୍ଷଣ କରିବା ଲାଗି କାଗଜ ବ୍ୟାଗ୍ ବ୍ୟବହାର ଏକ ଗୁରୁତ୍ୱପୂର୍ଣ୍ଣ ମୂଳଦୁଆ।

# ସଂଗ୍ରାମରୁ ସଫଳତା

### ବିଶ୍ୱ ମଲାଲା ଦିବସ


ମଲାଲା ୟୁସୁଫଜାଇ

ପାକିସ୍ତାନୀ ସାମାଜିକ କାର୍ଯ୍ୟକର୍ତ୍ତା ମଲାଲା ୟୁସୁଫ୍‌ଜାଇଙ୍କୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଜୁଲାଇ ୧୨ରେ ବିଶ୍ୱ ମଲାଲା ଦିବସ ପାଳନ କରାଯାଇଥାଏ। ସାରା ବିଶ୍ୱରେ ମହିଳାଙ୍କ ଶିକ୍ଷା ଅଧିକାର ପାଇଁ କାର୍ଯ୍ୟ କରୁଥିବା ମଲାଲାଙ୍କୁ ଛୋଟଝିଅ ଭାବରେ ସ୍କୁଲରେ ପ୍ରବେଶ କରିବାକୁ ଦିଆଯାଇ ନ ଥିଲା। କିନ୍ତୁ ମଲାଲା ଏହାକୁ ଗ୍ରହଣ କରି ନ ଥିଲେ ଏବଂ ଘରେ ରହିବାକୁ ମନା କରିଦେଇଥିଲେ। ଯୁବତୀମାନଙ୍କୁ ଶିକ୍ଷା ଦିଆଯିବା ପାଇଁ ସେ ସ୍ୱର ଉତ୍ତୋଳନ କରିଥିଲେ ଏବଂ ଏଥିପାଇଁ ତାଙ୍କୁ ମଧ ହତ୍ୟା ଉଦ୍ୟମ କରାଯାଇଥିଲା। ତେବେ ସଂଗ୍ରାମରୁ ତାଙ୍କୁ ସଫଳତା ମିଳିଥିଲା। ୧୬ ବର୍ଷୀୟା ପାକିସ୍ତାନୀ ସାମାଜିକ କାର୍ଯ୍ୟକର୍ତ୍ତା ମଲାଲା ୧୨ ଜୁଲାଇ ୨୦୧୩ରେ ମିଳିତ ଜାତିସଂଘର ମୁଖ୍ୟାଳୟରେ ଏକ ବକ୍ତବ୍ୟ ପ୍ରଦାନ କରିଥିଲେ। ମହିଳା ଶିକ୍ଷା ପାଇଁ ବିଶ୍ୱବ୍ୟାପୀ ଏହାର ପ୍ରସାରର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ ଏବଂ ବିଶ୍ୱ ନେତାମାନଙ୍କୁ ସେମାନଙ୍କ ନୀତିରେ ସଂସ୍କାର ଆଣିବାକୁ କହିଥିଲେ। ତାଙ୍କର ଉଲ୍ଲେଖନୀୟ ଭାଷଣ ପାଇଁ ଜୁଲାଇ ୧୨ରେ ତାଙ୍କ ଜନ୍ମଦିନ ପାଳନ ଅବସରରେ ବିଶ୍ୱ ମଲାଲା ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ସଂକ୍ଷେପରେ

### ବରିଷ୍ଠ ଅଧ୍ୟାପକଙ୍କ ନାମରେ ଅଧ୍ୟାପିକାଙ୍କ ନିର୍ଯାତନା ଅଭିଯୋଗ

ସୋନପୁର,୧୧।୭(ନି.ପ୍ର.): ସୋନପୁର କଲେଜର ବରିଷ୍ଠ ଅଧ୍ୟାପକ ତଥା ଶିକ୍ଷା ବିଭାଗର ମୁଖ୍ୟ ରାମଧାରୀ ହୋତାଙ୍କ ନାମରେ ଆସିଛି ଗୁରୁତର ଅଭିଯୋଗ। ଶିକ୍ଷା ବିଭାଗର ଜଣେ ଅଧ୍ୟାପିକା ସୋମବାର ତାଙ୍କ ନାମରେ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ବିଭାଗୀୟ ମୁଖ୍ୟ ଅଧ୍ୟାପିକାଙ୍କୁ କଲେଜ ପରିସର ଏବଂ ବାହାରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି। ଏହା ଅଧ୍ୟାପିକାଙ୍କ ପାଇଁ ଅସହ୍ୟ ହୋଇପଡିଛି। ସେ ଆଉ ଚାକିରି କରିବା ସମ୍ଭବପର ନୁହଁ। ତେଣୁ ସେ ଇସ୍ତଫା ଦେଇଦେବେ ବୋଲି ଅଧ୍ୟକ୍ଷଙ୍କୁ ଜଣାଇଛନ୍ତି। ଏପରିକି ଏହି ଘଟଣାକୁ ନେଇ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ସୋମବାର ସମ୍ପୃକ୍ତ ଅଧ୍ୟାପିକା, ତାଙ୍କ ସ୍ୱାମୀ ଓ ଅଧ୍ୟାପକ ହୋତାଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଅଧ୍ୟକ୍ଷ ରାଜୀବଲୋଚନ ଆଚାର୍ଯ୍ୟ ସୋମବାର ବୈଠକ କରିଛନ୍ତି। ସେହିଭଳି ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟାରେ ଇଣ୍ଟରନାଲ ସେକ୍ସୁଆଲ ହାରାସ୍‌ମେଣ୍ଟ ରିଡ୍ରେସାଲ ଫୋରମର ବୈଠକ ଆହ୍ୱାନ କରାଯାଇଛି ବୋଲି ଅଧ୍ୟକ୍ଷ ଆଚାର୍ଯ୍ୟ କହିଛନ୍ତି। ଅଧ୍ୟକ୍ଷଙ୍କ ସୂଚନା ଅନୁଯାୟୀ, ଅଭିଯୋଗର ତଦନ୍ତ କଲେଜର ଇଣ୍ଟରନାଲ କମିଟି କରିବ। କମିଟି ରିପୋର୍ଟ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷେ ଅଭିଯୋଗ ସମ୍ପର୍କରେ ଅଧ୍ୟାପକ ହୋତାଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲା। ମାତ୍ର ତାଙ୍କ ମୋବାଇଲ ନଂ ୯୪୩୮୧୭୦୬୬ ସୁଇଚ୍ ଅଫ୍ ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରିନି। ଶିକ୍ଷାନୁଷ୍ଠାନରେ ଏଭଳି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି।

### କେବିଏନ୍ ଗ୍ୟାଙ୍ଗ୍ ମୁଖ୍ୟ ବୁବୁ ଜେନା ପୁଣି ଗିରଫ

ଭୁବନେଶ୍ୱର,୧୧।୭ (ବ୍ୟୁରୋ): କୋଇ ଭାଇ ନେହିଁ ହେ (କେବିଏନ) ଗ୍ୟାଙ୍ଗର ମୁଖ୍ୟଙ୍କୁ ସୋମବାର ପୁଣିଥରେ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅଧୀନ ପୋଖୋରୀପୁଟ ତାଳବଣିଆର ବୁବୁ ଓରଫ ଦେବୀ ପ୍ରସାଦ ଜେନା (୨୪)।



ଜେଲରୁ ବାହାରିବା ପରେ ସେ ପୁଣି ରାତିରେ ବୁଲି ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଆତଙ୍କିତ କରିବା ସହ ବଟି ମାଗିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗ ଆଧାରରେ ବୁବୁଙ୍କୁ ପୋଲିସ ସେହି ପୁରୁଣା ମାମଲା (ନଂ.୧୫୬/୨୨)ରେ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁ କହିଛନ୍ତି। ସୂଚନାଯୋଗ୍ୟ, ବୁବୁ ଓ ତାଙ୍କ ଗ୍ୟାଙ୍ଗର ସଦସ୍ୟମାନେ ମାରଣାସ୍ତ୍ର ଧରି ସହରସାରା ଆତଙ୍କ ଖେଳାଇବା ସହ ତାହାର ଭିଡିଓ ସୋସିଆଲ ମିଡିଆକୁ ଛାଡ଼ି ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିଲେ। ଏପରି ଭାବେ ନିଜର ଉପସ୍ଥିତି ଜାହିର କରିବା ସହ ଦାଦାବଟି ଆଦାୟ କରୁଥିଲେ। ପୂର୍ବରୁ ଦାଦାବଟିକୁ ନେଇ ଏକ ଗଣ୍ଡଗୋଳ ମାମଲାରେ ପୋଲିସ ବୁବୁଙ୍କ ଗିରଫ କରିଥିଲା। ଏଥିସହ ତାଙ୍କ ଗ୍ୟାଙ୍ଗର ଅନ୍ୟ କେତେଜଣ ସଦସ୍ୟଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା।

# ଋଣ ଭାର ୧.୧୨ ଲକ୍ଷ କୋଟି ଟପିବ

ଭୁବନେଶ୍ୱର,୧୧।୭(ବ୍ୟୁରୋ)

**ରାଜ୍ୟର ମୁଣ୍ଡ ପିଛା ଋଣ ଭାର ୨୩ ହଜାର**

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟର ଋଣଭାର ଏକ ଲକ୍ଷ ୧୨ ହଜାର କୋଟି ଟଙ୍କାକୁ ଟପିଯିବ। ଚଳିତ ବର୍ଷ ରାଜ୍ୟ ସରକାର ବିଭିନ୍ନ ଖର୍ଚ୍ଚ ତୁଲାଇବାକୁ ପ୍ରାୟ ୧୧ହଜାର କୋଟି ଟଙ୍କା ଋଣ କରିବାକୁ ଯୋଜନା କରିଛନ୍ତି। ଚଳିତ ବର୍ଷ ଏପ୍ରିଲ ପହିଲା ସୁଦ୍ଧା ରାଜ୍ୟର ଋଣଭାର ୧ ଲକ୍ଷ ୩ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୩ ମାର୍ଚ୍ଚ ୩୧ ବେଳକୁ ଏହା ୧,୧୨,୪୦୧ କୋଟି ଟଙ୍କା ହୋଇଯିବ ବୋଲି ଆକଳନ କରାଯାଇଛି। ରାଜ୍ୟ ସରକାର ଯେତିକି ଋଣ କରୁଛନ୍ତି ତାହା ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠାରେ ବ୍ୟୟ କରୁଛନ୍ତି। ଋଣ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବିନିଯୋଗ ହେଉଥିବା ଯୋଗୁ ସରକାର ଋଣ ପରିଶୋଧ କରିବା କ୍ଷେତ୍ରରେ ଅସୁବିଧାରେ ପଡୁନାହାନ୍ତି। ଋଣ କରି ଯଦି ବ୍ୟୟରେ ବିନିଯୋଗ ହେଉଥାନ୍ତା, ତାହେଲେ ସରକାରଙ୍କ ପାଇଁ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଥାଆନ୍ତା।

ମଧ୍ୟମ ମିଆଦୀ ଆକଳନ ଅନୁଯାୟୀ, ରାଜ୍ୟର ମୋଟ୍ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁପାତରେ ମୋଟ ଋଣ ୨୦୨୫-୨୬ ଆର୍ଥିକ ବର୍ଷରେ ୧୮.୧ ପ୍ରତିଶତ ସ୍ତରରେ ପହଞ୍ଚିବ ବୋଲି ଅନୁମାନ କରାଯାଇଛି। ଫିସ୍କାଲ ରେସ୍‌ପନ୍‌ସିବିଲିଟି ଆଣ୍ଡ୍ ବଜେଟ ମ୍ୟାନେଜ୍‌ମେଣ୍ଟ(ଏଫ୍‌ଆର୍‌ବିଏମ୍) ଆଇନ-୨୦୦୩ ଅନୁଯାୟୀ ଋଣଭାର ଜିଏସ୍‌ଡିପିର ୨୫ ପ୍ରତିଶତ ମଧ୍ୟରେ ରହିବା କଥା। ଏଫ୍‌ଆରବିଏମ୍ ଧାର୍ଯ୍ୟ କରିଥିବା ସୀମାରେଖା ମଧ୍ୟରେ ଋଣ ହେଉଥିବାରୁ କୌଣସି ସମସ୍ୟା ନାହିଁ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି।

ଅଭିବୃଦ୍ଧି ଅଧିକ ହେଉଥିବା ଯୋଗୁ ସୁଧ ପୈଠ କ୍ଷେତ୍ରରେ କୌଣସି ସମସ୍ୟା ନାହିଁ। ରାଜ୍ୟର ରାଜସ୍ୱ ଅଭିବୃଦ୍ଧିର ହାର ଜାତୀୟ ଅଭିବୃଦ୍ଧି ହାରଠାରୁ ଅଧିକ ରହିଛି। ଦେଶ ଓ ରାଜ୍ୟର ଋଣଭାର ସଂକ୍ରାନ୍ତରେ ହୋଇଥିବା ଅନୁଧ୍ୟାନରୁ ଜଣାଯାଏ ଯେ, ଓଡ଼ିଶାର ଋଣଭାର ଜିଏସ୍‌ଡିପିର ୧୫.୮ ପ୍ରତିଶତ ଥିବାବେଳେ ଦେଶର ଋଣଭାର ମୋଟ୍ ଘରୋଇ ଉତ୍ପାଦ(ଜିଡିପି)ର ୬୧ ପ୍ରତିଶତରେ ପହଞ୍ଚିଲାଣି।

ଖୋଲା ବଜାରରୁ ଋଣ ନ ଉଠାଇବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଖୋଲାବଜାର ଋଣ ପାଇଁ ସରକାରଙ୍କୁ ଉଚ୍ଚହାରରେ ସୁଧ ଦେବାକୁ ହୋଇଥାଏ। ତାହା ନ କରି ସ୍ୱଳ୍ପ ସୁଧହାରରେ ବିଶ୍ୱ ବ୍ୟାଙ୍କ, ଏସିଆନ୍ ଡେଭେଲପ୍‌ମେଣ୍ଟ ବ୍ୟାଙ୍କ(ଏଡିବି), ଇଣ୍ଟରନ୍ୟାଶନାଲ ଫଣ୍ଡ୍ ଫର୍ ଏଗ୍ରିକଲ୍‌ଚରାଲ୍ ଡେଭେଲପ୍‌ମେଣ୍ଟ, ଜାପାନ ଇଣ୍ଟରନ୍ୟାଶନାଲ କର୍ପୋରେଶନ ଏଜେନ୍ସି, ନାବାର୍ଡ, ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ନିଗମ (ଓଏମ୍‌ବିଏଡିସି) ପାଣ୍ଠି ଏବଂ କ୍ଷତିପୂରକ ବନୀକରଣ (କାମ୍ପା) ପାଣ୍ଠିରୁ ସରକାର ସ୍ୱଳ୍ପ ସୁଧହାରରେ ଋଣ ନେଉଛନ୍ତି।

ସରକାର ଖୋଲା ବଜାରରୁ ଋଣ କରୁନାହାନ୍ତି। ୨୦୨୧-୨୨ ମଧ୍ୟରେ ଖୋଲାବଜାର ଋଣ ପରିମାଣ ଶୂନ ଥିବାବେଳେ ୨୦୨୨-୨୩ରେ ଏହା ସମାନ ସ୍ତରରେ ରହିବ। ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ସରକାର ସରକାରୀ ସଂସ୍ଥା, ପୌରସଂସ୍ଥା ଏବଂ ସମବାୟ ଅନୁଷ୍ଠାନକୁ ମୋଟ୍ ୬,୧୪୦.୯୧ କୋଟି ଟଙ୍କା ଋଣ ଗ୍ୟାରେଣ୍ଟି ଦେଇଛନ୍ତି। ଏହା ଜିଏସ୍‌ଡିପିର ୦.୯୬ ପ୍ରତିଶତ। ଏହି ଗ୍ୟାରେଣ୍ଟି ସରକାରଙ୍କ ଋଣଭାରର ଅଂଶ ନୁହେଁ। ଏହି ଋଣକୁ ଉପରୋକ୍ତ ସଂସ୍ଥା ପରିଶୋଧ କରିଥାନ୍ତି।

ସମସ୍ତ ଋଣ ସାମାଜିକ ଲାଭଦାୟକ ପୁଞ୍ଜି ପ୍ରକଳ୍ପରେ ବ୍ୟବହୃତ ହୋଇଛି, ଯାହା ଅର୍ଥନୈତିକ କାର୍ଯ୍ୟକଳାପ, ନିଯୁକ୍ତି ସୃଷ୍ଟି ଏବଂ ରାଜ୍ୟବାସୀଙ୍କ ଜୀବନ ଧାରଣରେ ଉନ୍ନତି ଆଣିବା ପାଇଁ ସହାୟକ ହେଉଛି। ସେହି ଅନୁଯାୟୀ ଭଲ ପ୍ରକଳ୍ପ ଚିହ୍ନଟ କରିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ଅପେକ୍ଷାକୃତ କମ୍ ପରିମାଣର ଋଣ, ସ୍ୱଳ୍ପ ସୁଧହାରରେ ଋଣ ସଂଗ୍ରହ ଦ୍ୱାରା ରାଜ୍ୟର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇପାରିଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ,୨୦୦୯-୧୦ରେ ରାଜ୍ୟରେ ମୁଣ୍ଡ ପିଛା ଋଣ ୯୧୮୦ ଟଙ୍କା ଥିବା ବେଳେ ୧୦ ବର୍ଷ ପରେ ଅର୍ଥାତ୍ ୨୦୨୧-୨୨ରେ ଏହା ୨୩ ହଜାର ୫୨୪ ଟଙ୍କାରେ ପହଞ୍ଚିଛି।

# ଲକ୍ଷେ ଟଙ୍କାରେ ସାର୍ଟିଫିକେଟ ବିକ୍ରି କରିବେ ଛାତ୍ର

- ସୋସିଆଲ ମିଡିଆରେ ଦେଲେ ବିଜ୍ଞାପନ
- ଶିକ୍ଷକ ପଦବୀ ପାଇଁ ନିଯୁକ୍ତି ନ ଥିବାରୁ ନିରାଶ

ନବରଙ୍ଗପୁର,୧୧।୭(ବି.ପ୍ର.)



ସୋସିଆଲ ମିଡିଆରେ ଅପ୍‌ଲୋଡ କରାଯାଇଥିବା ବିଶ୍ୱନାଥଙ୍କ ସାର୍ଟିଫିକେଟ।

ଶିକ୍ଷକ ହୋଇ ପିଲାଙ୍କ ଭବିଷ୍ୟତ ଗଢ଼ିବା ସ୍ୱପ୍ନ ରହିଥିଲା। ଏଥିପାଇଁ ଶିକ୍ଷକ ପ୍ରଶିକ୍ଷଣ ନେବା ସହ ପରିଶ୍ରମ କରି ଓଟିଇଟି ମଧ୍ୟ ପାସ୍ କରିଛନ୍ତି। ହେଲେ ଚାକିରି ମିଳୁନି। ୫ ବର୍ଷ ହେଲା ସରକାର ନିଯୁକ୍ତି ନିମନ୍ତେ ବିଜ୍ଞାପନ ବାହାର କରୁନାହାନ୍ତି। ରୋଜଗାର ନ ଥିବାରୁ ନିରାଶ ହୋଇ ଜଣେ ଛାତ୍ର ନିଜ ଶିକ୍ଷକ ପ୍ରଶିକ୍ଷଣ ସାର୍ଟିଫିକେଟ ଏବଂ ଓଟିଇଟି ସାର୍ଟିଫିକେଟ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସେ ସୋସିଆଲ ମିଡିଆରେ ବିଜ୍ଞାପନ ଜାରି କରିଛନ୍ତି। ସେ ହେଲେ ନବରଙ୍ଗପୁର ସହର ଇଚ୍ଛାବତୀଗୁଡ଼ା ସାହିର ବିଜୟକେତନ ବଡ଼ନାୟକଙ୍କ ପୁଅ ବିଶ୍ୱନାଥ। ତାଙ୍କ ସାର୍ଟିଫିକେଟ ବିକ୍ରି ବିଜ୍ଞାପନ ଏବେ ଚର୍ଚ୍ଚାର ବିଷୟ ହୋଇଛି।

ବିଶ୍ୱନାଥ ଛୋଟବେଳୁ ଜଣେ ଆଦର୍ଶ ଶିକ୍ଷକ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଯୁକ୍ତ୨ ପରେ ୨୦୧୭ରେ ସେ ଉମରକୋଟ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇଥିଲେ। ୨୦୧୬ରେ ଓଟିଇଟି ପରୀକ୍ଷାରେ ପାସ୍ କରିଥିଲେ। ପରେ ସେ ଯୁକ୍ତ୩ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇଥିଲେ। ହେଲେ ସରକାରଙ୍କ ପକ୍ଷରୁ ନିଯୁକ୍ତି ବିଜ୍ଞାପନ ବାହାରୁ ନ ଥିବାରୁ ଅନେକ ଛାତ୍ରୀଛାତ୍ରଙ୍କ ସହ ସେ ମଧ୍ୟ ଚାକିରି ନ ପାଇ ବସିଛନ୍ତି। ବାରମ୍ବାର ଆନ୍ଦୋଳନ ସହ ରାଜରାସ୍ତାକୁ ଓହ୍ଲାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ବାଧ୍ୟହୋଇ ନିଜ ସାର୍ଟିଫିକେଟ ୧ ଲକ୍ଷ ଟଙ୍କାରେ ବିକ୍ରିକରିବାକୁ ବିଜ୍ଞାପନ ଦେଇଥିବା ବିଶ୍ୱନାଥ କହିଛନ୍ତି।

# ମୁକୁଳା ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ହାତୀ ମୃତ

**ଜଗି ରହିଥିଲା ଆଉ ଏକ ହାତୀ**

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୧।୭(ଡି.ଏନ୍.ଏ.)

ଖୋର୍ଦ୍ଧା ବନଖଣ୍ଡ ଅଧୀନ ଟାଙ୍ଗୀ ବନାଞ୍ଚଳ ଗୋଳବାଇ ମୁଣ୍ଡାଆମ୍ବ ଜଙ୍ଗଲରେ ଥିବା ଏକ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ରବିବାର ବିଳମ୍ବିତ ରାତିରେ ଏକ ହାତୀର ମୃତ୍ୟୁ ଘଟିଛି। ଏହାର ଆନୁମାନିକ ବୟସ ୨୫ରୁ ୩୦ ବର୍ଷ ହେବ। ବ୍ୟବଚ୍ଛେଦ ପରେ ମୃତଦେହକୁ ନାଲସିଂହ ଡିପିଏଫରେ ପୋତି ଦିଆଯାଇଥିବା ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଦେବାଶିଷ ଭୋଇ କହିଛନ୍ତି। ସୂଚନା ମୁତାବକ, ଗୋଳବାଇ ଅଞ୍ଚଳରେ ଦୁଇଟି ହାତୀ ବୁଲୁଥିବା ନେଇ ଟାଙ୍ଗୀ ବନ ବିଭାଗକୁ ସୂଚନା ମିଳିଥିଲା। ବନ କର୍ମଚାରୀମାନେ ଗୋଳବାଇରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିବା ସହ ପିଛା କରିଥିଲେ। ହାତୀଦ୍ୱୟ ମୁଣ୍ଡାଆମ୍ବ ଜଙ୍ଗଲ ଭିତରକୁ ପଶିଯାଇଥିଲେ। ତେବେ ଜଙ୍ଗଲରେ ଜଣେ ବ୍ୟକ୍ତିଙ୍କର ଫେବ୍ରିକେସନ ପାଇଁ ବସାଯାଇଥିବା ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଏକ ହାତୀର ମୃତ୍ୟୁ ଘଟିଥିଲା। ବନ କର୍ମଚାରୀମାନେ ଏକ ବଡ଼ ଶବ୍ଦ ଶୁଣି ଘଟଣାସ୍ଥଳରେ ପହଞ୍ଚିଥିଲେ।


ଟ୍ରାନ୍ସଫର୍ମର ନିକଟରେ ମୃତ ହାତୀ।

ମୃତ ହାତୀକୁ ଆଉ ଏକ ହାତୀ ଜଗି ରହିଥିବା ଦେଖିବାକୁ ପାଇଥିଲେ। ପରେ ବନ କର୍ମଚାରୀମାନେ ଉକ୍ତ ହାତୀକୁ ଘଉଡ଼ାଇବା ସହ ବିଦ୍ୟୁତ୍ ବିଭାଗକୁ ଜଣାଇଥିଲେ। ବିଦ୍ୟୁତ୍ କାଟ୍ ପରେ ମୃତହାତୀକୁ ହାଇଡ୍ରା କ୍ରେନ ସାହାଯ୍ୟରେ ଉଠାଯାଇ ହାଇୱାରେ ଲୋଡ କରାଯାଇ ନିଆଯାଇଥିଲା। ବ୍ୟବଚ୍ଛେଦ ପରେ ନାଲସିଂହ ଡିପିଏଫରେ ଗାତ କରି ପୋତାଦିଆଯାଇଛି ବୋଲି ବନାଞ୍ଚଳ ଅଧିକାରୀ ଭୋଇ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଜଙ୍କିଆ ବିଦ୍ୟୁତ୍ ଡିଭିଜନ-୨ ଏସ୍‌ଡିଓ ପ୍ରତ୍ୟୁଷ କୁମାର ସାହୁ କୁହନ୍ତି, ରବିବାର ରାତି ପ୍ରାୟ ୧ଟା ୯ରେ ବନ ବିଭାଗର ଜଣେ କର୍ମଚାରୀ ଜଙ୍କିଆ କନିଷ୍ଠଯନ୍ତ୍ରୀଙ୍କୁ ଫୋନ ଯୋଗେ ହାତୀର ଚଳପ୍ରଚଳ ସମ୍ପର୍କରେ ଖବର ଦେଇଥିଲେ। ସ୍ଥାନୀୟ ବିଦ୍ୟୁତ୍ କର୍ମଚାରୀ ୧ ଘଣ୍ଟା ୧୮ ମିନିଟ ବିଦ୍ୟୁତ୍ କାଟିଥିଲେ। ତେବେ ପୁଣି ରାତି ୨ଟା ୫୯ରେ ହାତୀ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସିଥିବା ନେଇ ଫୋନ ଆସିଥିଲା ବୋଲି ସେ କହିଛନ୍ତି। ସୂଚନାଥାଉ କି, ଗତ କିଛି ବର୍ଷ ହେବ ଏହି ଅଞ୍ଚଳରେ ବିଭିନ୍ନ କାରଣରୁ ୭ରୁ ଊର୍ଦ୍ଧ୍ୱ ହାତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ଭିଜିଲାନ୍ସ ଜାଲରେ ପୋଲିସ ଅଧିକାରୀ

ଉମରକୋଟ,୧୧।୭(ସ୍ୱ.ପ୍ର.): ଏକ ପୁରୁଣା ମାମଲାକୁ କୋହଳ କରିବା ନିମନ୍ତେ ୨୦ ହଜାର ଟଙ୍କା ଲାଞ୍ଚ ନେଇ ଜଣେ ପୋଲିସ ଅଧିକାରୀ ରବିବାର ରାତିରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ସେ ହେଲେ ଉମରକୋଟ ଥାନା ଅତିରିକ୍ତ ଅଧିକାରୀ ଲିମରାଜ ପ୍ରଧାନ। କିଛିଦିନ ତଳେ ଲିମରାଜଙ୍କ ଜିଲାର ଖାତିଗୁଡ଼ା ଥାନାକୁ ବଦଳି ହୋଇଥିବାବେଳେ ସୋମବାର ସେଠାରେ ଦାୟିତ୍ୱ ଗ୍ରହଣ କରିଥାନ୍ତେ। ଏହା ପୂର୍ବରୁ ସେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ଉମରକୋଟ ଡିଏନ୍‌କେ କଲୋନୀର ନଳିନୀକାନ୍ତ ନାୟକଙ୍କ ନାମରେ ଏକ ମାମଲା ରହିଛି। ଉକ୍ତ ମାମଲାକୁ କୋହଳ କରିବାକୁ ଅତିରିକ୍ତ ଥାନା ଅଧିକାରୀ ଲିମରାଜ ନଳିନୀକାନ୍ତଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ନଳିନୀକାନ୍ତ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ରବିବାର ରାତିରେ ଲିମରାଜ ଲାଞ୍ଚ ଟଙ୍କା ନେବା ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ନାଲିହାତରେ ଧରିଥିଲେ। ଲାଞ୍ଚ ଟଙ୍କା ଜବତ କରି ତାଙ୍କୁ କାବୁ କରିବାକୁ ଚେଷ୍ଟା କରିବା ସମୟରେ ସେ ଦୌଡ଼ି ପଳାଇଥିଲେ। ଭିଜିଲାନ୍ସ ଟିମ୍ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଧରିଥିଲେ। ନବରଙ୍ଗପୁର ଭିଜିଲାନ୍ସ ବିଭାଗ ନେତୃତ୍ୱରେ ମାଲକାନଗିରି ଭିଜିଲାନ୍ସ ବିଭାଗର ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ ଓ ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଘଙ୍କ ସମେତ ନବରଙ୍ଗପୁର, ମାଲକାନଗିରି ଓ ଜୟପୁର ଭିଜିଲାନ୍ସ ବିଭାଗର ୧୪ ଅଧିକାରୀ ସାମିଲ ଥିଲେ। ଗିରଫ ପୋଲିସ ଅଧିକାରୀଙ୍କ ସରକାରୀ ବାସଭବନରେ ମଧ୍ୟ ଚଢ଼ାଉ କରାଯାଇ ୨୩ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ପରେ ତାଙ୍କୁ ନବରଙ୍ଗପୁର ନିଆଯାଇଛି। ତଦନ୍ତ ପରେ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଲିମରାଜଙ୍କ ପରିବାର ରହୁଥିବା ଭବାନୀପାଟଣାସ୍ଥିତ ବାସଭବନ ଏବଂ ଫୁଲବାଣୀସ୍ଥିତ ପୈତୃକ ବାସଭବନରେ ସୋମବାର ଚଢ଼ାଉ ଜାରି ରହିଥିବା ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି କଳାବତୀ ବାଘ ସୂଚନା ଦେଇଛନ୍ତି।

# ଜାମିନରେ ଆସି ବାହୁଡ଼ାଯାତ୍ରାରେ ଗୋବିନ୍ଦ


ଗୋବିନ୍ଦ ସାହୁ ବାହୁଡା ଯାତ୍ରାରେ ସାମିଲ ହୋଇଛନ୍ତି।

ଭବାନୀପାଟଣା/ଗୋଲାମୁଣ୍ଡା, ୧୧।୭(ସ୍ୱ.ପ୍ର./ଡି.ଏନ୍.ଏ.)

**ମମିତା ମେହେର ହତ୍ୟା ଘଟଣା**

- ଅଭିଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ପ୍ରଭାବିତ କରିବା ଚେଷ୍ଟା ନେଇ ସନ୍ଦେହ
- ସାମୂହିକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ନେଇ ପ୍ରଶ୍ନ

ଜେଲ୍‌ରେ ଆସି ଗାଁ ବାହୁଡ଼ା ଯାତ୍ରାରେ ସାମିଲ ହେଲେ ବହୁ ଚର୍ଚ୍ଚିତ କଳାହାଣ୍ଡି ଜିଲା ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ। ସ୍ତ୍ରୀ ଓ ଝିଅର ଚିକିତ୍ସା ପାଇଁ ଗୋବିନ୍ଦଙ୍କୁ ଗତ ୮ ତାରିଖରେ ହାଇକୋର୍ଟ ୧୪ ଦିନିଆ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ। ହେଲେ ସେ ସାଧାରଣ ଲୋକଙ୍କ ପରି ଗାଁ ବାହୁଡାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ଜଣେ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସ୍ତ୍ରୀ ଓ ଝିଅର ଚିକିତ୍ସା ପାଇଁ ଜେଲ୍‌ରୁ ଜାମିନରେ ଆସି ବାହୁଡ଼ା ଯାତ୍ରା ଭଳି ସାମୂହିକ କାର୍ଯ୍ୟକ୍ରମରେ କିପରି ସାମିଲ ହୋଇପାରୁଛନ୍ତି ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏପରି ଖୋଲାଖୋଲି ବୁଲାବୁଲି କରୁଥିବା ଅଭିଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ପ୍ରଭାବିତ କରିବାକୁ ଚେଷ୍ଟା କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନା ଯେ, ଗୋବିନ୍ଦ ୧୪ ଦିନର ଅନ୍ତରୀଣ ଜାମିନ ପାଇ ଗତ ୯ ତାରିଖରେ କଣ୍ଟାବାଞ୍ଜି ଜେଲରୁ ବାହାରିଥିବା ବେଳେ ଆସନ୍ତା ୨୨ ତାରିଖରେ କଣ୍ଟାବାଞ୍ଜି ଏଡିଜେ କୋର୍ଟରେ ଆତ୍ମସମର୍ପଣ କରିବେ। କୋର୍ଟ ଗୋବିନ୍ଦଙ୍କୁ ୮ଟି ସର୍ତ୍ତ ଓ ୫୦ ହଜାରର ଦୁଇଟି ବଣ୍ଡ ବଳରେ ୧୪ ଦିନ ପାଇଁ ଜାମିନ ଦେଇଛନ୍ତି। ସେହିପରି କୋର୍ଟଙ୍କ ଜାମିନ ସର୍ତ୍ତ ଅନୁସାରେ ବିନା ଅନୁମତିରେ ସେ ନିଜ ଅଞ୍ଚଳ ଛାଡ଼ି ପାରିବେ ନାହିଁ। ସାକ୍ଷୀଙ୍କୁ ପ୍ରଭାବିତ କରିପାରିବେ ନାହିଁ କିମ୍ବା ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିବେନି। ପ୍ରତିଦିନ ସନ୍ଧ୍ୟାରେ ସେ ଏହି ମାମଲାର ଆଇଓଙ୍କ ପାଖରେ ହାଜର ହେବେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ କୌଣସି ପ୍ରକାରର ପ୍ରତିକ୍ରିୟା ଦେଇପାରିବେ ନାହିଁ ବୋଲି କୋର୍ଟ ସର୍ତ୍ତ ରଖିଛନ୍ତି। ସୂଚନାଯୋଗ୍ୟ, କଳାହାଣ୍ଡି ଜିଲା କେସିଙ୍ଗା ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧ୍ୟକ୍ଷା ମମିତା ମେହେରଙ୍କୁ ହତ୍ୟା କରାଯାଇଥିଲା। ମମିତାଙ୍କୁ ମହାଲିଙ୍ଗ କଲେଜ ସଭାପତି ଗୋବିନ୍ଦ ସାହୁ ହତ୍ୟା କରି ଗାତରେ ପୋତି ଦେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସେ ଗିରଫ ହୋଇ ଜେଲ୍‌ରେ ଥିଲେ। ତେବେ ଗୋବିନ୍ଦ ସହିତ ତତ୍କାଳୀନ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପର୍କ ସାମ୍ନାକୁ ଆସିବା ପରେ ରାଜ୍ୟ ରାଜନୀତି ଉଷ୍ମ ହୋଇଥିଲା।

# ସାବାଳକ ହେବା ପରେ ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର, ୧୧।୭ (ସ୍ୱ.ପ୍ର.)

**ନାବାଳିକା ଗଣବଳାତ୍କାର ଘଟଣା**

କେନ୍ଦୁଝର ଅତିରିକ୍ତ ଜିଲା ଓ ସ୍ୱତନ୍ତ୍ର ଜଜ୍ ଶୁଭଶ୍ରୀ ତ୍ରିପାଠୀ ସୋମବାର ଏକ ନାବାଳିକା ଗଣବଳାତ୍କାର ମାମଲାର ଶୁଣାଣି କରି ସାବାଳକ ହେବା ପରେ ଜଣେ ଦୋଷୀଙ୍କୁ ୨୦ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୫୩ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଦେଢ଼ ବର୍ଷ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଦୋଷୀ ଜଣକ ହେଲେ ଘଟଗାଁ ବ୍ଲକ ଡଳଙ୍ଗପାଣି ଗ୍ରାମର ଶ୍ରୀକାନ୍ତ ନାଏକ। ତେବେ ଏହି ମାମଲାରେ ପୂର୍ବରୁ ଗତ ମେ' ୩୧ରେ ଦୁଇଜଣ ଦୋଷୀଙ୍କୁ ୨୦ ବର୍ଷ ଲେଖାଏ ଜେଲ୍ ଦଣ୍ଡ ହୋଇଥିଲା।

ପ୍ରକାଶ ଯେ, ୨୦୧୭ ଏପ୍ରିଲ ୧୯ରେ ନାବାଳିକା ଜଣକ ପାଲା ଦେଖିବାକୁ ଯାଇଥିବା ବେଳେ ଶ୍ରୀକାନ୍ତଙ୍କ ସମେତ ତିନିଜଣ ତାଙ୍କୁ ଟେକି ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ ନ କହିବା ପାଇଁ ତାଙ୍କୁ ଧମକ ଦେଇ ଛାଡ଼ି ଦେଇଥିଲେ। ଏହି ଘଟଣା ପରିବାର ଲୋକେ ଜାଣିବା ପରେ ଘଟଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ୨୦ ତାରିଖରେ ଏକ ମାମଲା (ନଂ.୭୪/୨୦୧୭) ରୁଜୁ କରିଥିଲା। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସେ ସମୟରେ ଶ୍ରୀକାନ୍ତଙ୍କୁ ୧୭ ବର୍ଷ ହୋଇଥିଲା। ନାବାଳକ ଥିବାରୁ ତାଙ୍କୁ ବାଳସୁଧାର ଗୃହରେ ହାଜର କରାଯାଇଥିଲା। ମାମଲାର ଶୁଣାଣିବେଳେ ୨୨ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି କୋର୍ଟ ପ୍ରଥମେ ୨ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ସେତେବେଳେ ତୃତୀୟ ଅଭିଯୁକ୍ତ ଶ୍ରୀକାନ୍ତ ନାବାଳକ ଥିବାରୁ ତାଙ୍କ ବିରୋଧରେ ମାମଲାର ରାୟ ପ୍ରକାଶ ହୋଇ ନ ଥିଲା। ଏବେ ସେ ସାବାଳକ ହେବାରୁ ଅଦାଲତ ପକ୍ଷରୁ ଦୋଷୀ ସାବ୍ୟସ୍ତ କରିଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

# ସମୁଦ୍ରରେ ଭାସିଯାଇ ନାବାଳକ ନିଖୋଜ

ପୁରୀ ଅଫିସ,୧୧।୭

**ମହାପ୍ରଭୁଙ୍କ ଦର୍ଶନ ପାଇଁ ପରିବାର ସହ ପୁରୀ ଆସିଥିଲେ**

ସମୁଦ୍ରରେ ଭାସିଯାଇ ଜଣେ ୧୬ବର୍ଷର ନାବାଳକ ନିଖୋଜ ହୋଇଯାଇଛନ୍ତି। ସୋମବାର ସମ୍ପୃକ୍ତ ନାବାଳକ ପରିବାର ସହ ପୁରୀ ବେଳାଭୂମିରେ ଗାଧୋଉଥିବା ବେଳେ ଏଭଳି ଅଘଟଣ ଘଟିଛି। ନିଖୋଜ ନାବାଳକ ହେଲେ ଯାଜପୁର ଜିଲା ବରୀ ମାଳସାହି ଅଞ୍ଚଳର ଆୟୁଷ ଜେନା। ସେ ପରିବାର ସହ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ। ଲାଇଫଗାର୍ଡଙ୍କ ସହାୟତାରେ ଅଗ୍ନିଶମ ବାହିନୀ ପକ୍ଷରୁ ତାଙ୍କୁ ଖୋଜାଖୋଜି କରାଯାଉଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଚୈତନ୍ୟ ଛକ ନିକଟ ସମୁଦ୍ରରେ ଆୟୁଷ ମାତା, ପିତା ଓ ବଡ଼ଭାଇଙ୍କ ସହ ସ୍ନାନ କରୁଥିଲେ। ଏକ ବଡ଼ ଲହଡ଼ି ପ୍ରଭାବରେ ଆୟୁଷ ନିଜ ପାଣି ଭିତରକୁ ଟାଣି ହୋଇଯାଇଥିଲେ। ଲାଇଫଗାର୍ଡ ଓ ପରିବାର ଲୋକଙ୍କ ଉପସ୍ଥିତିରେ ସେ ଭାସି ଯାଇଥିଲେ ମଧ୍ୟ କେହି ତାଙ୍କୁ ବଞ୍ଚାଇବା ସମ୍ଭବ ହୋଇ ନ ଥିଲା। ଆୟୁଷଙ୍କ ପିତା ଜଳନ୍ଧର ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଛନ୍ତି। ସମୁଦ୍ରକୂଳ ଥାନା ଆଇଆଇସି ଚିନ୍ମୟ ରାଉତ କହିଛନ୍ତି, ଅଗ୍ନିଶମ ବାହିନୀ ଓ ଲାଇଫଗାର୍ଡଙ୍କ ସହ ମିଶି ପୁରୀ ପୋଲିସ ରାତ୍ର ପର୍ଯ୍ୟନ୍ତ ଆୟୁଷଙ୍କୁ ଖୋଜାଖୋଜି କରୁଛୁ। ମାତ୍ର ତାଙ୍କୁ ଠାବ କରିପାରିନାହୁଁ। ଅଗ୍ନିଶମ ଅଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି, ଘଟଣାସ୍ଥଳରେ ଲାଇଫଗାର୍ଡ ଉପସ୍ଥିତ ଥିଲେ। ମାତ୍ର ସ୍ଥାନଟି ଏତେ ଗହଳିପୂର୍ଣ୍ଣ ଥିବାରୁ ତୁରନ୍ତ ପହଞ୍ଚିବା ସମ୍ଭବପର ହୋଇ ନ ଥିଲା। ନାବାଳକ ଜଣକ ସମୁଦ୍ରର ବେଶୀ ଭିତରକୁ ଯାଇ ନ ଥିଲେ, ମାତ୍ର ଓସେନ୍ କରେଣ୍ଟ ପ୍ରଭାବରେ ସେ ଭାସିଯାଇଛନ୍ତି। ପୁରୀ ସମୁଦ୍ରରେ ଓସେନ କରେଣ୍ଟର ପ୍ରଭାବ ବଢ଼ିବାରେ ଲାଗିଛି। ସମୟ ସମୟରେ ୧୦ରୁ ୧୫ ମିନିଟ୍ ପାଇଁ ଏହା ସକ୍ରିୟ ରହୁଛି, ଫଳରେ ଲୋକେ ଭାସି ଯାଉଛନ୍ତି। ଏଣୁ ପର୍ଯ୍ୟଟକ ସମୁଦ୍ର ସ୍ନାନ ବେଳେ ବ୍ୟାପକ ସତର୍କତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ବିଳମ୍ବରୁ ଜୀବନ ଗଲା

- ଖଟିଆରେ ବୁହା ହୋଇଯାଇଥିଲେ ମହିଳା
- ଅନାଥ ସାଜିଲେ ୨ ସନ୍ତାନ

ବିଶୋଇ,୧୧।୭(ଡି.ଏନ.ଏ.)

ଗାଁକୁ ଭଲ ରାସ୍ତାଟିଏ ନାହିଁ। ଆମ୍ବୁଲାନ୍ସ ପଶିପାରିଲା ନାହିଁ। ଦେଢ କି.ମି. ଦୂରରେ ଠିଆ ହୋଇରହିଲା ଆମ୍ବୁଲାନ୍ସ। ଖଟିଆରେ ବୋହି ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଗଲା। ସେଠାରୁ ଡାକ୍ତରଖାନାରେ ପହଞ୍ଚିବା ବେଳକୁ ରୋଗୀଙ୍କ ଜୀବନ ଚାଲିଗଲା। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ବଣକାଟି ଗ୍ରାମର ଚାରୁପାଣି ସାହିରେ। ମୃତ ମହିଳା ହେଲେ ମିନୁ ନାଏକ (୩୭)। ମା'ଙ୍କୁ ହରାଇ ତାଙ୍କର ଦୁଇ ପିଲା ଏବେ ଅନାଥ ହୋଇଯାଇଛନ୍ତି।

୪ବର୍ଷ ପୂର୍ବେ ଦିବ୍ୟାଙ୍ଗ ସ୍ୱାମୀ ଦାସମ୍ମା ନାଏକଙ୍କ ମୃତ୍ୟୁ ପରେ ମିନୁ ପରିବାର ଦାୟିତ୍ୱ ତୁଲାଉଥିଲେ। ଦିନ ମଜୁରିଆ କାମ କରି ୧୦ ବର୍ଷର ପୁଅ ସାଲଖୁ ଓ ୭ ବର୍ଷର ଝିଅ ନାଲଙ୍କୁ ଲାଳନପାଳନ କରିବା ସହ ପାଠ ପଢ଼ାଇ ଆସୁଥିଲେ। ତେବେ କିଛିଦିନ ଧରି ମିନୁଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ସହ ରବିବାର ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କ ସାହିକୁ ଭଲ ରାସ୍ତା ନ ଥିବା ବେଳେ କାଦୁଅ ପଚପଚ ରାସ୍ତା ଦେଇ ସାହି ବାସିନ୍ଦା ତାଙ୍କୁ ଦୀର୍ଘ ଦେଢ଼ କି.ମି. ପର୍ଯ୍ୟନ୍ତ ଖଟିଆରେ ବୋହି ନେଇ ନୂଆସାହି ଗ୍ରାମ ନିକଟରେ ପହଞ୍ଚାଇଥିଲେ। ସେଠାରୁ ଆମ୍ବୁଲାନ୍ସ ସହାୟତାରେ ମିନୁଙ୍କୁ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ମେଡିକାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ସ୍ଥାନୀୟ ସାହିବାସିନ୍ଦାଙ୍କ ସହାୟତାରେ ମିନୁଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ରାଶନକାର୍ଡରେ ଉକ୍ତ ପରିବାରକୁ ଚାଉଳ ମିଳୁଥିଲେ ମଧ୍ୟ ଦୁଇ ପିଲାଙ୍କ ଭବିଷ୍ୟତ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନାଥ ଭଉଣୀଭାଇଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ଝାଟିମାଟିର ଏକ ଚାଳ ଘର ସାହାରା ଥିବା ବେଳେ ଏବେ ସେମାନେ କାହା ଭରସାରେ ଜୀବନ ଅତିବାହିତ କରିବେ ତାହା ଚିନ୍ତାର ବିଷୟ ହୋଇଛି। ସରକାର ଏହି ଅନାଥ ଭଉଣୀଭାଇଙ୍କୁ ସହାୟତା ଯୋଗାଇ ଦେବା ସହିତ ସେମାନଙ୍କ ପାଠପଢ଼ାର ସମ୍ପୂର୍ଣ୍ଣ ବ୍ୟବସ୍ଥା କରିବା ପାଇଁ ସାହିବାସିନ୍ଦା ଦାବି କରିଛନ୍ତି। ଅନ୍ୟପକ୍ଷରେ ଚାରୁପାଣି ସାହିରେ କୋହ୍ଲ ସମ୍ପ୍ରଦାୟର ୨୦ପରିବାର ବସବାସ କରୁଥିଲେ ହେଁ ଗାଁକୁ ଭଲ ରାସ୍ତାଟିଏ ନାହିଁ। ଜରୁରୀ ପରିସ୍ଥିତି ସମୟରେ ଏହି ଗାଁକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ପହଞ୍ଚି ପାରୁନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


ଗୁରୁତର ମହିଳାଙ୍କୁ ଗ୍ରାମବାସୀ ଖଟିଆରେ ବୋହି ନେଉଛନ୍ତି।

ମନେ ପଡ଼ନ୍ତି
ପ୍ରଥମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଦୁର୍ଗାବତୀ ଦେବୀ
ଏନ୍-୧/୨୫, ନୂଆପଲ୍ଲୀ, ଭୁବନେଶ୍ୱର
ଜନ୍ମ : ୧୨-୧୧-୧୯୩୨
ସ୍ୱର୍ଗାରୋହଣ : ୨୨-୦୭-୨୦୨୧
(ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ, ଗୁରୁବାର)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ- ବନ୍ଧୁ ଓ ପରିବାରବର୍ଗ
ଧ-୭୧୫୩୫

# ରେନି ସିଜନରେ ଡ୍ରେସ୍




**ବର୍ଷା ଋତୁ ଆରମ୍ଭ ହୋଇଗଲାଣି। ଏଥିରେ ଯଦି ଆପଣ କୌଣସି ଡ୍ରେସ୍ ପିନ୍ଧୁଛନ୍ତି ଦେଖିଚାହିଁ ପିନ୍ଧିବାକୁ ପଡ଼ିଥାଏ। କାରଣ ଏହି ସିଜନ୍‌ରେ ଯଦି ଡ୍ରେସ୍ ଓଦା ହୋଇଗଲା ତେବେ ଶୁଖିବା ପାଇଁ ଅଧିକ ସମୟ ଲାଗେ । ଥରେ ଯଦି ଡ୍ରେସ୍ ଓଦା ହୋଇଗଲା ସେ ଦିନଟା ପୂରା ଯେମିତି ବରବାଦ ହୋଇଗଲା ପରି ଲାଗେ। ଏମିତି କିଛି ଟିପ୍ସ ଯଦି ଆପଣାଇବେ ତେବେ ଫ୍ୟାଶନକୁ ଆପଣ କେବେ ବି ଭୁଲିବେ ନାହିଁ। ସେ ସମ୍ପର୍କରେ ଟିପ୍ସ...**

➤ବର୍ଷା ସିଜନ୍‌ରେ ଆପଣ କେବେ ବି ଭିଜିପାରନ୍ତି । ଏଥିପାଇଁ ଧଳାରଙ୍ଗର ଡ୍ରେସ୍ ପିନ୍ଧନ୍ତୁ ନାହିଁ। କାରଣ ଏହି ରଙ୍ଗର ଡ୍ରେସ୍ ପିନ୍ଧିଲେ ତାହା ନଷ୍ଟ ହେବାର ଆଶଙ୍କା ରହିଛି। ଯଦି ଏହା ଓଦା ହୋଇଯାଏ ଆପଣ ଅନ୍‌କମ୍ଫଟେବଲ ଫିଲ୍ କରିଥାନ୍ତି।

➤ଯାହା ପିନ୍ଧିଲେ ମାଟିକୁ ଟଚ୍ କରୁଥିବ ସେପରି ଡ୍ରେସ୍ ପିନ୍ଧନ୍ତୁ ନାହିଁ। ଯେମିତିକି ଲମ୍ବା ସ୍କର୍ଟ, ଟ୍ରାଉଜର, ପ୍ଲାଜୋ ଆଦି ପିନ୍ଧିବାଠୁ ନିଜକୁ ଦୂରେଇ ରଖନ୍ତୁ। ଏହା ଯଦି ଓଦା ହୋଇଗଲା ଆପଣଙ୍କୁ ବହୁତ ଅସୁବିଧାର ସାମ୍ନା କରିବାକୁ ପଡ଼ିପାରେ।



➤ଏହିଦିନରେ ନାରଙ୍ଗୀ, ବ୍ଲୁ, ରେଡ୍ ଆଦି କଲରର ଡ୍ରେସ୍ ପିନ୍ଧିପାରିବେ, ଯାହାଦ୍ୱାରା ଆପଣ ସୁନ୍ଦର ଦେଖାଯିବେ।

➤ଆପଣ ନିଜ ଡ୍ରେସ୍ ଉପରେ କପଡ଼ାର ଜ୍ୟାକେଟ୍, ଶ୍ରଗ୍ ଆଦି ପିନ୍ଧିପାରିବେ। ଯଦି ଉପର ଜ୍ୟାକେଟ୍ ଓଦା ହୋଇଗଲା ତାକୁ କାଢ଼ି ପରେ ଶୁଖାଇପାରିବେ।

➤ଏହି ସମୟରେ ଇଣ୍ଡିଆନ୍ ଟ୍ରାଡିସ୍‌ନାଲ ଡ୍ରେସ୍ ଖୁବ୍ ମାନିଥାଏ। ତଥାପି ବି ଧ୍ୟାନରଖନ୍ତୁ ଯେ ଏଥିରେ ପଟିଆଲା କିମ୍ବା ସାଲୱାର ସୁଟ୍ ପିନ୍ଧନ୍ତୁ ନାହିଁ। ଏହିଦିନରେ ଛୋଟ କୁର୍ତ୍ତି ଉପରେ ଚୁଡିଦାର ଓ ଲେଗିଙ୍ଗ ପିନ୍ଧିପାରିବେ। ଏହି ସମୟରେ ଚୁନି ବଦଳରେ ସ୍କାର୍ପ କିମ୍ବା ଷ୍ଟୋଲର ବ୍ୟବହାର କରିପାରିବେ।

➤ଆପଣ ଏମିତି କୌଣସି ଡ୍ରେସ୍ ପିନ୍ଧନ୍ତୁ ନାହିଁ ଯାହା ଓଦା ହେଲା ମାତ୍ରେ ରଙ୍ଗ ଛାଡୁଥିବ। ଏହା ଆପଣଙ୍କ ଇମ୍ପ୍ରେସନ୍‌କୁ ଖରାପ କରିଦେବ।

➤ଜିନ୍ସ କିମ୍ବା ଡେନିମ୍ କପଡ଼ା ଡ୍ରେସ୍ ପିନ୍ଧନ୍ତୁ ନାହିଁ। ଏହା ଥରେ ଓଦା ହୋଇଗଲେ ସହଜରେ ଶୁଖି ନ ଥାଏ।

➤ଡ୍ରେସ୍ ପିନ୍ଧୁଥିଲେ ସିନ୍ଥେଟିକ୍ ଫାବ୍ରିକ୍‌ରେ ଡ୍ରେସ୍ ପିନ୍ଧନ୍ତୁ। କାରଣ ଏହା ଓଦା ହୋଇଗଲେ ଖୁବ୍ କମ୍ ସମୟ ମଧ୍ୟରେ ଶୁଖିଯାଇଥାଏ।

➤ଆପଣ ଏହି ସିଜନ୍‌ରେ ଏକ୍ସଟ୍ରା ପେୟାର ଡ୍ରେସ୍ ରଖିପାରନ୍ତି। ଯଦି ଆପଣ ଅଫିସ୍ ଯାଉଛନ୍ତି ସେଠାରେ ଚେଞ୍ଜି ରୁମ୍‌ର ସୁବିଧା ଅଛି ତେବେ ଓଦା ହୋଇଥିବା ଡ୍ରେସ୍‌କୁ ଚେଞ୍ଜ କରି ଏକ୍ସଟ୍ରା ପେୟାର ଡ୍ରେସ୍ ପିନ୍ଧିପାରିବେ।

# ଘରେ ଯଦି ମହମବତି ଜାଳିବା...



➔ଆପଣ ଜାଣନ୍ତି କି ମହମବତି ଛୋଟ ଜିନିଷଟିଏ ହେଲେ ବି ଏହାର କେତେକ ଗୁଣ ରହିଛି, ଯଦ୍ୱାରା ଆପଣଙ୍କ ଜୀବନରେ ବଡ଼ ସମସ୍ୟାକୁ ଖୁବ୍ ସହଜରେ ସମାଧାନ ହୋଇପାରିବ। ଫେଙ୍ଗ୍‌ଶ୍ୱେ ଅନୁସାରେ ଘରକୁ ଯଦି କୌଣସି ସମସ୍ୟା ଆସୁଥାଏ ତେବେ ଏହାକୁ ଲଗାଇବା ଦ୍ୱାରା ଏହାର ସମାଧାନ ମିଳିଥାଏ।

➔ଘରେ ମହମବତି ଜଳାଇବା ଦ୍ୱାରା ଘରକୁ ନକାରାତ୍ମକ ଭାବନାରୁ ରକ୍ଷା ମିଳିଥାଏ। ଏଥିସହ ଘରର ଉତ୍ତର ଦିଗରେ ଯଦି ଧଳା କ୍ୟାଣ୍ଡେଲ ଲଗାଇ ରଖାଯାଏ ତେବେ ଘରେ ରହୁଥିବା ଲୋକଙ୍କର ଭାବନା ରଚନାତ୍ମକ ହୋଇଥାଏ।

➔ଯଦି ଆପଣଙ୍କ ପିଲା ପାଠପଢ଼ାରେ ମନ ଦେଉନି ତେବେ ତା' ରୁମ୍‌ରେ ଉତ୍ତର ପୂର୍ବ ଦିଗରେ ଗ୍ରୀନ୍ କଲର କ୍ୟାଣ୍ଡେଲ ଲଗାନ୍ତୁ। ଏପରି କରିବା ଦ୍ୱାରା ପିଲାର ଏକାଗ୍ରତା ବଢ଼ିବ ଓ ପାଠପଢ଼ାରେ ମନ ଲାଗିବ।

➔ଯଦି ଘରେ ସୁଖ ଶାନ୍ତି ରଖିବାକୁ ଚାହୁଁଛନ୍ତି ତେବେ ଗୋଲାପି ଓ ହଳଦିଆ କ୍ୟାଣ୍ଡେଲ ଜଳାନ୍ତୁ। ଏପରି କରିବା ଦ୍ୱାରା ଘରର ସମସ୍ତ ସଦସ୍ୟଙ୍କ ମନରେ ଭଲପାଇବା ବଢ଼ିଥାଏ।

➔ଧଳା କ୍ୟାଣ୍ଡେଲ ଘରେ ଜଳାଇବା ଦ୍ୱାରା ଘରର ବାତାବରଣ ଶାନ୍ତ ରହିଥାଏ।

## ଖାଦ୍ୟରୁଚି
# ଭେଣ୍ଡି ଫ୍ରାଏ

**ଆବଶ୍ୟକ ସାମଗ୍ରୀ:** ଭେଣ୍ଡି ୫୦୦ଗ୍ରାମ୍, ତେଲ ବଡ଼ ୪ଚାମଚ, ଜୀରା ଦେଢ଼ ଚାମଚ, ପିଆଜ ୨ଟି ବଡ, କଞ୍ଚାଲଙ୍କା ୩-୪ଟି, ଲଙ୍କାଗୁଣ୍ଡ ୧ ଚାମଚ, ଧନିଆ ପାଉଡର ଅଧା ଚାମଚ, ହଳଦୀ ପାଉଡର ଅଳ୍ପ ପରିମାଣର ,ଆମଚୁର ପାଉଡର ୨ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ଭେଣ୍ଡିକୁ ଭଲଭାବେ ଧୋଇ ପୋଛିଦିଅନ୍ତୁ। ଭେଣ୍ଡିର ଦୁଇମୁଣ୍ଡକୁ କାଟି ୨ ଇଞ୍ଚ ଲେଖାଏ ଆକାରରେ ୨ଖଣ୍ଡ କରି କାଟିଦିଅନ୍ତୁ। ଏବେ କଡ଼େଇରେ ତେଲ ଗରମ କରନ୍ତୁ। ସେଥିରେ ଜିରା, ଜିରାର କଲର ବଦଳିବା ପରେ ସେଥିରେ କଟାହୋଇଥିବା ପିଆଜକୁ ପକାଇ ଭାଜନ୍ତୁ। ପିଆଜ ରଙ୍ଗ ଟିକେ ଲାଲ ହେଲା ପରେ ସେଥିରେ କଞ୍ଚାଲଙ୍କା ପକାଇ ଅଧା ମିନିଟ୍ ଭାଜନ୍ତୁ। ଏହାପରେ ଭେଣ୍ଡି, ଲଙ୍କା ପାଉଡର, ଧନିଆ ପାଉଡର ଓ ହଳଦୀ ପକାନ୍ତୁ। ଏସବୁ ପକାଇଲା ପରେ ତାକୁ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଲୁଣ ଓ ଆମଚୁର ପାଉଡର ପକାନ୍ତୁ। ଯେତେବେଳେ ଭେଣ୍ଡି ଟିକେ ନରମ ହେଲା ପରି ଲାଗିବ ଆଞ୍ଚକୁ ଟିକେ ଜୋର୍‌ରେ ଦେଇ ତାକୁ ଟିକେ ସିଝିବାକୁ ଛାଡ଼ି ଦିଅନ୍ତୁ।



# ମନି ମ୍ୟାନେଜ୍‌ମେଣ୍ଟ



**ଯଦି ଆପଣ ପ୍ରପର୍ଟି କିଣିବା ଲାଗି ଲୋନ୍ ନେବାକୁ ଯୋଜନା କରୁଥାନ୍ତି, ତେବେ ତା' ପୂର୍ବରୁ କେତେକ କଥା ପ୍ରତି ଧ୍ୟାନଦେବା ନିହାତି ଜରୁରୀ। ଆସନ୍ତୁ , ଜାଣିବା ଏ ସମ୍ପର୍କରେ.....**

ଯଦି ଆପଣ ନୂଆ ଫ୍ଲାଟ୍ କିମ୍ବା ଘର କିଣିବାକୁ ଯୋଜନା ରଖିଛନ୍ତି ତେବେ ନିଷ୍ପତ୍ତି ନେବା ପୂର୍ବରୁ ତରବର ହୁଅନ୍ତୁ ନାହିଁ। ଏହା ଆପଣଙ୍କ ପାଇଁ ଅନୁକୂଳ ସମୟ କାରଣ କୋଭିଡ୍ ପରେ ଏବେ ପ୍ରପର୍ଟି ମାର୍କେଟରେ କିଣାବିକା ଆରମ୍ଭ ହୋଇଗଲାଣି। ଏଥିପାଇଁ ଆପଣ ବି ଏବେ ଫ୍ଲାଟ୍ କିଣିବାର ଯୋଜନା କରିପାରନ୍ତି। ଯଦି ଆପଣ ହୋମ୍ ଲୋନ୍ ନେବାକୁ ଚାହୁଁଥାନ୍ତି ତେବେ ଲୋନ୍ ଆବେଦନ କରିବା ପୂର୍ବରୁ ଏହି ସମ୍ବନ୍ଧିତ ସବୁ ପ୍ରୋସେସ୍ ଜାଣିବା ଜରୁରୀ, ଅନ୍ୟଥା ଏହାର ଫାଇଦା ନେବା ବଦଳରେ ଆପଣଙ୍କୁ କ୍ଷତି ସହିବାକୁ ପଡ଼ିପାରେ।

**କ'ଣ ଏମ୍‌ସିଏଲ୍‌ଆର୍:** ମାର୍ଜିନାଲ କଷ୍ଟ-ବେସ୍ଡ ଲିଡିଂ ରେଟ୍ ବା ଏମ୍‌ସିଏଲ୍‌ଆର୍ ହୋମ୍ ଲୋନ୍ ସନ୍ଦର୍ଭରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ନୂଆ ବେଞ୍ଚ ମାର୍କ ରେଟ୍। ଏହାର ଫାଇଦା କେବଳ ସେଇ ଗ୍ରାହକଙ୍କୁ ମିଳିଥାଏ, ଯେଉଁମାନେ ଫ୍ଲୋଟିଂ ରେଟ୍‌ରେ ସୁଧ ଦେବାକୁ ପସନ୍ଦ କରୁଛନ୍ତି। ଏବେ ଅଧିକାଂଶ ବ୍ୟାଙ୍କ ଏହି ନିୟମକୁ ଆଧାରକରି ହୋମ୍ ଲୋନ୍‌ର ସୁଧ ନିର୍ଦ୍ଧାରଣ କରିଥାନ୍ତି। ଏହା ସହ ହୋମ୍ ଲୋନ୍‌ର ସୁଧର ଦର ବିକଳ୍ପ ମଧ୍ୟ ଏହି ପ୍ଲାନ୍ ମଧ୍ୟରେ ରହିଛି, ଯାହା ୬ମାସରୁ ୧ ବର୍ଷ ମଧ୍ୟରେ ନିର୍ଦ୍ଧାରଣ ହୋଇଥାଏ, ତାହା ମଧ୍ୟ କମ୍ ବେଶି ହୋଇପାରେ। ଯଦି ଆପଣ ୬ମାସ ମଧ୍ୟରେ ଇଣ୍ଟରେଷ୍ଟ ରେଟ୍ ଅପ୍‌ସନ୍ ଚୟନ କରିଛନ୍ତି ଏଥିରେ ଆପଣଙ୍କୁ ଲାଭ ଏବଂ କ୍ଷତି ସହିବାକୁ ପଡ଼ିପାରେ। ସେହିପରି ଯଦି ଆପଣ ୧ ବର୍ଷ ମଧ୍ୟରେ ଇଣ୍ଟରେଷ୍ଟ ରେଟ୍ ବଦଳାଇବାର ବିକଳ୍ପ ଚୟନ କରୁଛନ୍ତି ତେବେ ଏହାର ଫାଇଦା ନେବାକୁ ହେଲେ ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ଏମ୍‌ସିଏଲ୍‌ଆର୍ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋମ୍ ଲୋନ୍ ଅନ୍ୟ କୌଣସି ବ୍ୟାଙ୍କକୁ ସୁଇଚ୍ କରିବାର ଅପ୍‌ସନ୍ ରହିଛି। ଯଦି ଆପଣ ହୋମ୍ ଲୋନ୍ ନେବା ପରେ ଲାଗୁଛି ଯେ ଯେଉଁ ବ୍ୟାଙ୍କରୁ ଆପଣ ଲୋନ୍ ନେଇଛନ୍ତି ତାହା ଆପଣଙ୍କ ଲାଗି ଅଧିକ ଇଣ୍ଟରେଷ୍ଟ ରେଟ୍ ଦେବାକୁ ପଡୁଛି, ତେବେ ଏଥିଲାଗି ଆପଣ ଅନ୍ୟ କୌଣସି ବ୍ୟାଙ୍କକୁ ଲୋନ୍‌କୁ ସୁଇଚ୍ କରି ନିଅନ୍ତୁ। ଏପରି କରିବା ଦ୍ୱାରା ହୋମ୍ ଲୋନ୍‌ର ଅବଧି ଆଜି ସମୟରେ ଦର ଅନ୍ତର ହେବ ଯାହା ସେଭିଂ ଏବଂ ପ୍ରୋସେସିଂ ଫି'ର ଆକଳନ ନିଶ୍ଚିତ କରନ୍ତୁ। କାହିଁକି ନା ଗୋଟିଏ ବ୍ୟାଙ୍କ ତୁଳନାରେ ଅନ୍ୟ ବ୍ୟାଙ୍କର ଦର ମଧ୍ୟରେ ଅଳ୍ପ ଅନ୍ତର ରହିଥାଏ। ଶୁଝାହୋଇ ନ ଥିବା ହୋମ୍ ଲୋନ୍‌ର ଇଣ୍ଟରେଷ୍ଟ ରାଶି ଟିକେ ଅଧିକ ହୋଇଥାଏ। ଏମିତିରେ ଆପଣ ଯଦି ୧ ପ୍ରତିଶତ ତଫାତ୍‌ରେ ଆପଣ କିଛି ଟଙ୍କା ସଞ୍ଚୟ କରିପାରିବେ। ଯଦି ଆପଣ ୨୦ଲକ୍ଷ ଟଙ୍କାର ହୋମ୍‌ଲୋନ୍ ନେଇଛନ୍ତି ତେବେ ସୁଧ ହାର ୧ ପ୍ରତିଶତ ହିସାବରେ ଯଦି ପଡ଼େ ତେବେ ସିଧାସଳଖ ୨୦ ହଜାର ଟଙ୍କା ସେଭିଂ କରିପାରିବେ। ଏମିତିରେ ବି ଯଦି କିଛି ବି ଟଙ୍କା ପ୍ରୋସେସିଂ ଫି'ରେ ଲାଗେ ତେବେ ଆପଣଙ୍କ ଲାଗି କ୍ଷତି ହୋଇ ନ ପାରେ।

**କ୍ରେଡିଟ୍ ସ୍କୋରର ରଖନ୍ତୁ ଧ୍ୟାନ:** ଯଦି ଆପଣ ଲୋନ୍ ନେବାକୁ ପ୍ଲାନିଂ କରୁଥାନ୍ତି ତେବେ କ୍ରେଡିଡ୍ କାର୍ଡର ବିଲ୍, ଶପିଂ କିମ୍ବା ଅନ୍ୟ ଲୋନ୍‌ର ଇଏମ୍‌ଆଇର କିସ୍ତି କିମ୍ବା ଅନ୍ୟ ବିତ୍ତୀୟ ସଂସ୍ଥା ଦ୍ୱାରା ଜଡ଼ିତ ସବୁ ନେଣଦେଣକୁ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପେ କରି ଦିଅନ୍ତୁ। ଏହା ଆପଣଙ୍କ କ୍ରେଡିଟ୍ ସ୍କୋର ସୁଧାରିବାରେ ସାହାଯ୍ୟ କରିଥାଏ। ଆଜିକାଲି ଅଧିକାଂଶ ବ୍ୟାଙ୍କ କ୍ରେଡିଟ୍ ସ୍କୋରକୁ ଆଧାରକରି ଲୋନ୍ ଦେବେ କି ନ ଦେବେ ସେମାନେ ସ୍ଥିର କରିଥାନ୍ତି। କ୍ରେଡିଟ୍ ସ୍କୋରକୁ ଆଧାରକରି ସେମାନେ କଷ୍ଟମରଙ୍କ ବିଶ୍ୱସନୀୟତା ଉପରେ ଆକଳନ କରନ୍ତି। ଠିକ୍ କ୍ରେଡିଟ୍ ସ୍କୋର ବିତ୍ତୀୟ ବଜାରରେ ଆପଣଙ୍କ ସାକ୍ଷୀ ମଜଭୁତ ହୋଇଥାଏ। ଲୋନ୍ ଦେଉଥିବା ବ୍ୟାଙ୍କ ଏହି କଥା ଉପରେ ଭରସା ଆସେ ଯେ କଷ୍ଟମର ଠିକ୍ ସମୟରେ କିସ୍ତିକୁ ଶୁଝିପାରିବେ। ଯଦି ଆପଣଙ୍କ କ୍ରେଡିଟ୍ ସ୍କୋର ଭଲ ଅଛି ତେବେ ବ୍ୟାଙ୍କ ଆପଣଙ୍କୁ ଖୁବ୍ ସହଜରେ ଲୋନ୍ ଦେବାକୁ ସ୍ଥିର କରିଥାନ୍ତି। ବ୍ୟାଙ୍କର ରେଟ୍ ଅଫ୍ ଇଣ୍ଟରେଷ୍ଟ କ୍ରେଡିଟ୍ ସ୍କୋର ଉପରେ ନିର୍ଭର କରେ। ଯେତେ ଆପଣଙ୍କ ସ୍କୋର ଭଲହେବ ରେଟ୍ ଅଫ୍ ଇଣ୍ଟରେଷ୍ଟ ସେତେ କମ୍ ହେବ। ସୁଧରେ କିଛି ଆପଣଙ୍କୁ ଡିସ୍‌କାଉଣ୍ଟ ମଧ୍ୟ ଦେଇପାରିବେ। ଆପଣଙ୍କ କ୍ରେଡିଟ୍ ସ୍କୋର ଯଦି ଭଲ ଅଛି ତେବେ ଲୋନ୍ ନେବା ସମୟରେ ବ୍ୟାଙ୍କ ସହିତ ମୂଲଚାଲ କରିପାରିବେ। ଏପରି କରିବା ଦ୍ୱାରା ଆପଣଙ୍କ ବ୍ୟାଙ୍କର ପ୍ରୋସେସିଂ ଫି'ରେ କିଛି ରିହାତି ମିଳିପାରେ। ଦ୍ୱିତୀୟରେ ଦେଖିବାକୁ ଗଲେ ବିଲ୍‌ଡର ବି ସେହି ଗ୍ରାହକଙ୍କୁ ପସନ୍ଦ କରନ୍ତି ଯେଉଁମାନେ ଟଙ୍କା ଶୀଘ୍ର ପେମେଣ୍ଟ କରିଦିଅନ୍ତି। ଭଲ କ୍ରେଡିଟ୍ ସ୍କୋର ଥିବା ଗ୍ରାହକଙ୍କୁ ବ୍ୟାଙ୍କ ପ୍ରି ଆପ୍ରୁଭଡ୍ ଲୋନ୍ ବି ଦେଇଥାନ୍ତି। ଏପରି ସ୍ଥିତିରେ ଆପଣ ଭଲ କଷ୍ଟମର ହିସାବରେ ବିଲ୍‌ଡ୍‌ର ସହ ଭଲଭାବେ ମୂଲଚାଲ କରିପାରିବେ। କାରଣ ତାଙ୍କୁ ଏହା ଜଣାଥାଏ ଯେ ଏହି ଗ୍ରାହକଙ୍କର ଲୋନ୍ ନେବାରେ କୌଣସି ବାଧା ଉପୁଜିବ ନାହିଁ। ଏମାନେ ତୁରନ୍ତ ଫ୍ଲାଟ୍ କିଣିପାରିବେ। ଏଥିପାଇଁ ସେମାନେ ସେଇ କଷ୍ଟମରଙ୍କୁ ଅଧିକ ପ୍ରାଧାନ୍ୟ ଦିଅନ୍ତି, ଯେଉଁମାନେ ଠିକ୍ ସମୟରେ ଟଙ୍କା ପେମେଣ୍ଟ କରିଥାନ୍ତି। ଲୋନ୍ ସୁଇଚ୍ କରିବାର ନିର୍ଣ୍ଣୟ ଲୋନ୍ ନେବା ସମୟରେ ଫ୍ଲୋଟିଂ ରେଟ୍ ଦେଉଥିବା ଇଣ୍ଟରେଷ୍ଟକୁ ଚୟନ କରନ୍ତୁ। କାରଣ ଏପରି କରିବା ଦ୍ୱାରା ଆପଣ ଅନ୍ୟ କୌଣସି ବ୍ୟାଙ୍କରୁ ସୁଇଚ୍ କରିବାର ସୁଯୋଗ ପାଇପାରିବେ। ଏହି ସୁବିଧା ଅନୁସାରେ ଯଦି ଆପଣ ବର୍ତ୍ତମାନ ଯେଉଁ ବ୍ୟାଙ୍କରୁ ଲୋନ୍ ନେଇଛନ୍ତି ତେବେ ତା'ର ଲୋନ୍ ସୁଧ ବେଶି ଲାଗିଥାଏ। ତେବେ ଅନ୍ୟ ବ୍ୟାଙ୍କକୁ ଆପଣ ନିଜ ଲୋନ୍ ଟ୍ରାନ୍ସଫର କରିପାରିବେ ଯେଉଁଠି ସୁଧ ଆମାଉଣ୍ଟ ଆପାତତଃ ଟିକେ କମ୍। ଏହି ସୁବିଧାର ଲାଭ ଉଠାଇବା ପାଇଁ ଗ୍ରାହକମାନେ ସଜାଗ ହେବା ଆବଶ୍ୟକ। ସାଧାରଣତଃ ଦେଖିବାକୁ ଗଲେ ହୋମ୍‌ଲୋନ୍ ୨୦ବର୍ଷ ପର୍ଯ୍ୟନ୍ତ ନେଇଥାନ୍ତି। ଏଠାରେ ଧ୍ୟାନଦେବାର କଥା ହେଲା ଯେ ଆପଣଙ୍କ ଲୋନ୍‌ର ଅବଧି ଯଦି ୧୦ବର୍ଷରୁ ଅଧିକ ତେବେ ଲୋନ୍ ସୁଇଚ୍ କରିବାର ଟିକେ ଫାଇଦା ମିଳିଥାଏ। ଯେତେବେଳେ ଲୋନ୍ ଶୁଝିବାକୁ କେବଳ ୨-୪ବର୍ଷ ଅଛି ତେବେ ଏପରି ପରିସ୍ଥିତିରେ କୌଣସି ପରିବର୍ତ୍ତନ କରନ୍ତୁ ନାହିଁ। କାରଣ ଲୋନ୍ ସୁଇଚ୍ କଲେ ବ୍ୟାଙ୍କ ଏହାର ପ୍ରୋସେସିଂ ଆମାଉଣ୍ଟ ଆପଣଙ୍କଠୁ ହିଁ କ୍ଲେମ୍ କରିଥାଏ। ଏମିତିରେ ବ୍ୟାଙ୍କ ବଦଳାଇବାକୁ ଯେତିକି ଇଣ୍ଟରେଷ୍ଟ ରେଟ୍ ଏହାକୁ ଅଧିକ ଟଙ୍କା ପ୍ରୋସେସିଂ ଫି'ରେ ଖର୍ଚ୍ଚ ହୋଇଥାଏ। ଏଥିସହ ଲୋନ୍ ସୁଇଚ୍ କରିବା ପୂର୍ବରୁ ଅନ୍ୟ ବ୍ୟାଙ୍କ ସହ ଇଣ୍ଟରେଷ୍ଟ ରେଟ୍ ଉପରେ ତୁଳନା କରନ୍ତୁ। ଏଥିପାଇଁ କୌଣସି ସାଙ୍ଗସାଥୀ କିମ୍ବା ସମ୍ପର୍କୀୟଙ୍କ କଥାରେ ପଡ଼ି କିଛି ନିଷ୍ପତ୍ତି ନିଅନ୍ତୁ ନାହିଁ। ଆପଣ ଲୋନ୍ ନେବା ସମୟରେ ଛୋଟଛୋଟ କଥାକୁ ଯଦି ଧ୍ୟାନ ରଖିବେ ତେବେ ଆପଣ ଚିନ୍ତାଗ୍ରସ୍ତ ରହିବେ ନାହିଁ।





## କିଛି ଜରୁରୀ କଥା

ଅଧିକାଂଶ ପ୍ରପର୍ଟି ଚୟନ କରିବା ପୂର୍ବରୁ ବ୍ୟାଙ୍କର ଚୟନ କରିଦେଇଥାନ୍ତି। ଏପରି କରନ୍ତୁ ନାହିଁ। ଅଧିକାଂଶ ଭାବିଥାନ୍ତି ଯେ ପୋଜେସନ୍ ମିଳିବାକୁ ବହୁତ ସମୟ ଅଛି, କିନ୍ତୁ ଆବଶ୍ୟକ ସମୟରେ ଟଙ୍କାର ବନ୍ଦୋବସ୍ତ ନ ହୋଇପାରିବା କାରଣରୁ ବିବ୍ରତ ହୋଇପଡନ୍ତି । ଏଥିପାଇଁ ଡାଉନ୍ ପେମେଣ୍ଟ ଲାଗି ଆପଣଙ୍କ ଧନରାଶି ଆଗରୁ ଯୋଗାଡ଼ କରି ରଖନ୍ତୁ।

-କେତେକ ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି ବିନା ଭାବି ନ ଚିନ୍ତି ସେମାନେ ଠିକ୍ କରିଥିବା ବ୍ୟାଙ୍କରୁ ଲୋନ୍ ଆଣିଥାଆନ୍ତି। ହେଲେ ଏ ନେଇ ପ୍ରଥମେ ନିଜେ ଚିନ୍ତା କରି ପ୍ରତ୍ୟକ୍ଷ ଭାବରେ ବ୍ୟାଙ୍କକୁ ଯାଇ ଲୋନ୍ ବିଷୟରେ ଆଲୋଚନା କରନ୍ତୁ। ତା'ପରେ ଆପଣ ସେହି ବ୍ୟାଙ୍କରୁ ନିଜର ଲୋନ୍ ଆପ୍ରୁଭ କରାଇବାରେ କୌଣସି ଅସୁବିଧା ରହିବ ନାହିଁ। ଇଣ୍ଟରେଷ୍ଟ ରେଟ୍ ବ୍ୟତୀତ ପ୍ରୋସେସିଂ ଫି, ପ୍ରିପେମେଣ୍ଟ ଚାର୍ଜ, ଲିଗାଲ ଓ ଭାଲ୍ୟୁଏସନ୍ ଚାର୍ଜ ଆଦି ବିଷୟରେ ଭଲ ଭାବରେ ବୁଝିବା ପରେ ଲୋନ୍ ଫାଇନାଲ କରିବାକୁ ନିଷ୍ପତ୍ତି ନିଅନ୍ତୁ।

## ସୌନ୍ଦର୍ଯ୍ୟ
# ହଳଦୀ ଫେସ୍ ପ୍ୟାକ୍

**ହଳଦୀ ଆମ ସ୍ୱାସ୍ଥ୍ୟ ଓ ସ୍କିନ୍ ଦୁଇଟି ପାଇଁ ବହୁ ଅଧିକ ଜରୁରୀ। ଏହାକୁ ଖାଇବା ଏବଂ ଫେସ୍‌ପ୍ୟାକ୍ ରୂପେ ବ୍ୟବହାର କରିବା ଦ୍ୱାରା ତ୍ୱଚା ସଫା, ଦାଗହୀନ ତ୍ୱଚା ଆପଣ ପାଇ ପାରିବେ। ଏହା ବ୍ୟତୀତ ହଳଦୀ ଫେସ୍‌ପ୍ୟାକ୍ ଲଗାଇବା ଦ୍ୱାରା କେତେକ ଫାଇଦା ମଧ୍ୟ ରହିଛି। ଜାଣନ୍ତୁ ଏହାର ଫାଇଦା ବିଷୟରେ...**



**ଷ୍ଟ୍ରେଚ୍ ମାର୍କ:** ଷ୍ଟ୍ରେଚ୍ ମାର୍କ ଦୂର କରିବାକୁ ହେଲେ ହଳଦୀ ଔଷଧ ପରି କାମ କରିଥାଏ। ଏହି ଦାଗ ଦୂର କରିବାକୁ ହେଲେ ହଳଦୀ, କେସର ସହିତ ଲେମ୍ବୁ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଷ୍ଟ୍ରେଚ୍ ମାର୍କ ହୋଇଥିବା ସ୍ଥାନରେ ୨୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହା ଶୁଖିଗଲା ପରେ ଉଷୁମ ପାଣିରେ ଧୋଇ ଦିଅନ୍ତୁ। କିଛି ଦିନ ପର୍ଯ୍ୟନ୍ତ ଏପରି କରିବା ଦ୍ୱାରା ଷ୍ଟ୍ରେଚ୍ ମାର୍କ ଦାଗ ଦୂରହୋଇଯିବ।

**ବ୍ରଣ ସମସ୍ୟା:** ମୁଖ ବ୍ରଣ ସମସ୍ୟା ଥିଲେ ଏଥିପାଇଁ ଚନ୍ଦନ, ହଳଦୀ, କ୍ଷୀର ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହି ପ୍ୟାକ୍‌କୁ ମୁହଁ, ବେକରେ ଲଗାନ୍ତୁ। ୧୫-୨୦ମିନିଟ୍ ପରେ ପ୍ୟାକ୍‌କୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ୨-୩ ଦିନ ପର୍ଯ୍ୟନ୍ତ ଏପରି କଲେ ମୁଖବ୍ରଣ ମୂଳରୁ ସଫା ହୋଇଯିବ। ଫଳରେ କୌଣସି ଦାଗ ବି ରହିବନାହିଁ।

**ଦୂରିହେବ ରିଙ୍କଲ୍ସ:** ବୟସ ବଢ଼ିଲେ ରିଙ୍କଲ୍ସ ଦେଖାଯିବା ଏକ ସାଧାରଣ କଥା। ବେଳେବେଳେ ଦେଖାଯାଏ ଯଦି ଖାଦ୍ୟପେୟରେ ଅନିୟମିତତା ଦେଖାଯାଏ ତେବେ ଏହା ରିଙ୍କଲ୍ସର କାରଣ ମଧ୍ୟ ହୋଇପାରେ। ଏଥିରୁ ରକ୍ଷା ପାଇବାକୁ ହେଲେ ମହୁ ସହିତ ହଳଦୀ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟ ପ୍ରସ୍ତୁତ କରିବାକୁ ହେଲେ ୩ ଚାମଚ ହଳଦୀ ସହିତ ୧ ଚାମଚ ମହୁ ମିଶାନ୍ତୁ। ରିଙ୍କଲ୍ସରୁ ରକ୍ଷାପାଇବାକୁ ହେଲେ ଏଥିରେ ଅଳ୍ପ ପରିମାଣରେ ଲେମ୍ବୁ ରସ ମିଶାନ୍ତୁ। ଏବେ ଏହି ପେଷ୍ଟକୁ ମୁହଁ ଓ ବେକରେ ଲଗାନ୍ତୁ। ଏବେ ଏହାକୁ ୧୫-୨୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖିବା ପରେ ଏହାକୁ ନଖ ଉଷୁମ ପାଣିରେ ଭଲଭାବେ ଧୋଇ ଦିଅନ୍ତୁ।



**ଦାଗ ଦୂରହେବ:** ହଳଦୀ ଶରୀରରେ ଲଗାଇବା ଦ୍ୱାରା ଦାଗ ଦୂର ହୋଇଥାଏ। ଏଥିସହିତ ହଳଦୀ ଫେସ୍‌ପ୍ୟାକ୍ ପ୍ରତିଦିନ ମୁହଁରେ ଲଗାଇବା ଦ୍ୱାରା ତ୍ୱଚା ସଫା ଦେଖାଯାଏ ଏବଂ ଦାଗ ଦୂର ହୋଇଥାଏ। ଏଥିପାଇଁ ଆପଣ ଅଳ୍ପ ହଳଦୀ ସହିତ ପାଣି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ଅନ୍ତତଃ ସପ୍ତାହରେ ୨ଥର ଲଗାଇଲେ ଦେଖିବେ ଆପଣଙ୍କ ତ୍ୱଚାରେ କୌଣସି ଦାଗ ରହିବନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୧୨/୨୦୨୨ Bhubaneswar, Tuesday, July 12/ 2022

# ପ୍ରଥମ ଦିନିକିଆ ଆଜି



ଶିଖର ଧାୱନ

**ଲଣ୍ଡନ, ୧୧।୭(ପି.ଟି.)** ଭାରତ ଓ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ୍‌ର ପ୍ରଥମ ଗେମ୍ ମଙ୍ଗଳବାର କେନିଙ୍ଗଷ୍ଟନ ଓଭାଲ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଭାରତ ୨-୧ରେ ଟି୨୦ ସିରିଜ ଜିତିବା ପରେ ଦିନିକିଆ ଖେଳିବାକୁ ଯାଉଛି। ତେଣୁ ଭାରତୀୟ ବ୍ୟାଟରମାନେ ଟି୨୦ରେ ପ୍ରଦର୍ଶନ କରିଥିବା ନିର୍ଭିକ ବ୍ୟାଟିଂକୁ ଦିନିକିଆରେ ମଧ୍ୟ ଅପରିବର୍ତ୍ତିତ ରଖିବା ସମ୍ଭାବନା ରହିଛି। ହାଇ-ରିସ୍କ ପ୍ଲେଇଂ ଷ୍ଟାଇଲ ଗତ ସିରିଜରେ ଭାରତକୁ ଫାଇଦାରେ ରଖିଥିଲା। ତେଣୁ ଏଥିରେ ପରିବର୍ତ୍ତନ ଆଣିବାର କୌଣସି କାରଣ ଦେଖିବାକୁ ପାଉ ନ ଥିବା ଅଧିନାୟକ ରୋହିତ ଶର୍ମା ପ୍ରକାଶ କରିଛନ୍ତି।

୨୦୧୯ ବିଶ୍ୱକପ ଜିତିବା ସହିତ ଇଂଲଣ୍ଡ ଦିନିକିଆରେ ଆଧିପତ୍ୟ ବିସ୍ତାର କରି ଆସିଛି। ଏହାର କିଛିଟା ପ୍ରଭାବ ଭାରତ

**ଭାରତ ବନାମ ଇଂଲଣ୍ଡ**

ଉପରେ ମଧ୍ୟ ପଡ଼ିଛି। ଆସନ୍ତା ଟି୨୦ ବିଶ୍ୱକପ ପୂର୍ବରୁ ଭାରତର ଏହା ଶେଷ ୫୦ ଓଭର ବିଶିଷ୍ଟ ଦିନିକିଆ ସିରିଜ। ତେବେ ଏହାକୁ ସମାନ ଗୁରୁତ୍ୱ ଦିଆଯାଉଥିବା ସମ୍ପର୍କରେ ରୋହିତ ସୂଚନା ଦେଇଛନ୍ତି। କେବଳ ଗୋଟିଏ ଫର୍ମାଟ୍‌ରେ ଖେଳୁଥିବା ଶିଖର ଧାୱନଙ୍କ ପରି ଖେଳାଳିଙ୍କ ପାଇଁ ଇଂଲଣ୍ଡ ଆକ୍ରମଣକୁ ସମ୍ମୁଖୀନ ହେବା ଏକ ଚ୍ୟାଲେଞ୍ଜ ସଦୃଶ। ତେବେ ଦିନିକିଆ ହେଉ କିମ୍ବା ଇଣ୍ଡିଆନ ପ୍ରିମିୟର ଲିଗ୍ ଏହି ଖେଳାଳି ସବୁବେଳେ ଏକାଗ୍ରତା ରଖିବାକୁ ଚେଷ୍ଟା କରିଆସିଛନ୍ତି। ବିରାଟ କୋହଲି ଟି୨୦ରେ ଫର୍ମକୁ ଫେରନ୍ତୁ ବୋଲି ଶହେ କୋଟିରୁ ଊର୍ଦ୍ଧ୍ୱ ଲୋକ ଅପେକ୍ଷା କରିଥିଲେ। ମାତ୍ର ତାହା ସମ୍ଭବ ହୋଇ ନ ଥିଲା। ଦିନିକିଆ ଭିନ୍ନ ଫର୍ମାଟର ଗେମ୍ ହୋଇଥିବାରୁ ସିରିଜରେ ସେ ଅଧିକ ରନ୍ ସଂଗ୍ରହ କରନ୍ତୁ ବୋଲି ତାଙ୍କ ପ୍ରଶଂସକମାନେ ଚାହୁଁଛନ୍ତି।

ଇଅନ ମୋର୍ଗାନ୍‌ଙ୍କଠାରୁ ଦାୟିତ୍ୱ ନେବାପରେ ଦିନିକିଆରେ ଏହା ହେବ ଅଧିନାୟକ ଜୋସ ବଟ୍‌ଲରଙ୍କର ପ୍ରଥମ ପରୀକ୍ଷା। ଟି୨୦ର ନୈରାଶ୍ୟ ପରେ ଘରୋଇ ଦଳ ସଫଳ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ବଡ଼ ସ୍କୋର ପାଇଁ ବିଶେଷ ପରିଚିତ ବଟଲର ଟି୨୦ରେ ତାହା କରିପାରି ନ ଥିଲେ। ତେଣୁ ଦିନିକିଆରେ ସେ ସ୍ୱାଭାବିକ ପ୍ରଦର୍ଶନ ପାଇଁ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି। ବର୍ମିଂହାମ୍ ଟେଷ୍ଟ ବିଜୟର ହିରୋ ବେନ୍ ଷ୍ଟୋକ୍ସ, ଜୋ ରୁଟ୍ ଓ ଜନି ବେୟାରଷ୍ଟୋଙ୍କ ପ୍ରତ୍ୟାବର୍ତ୍ତନ ପରେ ଇଂଲଣ୍ଡ ଦଳର ଶକ୍ତି ବୃଦ୍ଧି ହୋଇଛି।

ଇଂଲଣ୍ଡ ଦଳ: ଜୋସ୍ ବଟ୍‌ଲର (ଅଧିନାୟକ), ମୋଇନ ଅଲୀ, ଜୋନାଥନ ବେୟାରଷ୍ଟୋ, ହ୍ୟାରୀ ବ୍ରୁକ୍, ବ୍ରେଡନ କାର୍ସ, ସାମ୍ କୁରାନ, ଲିଆମ ଲିଭିଂଷ୍ଟୋନ, କ୍ରେଗ୍ ଓଭର୍ଟନ, ମାଥ୍ୟୁ ପାର୍କିନସନ, ଜୋ ରୁଟ୍, ଜାସନ ରୟ, ଫିଲ୍ ସଲ୍ଟ, ବେନ୍ ଷ୍ଟୋକ୍ସ, ରିସି ଟୋପ୍‌ଲେ, ଡାଭିଡ ୱିଲି।

ଭାରତୀୟ ଦଳ: ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, ଇଶାନ କିଷନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଶାର୍ଦ୍ଦୁଳ ଠାକୁର, ଯୁଜ୍‌ବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଯଶପ୍ରୀତ୍ ବୁମ୍‌ରା, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ଶାମି, ମହମ୍ମଦ ସିରାଜ, ଅର୍ଶଦୀପ ସିଂ।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୫ଟା ୩୦**




# ଫେୟାର ପ୍ଲେ ପ୍ୟାନେଲରେ ଅପରାଜିତା



ଅପରାଜିତା ଗୋଛିକାର

**ଭୁବନେଶ୍ୱର, ୧୧।୭ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଚେସ୍ ତାରକା ଅପରାଜିତା ଗୋଛିକାରଙ୍କୁ ମିଳିଛି ଆଉ ଏକ ସମ୍ମାନଜନକ ଏବଂ ଗୁରୁ ଦାୟିତ୍ୱ। ଆସନ୍ତା ଚେସ୍ ଅଲିମ୍ପିଆଡ୍ ପାଇଁ ଓଡ଼ିଶାର ଏହି କ୍ୟାଣ୍ଡିଡେଟ୍ ମାଷ୍ଟର ଏବଂ ଫିଡେ ଆର୍ବିଟରଙ୍କୁ ଫେୟାର ପ୍ଲେ ପ୍ୟାନେଲ (ଏଫ୍‌ପିପି)ରେ ସାମିଲ କରାଯାଇଛି। ଚେନ୍ନାଇର ମହାବଳୀପୁରମ୍‌ଠାରେ ଚଳିତ ମାସ ୨୮ରୁ ଆରମ୍ଭ ହେବାକୁ ଯାଉଥିବା ଚେସ୍ ଅଲିମ୍ପିଆଡ୍‌ରେ ସେ ଫେୟାର ପ୍ଲେ ଏକ୍ସପର୍ଟ ଭାବେ ଦାୟିତ୍ୱ ତୁଲାଇବେ। ଏଫ୍‌ପିପି ପାଇଁ ସର୍ବଭାରତୀୟ ଚେସ୍ ଫେଡେରେଶନ ପକ୍ଷରୁ ୱାର୍ଲ୍ଡ ଚେସ୍ ଫେଡେରେଶନ (ଫିଡେ) ନିକଟକୁ ୨ ଜଣଙ୍କ ନାମ ସୁପାରିସ କରାଯାଇଥିଲା। ସେମାନେ ହେଲେ ଅପରାଜିତା ଏବଂ ଅନ୍ତର୍ଜାତୀୟ ଆର୍ବିଟର ଧର୍ମେନ୍ଦ୍ର କୁମାର। ତେଣୁ ଭାରତର ଏକମାତ୍ର ମହିଳା ଭାବେ ଅପରାଜିତା ଏହି ପ୍ୟାନେଲରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ୱାର୍ଲ୍ଡ ଚେସ୍ କ୍ୟାଲେଣ୍ଡରରେ ଚେସ୍ ଅଲିମ୍ପିଆଡ୍ ଏକ ବଡ଼ ପ୍ରତିଯୋଗିତା। ଏଥିରେ ୧୮୮ଟି ଦେଶର ପ୍ରତିଯୋଗୀ ଭାଗନେବା ସମ୍ଭାବନା ରହିଛି। ଏଥିପାଇଁ ବିଶ୍ୱର ମୋଟ୍ ୧୮ ଜଣଙ୍କୁ ଫେୟାର ପ୍ଲେ ଏକ୍ସପର୍ଟ

**ଚେସ୍ ଅଲିମ୍ପିଆଡ୍**

ଭାବେ ଫିଡେ ପକ୍ଷରୁ ମନୋନୟନ କରାଯାଇଛି। ସେମାନଙ୍କ ମଧ୍ୟରେ ଅପରାଜିତା ଅନ୍ୟତମ। ଏପରି ଏକ ଗୁରୁଦାୟିତ୍ୱ ଦିଆଯାଇଥିବାରୁ ୨୯ ବର୍ଷୀୟା ଅପରାଜିତା ୱାର୍ଲ୍ଡ ଚେସ୍ ଫେଡେରେଶନ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଓ ନାଲ୍‌କୋକୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ଉପରେ ଯେଉଁ ଆସ୍ଥା ସ୍ଥାପନ କରାଯାଇଛି, ତାହାକୁ ସେ କାର୍ଯ୍ୟ ମାଧ୍ୟମରେ କରି ଦେଖାଇବାକୁ ଚେଷ୍ଟା କରିବେ। ଏହି ଚ୍ୟାଲେଞ୍ଜ୍‌ର ମୁକାବିଲା ପାଇଁ ସେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ଥିବା ପ୍ରକାଶ କରିଛନ୍ତି।

# କୋହଲି ଆହତ

**ନୂଆଦିଲ୍ଲୀ, ୧୧।୭ (ପି.ଟି.):** ସମ୍ପ୍ରତି ଫର୍ମ ସନ୍ଧାନରେ ଥିବା ବିରାଟ କୋହଲି ଆହତ ହୋଇଛନ୍ତି। ତେଣୁ ସେ ମଙ୍ଗଳବାର ହେବାକୁଥିବା ପ୍ରଥମ ଦିନିକିଆରେ ଖେଳିବା ସମ୍ଭାବନା କମ୍। ଇଂଲଣ୍ଡ ବିପକ୍ଷ ୩ୟ ଟି୨୦ ଅନ୍ତର୍ଜାତୀୟ ସମୟରେ ସେ ତଳିପେଟ ଓ ଜଙ୍ଘ ମଧ୍ୟସ୍ଥ ସ୍ଥାନରେ ଆଘାତ ପାଇଥିଲେ। ଆଘାତ ସମସ୍ୟା କେତେ ପରିମାଣରେ ହୋଇଛି ଯଦିଓ ତାହା ଜଣା ପଡ଼ିନାହିଁ ତେବେ ଟିମ୍ ମ୍ୟାନେଜମେଣ୍ଟ ୩୩ ବର୍ଷୀୟ କୋହଲିଙ୍କୁ ବ୍ରେକ୍ ଦେବା ଲକ୍ଷ୍ୟରେ ନାହିଁ। ତେଣୁ ସେ ଜୁଲାଇ ୧୪ରେ ଲର୍ଡ୍ସ ଓ ୧୭ରେ ମାଞ୍ଚେଷ୍ଟରରେ ହେବାକୁଥିବା ପରବର୍ତ୍ତୀ ୨ଟି ଗେମ୍ ପାଇଁ ଉପଲବ୍ଧ ହେବେ। ଜଣାଯାଇଛି ଯେ, କୋହଲି ଟିମ୍ ବସ୍‌ରେ ନଟିଂହାମ୍‌ରୁ ଲଣ୍ଡନ ଯାଇ ନାହାନ୍ତି। ମେଡିକାଲ୍ ଚେକ୍-ଅପ୍ ପାଇଁ ସେ ରହିଥାଇ ପାରନ୍ତି ବୋଲି ଅନୁମାନ କରାଯାଉଛି। ସୋମବାର ଇଚ୍ଛାଧୀନ ଟ୍ରେନିଂ ସେସନରେ ଶିଖର ଧାୱନ, ଶାର୍ଦ୍ଦୁଳ ଠାକୁର ଓ ପ୍ରସିଦ୍ଧ କ୍ରିଷ୍ଣା ଯୋଗ ଦେଇଥିଲେ।




# ଜାତୀୟ କ୍ୟାମ୍ପ ପାଇଁ ଓଡ଼ିଶାରୁ ୧୧

**ଭୁବନେଶ୍ୱର, ୧୧।୭ (କ୍ରୀଡ଼ା ପ୍ରତିନିଧି):** ସ୍ୱତନ୍ତ୍ର ଅଲିମ୍ପିକ ଭାରତଦ୍ୱାରା ଗାନ୍ଧୀନଗରଠାରେ ସୋମବାର ଆରମ୍ଭ ହୋଇଥିବା ଜାତୀୟ ପ୍ରଶିକ୍ଷଣ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ନିମନ୍ତେ ଚୟନ ଶିବିରରେ ଭାଗନେବାକୁ ଓଡ଼ିଶାର ୧୧ ଜଣିଆ ଦଳ ଯାତ୍ରା କରିଛି। ମହିଳା ବିଭାଗରେ ସିପ୍ରା ପ୍ରିୟଦର୍ଶିନୀ, ଅରିଦିତା ଚକ୍ରବର୍ତ୍ତୀ, ସଙ୍ଗୀତା ନାୟକ ଓ କଳ୍ପନା ଜେନା ଥିବାବେଳେ ସ୍ୱତନ୍ତ୍ର ଶିକ୍ଷକ ଗୀତା ପଣ୍ଡା କୋଚ୍ ଅଛନ୍ତି। ସେହିପରି ପୁରୁଷ ବିଭାଗରେ ସନ୍ତୋଷ ମଲ୍ଲିକ, ପ୍ରିୟରଞ୍ଜନ, ଦଧିଚି, ଆଦିତ୍ୟ ହେମ୍ବ୍ରମ ଓ ପ୍ରଦ୍ୟୋତ ଦାସ ଖେଳାଳି ଥିବାବେଳେ ସ୍ୱତନ୍ତ୍ର ଶିକ୍ଷକ ପ୍ରିୟବ୍ରତ ଦାସ କୋଚ୍‌ଭାବେ ଗାନ୍ଧୀନଗର ଯାଇଛନ୍ତି। ଶିବିର

**ସ୍ୱତନ୍ତ୍ର ଅଲିମ୍ପିକ ଭାରତ ରୋଲର ସ୍କେଟିଂ**

୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସ୍ୱତନ୍ତ୍ର ଅଲିମ୍ପିକ ଭାରତ- ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର ଓ ରାଜ୍ୟ ସଂଯୋଜକ ଅର୍ପିତା ମହାପାତ୍ର ଓଡ଼ିଶା ଦଳଙ୍କୁ ଶୁଭକାମନା ଜଣାଇଛନ୍ତି।



ସ୍ୱତନ୍ତ୍ର ଅଲିମ୍ପିକ୍ ଭାରତ ରୋଲର ସ୍କେଟିଂ ଜାତୀୟ କ୍ୟାମ୍ପ ପାଇଁ ମନୋନୀତ ଓଡ଼ିଶା ଦଳ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୨ ଜୁଲାଇ ୨୦୨୨



# ମନ୍ଦିର ନିକଟରେ ପହଞ୍ଚିଲା ନନ୍ଦିଘୋଷ

ରଣପୁର, ୧୧।୭ (ସ୍ୱ.ପ୍ର.)

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁର ବାହୁଡା ଯାତ୍ରାର ୨ ଦିନ ପରେ ସୋମବାର ଶ୍ରଦ୍ଧାଳୁ ଓ ଭକ୍ତମାନେ ଉତ୍ସାହର ସହ ନନ୍ଦିଘୋଷ ରଥକୁ ଟାଣିଥିଲେ। ବାଟରେ ଲକ୍ଷ୍ମୀ ନାରାୟଣ ଭେଟ ପରେ ନନ୍ଦିଘୋଷ ରଥକୁ ଶ୍ରୀମନ୍ଦିର ନିକଟରେ ପହଞ୍ଚାଇ ଦେଇଥିଲେ। ଶନିବାର ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣି ନେଇ ସିଂହଦ୍ୱାରରେ ପହଞ୍ଚାଇଥିଲେ। ଏହାପରେ ମା ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳାମାନେ ଟାଣି ଥିଲେ। ରାତ୍ରି ହୋଇଯିବାରୁ ଆଉ ନନ୍ଦିଘୋଷ ରଥଟଣା ହୋଇ ପରି ନ ଥିଲା। ସୋମବାର ଅପରାହ୍ନ ସାଢେ ୪ଟାରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା।

ମହିଳା ଭକ୍ତମାନେ କଡା ସୁରକ୍ଷା ମଧ୍ୟରେ ମା' ସୁଭଦ୍ରାଙ୍କ ରଥକୁ ଟାଣି ନେଇ ଶ୍ରୀମନ୍ଦିର ନିକଟରେ ଥିବା ରଥ ଖଳାରେ ଲଗାଇଥିଲେ। ସନ୍ଧ୍ୟା ଶ୍ରୀମନ୍ଦିର ନିକଟରେ ନନ୍ଦିଘୋଷ ରଥ ପହଞ୍ଚିବା ପରେ ଅଭିମାନିନୀ ମା' ଲକ୍ଷ୍ମୀ ଶ୍ରୀମନ୍ଦିରରୁ ଏକ ସୁସଜ୍ଜିତ ଦୋଳ ବିମାନରେ ବିରାଜମାନ କରି ଘଣ୍ଟ ଘଣ୍ଟା କାହାଳି ଓ ଆତସବାଜିରେ ଆସି ରଥ ନିକଟରେ ପହଞ୍ଚି ଥିଲେ। ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ ହୋଇଥିଲା। ରଥରେ ବିରାଜମାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହିତ ମା' ଲକ୍ଷ୍ମୀଙ୍କର ଏହି ଭେଟକୁ ଦେଖି ଉପସ୍ଥିତ ବହୁସଂଖ୍ୟାରେ ଭକ୍ତମାନେ ବିମୋହିତ ହୋଇ ପଡିଥିଲେ। ସ୍ଥାନୀୟ ପ୍ରଶାସନ ଓ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ରଥଟଣା କାର୍ଯ୍ୟକୁ ସୂଚାରୁ ରୂପେ ସମାପନରେ ସହଯୋଗ କରିଥିଲେ।



## ଲକ୍ଷ୍ମୀ ନାରାୟଣ ଭେଟ

## ସେପ୍ଟେମ୍ବର ୧୦ରେ ଏଆଇଡିଏସ୍‌ଓର ଛାତ୍ର ସମ୍ମିଳନୀ

**ବ୍ରହ୍ମପୁର ଅଫିସ,୧୧।୭:** ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ସେପ୍ଟେମ୍ବର ୧୦ ଓ ୧୧ ତାରିଖରେ ବ୍ରହ୍ମପୁରଠାରେ ୧୧ତମ ଓଡ଼ିଶା ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହେବ। ସୋମବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରତ୍ୟାହାର, ରାଜ୍ୟରେ ଖାଲି ପଡିଥିବା ସମସ୍ତ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀ ପାଇଁ ଦାବି କରାଯିବ।

ଧରିତ୍ରୀ DHARITRI
ବରିଷ୍ଠ ଖବରଦାତା ଆବଶ୍ୟକ
କଟକ ସହର ଲାଗି ବରିଷ୍ଠ ଖବରଦାତା ଆବଶ୍ୟକ। ପ୍ରାର୍ଥୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୩ ସହ ଖବରଦାତା ଭାବେ ସର୍ବନିମ୍ନ ୫ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। ସାମ୍ବାଦିକତା ଶିକ୍ଷା ଲାଭ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
**ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।**
ବିଜ୍ଞାପନ ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍‌ରେ ଆବେଦନ କରିପାରିବେ।
Email: recruitment@dharitri.com

## ଇନ୍ସ୍ୟୁରାନ୍ସ କମ୍ପାନୀର ଶାଖା ଅଫିସ ଭୁବନେଶ୍ୱର ସ୍ଥାନାନ୍ତରକୁ ବିରୋଧ

ନୟାଗଡ଼ ଅଫିସ,୧୧।୭

ନ୍ୟାସନାଲ ଇନ୍ସୁରାନ୍ସ କମ୍ପାନୀର ନୟାଗଡ଼ ଶାଖା ଅଫିସକୁ ଭୁବନେଶ୍ୱର ସ୍ଥାନାନ୍ତର ନିଷ୍ପତ୍ତିକୁ ନେଇ ପ୍ରତିବାଦ ଉଠିଛି। ଏହାକୁ ନେଇ ଜିଲାବାସୀ ଅସନ୍ତୋଷ ବ୍ୟକ୍ତ କରି ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଏଭଳି ନିଷ୍ପତ୍ତି ଅତ୍ୟନ୍ତ ମନୋମୁଖୀ, ଜନ ବିରୋଧୀ ଓ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସିଆଇଟିୟୁର ଜିଲା ସଭାପତି ବିଶ୍ୱନାଥ ମହାପାତ୍ର ଓ ସମ୍ପାଦକ ପବିତ୍ର ଇନ୍ଦ୍ରଜିତ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟର ଜୁନ୍ ୩୦ରେ ପ୍ରେସ୍ ବିଜ୍ଞପ୍ତି ନୟାଗଡ଼ ଜନସାଧାରଣ ଓ ହଜାର ହଜାର ବୀମାଧାରୀ ଉପଭୋକ୍ତାମାନଙ୍କ ମଧ୍ୟରେ ଗଭୀର କ୍ଷୋଭ ସୃଷ୍ଟି କରିଛି। ୧୯୮୭ ମସିହାରୁ କ୍ଷୁଦ୍ର ଜମା ପଲିସି, ଗାଡ଼ି ମଟର ବୀମା, ସ୍ୱାସ୍ଥ୍ୟ ବୀମା ଓ ଅନ୍ୟ ବୀମା କ୍ଷେତ୍ରରେ ସେବା ଯୋଗାଇ ଆସୁଥିବା ତଥା ନୟାଗଡ଼ର ଲକ୍ଷଲକ୍ଷ ଲୋକଙ୍କ କାମରେ ଆସୁଥିବା ଏହି ଶାଖାକୁ ଭୁବନେଶ୍ୱର ଉଠାଇବାର ଅପଚେଷ୍ଟା କରାଯାଇଛି। ଇନ୍ସୁରାନ୍ସ ଅଫିସ ସ୍ଥାନାନ୍ତର କରାଗଲେ ଏହା ବିରୋଧରେ ପ୍ରତିରୋଧମୂଳକ ଆନ୍ଦୋଳନ ସଙ୍ଗଠିତ କରାଯିବ ଓ ବିରୋଧ କରାଯିବ ବୋଲି ସିଟୁ ସମେତ ବହୁ ଅନୁଷ୍ଠାନ ପ୍ରକାଶ କରିଛନ୍ତିୟ ପ୍ରତିବାଦରେ ଆସନ୍ତା ୧୯ରେ ଜନସାଧାରଣଙ୍କ ପକ୍ଷରୁ ନୟାଗଡରେ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି।

## ଶିକ୍ଷୟିତ୍ରୀଙ୍କ ବିରୋଧରେ ଜିଲାପାଳଙ୍କୁ ଫେରାଦ

ନୟାଗଡ଼ ଅଫିସ,୧୧।୭

ଭାପୁର ବ୍ଲକ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ସୋମବାର ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ସହକାରୀ ଶିକ୍ଷୟିତ୍ରୀ ସୁଜାତା ସାହୁଙ୍କ ବିରୋଧରେ ଜିଲାପାଳଙ୍କୁ କେତେଜଣ ଲୋକ ଫେରାଦ୍ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଶିକ୍ଷୟିତ୍ରୀ ସ୍କୁଲରେ ଅଧିକାଂଶ କାର୍ଯ୍ୟଦିବସରେ ଉପସ୍ଥିତ ରହୁ ନାହାନ୍ତି। ଯେଉଁ କେତେଦିନ କାର୍ଯ୍ୟ ଦିବସରେ ଉପସ୍ଥିତ ରହୁଛନ୍ତି ସେହିଦିନ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉନାହାନ୍ତି। ଗତ ସାଧାରଣ ନିର୍ବାଚନରେ ନିଜର ସମ୍ପର୍କୀୟଙ୍କ ପାଇଁ ଭୋଟ ପ୍ରଚାର କରି ଚର୍ଚ୍ଚାକୁ ଆସିଥିଲେ। ଅନ୍ୟପକ୍ଷେ ନିଜର ରାଜନୈତିକ ପତିଆରା ଦେଖାଇ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ୪ର୍ଥଶ୍ରେଣୀ କର୍ମଚାରୀଙ୍କୁ ଖରାପ ବ୍ୟବହାର ଦେଖାଉଛନ୍ତି। ନିଜର ନୂଆ ସ୍କର୍ପିଓ ଗାଡିକୁ ଭାପୁର ବ୍ଲକର ଭାଇସ ଚେୟାରମ୍ୟାନ ଗୟାଧର ପରିଡାଙ୍କୁ ଦେବା ପରି ଅଭିଯାଗ ରହିଛି। ଏ ନେଇ ଶିକ୍ଷୟିତ୍ରୀ ସାହୁଙ୍କୁ ପଚାରିବାରେ ଶାଶୁ ଜଣେ ସରପଞ୍ଚ ଓ ସ୍ୱାମୀ ଜଣେ ଜିଲା ପରିଷଦ ସଭ୍ୟ। କେହି ରାଜନୈତିକ ଶତ୍ରୁତା ରଖି ମୋତେ ବଦନାମ କରିବା ପାଇଁ ଅଭିଯୋଗ କରିଛି। ମୋ ଗାଡି ମୋ ନାଁରେ ଅଛି। ମୁଁ କାହାକୁ ଉପହାର ଦେଇନି। ବ୍ୟକ୍ତିଗତ ଗାଡିକୁ ନେଇ ଅଭିଯୋଗ କରିବା ଠିକ୍ ନୁହେଁ। ସେହିପରି ପାଠପଢ଼ା ଓ ସ୍କୁଲ ଡ୍ୟୁଟି ସବୁବେଳେ ଠିକ୍ ଭାବେ କରେ। ତେବେ ମୋ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି ସେ କହିଛନ୍ତି।

## ଦୁଇ ଦେଶୀ ବନ୍ଧୁକ ସହ ଶିକାରୀ ଗିରଫ



ଶିକାରୀଙ୍କ ସହ ଜବତ ହୋଇଥିବା ବନ୍ଧୁକ।

ନୟାଗଡ଼ ଅଫିସ/ରଣପୁର, ୧୧।୭(ସ୍ୱ.ପ୍ର.)

ରଣପୁର ଥାନାର ରାଜସୁନାଖଳା ଫାଣ୍ଡି ପୋଲିସ କାସନ୍ଦା ଜଙ୍ଗଲରେ ଚଢ଼ାଉ କରି ୨ଟି ଦେଶୀ ବନ୍ଧୁକ ସହ ଜଣେ ଶିକାରୀଙ୍କୁ ଗିରଫ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ପରେ କାସନ୍ଦ ଗାଁର ସୁବାଶ ପରିଡାଙ୍କୁ ରବିବାର ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ନଂ. ୧୬୫/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସଆଇ ପ୍ରୀତି ପ୍ରକାଶ ମହାନ୍ତିଙ୍କ ସୂଚନା ଅନୁସାରେ, କାସନ୍ଦା ଜଙ୍ଗଲରେ ବନ୍ୟ ଜୀବଜନ୍ତୁ ଶିକାର ହେଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସର ଚଢ଼ାଉ ଜାରି ରହିଥିଲା।



## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଚାଳକ ଗୁରୁତର

**ଆର୍.ଉଦୟଗିରି,୧୧।୭(ଡି.ଏନ.ଏ.):** ମୋହନା ଥାନା ଅନ୍ତର୍ଗତ ତାରାମାଳ ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣା ଘଟିଛି। ଚନ୍ଦ୍ରଗିରି ପଞ୍ଚାୟତ ଅନ୍ତର୍ଗତ ପାଡି ଗ୍ରାମର ଦୁବା ଗୌଡ଼(୩୧) ନିଜ ବାଇକ ଯୋଗେ ଗଞ୍ଜାମ ଜିଲା ଦିଗପହଣ୍ଡିରେ ଥିବା ତାଙ୍କ ଶଶୁର ଘରକୁ ଯାଇଥିଲେ। ସେ ସେଠାରୁ ଫେରିବା ସମୟରେ ତାରାମାଳ ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ପ୍ରକାରେ ଧକ୍କା ଦେଇଥିବା ଗାଡ଼ିଟି ସ୍କର୍ପିଓ ଏବଂ ଦୁର୍ଘଟଣା ଘଟାଇ କେଉଁଆଡେ ଫେରାର ହୋଇଯାଇଛି। ସ୍ଥାନୀୟ ଲୋକେ ଗୁରୁତର ଦୁବାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଚନ୍ଦ୍ରଗିରି ମେଡିକାଲକୁ ପଠାଇଛନ୍ତି।

### ମଦ ଜବତ, ୨ ଗିରଫ

**ପାରଳାଖେମୁଣ୍ଡି,୧୧।୭(ଡି.ଏନ୍.ଏ.):** ଗଜପତି ଜିଲା ଅବକାରୀ ଅଧୀକ୍ଷକ ପ୍ରଭାତ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାରେ ଥିବା ବିଭିନ୍ନ ଅବକାରୀ ଥାନା ପକ୍ଷରୁ ଚଢ଼ାଉ ଜାରି ରହିଛି। ସଦର ଅବକାରୀ ବିଭାଗ ଦ୍ୱାରା ସୋମବାର ପାଟ୍ରୋଲିଂ କରୁଥିବା ସମୟରେ ପାରଳା ସହରର ଗୁମ୍ମାନାଳ ନିକଟରୁ ୧୬୮ ଲିଟର ଚୋରା ଦେଶୀ ରନ୍ଧା ମଦ ଏବଂ ୩୨୦୦ଲିଟର ମହୁଲପୋଚ ଜବତ କରାଯାଇ ନଷ୍ଟ କରାଯାଇଛି। ଚୋରା ମଦ କାରବାର କରାଯାଉଥିବା ଅଭିଯୋଗରେ ୩ ପୃଥକ୍ ମାମଲା ରୁଜୁ ହୋଇଛି। ପୃଥକ୍ ଘଟଣାରେ ସମ୍ପୃକ୍ତ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ଗିରଫ କରାଯାଇଛି।

### ଗଜପତିରେ ୫ କରୋନା ସଂକ୍ରମିତ ଚିହ୍ନଟ

**ପାରଳାଖେମୁଣ୍ଡି,୧୧।୭(ଡି.ଏନ୍.ଏ.):** ଗଜପତି ଜିଲାରେ ସୋମବାର ଗୋଟିଏ ଦିନରେ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨୦ ଆକ୍ଟିଭ କେସ୍ ରହିଛି । ସେଭଳି ଗୁରୁତର ସ୍ଥିତି ଦେଖାଯାଇ ନ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ସମସ୍ତ ଆକ୍ରାନ୍ତଙ୍କୁ ହୋମ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଛି । ମାସ୍କ ପରିଧାନ ଓ ସାମାଜିକ ଦୂରତାକୁ ରକ୍ଷାକରିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। କରୋନା ସଂକ୍ରମଣକୁ ଦେଖି ଜିଲାର ବିଭିନ୍ନ ସ୍ଥାନରେ କୋଭିଡ୍ ପରୀକ୍ଷଣକୁ ତ୍ୱରାନ୍ୱିତ କରାଯାଇଛି। ଅନ୍ୟପକ୍ଷରେ ଜିଲାରେ ୮ଲକ୍ଷ ୬୭ହଜାର ୪୧୮ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ଖଣ୍ଡପଡା,୧୧।୭(ସ୍ୱ.ପ୍ର): ଖଣ୍ଡପଡା** ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ପାଣୁସାହୁପାଟଣା ଗାଁର ଧର୍ମ ପରାୟଣା ତିଳୋତମା ସାହୁ(୬୯)ଙ୍କ ପରଲୋକ ହୋଇଯାଇଛି। ପାଣୁସାହୁପାଟଣା ବିଶ୍ୱ ଶାନ୍ତି ମହାଯଜ୍ଞ ଓ ପାଣୁସାହୁପାଟଣା ଗ୍ରାମ ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ସ୍ତ୍ରୀ ସ୍ୱର୍ଗତା ସାହୁ ଜଣେ ଧର୍ମପରାୟଣ, ପରୋପକାରୀ, ମେଳାପୀ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ କୁଞ୍ଜବିହାରୀପୁରପାଟଣା ନିକଟସ୍ଥ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ।

# ଗଛ ଲଗାଇ ସମସ୍ତେ ବଞ୍ଚିବା, ବଢ଼ିବା

**ଖଣ୍ଡପଡ଼ା,୧୧।୭(ସ୍ୱ.ପ୍ର)**



ସାଇକେଲରେ ଗଛ ଲଗାଇବାକୁ ଅନ୍ତର୍ଯ୍ୟାମୀ ସାହୁ ପ୍ରଚାର କରୁଛନ୍ତି।

ରାତି ପାହିଲା ମାତ୍ରେ ଜଣେ ବ୍ୟକ୍ତି ନିଜର ସାଇକେଲରେ ବିଭିନ୍ନ ଚାରାଗଛ, ଡାଳ, ବାଉଁଶ, ଶାବଳ ଆଦି ଧରି ପୋଖରୀ ହୁଡା, ରାସ୍ତାକଡ ଅବା ମାଳବନ୍ଧରେ ବିଭିନ୍ନ ଗଛର ସୁରକ୍ଷା ଦେଉଥିବା ବେଳେ ଗଛ ଆଦି ରୋପଣ କରୁଥିବା ଦେଖିବାକୁ ମିଳିଥାଏ। ପରିବେଶ ସୁରକ୍ଷା ଚିନ୍ତା ନେଇ ଏହି କାର୍ଯ୍ୟକୁ ନିଜର ଏକ ପେଶା ଭାବେ ଧରି ସେ ନେଇଛନ୍ତି। ଏହାଛଡା ବିଭିନ୍ନ ସମୟରେ ସମ୍ପୃକ୍ତ ବ୍ୟକ୍ତି ଜିଲା ତଥା ବାହାରକୁ ଗସ୍ତ କରି ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ସହ ଜୀବଜନ୍ତୁଙ୍କ ସୁରକ୍ଷା ସମ୍ପର୍କରେ ଶିକ୍ଷାନୁଷ୍ଠାନ ଓ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି। ସେ ହେଲେ କଣ୍ଟିଲୋ ଅଞ୍ଚଳର ଗଛସାର ଭାବେ ଜଣାଶୁଣା ଅନ୍ତର୍ଯ୍ୟାମୀ ସାହୁ। ମାନବ ସମାଜ ସହ ସମଗ୍ର ଜୀବଜଗତର ସ୍ଥିତିରକ୍ଷା ନିମନ୍ତେ ପରିବେଶ ସୁରକ୍ଷା ଜରୁରୀ ଅଟେ। ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ, ଜଙ୍ଗଲ ତଥା ପରିବେଶର ଦ୍ରୁତ ଅବକ୍ଷୟ ମାନବ ସମାଜ ସହିତ ପଶୁପକ୍ଷୀ, ନାନାଦି କୀଟପତଙ୍ଗଙ୍କ ପାଇଁ ବିନାଶ ସୂଚନା ଦେଲାଣି। ଏହାର ନିରାକରଣ ପାଇଁ ସମାଜର ପ୍ରତ୍ୟେକ ସ୍ତରରୁ ସଫଳ ଉଦ୍ୟମ ହେବା ଜରୁରୀ ହୋଇପଡ଼ିଛି। ତେବେ ମନୁଷ୍ୟ ସମାଜ ଈଶ୍ୱରଙ୍କ ସୃଷ୍ଟିରେ ନିଜକୁ ଶ୍ରେଷ୍ଠ ଜୀବ ବୋଲି ଭାବୁଛି। ସମସ୍ତେ ବଞ୍ଚିବା ଆଉ ସମସ୍ତେ ବଢିବା ଏହି ନ୍ୟାୟରେ ଜଗତର ହିତ ପାଇଁ ବିଭିନ୍ନ ସଭା ସମିତିରେ ନିଜେ କିଛି ନ କରି ଭାଷଣରେ ପରିବେଶ ସୁରକ୍ଷା ପାଇଁ ଅନ୍ୟମାନଙ୍କୁ ପରାମର୍ଶ ଦେବା ଅପେକ୍ଷା କିଛି କରି ଦେଖାଇବା ଦରକାର ଲୋକ ଗଛ ସାର ସାହୁ କହିଛନ୍ତି।

ଅପରପକ୍ଷରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଓ ଜଙ୍ଗଲ ସୁରକ୍ଷା ଜରୁରୀ ଅଟେ। ମାତ୍ର ଜୀବଜଗତର ଏକ ବିଶେଷ ଅଙ୍ଗ ପଶୁପକ୍ଷୀ, କୀଟପତଙ୍ଗ ଆଦିର ସୁରକ୍ଷା ପାଇଁ ଅଣଦେଖା କରାଯାଉଛି। ଦେବଦେବୀମାନଙ୍କ ପୂଜା ପାଇଁ ଗଛରୁ ସମୟେ ସମୟେ ସମସ୍ତ ଫୁଲ ତୋଳି ନେବା ଦ୍ୱାରା ଗଛଟି ଶ୍ରୀହୀନ ହୋଇଯାଉଛି। ଏଥିସହ ଫୁଲରୁ ମହୁ ସଂଗ୍ରହ କରୁଥିବା ମହୁମାଛି ଓ କିଛି କୀଟ ପତଙ୍ଗଙ୍କ ଖାଦ୍ୟାଭାବ ଦେଖା ଦେଉଛି। ଠାକୁର ପୂଜା ପାଇଁ କିଛି ଫୁଲ ସଂଗ୍ରହ କରି ଅବଶିଷ୍ଟକୁ ବିଭିନ୍ନ ଜୀବ ଓ କୀଟ ପତଙ୍ଗଙ୍କ ଖାଦ୍ୟ ପାଇଁ ଗଛରୁ ନ ତୋଳିବାକୁ ସେ ପରାମର୍ଶ ଦେଇଥିଲେ। ନିଜେ ବଞ୍ଚି ଅନ୍ୟକୁ ବଞ୍ଚାଇବା ଏକ ଅଧ୍ୟାତ୍ମିକ ଚେତନା ଅଟେ ବୋଲି ସେ ପରାମର୍ଶ ଦେଉଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନରେ ବଳକା ମଧ୍ୟାହ୍ନ ଭୋଜନ ଖାଦ୍ୟକୁ ଏଣେ ତେଣେ ଫିଙ୍ଗା ଫୋପଡା ନ କରି ଶିକ୍ଷାନୁଷ୍ଠାନ ନିକଟରେ କିମ୍ୱା ପରିସରରେ ଗୋଟିଏରୁ ୨ଟି ସିମେଣ୍ଟ କୁଣ୍ଡ କରାଯାଇ ସେଥିରେ ରଖାଯାଇ ପାରିଲେ ବିଭିନ୍ନ ଜୀବ ଜନ୍ତୁଙ୍କ ପାଇଁ ଖାଦ୍ୟ ସମସ୍ୟା ଦୂର ହୋଇ ପାରିବ ବୋଲି ସାହୁ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଉଛନ୍ତି। ବିଶେଷକରି ସମୟାନୁକ୍ରମେ ବିଭିନ୍ନ ଅଂଚଳରୁ ଲୁପ୍ତପ୍ରାୟ ପାଳଧୁଆ, ପଳାଶ, ଶିମିଳି, ଡ଼ିମ୍ବିରି, ମଞ୍ଜରୀ, ଆଙ୍କୁଲ, କେନ୍ଦୁ, କୋଚିଲା, ଚାର, କଇଁଥ, ତାଳ, ଖଜୁରୀ ବୃକ୍ଷ ଆଦି ରୋପଣ କରି ଜୀବ ଜନ୍ତୁଙ୍କ ପାଇଁ ଖାଦ୍ୟ ସୃଷ୍ଟି କରିବା ଦିଗରେ ସମସ୍ତେ ଚେଷ୍ଟା କରିବା ଦରକାର ବୋଲି ସାହୁ କହିଛନ୍ତି।

# ଲଣ୍ଡନ ଶୋଭାଯାତ୍ରାରେ ନିର୍ମାଣ ଶ୍ରମିକଙ୍କ ପ୍ରତିବାଦ



ନିର୍ମାଣ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ନୟାଗଡ଼ ଅଫିସ,୧୧।୭**

## ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ନୟାଗଡ଼ ଜିଲା ଶ୍ରମ ଅଧିକାରୀଙ୍କ ବହିଷ୍କାର, ନିର୍ମାଣ ଶ୍ରମିକମାନଙ୍କୁ ପଞ୍ଜୀକୃତ କରାଇ ସରକାରୀ ସହାୟତା ପ୍ରଦାନ ଦାବିରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଲଣ୍ଠନ ଧରି ନିର୍ମାଣ ଶ୍ରମିକମାନେ ବିକ୍ଷୋଭ କରିଥିଲେ। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିକ୍ଷୋଭ ଚାଲୁ ରହିଥିଲା। ଘଟଣାସ୍ଥଳକୁ ଜିଲା ଶ୍ରମ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଆନ୍ଦୋଳନକାରୀଙ୍କ ପାଖକୁ ଆସି ଦାବି ପୂରଣ ହେଲା କି ନାଁ ଅବଗତ କରାଇ ନ ଥିଲେ। ଆନ୍ଦୋଳନକାରୀ ଆନ୍ଦୋଳନ ପ୍ରତ୍ୟାହାର ନ କରି ଚାଲୁ ରଖିଛନ୍ତି। ମଙ୍ଗଳବାର ପୁଣି ଆନ୍ଦୋଳନ ଚାଲିବ। ଅପରାହ୍ନ ସାଢ଼େ ୧ଟାରେ ପଦଯାତ୍ରା ଭୁବନେଶ୍ୱର ବାହାରିବ। ଭୁବନେଶ୍ୱରରେ ୧୬ ଶନିବାର ପହଞ୍ଚିବା ପରେ ରାଜ୍ୟ ଶ୍ରମ ଭବନ ସମ୍ମୁଖରେ ଆନ୍ଦୋଳନ ହେବ ବୋଲି ଜିଲା ଶ୍ରମିକ ମହାସଂଘର ସଭାପତି ଶୂନ୍ୟଜୟୀ ମିଶ୍ର କହିଛନ୍ତି।

# ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର



ଭାପୁର ବ୍ଲକରେ ଜିଲାପାଳ ପୋମା ଟୁଡୁ ଅଭିଯୋଗର ଶୁଣାଣି କରୁଛନ୍ତି।

**ନୟାଗଡ଼ ଅଫିସ,୧୧।୭**

## ୧୩୭ ଅଭିଯୋଗ ପଞ୍ଜୀକୃତ

ନୟାଗଡ ଜିଲାର ଭାପୁର ବ୍ଲକ ସଭାଗୃହରେ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଲୋକମାନଙ୍କର ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ପଞ୍ଜୀକୃତ ୧୩୭ ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଭାବେ ୧୨୩ଟି ଥିଲା। ସାମୂହିକ ଗ୍ରାମ ବିବାଦ ୨ଗୋଟିର ଶୁଣାଣି କରାଯାଇ ସମୁଦାୟ ୫୫ଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୦ଜଣ ଦରଖାସ୍ତକାରୀଙ୍କୁ ୮୫ ହଜାର, ଜିଲା ରେଡକ୍ରସରୁ ୨ଜଣ ଦରଖାସ୍ତକାରୀଙ୍କୁ ୪୦ହଜାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସାମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ଏସ୍‌ପି ଅଲେଖ ପହି, କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଲଗ୍ନଜିତ ରାଉତ, ଭାପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ବିଡିଓ, ତହସିଲଦାର, ଜିଲାସ୍ତରୀୟ ପଦାଧିକାରୀ, ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ସମସ୍ୟାଗୁଡିକର ଶୁଣାଣି କରିବାରେ ଜିଲାପାଳଙ୍କୁ ସହଯୋଗ କରିଥିଲେ।

# ୪ ଦୁର୍ଘଟଣାରେ ୧୨ ଆହତ

**ଖଲ୍ଲିକୋଟ,୧୧।୭(ଡି.ଏନ୍.)**

ଖଲ୍ଲିକୋଟ ଥାନା ଅଞ୍ଚଳରେ ସୋମବାର ୪ ଘଣ୍ଟାରେ ୪ ଦୁର୍ଘଟଣା ଘଟି ୧୨ ଜଣ ଆହତ ହୋଇଛନ୍ତି। ୧୬ ନମ୍ବର ଜାତୀୟ ରାଜପଥରେ ବ୍ରହ୍ମପୁରରୁ ଭୁବନେଶ୍ୱର ଆସୁଥିବା କାର (ଓଡ଼ି ୦୨ ଏକ୍ସ ୨୩୭୮) ବଡ଼ଘାଟି ମଙ୍ଗଳା ମନ୍ଦିର ସମ୍ମୁଖ ରାସ୍ତା କଡ଼ରେ ଛିଡ଼ା ହୋଇଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ କାର୍ (ଓଡ଼ି ୦୨ ଏଜେ ୯୯୯୦) ପଛପଟୁ ଧକ୍କା ଦେବାରୁ କାରଟି ଆଗକୁ ଗଡି ଡିଭାଇଡରରେ ପିଟି ହୋଇଥିଲା। ଉକ୍ତ ଦୁଇ କାରରେ ଥିବା ୬ ଯାତ୍ରୀ ଆହତ ହୋଇଥିଲେ। ମଧ୍ୟାହ୍ନରେ ମଥୁରା ଗ୍ରାମର ରଜନୀ ସାହୁ ନିଜ ସମ୍ପର୍କୀୟଙ୍କ ସହ ଏକ ବାଇକ ଯୋଗେ ଖଲ୍ଲିକୋଟରୁ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ନିର୍ମଳଝରର ରାମ ପ୍ରଧାନ ଓ ପିଟଣାପଲ୍ଲୀର ଭଗବାନ ରାଉତ ଏକ ବାଇକ ଯୋଗେ ଖଲ୍ଲିକୋଟ ଆସୁଥିବା ବେଳେ ବିଧାୟିକାଙ୍କ ବାସଭବନ ସମ୍ମୁଖରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ୩ ଜଣ ଆହତ ହୋଇଥିଲେ। ସମସ୍ତ ଆହତଙ୍କୁ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ନିଜ ଗାଡ଼ିରେ ମେଡ଼ିକାଲକୁ ନେଇଥିଲେ। ରାମ ଓ ଭଗବାନଙ୍କ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହରିଡାମୂଳ କ୍ଷୀର ଫ୍ୟାକ୍ଟ୍ରି ନିକଟରେ ଏକ ଟ୍ରକ ଛିଡ଼ା ହୋଇଥିଲା। ବୁଗୁଡାରୁ ସନ୍ତୋଷ କୁମାର ସାହୁ ଏକ ବାଇକ ଯୋଗେ ବାଲୁଗାଁ ଅଭିମୁଖେ ଯାଉଥିବା ବେଳେ ଟ୍ରକ ପଛକୁ ଧକ୍କା ହୋଇ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ହାଇୱେ ପାଟ୍ରୋଲିଂ ଗାଡ଼ି ପହଞ୍ଚି ଖଲ୍ଲିକୋଟ ମେଡ଼ିକାଲକୁ ଆଣିଥିଲେ। ସେଠାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ବିକ୍ରମପୁରର ସୁରେନ୍ଦ୍ର ଆଚାର୍ଯ୍ୟ ବାଇକରେ ରମ୍ଭା ଅଭିମୁଖେ ଯାଉଥିବା ବେଳେ ସମଲ ଛକ ନିକଟରେ ଏକ ଗଛରୁ ଡାଳ ଭାଙ୍ଗି ରାସ୍ତାରେ ପଡି ଯାଇଥିଲା। ଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା କଡରେ ଏକ ଦୁଇ ବର୍ଷର ଶିଶୁପୁତ୍ର ଧରି ଛିଡ଼ା ହୋଇଥିବା ଦଳିବାଟି ଗ୍ରାମର ଚନ୍ଦ୍ରମା ପ୍ରଧାନଙ୍କୁ ଧକ୍କା ଦେଇଥିଲା। ଶିଶୁପୁତ୍ରର କୌଣସି କ୍ଷତି ହୋଇ ନଥିବା ବେଳେ ଚନ୍ଦ୍ରମା ଓ ବାଇକ ଆରୋହୀ ସୁରେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଖଲ୍ଲିକୋଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା।

# କୃତୀ ଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା

**ଖଣ୍ଡପଡା,୧୧।୭(ସ୍ୱ.ପ୍ର)**

ଚଳିତ ମାଟ୍ରିକ ପରୀକ୍ଷାରେ ୫୬୭ ନମ୍ବର ରଖି ଏ-୧ ଗ୍ରେଡ ପାଇଥିବା ଛାତ୍ର ବାଣପୁର ଗ୍ରାମର ସୂର୍ଯ୍ୟ ମାଣ୍ଡୋଇଙ୍କୁ ବସନ୍ତ କୁମାର ବିଦ୍ୟାପୀଠ ବାଣପୁର ପକ୍ଷରୁ ସୋମବାର ସମ୍ବର୍ଦ୍ଧିତ କରାଯାଇ ମାନପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ସନାତନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଡ଼ବାଣପୁର ସରପଞ୍ଚ ପ୍ରତିମା ପ୍ରଧାନ ଯୋଗ ଦେଇଥିଲେ। ସମିତି ସଭ୍ୟା ସ୍ମୀତାରାଣୀ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଜନ୍ମେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ଜୟକୃଷ୍ଣ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ସମ୍ପୃକ୍ତ ଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ବିଶ୍ୱ ଜନସଂଖ୍ୟା ଦିବସ

**ନୟାଗଡ ଅଫିସ,୧୧।୭**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଜନସଂଖ୍ୟା ଦିବସ ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ (ଟ୍ରେନିଂ ୟୁନିଟ୍) ଅନୁଷ୍ଠିତ ହୋଇଯାଇଛି। ଅଭିନବ ପନ୍ଥା ଅନୁସରଣ କରି ପରିବାର ନିୟନ୍ତ୍ରଣ କରିବାକୁ ସିଡିଏମ୍‌ଓ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜୁନ ୨୭ରୁ ଜୁଲାଇ ୧୪ ପର୍ଯ୍ୟନ୍ତ ପରିବାର ନିୟନ୍ତ୍ରଣ ସଚେତନତା ପକ୍ଷ ଏବଂ ଜୁଲାଇ ୧୧ରୁ ସ୍ଥିରତା ପକ୍ଷ ପାଳନ କରାଯିବାକୁ ଅଛି। ଏହି ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା ୧୨୫ଜଣ ମହିଳାଙ୍କର ଲାପ୍ରୋସ୍କୋପି ଅପରେଶନ ଦ୍ୱାରା ପରିବାର ନିୟନ୍ତ୍ରଣ କରାଯାଇଛି। ଏଥିସହ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ପରିବାର ନିୟନ୍ତ୍ରଣ ଉପରେ ଭଲ କାମ କରିଥିବା ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଚିକିତ୍ସା ଅଧିକାରୀ ପୁରସ୍କୃତ କରିଥିଲେ।

# ଗଞ୍ଜାମ ବନ୍ଦ ଡାକରା ଆଜି

**ଗଞ୍ଜାମ,୧୧।୭(ଡି.ଏନ.ଏ.)**

## ତହସିଲଦାର ହଟାଓ ଦାବି ଜୋର ଧରିଲା

ଗଞ୍ଜାମ ତହସିଲଦାରଙ୍କ ଅନ୍ୟାୟ, ଦୁର୍ନୀତି ଓ ଆକ୍ରୋଶ ମୂଳକ କାର୍ଯ୍ୟକୁ ପ୍ରତିବାଦ କରି ସହର ବାସୀଙ୍କ ପକ୍ଷରୁ ମଙ୍ଗଳବାର ଗଞ୍ଜାମ ବଜାର ବନ୍ଦ ଡାକରା ଦିଆଯାଇଛି। ବିଭିନ୍ନ ସମୟରେ ତହସିଲଦାର ଅରୁଣ କୁମାର ନାୟକଙ୍କ ଦବଙ୍ଗଗିରି ତଥା ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଉଠବସ, ଶିପକୁଦା ଅଞ୍ଚଳର ଜଣେ ଯୁବକଙ୍କୁ ଅକାରଣରେ ମାଡ ମାରିବା ଏବଂ ତ୍ରିବେଣୀ ମଠ ଛକ ଠାରେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ରହିଆସୁଥିବା କନ୍ଧ ଶତପଥୀଙ୍କ ଜବର ଦାଖଲରେ ଘର ଥିବା ଦର୍ଶାଇ ଘର ଭାଙ୍ଗିବାକୁ ଜେସିବି ଧରି ଆସିବା ଘଟଣାରେ କ୍ଷୁବ୍ଧ ସହରବାସି। ଏଣୁ ଏହି ବନ୍ଦ ଡକାରା ଦିଆଯାଇଥିବା ଜଣାପଡିଛି। ସାନ ବଜାର ବଣିକ ସଂଘ ଏହି ବନ୍ଦ ଡାକରାରେ ସାମିଲ ହେବନାହିଁ ବୋଲି ସାନ ବଜାର ବଣିକ ସଭାପତି ସୁଧୀର କୁମାର ପାଢ଼ୀ, ସମ୍ପାଦକ ପ୍ରଭାତ କୁମାର ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ଗୌଡ଼ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସ୍ଥାନୀୟ ଅଞ୍ଚଳର ସାମୁହିକ ବିକାଶ ପାଇଁ ଯେ କୌଣସି ଆନ୍ଦୋଳନକୁ ସଂଘ ସମର୍ଥନ କରିବ। କିନ୍ତୁ ବ୍ୟକ୍ତିଗତ ମାମଲାରେ ତହସିଲଦାର କାହା ପାଇଁ ଭଲ ଖରାପ ସେଥିରେ ସଂଘ ହସ୍ତଗତ କରିବ ନାହିଁ ଓ ସାନ ବଜାର ବ୍ୟବସାୟୀ ମାନେ ପୂଜକ କନ୍ଧ ଶତପଥୀଙ୍କୁ ସହଯୋଗ ପାଇଁ ସଂଘ ପ୍ରସ୍ତୁତ ଥିବା ସଭାପତି ପାଢ଼ୀ ସୂଚନା ଦେଇଛନ୍ତି। ଅନ୍ୟପଟେ ବଡ଼ ବଜାର ବଣିକ ସଂଘ ପକ୍ଷରୁ କିଛି ବ୍ୟବସାୟୀ ଗଞ୍ଜାମ ବନ୍ଦ ଡାକରାକୁ ନାପସନ୍ଦ କରିଛନ୍ତି। ମଙ୍ଗଳବାର ସେ ଦୋକାନ ଖୋଲିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ରାସ୍ତା ନିର୍ମାଣ ପାଇଁ ବିଧାୟିକାଙ୍କ ଭିତ୍ତିପ୍ରସ୍ତର ସ୍ଥାପନ



**କବିସୂର୍ଯ୍ୟନଗର,୧୧।୭(ଡି.ଏନ୍.ଏ.)**

କବିସୂର୍ଯ୍ୟନଗର ଗ୍ରାମ୍ୟ ନିର୍ମାଣ ବିଭାଗ ଅଧୀନରେ କବିସୂର୍ଯ୍ୟନଗର ପୂର୍ତ୍ତ ବିଭାଗ ରାସ୍ତାଠାରୁ ନିମୁଣ୍ଡିଆ ଛକ ପ୍ରାୟ ୭ କି.ମି. ରାସ୍ତାର ଉନ୍ନତୀକରଣ ପାଇଁ ସୋମବାର ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଗଞ୍ଜାମ ଜିଲା ଜୋନ ସଭାପତି ନଚିକେତା ସ୍ୱାଇଁ, ଗୌତମ ଖଣ୍ଡୁଆଳ, ରାଜୀବ ପ୍ରଧାନ, ଉଦୟ ବିଶୋଇ, ଭଞ୍ଜ ସ୍ୱାଇଁଙ୍କ ସମେତ ବହୁ ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଭଗୀୟ ଯନ୍ତ୍ରୀ ଗିରୀଶ ଚନ୍ଦ୍ର ସଂଯୋଜନା କରିଥିଲେ।

# ଭଜନ ସମାରୋହ ସମିତିର ରୌପ୍ୟ ଜୟନ୍ତୀ

**ପାରଳାଖେମୁଣ୍ଡି,୧୧।୭(ଡି.ଏନ୍.ଏ.)**


କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟ ଅତିଥି ଓ ଅନ୍ୟମାନେ।

ପୁରୀ ସୁନାବେଶ ଭଜନ ସମାରୋହ ସମିତିର ରୌପ୍ୟ ଜୟନ୍ତୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁନାବେଶ ଭଜନ କମିଟି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅହୋରାତ୍ର ଭଜନ ପରିବେଷଣ ହୋଇଥିଲା। ଏଥିରେ ହାଇଟେକ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ସହ ସମସ୍ତ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୁନାବେଶ ଭଜନ ସମାରୋହ ସମିତିର ସଭାପତି ବଦ୍ରିନାରାୟଣ ମିଶ୍ର ସମସ୍ତ କଳାକାରଙ୍କୁ ଜଗନ୍ନାଥଙ୍କ ପ୍ରେମରେ ମଜ୍ଜିଯିବାପାଇଁ କହିଥିଲେ। ସେହିପରି ସମ୍ପାଦକ ମନୋଜ ଦାସ ମହାପାତ୍ର ସମସ୍ତ ସଙ୍ଗୀତ ଶିଳ୍ପୀ ଜଗନ୍ନାଥଙ୍କ ପ୍ରେମରେ ବାନ୍ଧି ହୋଇ ପରବର୍ତ୍ତୀ ପିଢ଼ି ପର୍ଯ୍ୟନ୍ତ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ।

# ଜଗନ୍ନାଥପ୍ରସାଦ ମୁଖ୍ୟ ବଜାରରେ ଷ୍ଟ୍ରିଟ ଲାଇଟ ଅଚଳ

**ଜଗନ୍ନାଥପ୍ରସାଦ,୧୧।୭(ଡି.ଏନ.ଏ.)**


ଗୋଟେ ପଟେ ଆଲୋକ ଅନ୍ୟପଟେ ଅନ୍ଧାର।

ଜଗନ୍ନାଥପ୍ରସାଦ ପଞ୍ଚାୟତରେ ହୋଇଥିବା ସରକାରଙ୍କ ଆଲୋକ କରଣ ଯୋଜନାରେ ଏକ ପ୍ରକାର ଅବହେଳା ଦେଖିବାକୁ ମିଳିଛି। ଜଗନ୍ନାଥପ୍ରସାଦ ମୁଖ୍ୟ ବଜାରରେ ଦୀର୍ଘ ଦିନ ଧରି ଷ୍ଟ୍ରିଟ ଲାଇଟ ସେବାରୁ ବଞ୍ଚିତ ଥିବା ଦେଖିବାକୁ ମିଳିଛି। ଲୋକ ଗହଳ ଚହଳ ଜାଗାରେ ଏହିଭଳି ଅନ୍ଧାର ରହିବା ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଛି। ବଜାରରେ ମେଡିକାଲ ଛକ ଯାଏ ଷ୍ଟ୍ରିଟ ଲାଇଟ ଆଲୋକ ଦେଉଥିବା ବେଳେ ଆଉ ବାକି ରହିଥିବା ଅନ୍ୟାନ୍ୟ ଖୁଣ୍ଟରେ ଷ୍ଟ୍ରିଟ ଲାଇଟ ଜଳୁନାହିଁ। ଦୋକାନ ବଜାର ଲାଇଟ ଆଲୋକରେ ସନ୍ଧ୍ୟା ସମୟ ତକ ଚାଲିଯାଉଥିବା ବେଳେ ରାତ୍ର ସମୟରେ ସମ୍ପୂର୍ଣ୍ଣ ଅନ୍ଧାର ରହୁଛି। ଯାହାକୁ ନେଇ ଦୋକାନୀ ହେଉ କିମ୍ବା ଗ୍ରାହକ ରାସ୍ତାରେ ଗଲା ବେଳେ ଅସାମାଜିକ ବ୍ୟକ୍ତି ଓ ମଦୁଆମାନଙ୍କଠାରୁ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ନା ଅଛି ପଞ୍ଚାୟତର ମୁଖିଆଙ୍କ ନଜର ନା ଅଛି ବିଦ୍ୟୁତ ବିଭାଗର ନଜର। ପ୍ରତ୍ୟେକ ଦିନ ବ୍ଲକରେ କାର୍ଯ୍ୟରତ ବଡ ବାବୁମାନେ ନିର୍ଭର କରିଆସୁଥିବା ବଜାର ଅନ୍ଧାରରେ ଥିବା ଦେଖି କୌଣସି କାହାର ତତ୍ପରତା ଦେଖିବାକୁ ମିଳୁନାହିଁ। ଏହି ଅନ୍ଧାରିଆ ଛକ ଦେଇ ଆଖପାଖ ଗ୍ରାମକୁ ଯିବାକୁ ହେଉ କିମ୍ବା ଭଞ୍ଜନଗର ଓ ଭୁବନେଶ୍ୱର ଯିବାକୁ ହେଉ ରାତ୍ର ବସକୁ ଅନେକ କୁନି ଛୁଆଙ୍କୁ ନେଇ ମହିଳା ବୃଦ୍ଧ ବୃଦ୍ଧା ଲୋକେ ଅପେକ୍ଷା କରୁଥିବା ଦେଖିବାକୁ ମିଳୁଛି। ଅନ୍ଧାର ରାତ୍ରିରେ ଯାତ୍ରୀ କେତେ ଯେ ସୁରକ୍ଷିତ ଏଥିରୁ ଠିକ ଅନୁମାନ କରି ବାରି ହୋଇପଡୁଛି। ଏ ନେଇ ବିଦ୍ୟୁତ ବିଭାଗୀୟ ଅଧିକାରୀ ସତ୍ୟାନନ୍ଦ ବେହେରାଙ୍କୁ ପଚାରିବାରୁ ଷ୍ଟ୍ରିଟ ଲାଇଟର ମେଣ୍ଟେନ୍ସ ପାଇଁ ପଞ୍ଚାୟତକୁ ଦାୟିତ୍ୱ ଦିଆଯାଇଛି କହିଥିବା ବେଳେ ସଂଯୋଗ କରିଥିବା ବିଦ୍ୟୁତ୍ ତ୍ରୁଟି ହେଉ କିମ୍ବା ଲାଇଟ ତ୍ରୁଟି ଯଥା ସମ୍ଭବ ସଜାଡି ଦିଆଯିବ ବୋଲି ସରପଞ୍ଚଙ୍କଠାରୁ ପ୍ରତିକ୍ରିୟା ମିଳିଛି।